
ନିଯୁକ୍ତ ହେବେ ୭୩ ଷ୍ଟେସନ ନିର୍ଦ୍ଦେଶକ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ଫ୍ଲପ୍ ହୋଇଥିଲା କିଆରାଙ୍କ ପ୍ରଥମ ଫିଲ୍ମ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୩ Vol. 22 No-123 2 AUGUST 2025 SATURDAY, BHUBANESWAR ଶନିବାର, ୨ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଚାଷୀକୁଳ ପାଇଁ ପାଲଟିବ କାଳ

# ଅଗଷ୍ଟରେ ନିଅଣ୍ଟିଆ ବର୍ଷା



**ଭାରତୀୟ ପାଣିପାଗ ବିଭାଗର ସୂଚନା**

**ଓଡ଼ିଶାରେ କମ୍ ରହିବ ବର୍ଷା ପରିମାଣ**

**୨ରୁ ୩ ଡିଗ୍ରୀ ବଢ଼ିବ ଦିନ ତାପମାତ୍ରା**

ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୮ (ବ୍ୟୁରୋ): ଜୁଲାଇରେ ଓଡ଼ିଶାକୁ କୃପା ବର୍ଷା କରିଥିଲା ମୌସୁମୀ। ମାତ୍ର ଅଗଷ୍ଟରେ ମୌସୁମୀ ଧୋକା ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ପରିମାଣ ହ୍ରାସ ପାଇବାର ଆଶଙ୍କା ଦେଖାଦେଇଛି। ଏଭଳି ପୂର୍ବାନୁମାନ ଯଦି ସତ୍ୟ ହୁଏ ତେବେ ଚାଷୀକୂଳର ଚିନ୍ତା ବଢ଼ିପାରେ। ଅନ୍ୟପକ୍ଷରେ ବର୍ତ୍ତମାନ ପାଣିପାଗ ସ୍ଥିତି ଯାହା ଏବେ ବିଶେଷ ବର୍ଷା ନାହିଁ। କାଁ ଭାଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା କମିବା ପରେ ଦିନ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ଆଇଏମ୍ଡିର ସୂଚନା ଅନୁଯାୟୀ ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ମୌସୁମୀ ବର୍ଷାର ସମ୍ଭାବ୍ୟ ଆକଳନ କରାଯାଇଛି। ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷାର ସମ୍ଭାବନା ରହିଥିବାବେଳେ ଉତ୍ତର-ପୂର୍ବ ଭାରତର ଅନେକ ଅଞ୍ଚଳ ଓ ପାର୍ଶ୍ୱବର୍ତ୍ତୀ ପୂର୍ବ ଭାରତରେ ବର୍ଷାର ପରିମାଣ କମ୍ ରହିବ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଭଲ ବର୍ଷା ଦେଇନପାରେ। ଦକ୍ଷିଣ, ଉପକୂଳ ଓ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ନିଅଣ୍ଟିଆ ବର୍ଷା ହେବ ବୋଲି ଆଇଏମ୍ଡି କହିଛି। ଅଗଷ୍ଟ ମାସରେ ଓଡ଼ିଶାରେ ବର୍ଷା ପରିମାଣ ବହୁ କମ୍ ରହିବ। ଉପକୂଳ, ଦକ୍ଷିଣ, କେନ୍ଦ୍ରୀୟ, ଉତ୍ତର, ପଶ୍ଚିମ • ପୃଷ୍ଠା ୫ ଦେଖନ୍ତୁ

## ଭାରତ ସମେତ ସମସ୍ତ ଦେଶକୁ ଆଶ୍ୱସ୍ତି

# ୭ରୁ ନୂଆ ଟାରିଫ ଲାଗୁ



ନୂଆଦିଲ୍ଲୀ, ୧।୮ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଲଗାଇଥିବା ୨୫ ପ୍ରତିଶତ ଟାରିଫକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିଛନ୍ତି। ଆସନ୍ତା ୭ ତାରିଖରୁ ଏହା କାର୍ଯ୍ୟକାରୀ ହେବ। ଟ୍ରମ୍ପ ଭାରତ ସମେତ ୯୨ଟି ଦେଶ ଉପରେ ଏହି ନୂଆ ଟାରିଫ ଲାଗୁ କରିଛନ୍ତି। ଏହା ଆସନ୍ତା ୭ରୁ ଲାଗୁ କରାଯିବ। ଭାରତ ଉପରେ ୨୫ ପ୍ରତିଶତ ଏବଂ ପାକିସ୍ତାନ ଉପରେ ୧୯ ପ୍ରତିଶତ ଟାରିଫ ଲଗାଯାଇଛି। ଦକ୍ଷିଣ ଏସିଆରେ ସବୁଠାରୁ କମ୍ ଟାରିଫ ପାକିସ୍ତାନ ଉପରେ ଲାଗୁ ହୋଇଛି, ଯାହାକି ପୂର୍ବରୁ ୨୯ ପ୍ରତିଶତ ରହିଥିଲା। ସେହିପରି ସବୁଠୁ ଅଧିକ ଟାରିଫ ସିରିଆ ଉପରେ ଲାଗୁ କରାଯାଇଛି। ଯାହା ୪୧ ପ୍ରତିଶତ ବୋଲି କୁହାଯାଉଛି। ଟ୍ରମ୍ପ ଗତ ଏପ୍ରିଲ ୨ରେ ବିଶ୍ୱର ବିଭିନ୍ନ ଦେଶ ଉପରେ ଟାରିଫ ଲଗାଇବାକୁ ଘୋଷଣା କରିଥିଲେ। କିନ୍ତୁ ୭ ଦିନ ପରେ ଏହାକୁ ୯୦ ଦିନ ପାଇଁ ସ୍ଥଗିତ କରି ଦେଇଥିଲେ। କିଛିଦିନ ପରେ ଜୁଲାଇ ୩୧ ପର୍ଯ୍ୟନ୍ତ ସମୟ ମଧ୍ୟ ଦେଇଥିଲେ। ପରେ ୯୦ ଦିନରେ ୯୦ଟି ଚୁକ୍ତି କରିବାର ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଏହି ସମୟରେ ଆମେରିକା ମୋଟ ୭ଟି ଦେଶ ସହ ଚୁକ୍ତି କରିପାରିଥିଲା। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ନୂଆ ଟାରିଫ ଘୋଷଣା କରି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟରେ ଲେଖିଥିଲେ ଯେ ଭାରତ ସବୁବେଳେ ରୁଷିଆରୁ ଅଧିକାଂଶ ସାମରିକ ସାମଗ୍ରୀ କ୍ରୟ କରୁଛି। ଯେତେବେଳେ ସମଗ୍ର ବିଶ୍ୱ ରୁଷିଆ-ୟୁକ୍ରେନ ଯୁଦ୍ଧ ଶେଷ ହେବାର ଆଶା କରୁଛି, ସେତେବେଳେ ଭାରତର ଏହି ଆଭିମୁଖ୍ୟ ଉଚିତ ନୁହେଁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଆହୁରି କହିଥିଲେ ଯେ ଏହି କାରଣରୁ ଭାରତକୁ ୨୫ ପ୍ରତିଶତ ଟାରିଫ ଦେବାକୁ ପଡ଼ିବ ଏବଂ ଏହି କାରଣ ପାଇଁ ଏକ ଅତିରିକ୍ତ ଜରିମାନା ମଧ୍ୟ ଆଦାୟ କରାଯିବ। ତେବେ ଟ୍ରମ୍ପଙ୍କ ଘୋଷଣା ପରେ ଭାରତ ପକ୍ଷରୁ କୁହାଯାଇଛି ଯେ ନିଜର ଜାତୀୟ ସ୍ୱାର୍ଥରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ଟ୍ରମ୍ପଙ୍କ ଏହି ଟାରିଫ ଲାଗୁକୁ ନେଇ ବିରୋଧୀ ସରକାରଙ୍କୁ ଘେରିବା ଆରମ୍ଭ କରିଛନ୍ତି।

## ସଂକ୍ଷେପରେ...

### ସୋନାଲି ମିଶ୍ର ଆରପିଏଫ୍ ଡିଜି ନିଯୁକ୍ତ

ଭୁବନେଶ୍ୱର, ୧।୮ (ଭାସ୍କର ନ୍ୟୁଜ): ୧୯୯୩ ବ୍ୟାଚ୍ ମଧ୍ୟପ୍ରଦେଶ କ୍ୟାଡର ଆଇପିଏସ୍ ଅଧିକାରୀ ସୋନାଲି ମିଶ୍ର ଆରପିଏଫର ଡିଜିଭାବେ ନିଯୁକ୍ତି ପାଇଛନ୍ତି। ପ୍ରଥମ ମହିଳା ଭାବେ ସେ ଏହି ପଦବୀରେ ଅବସ୍ଥାପିତ ହୋଇଛନ୍ତି। ତାଙ୍କ ନିଯୁକ୍ତି ପରେ ସେ ଦାୟିତ୍ୱ ଗ୍ରହଣ କରିଥିବା ସୂଚନା ମିଳିଛି।

### ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ

ରାଜନଗର, ୧।୮ (ଭାସ୍କର ନ୍ୟୁଜ): ସାଧାରଣ ପର୍ଯ୍ୟଟକଙ୍କ ପାଇଁ ଶୁକ୍ରବାରଠାରୁ ଭିତରକନିକା ଜାତୀୟ ଉଦ୍ୟାନ ଖୋଲାଯାଇଛି। ବଉଳା କୁମ୍ଭୀର ପ୍ରଜନନ ପାଇଁ ଗତ ମେ ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ତିନିମାସ ଏହାକୁ ବନ୍ଦ ରଖାଯାଇଥିଲା। ପର୍ଯ୍ୟଟକମାନେ ପୂର୍ବବର୍ଷ ଭଳି ଗୁପ୍ତି, ଖୋଲା ଓ ଡାଙ୍ଗମାଲରୁ ନୌବିହାର କରିବା ସହ ଡାଙ୍ଗମାଲ କଟେଜରେ ରାତ୍ରୀଯାପନ କରିପାରିବେ।


### ପୁଣି ଚାଷୀ ଆତ୍ମହତ୍ୟା ଅଭିଯୋଗ

ବଲାଙ୍ଗୀର, ୧।୮ (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବନ୍ଦରା ଗାଁରେ ଜଣେ ଚାଷୀ ଫସଲହାନି ଯୋଗୁ ବିଲରେ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଋଣ ସୁଝିବାକୁ ନେଇ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ବର୍ଗ କହିଛନ୍ତି। ଏ ନେଇ ବଙ୍ଗୋମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଲଘୁଚାପଜନିତ ତଥା ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲହାନି ଘଟିଛି। ଯେଉଁମାନେ ଋଣକରି ଚାଷ କରିଛନ୍ତି ସେମାନେ ଏ ନେଇ ଚିନ୍ତାରେ ପଡ଼ିଛନ୍ତି।

ସେନ୍ସେକ୍ସ: ୮୦,୫୯୯.୯୧
ସର୍ବାଧିକ: ୩୪ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୧।୮।୨୦୨୫ ର ମତାମତ**

ଶ୍ରୀମନ୍ଦିରର ସୁରକ୍ଷା ନେଇ ରାଜ୍ୟ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ୍ ନୁହେଁ କି ?




**ଆଜିର ପ୍ରସଙ୍ଗ**

ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତ୍ୱରିତ ସହାୟତା ପ୍ରଦାନ ଜରୁରି ନୁହେଁ କି ?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## କ୍ୟାବିନେଟ ବୈଠକରେ ୫ ପ୍ରସ୍ତାବକୁ ମଞ୍ଜୁରି

# ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ଆଉ ୫ ବର୍ଷ ବୃଦ୍ଧି



**ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ ସଂଶୋଧିତ**


**ଓଡ଼ିଶା ଆଇନ ଅଧିକାରୀ ନିୟମାବଳୀରେ ସଂଶୋଧନ**

**ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମରେ ସଂଶୋଧନକୁ ଅନୁମୋଦନ**

ଭୁବନେଶ୍ୱର, ୧।୮ (ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟର ୨୩ ତମ ବୈଠକ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। କ୍ୟାବିନେଟ ବୈଠକରେମୋଟ ୪ ଟି ବିଭାଗର ୫ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା। ଜଳସମ୍ପଦ ବିଭାଗର ୧ ଟି, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗର ୧ ଟି ଆଇନ ବିଭାଗର ୨ଟି ଏବଂ ଅର୍ଥ ବିଭାଗର ୧ ଟି • ପୃଷ୍ଠା ୫ ଦେଖନ୍ତୁ


## ଭୁବନେଶ୍ୱରରେ କ୍ରେଡାଇର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ

# ସନ୍ତୁଳିତ ସହରୀକରଣ ପାଇଁ ନିବେଶ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର, ୧।୮ (ଭାସ୍କର ନ୍ୟୁଜ୍): କନ୍ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭ୍ଲପର୍ସ ଆସୋସିଏଶନ୍ସ ଅଫ୍ ଇଣ୍ଡିଆ (କ୍ରେଡାଇ) ପକ୍ଷରୁ ଭୁବନେଶ୍ୱରରେ ଏକ୍ସଟ୍ରାଅଡିନାରୀ ଜେନେରାଲ ମିଟିଂ (ଇଜିଏମ୍) (ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ) ୨୦୨୫ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ଓଡିଶାର ରାଜ୍ୟପାଳ ଡା. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ରଣନୈତିକ ଆର୍ଥିକ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, 'ଓଡିଶା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବିନ୍ଦୁରେ ପହଞ୍ଚିବା ସହ ପୂର୍ବ ଭାରତର ଏକ ବିକାଶ ଇଞ୍ଜିନ ଭାବେ ଉଭା ହେଉଛି। ଭୁବନେଶ୍ୱର ଓ ରାଉରକେଲା ଭଳି ସ୍ମାର୍ଟ ସହର, ଭୁବନେଶ୍ୱର-କଟକ-ପୁରୀ କରିଡର ଏବଂ ପ୍ରମୁଖ ଇଣ୍ଡଷ୍ଟ୍ରିଆଲ କରିଡରଗୁଡିକ ଅନେକ ସମ୍ଭାବନାକୁ ଉନ୍ମୋଚନ କରୁଛନ୍ତି। ସେ ଡେଭ୍ଲପରମାନଙ୍କୁ ସନ୍ତୁଳିତ ସହରୀକରଣ ପାଇଁ ଟିୟର ୨ ଓ ଟିୟର ୩ ସହରଗୁଡିକ ଉପରେ ଗୁରୁତ୍ୱ ଦେବା ଏବଂ ସୁଲଭ ଗୃହ ନିର୍ମାଣ, ସବୁଜ ବିକାଶ ଓ ଡିଜିଟାଲ ଭିତିଭୂମି କ୍ଷେତ୍ରରେ ନିବେଶ କରିବା ପାଇଁ ଆହ୍ୱାନ କରିଛନ୍ତି। ରାଜ୍ୟପାଳ ଶ୍ରୀ କମ୍ଭମପତି ଏହି କ୍ଷେତ୍ରରେ ବିଶ୍ୱାସ ସ୍ଥାପନ କରିବା ପାଇଁ ନୈତିକ ବ୍ୟବସାୟିକ ଅଭ୍ୟାସ ଓ ଗ୍ରାହକ-କୈନ୍ଦ୍ରିତ ମଡେଲଗୁଡିକ ପାଇଁ ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ରେଡାଇ ଅଧ୍ୟକ୍ଷ ଶେଖର ଜି ପଟେଲ ଗତ ଦଶନ୍ଧି ମଧ୍ୟରେ ଭୁବନେଶ୍ୱରର ବିବର୍ତ୍ତନକୁ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏକ ଟ୍ୱିନ ସିଟିରୁ, ଆମେ ବର୍ତ୍ତମାନ ଭୁବନେଶ୍ୱର, କଟକ ଓ ପୁରୀକୁ ନେଇ ଏକ ଗତିଶୀଳ ଟ୍ରାଇ-ସିଟି କ୍ଲଷ୍ଟର ପାଇଁ ଲକ୍ଷ୍ୟକୁ ପରିଲକ୍ଷିତ କରୁଛୁ। ଏହି ଅଞ୍ଚଳ ଭାରତର ଶୀର୍ଷ ୫୦ଟି ସହରାଞ୍ଚଳ କେନ୍ଦ୍ର ମଧ୍ୟରୁ ଗୋଟିଏରେ ପରିଣତ ହେବା ପାଇଁ ପ୍ରସ୍ତୁତ ରହିଛି। • ପୃଷ୍ଠା ୫ ଦେଖନ୍ତୁ

### ସ୍ୱଦେଶ ହେଲେ କ୍ରେଡାଇର ପୂର୍ବାଞ୍ଚଳ ଉପାଧ୍ୟକ୍ଷ



ଭୁବନେଶ୍ୱର, ୧।୮ (ଭାସ୍କର ନ୍ୟୁଜ୍): ଓଡିଶାର ରିଅଲ ଇଷ୍ଟେଟ କ୍ଷେତ୍ର ପାଇଁ ଏକ ବଡ ସଫଳତାକୁ ଚିହ୍ନିତ କରି କନ୍ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭ୍ଲପର୍ସ ଆସୋସିଏସନ ଅଫ୍ ଇଣ୍ଡିଆ (କ୍ରେଡାଇ) ପକ୍ଷରୁ ଭୁବନେଶ୍ୱରରେ ଏହାର ଏକ୍ସଟ୍ରାଅଡିନାରୀ ଜେନେରାଲ ମିଟିଂ (ଇଜିଏମ) ୨୦୨୫ର ଆୟୋଜନ କରାଯାଇଛି। ଦୀର୍ଘ ୯ ବର୍ଷ ବ୍ୟବଧାନ ପରେ କ୍ରେଡାଇ ଏହି ବୈଠକ ସହ ରାଜ୍ୟକୁ ଫେରିଛି। ଏହି କାର୍ଯ୍ୟକ୍ରମ ରିଅଲ ଇଷ୍ଟେଟ କ୍ଷେତ୍ରର ଭବିଷ୍ୟତ, ନିବେଶ ସମ୍ଭାବନା ଓ ସ୍ଥାୟୀ ସହରାଞ୍ଚଳ ବିକାଶ ଉପରେ ଆଲୋଚନା କରିବା ପାଇଁ ଜାତୀୟସ୍ତରୀୟ ଲିଡର, ଡେଭଲପର, ନୀତିନିର୍ମାତା ଓ ହିତାଧିକାରୀଙ୍କ ଏକ ପ୍ରତିଷ୍ଠିତ ପ୍ୟାନେଲକୁ ଏକତ୍ରିତ କରିଥିଲା। • ପୃଷ୍ଠା ୫ ଦେଖନ୍ତୁ

## ମାଧ୍ୟମିକ ଶିକ୍ଷାବୋର୍ଡର ସୂଚନା

# ୩୧ରେ ସ୍ୱତନ୍ତ୍ର ଓଟିଇଟି

କଟକ, ୧।୮ (ଭାସ୍କର ନ୍ୟୁଜ): ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା। ଏ ନେଇ ଶୁକ୍ରବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଦୁଇଟି ସିଟିଂରେ ଏହି ପରୀକ୍ଷା କରାଯିବ। ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ନ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ। ୨୨ ତାରିଖରୁ ୱେବ୍ସାଇଟ୍ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପ୍ରଶ୍ନପତ୍ର ଲିକ୍ ଯୋଗୁ ପୂର୍ବ ପରୀକ୍ଷାକୁ ବାତିଲ କରାଯାଇଥିଲା। ଅନ୍ୟପକ୍ଷରେ ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାର ମୁଖ୍ୟ କାର୍ପେଟଦାର କଳାହାଣ୍ଡି ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ଖମାରୀଙ୍କୁ ଗିରଫ କରାଯାଇଛି। ସେ ହିଁ ପ୍ରଶ୍ନପତ୍ର ଲିକ୍ ଘଟଣାର ଯୋଜନା ପ୍ରସ୍ତୁତ କରିଥିଲେ। ପୂର୍ବରୁ ଗିରଫ ହୋଇଥିବା ଶିକ୍ଷକ ନେତା ବିଜୟ କୁମାର ମିଶ୍ରଙ୍କ ସହ ମିଶି ପ୍ରଶାନ୍ତ ଅପରାଧିକ ଷଡ଼ଯନ୍ତ୍ର କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ଏପରିକି ଇଂରାଜୀ ପ୍ରଶ୍ନପତ୍ରକୁ ଓଡ଼ିଆରେ ଅନୁବାଦ କରିବା ସହ ଏହାକୁ ୯୯ ହଜାର ଟଙ୍କା ବଦଳରେ ଗିରଫ ଅଭିଯୁକ୍ତ ବିଜୟ ମିଶ୍ରଙ୍କୁ ଦେଇଥିବା କ୍ରାଇମବ୍ରାଞ୍ଚ ତଦନ୍ତବେଳେ ଜାଣିପାରିଛି। ସେହିପରି ମାଧ୍ୟମିକ ଶିକ୍ଷା ପରିଷଦର କେତେକ ବରିଷ୍ଠ ଅଧିକାରୀଙ୍କୁ ପୁଣି ପଚରାଉଚୁରା କରାଯାଇପାରେ ବୋଲି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ଯେହେତୁ ବୋର୍ଡ ଉପସଭାପତିଙ୍କ ଲ୍ୟାପଟପ୍ରୁ ପ୍ରଶ୍ନପତ୍ର ଚୋରି ହୋଇଥିଲା, ତେଣୁ ତାଙ୍କ ସମେତ ଅନେକ ଅଧିକାରୀ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଛନ୍ତି। ପ୍ରଶାନ୍ତଙ୍କୁ ମିଶାଇଲେ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛନ୍ତି। ଏବେ ବି ଏହି ମାମଲାରେ ଅନେକ କାର୍ପେଟଦାରଙ୍କୁ କ୍ରାଇମବ୍ରାଞ୍ଚ ଖୋଜାଖୋଜି ଚଳାଇଛି। ପୂର୍ବରୁ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିବାବେଳେ କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ବୋର୍ଡର ଉପସଭାପତିଙ୍କୁ ୪ଥର ଜେରା କରିସାରିଲାଣି।

## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ତାରିଖ ଘୋଷଣା

# ସେପ୍ଟେମ୍ବର ୯ରେ ଭୋଟ୍




- **୭ ଅଗଷ୍ଟରେ ବିଧିବଦ୍ଧ ବିଜ୍ଞପ୍ତି**
- **୨୧ ନାମାଙ୍କନର ଶେଷ ଦିବସ**
- **୨୫ ତାରିଖ ନାମାଙ୍କନ ପ୍ରତ୍ୟାହାର ଶେଷ ଦିନ**
- **ଭୋଟଦେବେ ମୋଟ ୭୮୮ଜଣ ସାଂସଦ**

ନୂଆଦିଲ୍ଲୀ ୧।୮: ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ପଦବୀ ଖାଲି ପଡ଼ିଛି। ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଏହି ପଦବୀ ପାଇଁ ଭୋଟଗ୍ରହଣ କରାଯିବ। ଏ ନେଇ ଶୁକ୍ରବାର ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ନିର୍ବାଚନ ପାଇଁ ଆସନ୍ତା ୭ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯିବ। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଏହି ପଦବୀ ପାଇଁ ନାମାଙ୍କନ ଦାଖଲର ଶେଷ ଦିନ ଚଳିତମାସ ୨୧ ତାରିଖ ରଖାଯାଇଛି। ସେହିପରି ୨୫ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସ। ସେପ୍ଟେମ୍ବର ୯ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟାଯାଏ ଭୋଟଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ୨୩୩ଜଣ ରାଜ୍ୟସଭା ସାଂସଦ, ୧୨ଜଣ ରାଜ୍ୟସଭା ମନୋନିତ ସାଂସଦ ଏବଂ ୫୪୩ଜଣ ଲୋକସଭା ସାଂସଦ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଦେବେ। ଅର୍ଥାତ ମୋଟ ୭୮୮ଜଣ ସାଂସଦ ଏହି ଭୋଟରେ ଅଂଶଗ୍ରହଣ କରିବେ। ଧନଖଡ଼ଙ୍କ ଇସ୍ତଫା ପରେ ସାରା ଦେଶ • ପୃଷ୍ଠା ୫ ଦେଖନ୍ତୁ

## କମର୍ସିଆଲ ଗ୍ୟାସ

# ସିଲିଣ୍ଡର ୩୩ ଟଙ୍କା ହ୍ରାସ




ନୂଆଦିଲ୍ଲୀ, ୧।୮ : ଉପଭୋକ୍ତାଙ୍କ ପାଇଁ ଖୁସି ଖବର। ଅଗଷ୍ଟ ପହିଲାରେ ତୈଳ କମ୍ପାନୀମାନେ ଗ୍ୟାସ ଦରରେ ହ୍ରାସ କରିଛନ୍ତି। ଫଳରେ ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ଆଶ୍ୱସ୍ତି ମିଳିଛି। ୧୯ କେଜିଆ କମର୍ସିଆଲ ଗ୍ୟାସ ସିଲିଣ୍ଡର ମୂଲ୍ୟ ୩୩.୫୦ ପଇସା ହ୍ରାସ ପାଇଛି। ଶୁକ୍ରବାରଠାରୁ ଏହି ନୂଆଦର ଲାଗୁ ହୋଇଛି। ତେବେ ଘରୋଇ ଗ୍ୟାସ ସିଲିଣ୍ଡର ଦରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଦିଲ୍ଲୀରେ ୧୪.୨ କେଜିଆ ସିଲିଣ୍ଡର ୮୫୩ଟଙ୍କା ରହିଛି। ସେହିଭଳି କମର୍ସିଆଲ ସିଲିଣ୍ଡର ଦର କମିବା ପରେ ମୁମ୍ବାଇରେ ନୂଆଦର ୧୫୮୨.୫୦ଟଙ୍କା ରହିଥିବାବେଳେ ଜୁଲାଇରେ ଏହା ୧୬୧୬ଟଙ୍କା ଥିଲା। ଅର୍ଥାତ ୩୩.୫୦ ପଇସା ଆଶ୍ୱସ୍ତି ମିଳିଛି। ଏବେ ମୁମ୍ବାଇରେ ଘରୋଇ ସିଲିଣ୍ଡର ଦର ୮୫୨.୫୦ ରହିଛି। ସେହିପରି • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ବ୍ୟାଙ୍କବାଲା ସବୁ ପୋଛି ନେଇଯିବେ
କଟକଣା ଖାଲି କଟକଣା,
ଏଟିଏମ ପରେ ୟୁପିଆଇ ପେମେଣ୍ଟ
କାଲିଠୁଁ ମାରିଲା ଚଟକଣା ।
ଯଦି କିଏ ହେଲା ବାଟବଣା,
ଫାଇନି ଉପରେ ଫାଇନି ଭରିବ
ଗୁଣେ, ଦୁଇଗୁଣା, ଚାରିଗୁଣା !



ବେତନଟୀ(ଭାସ୍କର ନ୍ୟୁଜ୍): ବେତନଟୀ ମହାବିଦ୍ୟାଳୟରେ ଅଧକ୍ଷ ମନୋରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳିତ ହୋଇଯାଇଛି। 'ମା ପାଇଁ ଗଛଟିଏ'ଶିରୋନାମାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପର୍ଯ୍ୟାବରଣକୁ ସୁସ୍ଥ ରଖିବା ଏବଂ ଜନ ସଚେତନତା ସୃଷ୍ଟି କରିବା ଥିଲା ଏହାର ମୂଳ ଲକ୍ଷ୍ୟ। ଅଧକ୍ଷ ମନୋରଞ୍ଜନ ମହାନ୍ତ ଏବଂ ମନସ୍ତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟା କଲ୍ପଲତା ବେହେରା ବୃକ୍ଷ ରୋପଣର ମହତ୍ତ୍ୱ ଏବଂ ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ସମସ୍ତେ ମିଳିତ ଭାବରେ ଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍, ସ୍କାଉଟ୍ ଏଣ୍ଡ ଗାଇଡ୍‌ର କର୍ମକର୍ତ୍ତା ସନ୍ଦୀପ ଡୁଙ୍ଗଡୁଙ୍ଗ, ଶ୍ରଦ୍ଧାଞ୍ଜଳି ନାଏକ,ରାଜନ୍ କୁମାର ମିଶ୍ର, ଡଃ ଅଭିଷେକ ମହାନ୍ତ, ଅଭିଜିତ ମହାନ୍ତି, କିଶୋରଚନ୍ଦ୍ର ଲେଙ୍କା, ଭାନୁପ୍ରିୟା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏତଦବ୍ୟତୀତ ଅନ୍ୟାନ୍ୟ ଅଧାପକ, ଅଧାପିକା ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ମିଳିତ ସହଯୋଗରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୁଚାରୁରୂପେ ସଂପନ୍ନ ହୋଇପାରିଥିଲା।

# ବିଦ୍ୟାଳୟସ୍ତରୀୟ ଅଭିଭାବକ ସମ୍ମିଳନୀ



ବୋଲଗଡ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମିଳିତ ନିର୍ଦ୍ଦେଶକ୍ରମେ ବୁଧବାର ଦିନ ବୋଲଗଡ ଶିକ୍ଷାବ୍ଲକ ଅନ୍ତର୍ଗତ ୨୨ଟି ଉଚ୍ଚ ବିଦ୍ୟାଳୟ, ୩୮ମଧ୍ ଇଂରାଜୀ ବିଦ୍ୟାଳୟ ଓ ୨୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ପ୍ରଧାନ ଶିକ୍ଷକ ମାନଙ୍କ ସଭାପତିତ୍ୱରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଭାବକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳଚନ୍ଦ୍ର ବଳବନ୍ତରାୟ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ନାଥ ସ୍ୱାଇଁ, ଅମିତା ମିଶ୍ର ବ୍ଲକ ଅଧକ୍ଷା ଉଲ୍ଲାସ ପ୍ରଧାନ, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ପ୍ରଦୀପ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ସ୍କୁଲ ଗୁଡି ରେ ନାରୀ ସୁରକ୍ଷା ଓ ଛାତ୍ରୀ ସୁରକ୍ଷା ପାଇଁ ନାରୀ ସୁରକ୍ଷା କମିଟି ଗଠନ କରିବାକୁ ମୁଖ୍ୟ ଅତିଥି ଶ୍ରୀ ବଳବନ୍ତରାୟ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନଭୋଜନ ଉନ୍ନତ ମାନର କରାଯିବ। ପ୍ରତ୍ୟେକ ସ୍କୁଲ ପରିସର ଶ୍ରେଣୀ ଗୃହ ଗୁଡିକ ପରିଷ୍କାର ଓ ପରିଚ୍ଛନ୍ନ ରଖିବ । ଛାତ୍ରଛାତ୍ରୀ ମାନଙ୍କୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ କରି ଶିକ୍ଷା ର ବିକାଶ ଘଟାଇବାକୁ ମୁଖ୍ୟ ଅତିଥି ଶ୍ରୀ ବଳବନ୍ତରାୟ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀ ମାନଙ୍କର ଜୀବନ ସୁରକ୍ଷା ଓ ନିୟମିତ ବିଦ୍ୟାଳୟରେ ଉପସ୍ଥାନ ରହିବାକୁ ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ନାଥ ସ୍ୱାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କୁ ଅନୁରୋଧ କରିଥିଲେ। ବିଦ୍ୟାଳୟରେ ଶିକ୍ଷାଦାନ ଦେଉଥିବା ଶିକ୍ଷୟିତ୍ରୀ ମାନଙ୍କର ଜୀବନ ସୁରକ୍ଷା ଓ ଛାତ୍ରୀମାନେ ସଦା ସର୍ବଦା ପରିଷ୍କାର ରହିବାକୁ ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମିତା ମିଶ୍ର ସ୍କୁଲ ପରିଚାଳନା କମିଟି ର ସଭାପତି ଓ ସଦସ୍ୟ /ସଦସ୍ୟା ମାନଙ୍କୁ ନିବେଦନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା, ସନ୍ତୋଷ କୁମାର ସାହୁ ଓ ପ୍ରଣତି ସିଂ ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁ ଓ ଶିକ୍ଷକ ବସନ୍ତ କୁମାର କଅଁର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ନେତାଙ୍କ ଆଳି ବନ୍ୟାଞ୍ଚଳ ପରିଦର୍ଶନ



ଆଳି, (ଭାସ୍କର ନ୍ୟୁଜ ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ପରିଦର୍ଶନରେ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମଙ୍କ ସହ ଏକ ଟିମ ଆସିଥିଲେ । ପ୍ରଥମେ ସେ ଆଳିରେ ପହଞ୍ଚି ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମାଙ୍କ ବାସଭବନ ରେ ପହଞ୍ଚି ଆଳି ଓ ରାଜକନିକାର କଂଗ୍ରେସ କର୍ମୀମାନଙ୍କ ସହ ଆଳି ବନ୍ୟା ସ୍ଥିତି ବିଷୟରେ ସମୀକ୍ଷା କରିଥିଲେ। ଆଳି ବ୍ଲକରେ ଦ୍ୱିତୀୟ ବନ୍ୟା ଜଳ ଆସି ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀ ପାଣି ବିପଦ ସଂକୁଳ ଉପରେ ଗତି କରୁଛି । ପ୍ରଥମ ବନ୍ୟାର ଦୁଃଖ ନ ସରୁଣୁ ଦ୍ୱିତୀୟ ବନ୍ୟାର କରାଳ ରୂପ ରେ ଲୋକେ ବହୁ ଦୁର୍ଦ୍ଦଶା ଦେଇ ଗତି କରୁଛନ୍ତି । ଦୁଇ ଦୁଇଟି ବନ୍ୟା ଦେଇ କେନ୍ଦ୍ରାପଡ଼ାର ଅନେକ ଅଞ୍ଚଳ ଗତି କରୁଥିବା ବେଳେ ଆଳି ବ୍ଲକର ୧୭ ପଞ୍ଚାୟତର ୭୦ ହଜାରରୁ ଅଧିକ ଲୋକେ ପ୍ରଭାବିତ ହୋଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଗତକାଲି ମୁଖ୍ୟମନ୍ତ୍ରୀ ଯାଜପୁର, ଭଦ୍ରକ ଓ ବାଲେଶ୍ୱର କଥା ଆଲୋଚନା କରିଥିଲେ ସୁଦ୍ଧା କେନ୍ଦ୍ରାପଡ଼ା ଜିଲ୍ଲାର ନାମ ବି ଧରି ନଥିଲେ। ଯାହାକୁ ନେଇ ଶ୍ରୀ କାଡାମ ସରକାରଙ୍କ ଉପରେ ବର୍ଷିବା ସହ ଲୋକମାନଙ୍କୁ ଖାଦ୍ୟ, ପାନୀୟ ଓ ଗୃହପାଳିତ ପଶୁ ମାନଙ୍କୁ ଗୋଖାଦ୍ୟ ଆଦି ଯୋଗାଇ ଦେବା ପାଇଁ କହିଥିଲେ। ଆଜିର ପରିଦର୍ଶନରେ ତାଙ୍କ ସହିତ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରିଆ, ରାଜ୍ୟ କଂଗ୍ରେସ ପିସିସି ସମ୍ପାଦିକା ଡା ଦେବସ୍ମିତା ଶର୍ମା, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା ପ୍ରମୁଖଙ୍କ ସହ ଅନ୍ୟ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ।

# ଉଷୁମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଫୁଲନଖରା(ଭାସ୍କର ନ୍ୟୁଜ୍): ବାରଙ୍ଗ ବ୍ଲକ ଉଷୁମା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ତେତିଶିତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭଟଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ,ବିଜୟ କୁମାର ପାତ୍ର, ବିକ୍ରମ ବସ୍ତିଆ, ମମତା ବେହେରା, ପୁରାତନ ଛାତ୍ର ଧୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାଥନା କରିଥିଲେ। ଶିକ୍ଷକ ବିଜୟ କୁମାର ପାତ୍ର ବିଦ୍ୟାଳୟ ବାବଦରେ ପୁଙ୍ଖାନୁପୁଙ୍ଖ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଆଲୋଚନା କରିଥିଲେ। ପୂର୍ବର ବିଦ୍ୟାଳୟ ଓ ଏବେର ବିଦ୍ୟାଳୟ ଅବସ୍ଥିତ ବାବଦରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହ ଭଲ ମଣିଷ ହୋଇ ବିଦ୍ୟାଳୟର ନାମ ରଖିବା ସହ ସେମାନେ ପଢୁଥିବା ବିଦ୍ୟାଳୟର ଉନ୍ନତି ଦିଗରେ ସାହାଯ୍ୟ କରିବା ପାଇଁ ଶପଥ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶୁକଦେବ ମହାରଣା, ନିରଞ୍ଜନ ସାହୁ, ଟୁନି ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ପଠନ ଲିଖନ ସାମଗ୍ରୀ ବଣ୍ଟନ

ବୌଦ୍ଧ(ଭାସ୍କର ନ୍ୟୁଜ୍): ଦ୍ୱିତୀୟ ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅବସରରେ ପ୍ରଧାନଶିକ୍ଷକ ବାମଦେବ ଦାଶଙ୍କ ଉଦ୍ୟମରେ ବିଦ୍ୟାଳୟ ତଥା ଶିକ୍ଷାଦାନ ପ୍ରତି ଛାତ୍ରଛାତ୍ରୀମାନଙ୍କ ଆଗ୍ରହ ବୃଦ୍ଧି ନିମନ୍ତେ ସ୍ଥାନୀୟ ବେସରକାରୀ ସଂସ୍ଥା ସହଯୋଗରେ ବିଦ୍ୟାଳୟର ସମସ୍ତ କୁନି କୁନି ଛାତ୍ର



ଛାତ୍ରୀମାନଙ୍କୁ ପଠନ ଲିଖନ ସାମଗ୍ରୀ ( RWM ), ବର୍ଣ୍ଣବୋଧ ବହି,, ଖାତା, ପେନ, ପେନସିଲ,ରବର ଓ ଚକୋଲେଟ ବଣ୍ଟନ କରାଯାଇଥିଲା। ଏଣୁ ଉପସ୍ଥିତ ସମସ୍ତ ଅଭିଭାବକ ଧନ୍ୟବାଦ ପ୍ରଦାନ କରିବା ସହିତ ଆନନ୍ଦ ମନରେ ପ୍ରତିଦିନ ନିଜର ସନ୍ତାନ ସନ୍ତତିମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଶପଥ ପାଠ କରିଥିଲେ।

# କଣାସରେ ମିଳୁନି ବିଶୁଦ୍ଧ ଜଳ



କଣାସ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକଟି ଚିଲିକା ଉପକୂଳବର୍ତ୍ତୀ ହୋଇଥିବା ବେଳେ କଣାସରେ ଅନେକ ସମୟରେ ଅନେକ ଗୁଡ଼ିଏ ଅଞ୍ଚଳରେ ପିଇବା ପାଣିର ସମସ୍ୟା ଦେଖିବାକୁ ମିଳିଥାଏ , ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ଜଳ ନମିଳୁ ଥିବାରୁ ଯାହା କିଛି ଦିନ ପୂର୍ବେ ଗ୍ରାମବାସୀ ମାନେ ସେହି ଦୂଷିତ ନଦୀ ଜଳ ବ୍ୟବହାର କରି ଝାଡାବାନ୍ତି ରେ ଆକ୍ରାନ୍ତ ହେବା ସହ କିଛି ଲୋକ ମୃତ୍ୟୁ ବରଣ କରିଥିବା ମଧ ଦେଖିବାକୁ ମିଳିଥିଲା । ଯାହା ପୁନର୍ବାର ସ୍ଥାନୀୟ ପ୍ରଶାସନ ର ମୁଣ୍ଡ ବିନ୍ଧା ଆରମ୍ଭ କରିଥିବା ବେଳେ ଏଯାଏଁ ମଧ ବିଶୁଦ୍ଧ ପାନୀୟ ଜଳ ବୁନ୍ଦେ ମିଳିବା ସତ ସପନ ବୋଲି ଲୋକ ମାନଙ୍କ ପାଖରୁ ଶୁଣିବାକୁ ମିଳୁଛି ।ଏହି ସମୟରେ ଯଦି ପ୍ରଶାସନ ନିଜେ ସତର୍କ ନରହିବା ସହିତ ଲୋକ ମାନଙ୍କୁ ସତର୍କ ନକରାଏ ତେବେ ପୁନର୍ବାର ଏକ ବଡ଼ ବିପଦକୁ ପୁରୀ ଜିଲ୍ଲା ପ୍ରଶାସନ ଏବଂ କଣାସ ବ୍ଲକ ପ୍ରଶାସନକୁ ସାମ୍ନା କରିବାକୁ ପଡିପାରେ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳିଛି।

# ଦଣ୍ଡନାଚରେ ହେବନି ସାମାଜିକ ନାଟକ ଓ ମେଲୋଡି

## ■ ଏସ୍‌ପିଙ୍କୁ ଜଣାଇଲା ମହାସଂଘ



ଛତ୍ରପୁର (ଭାସ୍କର ନ୍ୟୁଜ): ବାସନ୍ତିକ ଗଞ୍ଜାମ ଦଣ୍ଡନାଚ ରେ ମାତ୍ରାଧିକ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକ ଲୋକଙ୍କ ପାଦୁର୍ଭାବ ବଢ଼ି ଚାଲିଛି, ଏଥିସହ ପୌରାଣିକ ବଦଳରେ ସାମାଜିକ ନାଟକ ପରିବେଷଣ କରାଯାଇ ଗଞ୍ଜାମ ର ସଂସ୍କୃତି କୁ ବଦନାମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଦଣ୍ଡନାଚରେ ସାମାଜିକ ନାଟକ, ମେଲୋଡି ଆଦି ଅଶ୍ଳୀଳ ନୃତ୍ୟ ଆଉ ପରିବେଷଣ କରାଯିବନି। ଏନେଇ ଜିଲ୍ଲା ର ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଦଣ୍ଡଦଳ ଏକାଠି ହୋଇ ଦଣ୍ଡନାଚ ମହାସଂଘ ଗଠନ ଓ ସରକାରୀ ପଞ୍ଜୀକୃତ କରି ପ୍ରାଚୀନ ସଂସ୍କୃତି ରକ୍ଷା ପାଇଁ ଶପଥ ନେଇଛନ୍ତି, ଏସମ୍ପର୍କରେ ମହାସଂଘ ପକ୍ଷରୁ ଗଞ୍ଜାମ ଏସପିଙ୍କୁ ଲିଖିତ ଭାବେ ଜଣାଇବା ସହ ଏଥିରେ ପ୍ରାଶାସନିକ ହସ୍ତକ୍ଷେପ ସହ ସହଯୋଗ ପାଇଁ ନିବେଦନ କରାଯାଇଛି, ଯେଉଁମାନେ ସଂଗଠନକୁ ଆଢ଼େଇ ଦେଇ ମନଇଚ୍ଛା ସାମାଜିକ ନାଟକ ଆଦି କରି ଅଶ୍ଳୀଳତାକୁ ପ୍ରଶୟ ଦେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁରୋଧ କରାଯାଇଛି, ଗଞ୍ଜାମ ଜିଲ୍ଲାର ଦଣ୍ଡନାଟ ଏକ କୃଷିଭିତିକ, ପାରମ୍ପରିକ, ଐତିହାସିକ ଓ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ଏକ ଗଣପର୍ବ ଅଟେ। ଏଥିରେ ଲୋକ ଶିକ୍ଷାମୂଳକ ପୌରାଣିକ ତଥ୍ୟକୁ ଭିତ୍ତିକରି ନୃତ୍ୟ ଗୀତ ଆଦି ପରିବେଷଣ ହୁଏ। ବ୍ରତଧାରୀମାନେ ଜିରାହାର ରବି, ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ଏକାଧାରରେ ଶୈବ ଓ ଶାକ୍ତ ପରମ୍ପରାର ପ୍ରଚାର ପ୍ରସାର ସହ ବିଭୁକୃପା ପାଇଁ ଗ୍ରାମେ ଗ୍ରାମେ ଖାଲି ପାଦରେ ଚାଲି ଚାଲି ଦଣ୍ଡର ମହିମା ପ୍ରଚାର କରନ୍ତି । ଏହା ଅନାଦି କାଳରୁ ଗଞ୍ଜାମର ସ୍ୱତନ୍ତ୍ର ପରିଚୟ ସୃଷ୍ଟିରେ ସହାୟକ ହୋଇଛି । ଅଧୁନା କିଛି ବର୍ଷ ହେଲା କିଛି ଦଣ୍ଡନାଟରେ ରାତ୍ରି ସମୟରେ ଦଣ୍ଡର ପୌରାଣିକ ପରମ୍ପରାକୁ ଭୁଲିଯାଇ ମନୋରଞ୍ଜନ ନାମରେ ସାମାଜିକ ନାଟକ ଆଦି ପରିବେଷଣ ସହ ମେଲୋଡି କାର୍ଯ୍ୟକ୍ରମରେ ଅଶ୍ଳୀଳ ନୃତ୍ୟ ଗୀତକୁ ଆପଣେଇ ନେଇ ଜିଲ୍ଲାରେ ଅସାମାଜିକ ତତ୍ତ୍ୱ ବଢିବାରେ ସହାୟ ହେଉଛନ୍ତି ବୋଲି ମହାସଂଘ କହିଛି ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ ଶିକ୍ଷା ସର୍କଲ ରସଦି ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶରତ କୁମାର ମହାପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଗ୍ରାମ ବାସୀଙ୍କ ତରଫରୁ ଦିଆଯାଇଛି। ଏହି ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ମାଲୁଦ ଶିକ୍ଷା ସର୍କଲ ସଭାପତି ସାମନ୍ତ ବିମଳ କୁମାର ରଣସିଂହ ସମ୍ପାଦକ ଦାଶରଥି ପଢ଼ିଆରି ପୂର୍ବତନ ସରପଞ୍ଚ ସସ୍ମିତା ବିଶ୍ୱାଳ ଅମିନ ବିଶ୍ୱାଳ ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ଦଳେଇ ଶିକ୍ଷାବିତ୍ ମହେନ୍ଦ୍ର ବେହେରା ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଭୀମସେନ ବିଶ୍ୱାଳ ଶିକ୍ଷାବିତ୍ ଗୋଲକ ବିହାରୀ ଦଳବେହେରା ସମେତ ଆଖପାଖ ଅଞ୍ଚଳ ବହୁ ବ୍ୟକ୍ତି ଓ ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁରୁଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପ ମାଲ୍ୟ ଦିଆଯାଇ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଛାତ୍ର ଛାତ୍ରୀମାନେ ଗୁରୁବନ୍ଦନା ପରିବେଷଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ଜେନା କୋହଭରା କଣ୍ଠରେ ଶରତ ସାରଙ୍କ ଗୁଣ ଗାନ କରି କହିଥିଲେ ସେ ଜଣେ ମିଷ୍ଟଭାଷୀ ଓ ସମୟାନୁବର୍ତ୍ତି ଛାତ୍ର ବତ୍ସଳ ଅଟନ୍ତି। ପ୍ରତିଦିନ ଠିକ୍ ସମୟରେ ଆସି ଠିକ୍ କାମ କରନ୍ତି। ସେ ଜଣେ ଜଣାଶୁଣା ବ୍ୟକ୍ତି ଭାବେ ପରିଚିତ। ତାଙ୍କର ପ୍ରଚେଷ୍ଟାରେ ବିଦ୍ୟାଳୟଟିରେ ଗୃହ ନିର୍ମାଣ, ବିଦ୍ୟାଳୟ ପାଚେରୀ କାର୍ଯ୍ୟ ସମ୍ପାଦନ ହୋଇପାରିଛି। ଦୀର୍ଘ ଚଉଦ ବର୍ଷ ଧରି ଏହି ବିଦ୍ୟାଳୟ ଶିକ୍ଷକତା କରି ସମସ୍ତ ଗ୍ରାମବାସୀଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ତାଙ୍କର ଏହି ବିଦାୟୀ ସମ୍ବର୍ଦ୍ଧନା ଗ୍ରାମ ବାସୀଙ୍କୁ ବ୍ୟାଥିତ କରିଥିଲା। ଏହି ସମ୍ବର୍ଦ୍ଧନା ସଭା କାର୍ଯ୍ୟକୁ ଶିକ୍ଷାବିତ୍ ଦୈତାରି ବିଶ୍ୱାଳ ପରିଚାଳନା କରିଥିଲେ।

# ନୂତନ ଜିଲ୍ଲାପାଳଙ୍କ ଆଦର୍ଶ ବସ୍‌ଷ୍ଟାଣ୍ଡ ପରିଦର୍ଶନ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଠାରେ ନିର୍ମାଣାଧିନ ଆଦର୍ଶ ବସଷ୍ଟାଣ୍ଡ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ । ଶ୍ରୀ ନାୟକ ତିନି ଦିନ ତଳେ ବୌଦ୍ଧ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ପ୍ରଥମ ଥର ବୌଦ୍ଧଗଡ଼ ଏନ ଏ ସି ଦ୍ୱାରା



ପରିଚାଳିତ ନିର୍ମାଣାଧିନ ବୌଦ୍ଧ ଆଦର୍ଶ ବସଷ୍ଟାଣ୍ଡ ପରିଦର୍ଶନ କରିଛନ୍ତି । ଏଥିସହିତ ବୌଦ୍ଧ ସହର ପୁରୁଣା ଜେଲ ପରିସରରେ ନିର୍ମାଣାଧିନ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି । ଶ୍ରୀ ନାୟକ ଆଜି ଜିଲ୍ଲାର ବରିଷ୍ଠ ଅଧିକାର ମାନଙ୍କ ସହ ନିର୍ମାଣାଧିନ ଡ଼ାକ୍ତରଖାନା ପରିସରରେ ଅଚାନକ ପହଞ୍ଚି ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ତଥା ବୌଦ୍ଧ ଜିଲ୍ଲା ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ସଂଘମିତ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କାର୍ଯ୍ୟଭାର ଲାଘବ ପାଇଁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିବେଦନ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବରୁ ଦୁଇ ଜଣ ଡାକ୍ତରଙ୍କ ଉପରେ ପଡୁଥିବା କାର୍ଯ୍ୟଭାର ଯୋଗୁଁ ସେମାନେ ଚାପଗ୍ରସ୍ତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ରଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଡାକ୍ତର ସେକ୍ କମର ମହମ୍ମଦ ଏବଂ ଡାକ୍ତର ନିରଞ୍ଜନ କୁମାର ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦେଇଥିବା ଦରଖାସ୍ତରେ ଡାକ୍ତରଖାନାରେ ସେମାନଙ୍କ କାର୍ଯ୍ୟଭାର ବିଷୟରେ ବର୍ଣ୍ଣନା କରି ଏହାକୁ ଲାଘବ କରିବା ପାଇଁ ନିବେଦନ କରିଛନ୍ତି । ସେମାନେ ମାସରେ ୧୫ଦିନ ଲେଖାଁଏ କାମ କରିବା ସହ ଇନଡୋର ସେବା ବୁଲିବା,ଡାଇରିଆ ୱାର୍ଡ କାମ,ଆଇସିୟୁରେ ରାଉଣ୍ଡ କରିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ମଧ କରୁଛନ୍ତି । ମେଡିସିନ ବିଭାଗରେ ଯୁଗ୍ମ ନିର୍ଦ୍ଦେଶକ ଏବଂ ବରିଷ୍ଠ କନସଲଟାଣ୍ଟ ନଥିବା ଯୋଗୁଁ ସେମାନେ ମଧ ଅର୍ନ୍ତବିଭାଗୀୟ ଡାକରା,ଭିନ୍ନକ୍ଷମ ଏବଂ ଅନ୍ୟ ମେଡିକାଲ ବୋର୍ଡ କାର୍ଯ୍ୟ,ଆର୍ଟ ସେଣ୍ଟରର ଦୈନନ୍ଦିନ କାର୍ଯ୍ୟ ଇତ୍ୟାଦି କରି ମାନସିକ ବିଷାଦଗ୍ରସ୍ତ ଅଛନ୍ତି । ଏସବୁ ବିଚାର କରି ଜଣେ ମେଡିସିନ ସ୍ପେଶିଆଲିଷ୍ଟ ବା ଜଣେ ସିନିୟର ମେଡିସିନ ସ୍ପେଶିଆଲିଷ୍ଟ ଙ୍କୁ ଡେପୁଟେସନରେ ଆଣିବା ପାଇଁ ବିହିତ ପଦକ୍ଷେପ ନେବାକୁ ସେମାନେ ସିଡିଏମଓଙ୍କୁ ନିବେଦନ କରିଛନ୍ତି । ପ୍ରକାଶ ଥାଉକି ପୂର୍ବରୁ ମେଡିସିନ ବିଭାଗର ଡାକ୍ତର ବିନୋଦ ବିହାର ମିଶ୍ର ସିଡିଏମ୍‌ଓ ପଦବୀରେ ନିଯୁକ୍ତି ପାଇବା ପରେ ମେଡିସିନ ବିଭାଗରେ ଏହି ପଦବୀ ଫାଙ୍କା ପଡିଛି । ମେଡିସିନ ବିଭାଗର ଡାକ୍ତର ପ୍ରଦୀପ କୁମାର ମିଶ୍ରଙ୍କୁ ମେଡିକାଲ ଅଧିକ୍ଷକ ପଦବୀ ଅତିରିକ୍ତ ଦାୟିତ୍ୱ ଦିଆଯିବା ପରେ ସେ ୱାର୍ଡ ଡ୍ୟୁଟି କରୁନାହାଁନ୍ତି । ମେଡିସିନ ବିଭାଗରେ ଗୋଟିଏ ଡାକ୍ତର ପଦବୀ ଫାଙ୍କା ହେବା ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସମସ୍ୟା ଦେଖାଦେବା ସହ ୨ ଡାକ୍ତର ଚାପଗ୍ରସ୍ତ ଥିବା ପ୍ରକାଶ କରିଛନ୍ତି ।

# ପଦାର୍ଥ ବିଜ୍ଞାନ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ





ଜଳେଶ୍ୱର(ଭାସ୍କର ନ୍ୟୁଜ୍ ): ଦୀନକୃଷ୍ଣ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ଯୁକ୍ତ ତିନି ପ୍ରଥମ ବର୍ଷ ପିଲାଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ମହା ବିଦ୍ୟାଳୟ ପକ୍ଷରୁ ଆୟୋଜନ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ଅଧକ୍ଷ ସୁକାନ୍ତ କୁମାର ଦାସ ସଭାପତିତ୍ୱ କରି ପଦାର୍ଥ ବିଜ୍ଞାନର ବୈଶିଷ୍ଟ୍ୟ ଓ ତାର ଭୂମିକା ଦେଶର ଅଗ୍ରଗତି ନିମନ୍ତେ କିପରି ସାହାଯ୍ୟ କରି ପାରିବ ତା' ଉପରେ ଗୁରୁତ୍ୱାରୂପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ କେଦାରନାଥ ମହାନ୍ତି, ପ୍ରଦୀପ କୁମାର ରାଉଳ, ଦେବବ୍ରତ ବେରା, ବ୍ୟୋମକେଶ ଦାଶ ଏବଂ ଯୁକ୍ତ ତିନି ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ପ୍ରବେଶ କରୁଥିବା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ବହୁଚର୍ଚ୍ଚିତ ଜଙ୍ଗଲ ଜମି ଲୁଟ୍ ଘଟଣାର ତଦନ୍ତ ନିର୍ଦ୍ଦେଶ

ମହାକାଳପଡା(ଭାସ୍କର ନ୍ୟୁଜ୍): ମହାକାଳପଡା ତହସିଲ ଅଧିନରେ ଥିବା ବିଭିନ୍ନ ଅଞ୍ଚଳରେ ଜଙ୍ଗଲ ଜମି ରହିଛି ।ନିର୍ଦ୍ଦିଷ୍ଟ ରାମନଗର,ବତୀଘର, ଖୋଲା,ଜମ୍ବୁ, ସୁନିତି, ଛପାଲି ଓ ତା ପାଖାପାଖି ଅନେକ ମୌଜାରେ ଥିବା ଜଙ୍ଗଲ ଜମିକୁ ତଞ୍ଚକତା କରି କିଛି ସରକାରୀ ଅଧିକାରୀଙ୍କ ମାଧ୍ୟମରେ ହାତେଇ ନେଇଛନ୍ତି। ବିଭିନ୍ନ ଗଣାଧ୍ୟମରେ ଶିରୋନାମ ପାଲଟି ଅଛି। କିନ୍ତୁ ପ୍ରଶାସନିକ ଉଦାସୀନତା ପାଇଁ ଜଙ୍ଗଲ ଜମି ହାତେଇ ପଟା କରି ନେଇଥିବା ଲୋକେ ବେଧଡକ ବୁଲୁଛନ୍ତି। ନାଁ ହେଉଛି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ? ନାଁ ତହସିଲଦାର, ଆରଆଇ,ସେମାନଙ୍କ ଉପରେ ଅଙ୍କୁଶ ଲଗାଉଛନ୍ତି? ଏ ସବୁ ଘଟଣାକୁ ଦେଖି କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନ ର ଜିଲ୍ଲା ସଂଯୋଜକ ପ୍ରତାପ ମହାନ୍ତି ଜିଲ୍ଲାର ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ। ଶ୍ରୀ ମହାନ୍ତିଙ୍କ ଅଭିଯୋଗକୁ ଗ୍ରହଣ କରି ଜିଲ୍ଲାର କୌଣସି ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇନଥିଲେ। ଶେଷରେ ଶ୍ରୀ ମହାନ୍ତି ସୋସିଆଲ ମିଡ଼ିଆ ଏକ୍ସରେ ବିଭିନ୍ନ ଡିପାଟମେଣ୍ଟ କୁ ଜଣାଇ ଥିଲେ। ଶେଷରେ ଶ୍ରୀ ମହାନ୍ତି ଙ୍କ ଅଭିଯୋଗ ଦେଖି ଜଙ୍ଗଲ ବିଭାଗ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପି,ସି,ସି,ଏଫେ, ଭୁବନେଶ୍ୱର )ଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଦେଖିବାକୁ ବାକି ରହିଲା (ପି,ସି,ସି,ଏଫେ) କଣ ତଦନ୍ତ କରୁଛନ୍ତି ।କେତେ ଜମି ଉଦ୍ଧାର କରୁଛନ୍ତି । କେତେ ଜଣ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କ ନାମରେ ମାମଲା ରୁଜୁ କରୁଛନ୍ତି ଦେଖିବାକୁ ବାକି ରହିଲା ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ସର୍ପାଘାତ ମୃତ୍ୟୁହାର ପ୍ରଶମିତ ସଚେତନତା କାର୍ଯ୍ୟକ୍ରମ



କରଞ୍ଜିଆ(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ୱାର୍ଡ ନମ୍ବର ୮ ସ୍ଥିତ ପଳାସିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସର୍ପାଘାତ ମୃତ୍ୟୁ ପ୍ରଶମିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ପାତ୍ର, ମିନାକ୍ଷୀ ନାଏକ, ଅଙ୍ଗନୱାଡ଼ି କର୍ମୀ ବିନ୍ଦୁ ଦେହୁରୀ ଯୋଗ ଦେଇ ବିଭିନ୍ନ ପ୍ରଜାତିର ସର୍ପ ବିଷଧର ବିଷହୀନ ସର୍ପାଘାତ ସମୟରେ ଆଶୁ ଚିକିତ୍ସା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି ଶିବିରରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀଙ୍କ ସମେତ ଅବିଭାବକ ମାନେ ମଧ ଯୋଗ ଦେଇଥିଲେ।

# ବିଦ୍ୟାଳୟରେ ଗେରୁଆ ରଙ୍ଗକୁ ଏସ୍‌ଏଫ୍‌ଆଇର ବିରୋଧ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରାଥମିକ ଶିକ୍ଷା କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କୁ ଗେରୁଆ ରଙ୍ଗର ପରିଚୟ ପତ୍ର ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।ପୂର୍ବରୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକର ମଲାଟକୁ ଗେରୁଆ ରଙ୍ଗ କରାଯାଇଛି । ବିଦ୍ୟାଳୟ ଗୁଡିକର କୋଠାବାଡ଼ି ରଙ୍ଗ ଗେରୁଆ ହେଉଛି। ଇତି ମଧ୍ୟରେ ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ଗେରୁଆ ରଙ୍ଗର ପୋଷାକ ବଣ୍ଟା ଯାଇଛି ।ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ଏହାର ସମସ୍ତ ଛାମୁଆ ସଂଗଠନର ପତାକା ହେଉଛି ଗେରୁଆ ।ରାଜ୍ୟ ସରକାର ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କୁ ଗେରୁଆ ରଙ୍ଗରେ ରଙ୍ଗାୟିତ କରି ଧାର୍ମିକ ଉଦ୍‌ବେଳନ ସୃଷ୍ଟି କରିବାକୁ ଚାହୁଁଛନ୍ତି ।ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ୱାଧିନତା ଆନ୍ଦୋଳନ କାଳରେ ଚୂଡ଼ାନ୍ତ ଜାତୀୟ ପତାକାର ରଙ୍ଗକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ଜାତୀୟ ପତାକାର ରଙ୍ଗ ଗେରୁଆ କରିବା ପାଇଁ ଦାବୀ କରିଥିଲେ। ଏହା ଥିଲା ସେମାନଙ୍କର ଅସଲ ଦେଶ ପ୍ରେମର ନମୁନା ଓ ଗୁପ୍ତ ରାଜନୈତିକ କର୍ମସୂଚୀର ନଗ୍ନ ପ୍ରତିଫଳନ ।ଶାସନ କ୍ଷମତା ଦଖଲ ପରେ ଏହି କର୍ମସୁଚୀକୁ କାର୍ଯ୍ୟକାରୀ କରିବାକୁ ଯୋଜନାବଦ୍ଧ ଭାବେ ଉଦ୍ୟମ କରୁଛନ୍ତି। ଛାତ୍ରଛାତ୍ରୀ ଓ ଯୁବକ ଯୁବତୀଙ୍କୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦୂରେଇ ରୁଢ଼ିବାଦ ଭିତରେ ବୁଡେଇ ରଖିବାର ପ୍ରୟାସର ଏହା ହେଉଛି ଅନ୍ୟତମ ଅଂଶ ବିଶେଷ ।ରାଜ୍ୟ ସରକାର ଏଥିରୁ କ୍ଷାନ୍ତ ରୁହନ୍ତୁ ବୋଲି ଭାରତର ଛାତ୍ର ଫେଡେରେସନ୍ (ଏସ୍.ଏଫ୍.ଆଇ)ଓଡ଼ିଶା ରାଜ୍ୟ କମିଟିର ସଭାପତି ଚନ୍ଦନ କାମିଳା, ବାଲେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ତରଫରୁ ଅଭିଳାଷ ମଲ୍ଲିକ, ଅଚ୍ୟୁତାନନ୍ଦ ଜେନା, ସୌରଭ ସାହୁ, ଇତିଶ୍ରୀ ସୁର ଏକ ମିଳିତ ପ୍ରେସ ବିବୃତିରେ କହିଛନ୍ତି।

# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ନରଣପୁରର ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ଦାସ ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ହୋଇଥିବା ଏକ ସଭାରେ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ କିଶୋର ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ ସଞ୍ଜୟ କୁମାର ଜେନା ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଜୟନ୍ତୀ ଦାସ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ଓ ସୁଶିକ୍ଷୟିତ୍ରୀ ଥିଲେ । ତାଙ୍କ ଚାକିରୀ ଜୀବନ ମଧ୍ୟରେ ବହୁ ଛାତ୍ରଛାତ୍ରୀ ସୁନାଗରିକ ହୋଇଛନ୍ତି ବୋଲି ପ୍ରଧାନଶିକ୍ଷୟିତ୍ରୀ ଅପରିମିତା ବେହେରାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରକାଶ କରିଥିଲେ । ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ ବିଦାୟୀ ଶିକ୍ଷୟିତ୍ରୀଙ୍କର ଗୁଣଗାନ କରିଥିଲେ । ଶ୍ରୀମତୀ ଦାସ ଏହି ବିଭାଗରେ ୩୮ ବର୍ଷ ଚାକିରୀ କରି ଶିକ୍ଷାଦାନ କରିଆସୁଥିଲେ । ସେ ଅବସର ପରେ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ ବୋଲି ପ୍ରକାଶ କରିଥିଲେ । ଶ୍ରୀମତୀ ଦାସଙ୍କୁ ମାନପତ୍ର ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ।




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇତିହାସ ଓ ଇଂରାଜୀ ବିଭାଗ ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଆରମ୍ଭ ହୋଇଥିବା ୫ଦିନିଆ ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ପୂର୍ବତନ ପ୍ରାଣୀ ବିଜ୍ଞାନୀ ଆସୋସିଏଟ୍ ପ୍ରଫେସର ଡ଼ ଜୟକୃଷ୍ଣ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳୀ, ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର, ଉପ ନିର୍ଦ୍ଦେଶିକା ସିଏଚ୍. ବିଜୟ ଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧୦୦ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ଅନେକ ବିଷୟ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଯୁଗ୍ମ ନିର୍ଦ୍ଦେଶିକା ସ୍ନିଗ୍ଧା ମିଶ୍ର ପ୍ରଶିକ୍ଷଣର ରିପୋର୍ଟ ପ୍ରଦାନ କରିଥିବା ଉପ-ନିର୍ଦ୍ଦେଶିକା ସିଏଚ୍.ବିଜୟଲକ୍ଷ୍ମୀ ପିଜିଟିଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଶେଷରେ ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ଧନ୍ୟବାଦ ଅର୍ପଣ କରିଥିଲେ ।

### ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ

# ‘ପୁଷ୍କରା’ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ



### ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ
### ଶାହରୁଖ ଖାନ୍, ବିକ୍ରାନ୍ତ ମେସି ଶ୍ରେଷ୍ଠ ଅଭିନେତା
### ‘କଟହଲ’ ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର
### ‘ଦ୍ୱାଦଶ ଫେଲ’ ଶ୍ରେଷ୍ଠ ଫିଚର ଫିଲ୍ମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଘୋଷଣା ହୋଇଛି ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର । ତେବେ ଏହି ପୁରସ୍କାରରେ ବାଜି ମାରିଛି ଓଡ଼ିଆ ସିନେମା ପୁଷ୍କରା । ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ଏହା ନିର୍ମାଣ କରାଯାଇଛି । ପୁଷ୍କରାର ନିର୍ଦ୍ଦେଶନା ଶୁଭ୍ରାଂଶୁ ଦାସ ଦେଇଥିବାବେଳେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ ପ୍ରଖ୍ୟାତ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର । କାହାଣୀ ଲେଖକ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ରଚିତ ଉପନ୍ୟାସ ନାଦବିନ୍ଦୁ ଉପରେ ଏହା ଆଧାରିତ । ଅନ୍ୟପକ୍ଷରେ ବଲିଉଡ୍ କିଙ୍ଗ୍ ଶାହରୁଖ ଖାନ ଓ ବିକ୍ରାନ୍ତ ମେସି ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ଯବାନ ଚଳଚ୍ଚିତ୍ର ପାଇଁ ଶାହରୁଖଙ୍କୁ ଏବଂ ଦ୍ୱାଦଶ ଫେଲ୍ ପାଇଁ ବିକ୍ରାନ୍ତଙ୍କୁ ଏହି ସଫଳତା ମିଳିଛି । ଉଭୟ ପ୍ରଥମ ଥରପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ବିଧୁବିନୋଦ ଚୋପ୍ରାଙ୍କ ପ୍ରାୟୋଜିତ ଦ୍ୱାଦଶ ଫେଲ ଶ୍ରେଷ୍ଠ ଫିଚର ଫିଲ୍ମର ମାନ୍ୟତା ପାଇଛି । ଆଇପିଏସ୍ ମନୋଜ ଶର୍ମାଙ୍କ ସଂଘର୍ଷମୟ ଯାତ୍ରାକୁ ନେଇ ଏହି ଫିଲ୍ମ ନିର୍ମାଣ କରାଯାଇଛି । ସେହିପରି ରାଣୀ ମୁଖାର୍ଜୀ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ତାଙ୍କୁ ମିସେସ ଚାଟାର୍ଜୀ ଭର୍ସେସ ନରୱେ ଚଳଚ୍ଚିତ୍ର ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ ।

## ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତରଙ୍ଗ ସିନେ ପ୍ରଡକସନ୍ସର ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ ’ପୁଷ୍କରା’କୁ ଜାତୀୟ ପୁରସ୍କାର ମିଳିବ । ’ପୁଷ୍କରା’ ଶ୍ରେଷ୍ଠ ଓଡ଼ିଆ ଫିଲ୍ମ ଭାବେ ବିବେଚିତ ହୋଇଛି । ଏହି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି ।ସବ୍ୟସାଚୀଙ୍କ ବ୍ୟତୀତ ନାୟିକା ସୁପ୍ରିୟା ଚୌଧୁରୀ ବିକାଶ ଦାସ ଓ ଅଶ୍ରୁମୋଚନ ମହାନ୍ତିଙ୍କୁ ମଧ୍ୟ ଫିଲ୍ମରେ ଦେଖିବାକୁ ମିଳିଥିଲା । ଜାତୀୟ ପୁରସ୍କାର ଘୋଷଣା ପରେ ଟିମ୍ ପୁଷ୍କରାକୁ ଶୁଭେଚ୍ଛାର ସୁଅ ଛୁଟିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ପୁଷ୍କରାକୁ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଲେଖିଛନ୍ତି - ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବରେ ’ପୁଷ୍କରା’ ପୁରସ୍କୃତ ହୋଇଛି । ପୁଷ୍କରାର ନିର୍ମାତା, ନିର୍ଦ୍ଦେଶକ, କଳାକାର ତଥା ଏହା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଓଡ଼ିଆ ଚଳଚ୍ଚିତ୍ର ଜଗତ ଏହିପରି ଆହୁରି ଅନେକ ମୌଳିକ ଓ ଉତମ ଚଳଚ୍ଚିତ୍ର ସହିତ ଆଗକୁ ବଢୁ ବୋଲି କାମନା କରୁଛି । ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ପୁଷ୍କରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଆନ୍ତରିକତାର ସହ ସେବା କରନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜସ୍ୱ ସେବା ହେଉଛି ଶାସନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସେବା ମଧ୍ୟରୁ ଅନ୍ୟତମ, ଯାହା ଜନସାଧାରଣଙ୍କ ସହ ପ୍ରତ୍ୟେକ୍ଷ ଭାବେ ଜଡିତ ହୋଇ ରହିଥାଏ । ଏଣୁ ଓଡ଼ିଶା ରାଜସ୍ୱ ସେବା ଅଧିକାରୀମାନେ ଆନ୍ତରିକତା ଓ ସମର୍ପଣ ସହ ସେବା ଯୋଗାଇବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି । ଆଜି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରେଭେନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ରେ ତାଲିମ୍ ନେଉଥିବା ୨୦୨୨ ବ୍ୟାଚ୍‌ର ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ବାର୍ତ୍ତାଳାପ ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି କହିଛନ୍ତି ଯେ, ପ୍ରଶାସନ କେବଳ ନିୟମ ଏବଂ ଫାଇଲରେ ସୀମିତ ନୁହେଁ । ଏହା ସର୍ବୋପରି ଲୋକଙ୍କ ସହ ଜଡିତ । ଏଣୁ ଯୁବ ଅଫିସରମାନେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ରହି ଉତ୍ସର୍ଗୀକୃତ ଭାବେ ଜନସାଧାରଣଙ୍କୁ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ସଂପର୍କରେ ରାଜ୍ୟପାଳ ଓଡ଼ିଶା ରାଜସ୍ୱ ସେବାର ଅଧିକାରୀମାନଙ୍କ ସହ ଆଲୋଚନା କରି ପ୍ରତ୍ୟେକ ଯୋଜନା ସଂପର୍କରେ ବିଶଦ ଜ୍ଞାନ ଆହରଣ କଲେ ସେମାନେ ଜନସାଧାରଣଙ୍କୁ ଅଧିକ ପ୍ରଭାବଶାଳୀ ଭାବରେ ମାର୍ଗଦର୍ଶନ କରିପାରିବେ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଭଳି କଲ୍ୟାଣକାରୀ ଯୋଜନାରେ ସାମିଲ ହେବାକୁ ରାଜ୍ୟପାଳ ପ୍ରୋତ୍ସାହିତ କରିଥିଲେ । ଯେତେବେଳେ ସଚେତନ ନାଗରିକମାନେ ଏପରି ଯୋଜନାରେ ସାମିଲ ହୁଅନ୍ତି, ଏହା ଜନସାଧାରଣଙ୍କ ବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରେ ବୋଲି ରାଜ୍ୟପାଳ କହିଥିଲେ । ପ୍ରମୁଖ କଲ୍ୟାଣକାରୀ ଯୋଜନା ସଂପର୍କରେ ଏକ ହ୍ୟାଣ୍ଡବୁକ୍ ପ୍ରସ୍ତୁତ କରି ରାଜସ୍ୱ ଅଧିକାରୀ ତାଲିମ ପ୍ରତିଷ୍ଠାନରେ ତାଲିମ ଗ୍ରହଣ କରୁଥିବା ଅଧିକାରୀଙ୍କୁ ବଣ୍ଟନ କରାଯିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ ଏହି କାର୍ଯ୍ୟକ୍ରମରେ ମଂଚାସୀନ ଥିଲେ ।

## ବିଶ୍ୱାଳ ଟ୍ରେଡ୍ ଲିଙ୍କ୍‌ରେ ଇଡି ରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱାଳ ଟ୍ରେଡ୍ ଲିଙ୍କ ପ୍ରାଇଭେଟ ଲିମିଟେଡ଼ରେ ଇଡି ରେଡ୍ । ବିଶ୍ୱାଳ ଟ୍ରେଡ଼ ଲିଙ୍କ ପ୍ରାଇଭେଟ ଲିମିଟେଡ଼ରେ ଇଡି ରେଡ କରିଛି । ଭୁବନେଶ୍ୱରର ତିନୋଟି ସ୍ଥାନରେ ରେଡ କରୁଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ନୟାପଲି ବେହେରା ସାହି ଅଫିସ, କୋଲଥିଆରେ ଅଫିସ ଏବଂ ଅନ୍ୟ ଏକ ସ୍ଥାନରେ ଚାଲିଛି ଖୋଳତାଡ଼ । ଏହାସହ କୋଲକାତାରେ ମଧ ରେଡ ଚାଲିଛି । ଫେକ ବ୍ୟାଙ୍କ ଗ୍ୟାରେଣ୍ଟି ଲିଙ୍କ୍‌ରେ ଚାଲିଛି ଖୋଳତାଡ ।

## ମହିଳା ଥାନାରେ ହାଜର ହେଲେ ଓଏଏସ୍ ସାର୍ଥକ ସୌରଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଏଏସ ସାର୍ଥକ ସୌରଭ ମହାପାତ୍ରଙ୍କ ନାଁରେ ପତ୍ନୀଙ୍କ ଅଭିଯୋଗ ମାମଲା । ମହିଳା ଥାନାରେ ହାଜର ହେଲେ ଓଏଏସ ସାର୍ଥକ ସୌରଭ ମହାପାତ୍ର । ମହିଳା ଥାନାରେ ହାଜର ପରେ ତାଙ୍କୁ ପଚରା ଉଚରା କରୁଛି ପୋଲିସ । ନିର୍ଯାତନା ନେଇ ତାଙ୍କ ପତ୍ନୀ ମହିଳା ଥାନାରେ କରିଥିଲେ ଅଭିଯୋଗ ।

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ଯେଉଁମାନେ ସମ୍ପୃକ୍ତ କାହାରିକୁ ଛଡ଼ାଯିବନି: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାରରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଇଛି । ପ୍ରଶ୍ନପତ୍ର ଲିକ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଛଡ଼ାଯିବନି । କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ।

## ପ୍ରତି ପଞ୍ଚାୟତରେ ହେବ ଜଗନ୍ନାଥ ବାଟିକା: ପ୍ରଭାତୀ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତି ପଞ୍ଚାୟତରେ ହେବ ଜଗନ୍ନାଥ ବାଟିକା । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି । ରଥକାଠ ଅଭାବକୁ ପୂରଣ କରିବ ଜଗନ୍ନାଥ ବାଟିକା । ନିମାପଡ଼ାରେ ୧୦୫ ଏକର ସରକାରୀ ଜମି ଚିହ୍ନଟ ହୋଇଛି ।

## ୪ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ୪ ତାରିଖ ସୋମବାର କଣ୍ଠାପଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକାରେ ଆରମ୍ଭ ହେବ । ପ୍ରତ୍ୟେକ ସୋମବାର ହେଉଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ନିଜର ଅଭିଯୋଗ ଦାଖଲ କରିବା ନିମନ୍ତେ ଜନଶୁଣାଣି ୱେବ ପୋର୍ଟାଲ/ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସ୍ଲଟ ବୁକିଂ କରିବାକୁ ଅନୁରୋଧ କରାଯାଉଛି । ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଶନିବାର ରାତ୍ର ୧୧.୫୯ ମିନିଟ ପର୍ଯ୍ୟନ୍ତ ଜନଶୁଣାଣୀ ପୋର୍ଟାଲ ଜନଶୁଣାଣି.ଓଡ଼ିଶା.ଜିଓଭି.ଇନ୍‌ରେ ସ୍ଲଟ ବୁକିଂ କରାଯାଇପାରିବ । ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ରାଜ୍ୟ ସରକାର: ବିଜେଡି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅପରାଗତା ଲାଗି ଗତ ଏକ ବର୍ଷ ମଧ୍ୟରେ ୧୩ଟି ପରୀକ୍ଷାରେ ପରିଚାଳନାଗତ ତ୍ରୁଟି ଓ ପ୍ରଶ୍ନପତ୍ର ପ୍ରଘଟ ଲାଗି ଛାତ୍ର ସମାଜ ହତୋତ୍ସାହିତ ହୋଇଥିଲା ବେଳେ ସରକାର ନିଦାବିଷ୍ଟୁ ପାଳଟିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ, ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିଲା ପରେ ଓପିଏସସି, ଓଏସ୍ଏସସି ଓ ଓଏସ୍ଏସ୍ଏସସି ଦ୍ୱାରା ପରିଚାଳିତ କୌଣସି ପରୀକ୍ଷା ସୂଚାରୁ ଢଙ୍ଗରେ ପରିଚାଳନା କରିପାରିନାହାନ୍ତି । ଆରଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର ଏକ୍ସାଇଜ୍ ଓ ପୋଲିସ ସବଇନ୍ସପେକ୍ଟର, ଓଡିଶା ସିଭିଲ୍ ସର୍ଭିସ୍, ଏସ୍ଟିଆଇପିଆରଓ ଏବଂ ପରିଶେଷରେ ଓଟିଇଟି ଭଳି ସମସ୍ତ ପରୀକ୍ଷାରେ ଦେଖାଦେଇଥିବା ବିଭ୍ରାଟକୁ ରୋକିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଧର୍ମକୁ ଆଖିଠାର ସଦୃଶ୍ୟ ୧ କୋଟି ଟଙ୍କାର ଫାଇନ ଓ ୧୦ ବର୍ଷର ଜେଲ ଦଣ୍ଡର ଆଇନ ପ୍ରଣୟନ କଲେ ମଧ ସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ । ଡ. ମହାନ୍ତି ଆହୁରି ମଧ କହିଥିଲେ ଯେ, ଆରଆଇ, ଅମିନ ପରୀକ୍ଷା ବିଭ୍ରାଟରେ ବିଜେପି ନେତାଙ୍କ ସଂପୃକ୍ତି ଥିବାର ଅଭିଯୋଗ ଆସିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ । ଚଳିତ ଫେବ୍ରୁଆରୀ ମାସରେ ମାନ୍ୟବର ହାଇକୋର୍ଟ ଓଡିଶା ଜୁଡିସିଆଲ ସର୍ଭିସ ପରୀକ୍ଷାର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ କାରଣରୁ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ଦେବାକୁ ଓପିଏସ୍ସିକୁ ନିର୍ଦ୍ଦେଶ ଦେଇଥିଲେ ମଧ ଏହା କାର୍ଯ୍ୟକାରୀ ହୋଇନାହିଁ । ନିଯୁକ୍ତି ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରିବା କ୍ଷେତ୍ରରେ ପକ୍ଷପାତିତା ପ୍ରଦର୍ଶନ କରି ସରକାର ଯଦି ସେମାନଙ୍କ ଭବିଷ୍ୟତ ସହ ଖେଳିବେ, ତାହା ହେଲେ ସଂପୂର୍ଣ୍ଣ ଶିକ୍ଷାବ୍ୟବସ୍ଥା ଭୁଶୁଡି ପଡିବ । ବାରମ୍ବାର ପରୀକ୍ଷା ବାତିଲ ହେବା ଯୋଗୁ ଛାତ୍ରଛାତ୍ରୀମାନଙ୍କ ଶାରୀରିକ, ମାନସିକ ଯନ୍ତ୍ରଣା ଓ ସମୟର ଅପଚୟକୁ ଦୃଷ୍ଟିରେ ରଖି କ୍ଷତିପୂରଣ ସହାୟତା ରାଶି ରାଜ୍ୟ ସରକାର ପ୍ରଦାନ କରନ୍ତୁ । ଓଟିଇଟି ପରୀକ୍ଷା ବିଭ୍ରାଟରେ ବୋର୍ଡ ସଭାପତି, ଉପସଭାପତି ଓ ବିଦ୍ୟାଳୟ ଏବଂ ଗଣଶିକ୍ଷାମନ୍ତ୍ରୀ ସମ ପରିମାଣରେ ଦାୟୀ ହୋଇଥିବା ବେଳେ ରାଜ୍ୟ ସରକାର କେବଳ ଡାଟାଏଣ୍ଟି ଅପରେଟର ଓ ଅଧସ୍ତନ କର୍ମଚାରୀଙ୍କୁ ଗିରଫ କରି ବାହାଦୁରୀ ନେବାକୁ ଚେଷ୍ଟା କରୁଛନ୍ତି । ଛାତ୍ର ସମାଜର ଉଦ୍‌ବେଗ ସରକାର ଯଦି ହୃଦବୋଧ କରୁଥିବେ, ବୋର୍ଡ ସଭାପତି ଏବଂ ଉପସଭାପତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ସହ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବିଜେଡି ଦାବି କରିଛି ।


सत्यमेव जयते

# ଅନ୍ନଦାତାଙ୍କୁ ସମ୍ମାନ
# ଏକ ସମୃଦ୍ଧ ରାଷ୍ଟ୍ରର ନିର୍ମାଣ

ଆଜି ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ୨୦ତମ କିସ୍ତି ପ୍ରାୟ ୯ କୋଟି ୭୦ଲକ୍ଷ କୃଷକଙ୍କ ଖାତାକୁ ପ୍ରଦାନ

ପ୍ରଧାନମନ୍ତ୍ରୀ
## ଶ୍ରୀ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା
ଟ.୨୦,୫୦୦ କୋଟିରୁ ଅଧିକ ରାଶି ସିଧା ଟ୍ରାନ୍ସଫର



୨ ଅଗଷ୍ଟ ୨୦୨୫ | ପୂର୍ବାହ୍ନ ୧୧.୦୦ | ବାରାଣସୀ, ଉତ୍ତରପ୍ରଦେଶ

ପିଏମ୍ କିଷାନ ସମ୍ମାନନିଧିରେ ବର୍ତ୍ତମାନ ସୁଦ୍ଧା କୃଷକଙ୍କୁ ମିଳିଛି ଟ.୩.୭୦ଲକ୍ଷ କୋଟିର ସମ୍ମାନ ରାଶି

- ବିଶ୍ୱର ସବୁଠୁ ବଡ଼ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ଯୋଜନା
- କୃଷକଙ୍କୁ ବାର୍ଷିକ ଟ.୬୦୦୦ର ସହାୟତା
- ୮୫%ରୁ ଅଧିକ ପିଏମ୍ କିଷାନ ହିତାଧିକାରୀ କ୍ଷୁଦ୍ର ଓ ମଧ୍ୟମ କୃଷକ
- ପିଏମ୍ କିଷାନରେ ପ୍ରତି ୪ଜଣରେ ଜଣେ ମହିଳା ହିତାଧିକାରୀ

### ବିହନଠାରୁ ବଜାର ପର୍ଯ୍ୟନ୍ତ କୃଷକଙ୍କ ସହ ପିଏମ୍ ମୋଦୀ

- ଗତ ୧୧ ବର୍ଷ ଭିତରେ କୃଷି ବଜେଟ୍ ୫ ଗୁଣରୁ ଅଧିକ, ଯାହାକି ଟ.୨୨ ହଜାର କୋଟିରୁ ବୃଦ୍ଧି ପାଇ ଟ.୧.୨୭ ଲକ୍ଷ କୋଟି
- ଗତ ୧୧ ବର୍ଷରେ ଖାଦ୍ୟଶସ୍ୟ ଉତ୍ପାଦନ ୨୪୬ ମିଲିଅନ ଟନ୍‌ରୁ ବୃଦ୍ଧି ପାଇ ୩୫୪ ମିଲିଅନ ଯନ୍ ଏବଂ ପରିବା ଜାତୀୟ ଶସ୍ୟ ୨୮୦ ମିଲିଅନ ଟନ୍‌ରୁ ୩୬୨ ମିଲିଅନ ଟନ୍‌କୁ ବୃଦ୍ଧି
- ସॉइल हेल्थ कार्ड — ମାଟିର ଉର୍ବରତା ବୃଦ୍ଧି ତଥା ସାରର ଉଚିତ ପ୍ରୟୋଗ ଯୋଗୁ କୃଷକଙ୍କୁ ୨୫ କୋଟିରୁ ଅଧିକ ଭୂମି ସ୍ୱାସ୍ଥ୍ୟକାର୍ଡ ପ୍ରଦାନ
- ପିଏମ୍ ଫସଲବୀମା ଯୋଜନାରେ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିର ଭରଣା ପାଇଁ ଟ.୧.୮୩ ଲକ୍ଷ କୋଟିର ସହାୟତା
- ଗତ ୧୧ବର୍ଷ ମଧ୍ୟରେ ୨୩ଲକ୍ଷ କୋଟିରୁ ଅଧିକ ଏମ୍ଏସ୍‌ପି ମାଧ୍ୟମରେ ଗହମ, ଧାନ, କପା, ତୁଳା ଏବଂ ତୈଳବୀଜ ପାଇଁ ଖରିଦ
- ଗତ ୧୧ବର୍ଷରେ ୧୪ଲକ୍ଷ କୋଟି ଟଙ୍କାର ସାର ସବ୍‌ସିଡି ପ୍ରଦାନ ଏବଂ ସମୟ ଅନୁସାରେ ସହଜ ମୂଲ୍ୟରେ ଚାଷୀଙ୍କୁ ସାର ଯୋଗାଣ
- ଇ-ନାମ୍ ପ୍ଲାଟଫର୍ମରେ ୧୫୨୨ କୃଷିମଣ୍ଡି ସଂଯୋଗ, ଟ.୪.୨୦ଲକ୍ଷ କୋଟିରୁ ଅଧିକ ସୁବିଧାଜନକ ନେଣ-ଦେଣ
- ‘ପର ଡ୍ରପ୍ -ମୋର୍ କ୍ରପ୍’- ମାଇକ୍ରୋ ଇରିଗେସନ ମାଧ୍ୟମରେ ୪୨ଲକ୍ଷ ହେକ୍ଟରରୁ ୧୦୦ଲକ୍ଷ ହେକ୍ଟରକୁ ବୃଦ୍ଧି

ଡିଡି ନ୍ୟୁଜ୍ କିମ୍ବା ଡିଡି କିଷାନ ଚାନେଲରେ ସିଧାସଳଖ କାର୍ଯ୍ୟକ୍ରମ ଦେଖନ୍ତୁ | न्यूज़ किसान | ଆମକୁ ଅନୁସରଣ କରନ୍ତୁ: @AgriGoI | ଅଧିକ ବିବରଣୀ ପାଇଁ କ୍ୟୁଆର କୋଡ୍ ସ୍କାନ କରନ୍ତୁ

CBC 01102/13/0002/2526



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



### ନିଶା ସେବନର ମାରାତ୍ମକ ଦିଗ

## ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା

କିଛିଦିନ ପୂର୍ବେ ଓଡ଼ିଶା ସମେତ ସାରା ବିଶ୍ୱରେ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ତମାଖୁ ସମେତ ବିଷାକ୍ତ ମଦ ଓ ଡ୍ରଗ୍ସର ବ୍ୟବହାର ତଥା ପ୍ରସାରକୁ ରୋକିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାରା ବର୍ଷବ୍ୟାପୀ ଚାରିଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ନିଶା ସାମଗ୍ରୀ ଉପରେ ଅଙ୍କୁଶ ଲଗାଇବାକୁ ସୂଚନା ଦେଇଥିଲେ। ଏହି ଲକ୍ଷ୍ୟରେ ରାଜ୍ୟରେ ଅବକାରୀ ନୀତି ନୂଆ ରୂପରେ ଅଣାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କଲେ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ, ନିଶା କାରବାର ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଇବାରେ ଲାଗିଛି, ଯାହା ସାମାଜିକ ଜୀବନକୁ କ୍ରମଶଃ ବିପନ୍ନ କରୁଛି। କେବଳ ମଦ ନୁହେଁ, ଗୁଟ୍‌ଖା, ତମାଖୁ, ଗଞ୍ଜେଇ ଓ ବ୍ରାଉନ୍ ସୁଗାର ସମେତ ବିଭିନ୍ନ ପ୍ରକାର ନିଶା କାରବାର ବର୍ଷକୁ ବର୍ଷ ବଢ଼ି ଚାଲିଥିବାବେଳେ ତମାଖୁ ବର୍ଜନ ଦିବସ ହେଉ ଅବା ନିଶା ନିବାରଣ ଦିବସରେ ଦିଆଯାଉଥିବା ବାର୍ତ୍ତା ମୂଲ୍ୟହୀନ ମନେ ହେଉଛି। ଗୁଟ୍‌ଖା ଓ ତମାଖୁ ଆଦିର ବ୍ୟବହାର, କାରବାର, ପରିବହନ ଓ ଉତ୍ପାଦନ ଉପରେ ରାଜ୍ୟ ସରକାର ବାରବର୍ଷ ପୂର୍ବେ ନିଷେଧାଦେଶ ଜାରି କରିଥିଲେ ହେଁ ତାହାର ସାମାନ୍ୟତମ ପ୍ରଭାବ ଅନୁଭୂତ ହେଉନାହିଁ। ବରଂ ଏବେ ବଜାରରେ ଖୋଲାଖୋଲି ଭାବରେ ଏହିସବୁ ସାମଗ୍ରୀ ଉପଲବ୍ଧ ହେଉଛି। ଏପରିକି ଅନେକ ଲୋକ ସିଗାରେଟ୍ ଭିତରେ ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ଆଦି ପୂରାଇ କଳାବଜାର କରୁଥିବାର ଲକ୍ଷ୍ୟ କରାଯାଉଛି। ରାଜ୍ୟର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ନିଶା କାରବାରର ଚେର ଲମ୍ବିଥିବା ବେଳେ ସରକାରୀ ସ୍ତରରେ କାର୍ଯ୍ୟାନୁଷ୍ଠାନର ଅଭାବ ଦେଖିବାକୁ ମିଳୁଛି। ଅବଶ୍ୟ ବେସରକାରୀ ସ୍ତରରେ ଅନେକ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷ ଏବେ ନିଶା ରାକ୍ଷସ ବିରୋଧରେ ସେମାନଙ୍କର ଅଭିଯାନ ଅବ୍ୟାହତ ରଖିଛନ୍ତି। କେତେକ ସ୍ଥାନରେ ମହିଳାମାନେ ସଂଗଠିତ ହୋଇ ମଦ ଦୋକାନ ଖୋଲାଯିବା ଓ ବେଆଇନ ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଏସବୁ ସତ୍ତ୍ୱେ ସରକାର ନୀତିଗତ ଭାବରେ ସମ୍ପୂର୍ଣ୍ଣ ନିଶା ନିବାରଣ ନୀତି ଅପଣାଇ ସବୁପ୍ରକାର ନିଶା ବେପାରୀ, ବ୍ୟବହାରକାରୀ ତଥା ଉତ୍ପାଦନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ଏହି ସାମାଜିକ ସମସ୍ୟାର ଅନ୍ତ ଘଟିବ ବୋଲି ମତପ୍ରକାଶ ପାଉଛି। ଅତ୍ୟଧିକ ମଦ୍ୟପାନ ବା ଡ୍ରଗ୍ସ ସେବନ ଅନେକ ମାରାତ୍ମକ ରୋଗର ମୂଳ କାରଣ ହୋଇଥାଏ, ଯେଉଁଥି ପାଇଁ ପ୍ରତିବର୍ଷ ଅନେକ ଜୀବନ ଅକାଳରେ ଝଡ଼ି ପଡ଼ୁଛି। ଆମ ରାଜ୍ୟରେ ଗତ କିଛି ବର୍ଷ ଭିତରେ ମଦ କାରବାର ହୁ ହୁ ହୋଇ ବଢ଼ି ଚାଲିଛି। ଗତ ୨୦୦୦-୨୦୦୧ ଆର୍ଥିକ ବର୍ଷରେ ରାଜ୍ୟର ଅବକାରୀ ରାଜସ୍ୱ ପରିମାଣ ୧୩୫କୋଟି ୩୫ଲକ୍ଷ ଟଙ୍କା ଥିବା ସ୍ଥଳେ ୨୦୨୪-୨୫ ବର୍ଷ ବଜେଟ୍‌ରେ ଏହା ୮ ହଜାର ୬୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍‌ରେ ଅବକାରୀ ରାଜସ୍ୱ ପରିମାଣ ଆହୁରି ବୃଦ୍ଧି ପାଇ ୯ହଜାର ୭୫୪ କୋଟି ଟଙ୍କାରେ ପହଞ୍ଚିବା ନିଶା କାରବାର ବଢ଼ିବାର ସୂଚନା ଦେଉଛି। ଏକ ଜନମଙ୍ଗଳକାରୀ ରାଷ୍ଟ୍ରର ସରକାର ଲୋକଙ୍କ ସ୍ୱାସ୍ଥ୍ୟକୁ ବିପନ୍ନ କରାଇ ଆୟ ବୃଦ୍ଧି ନିମନ୍ତେ ପଦକ୍ଷେପ ଗ୍ରହଣ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ଆମ ଦେଶର ସମ୍ବିଧାନରେ ନିଶା ନିବାରଣ ପ୍ରସଙ୍ଗ ଉଲ୍ଲେଖ କରାଯାଇଥିବା ବେଳେ ୨୦୦୮ ମସିହା ଓଡ଼ିଶା ଅବକାରୀ ଆଇନରେ ମଧ୍ୟ ନିଶା ନିବାରଣ କାର୍ଯ୍ୟକାରୀ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପୃଷ୍ଠଭୂମିରେ ବର୍ତ୍ତମାନର ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ କଲାବେଳେ ସବୁ ବିଷୟ ଟିକିନିଖି ଅନୁଧ୍ୟାନ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଜରୁରି।

# ଉତ୍କଳର ଧାର୍ମିକ ସମନ୍ୱୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ



ଡ. ରାମଚନ୍ଦ୍ର ଦାଶ
ଅକରପଡା, ନଳୀପୁର, ବାଲିଚନ୍ଦ୍ରପୁର
କଟକ, ମୋ: ୭୭୮୯୮୩୨୫୭୭

ବିଷ୍ଣୁ ପୁରାଣରେ ଅଛି -

ଈଶ୍ୱର ବୋଇଲେ କୁମର।
ତୀର୍ଥେ କି ପ୍ରୟୋଜନ ତୋର ॥
ପୁରୁଷୋତ୍ତମ କ୍ଷେତ୍ର ଯେବେ ଯିବୁ।
ଶ୍ରୀ ଜଗନ୍ନାଥ ଙ୍କୁ ଭେଟିବୁ ॥

ଯଥାର୍ଥରେ ବିଶ୍ୱବିଦିତ ଅଦ୍ୱିତୀୟ ପୁଣ୍ୟଧାମ ଉତ୍କଳ ହେଉଛି ଦେବଭୂମି। ଏ ପବିତ୍ର ଭୂମିର ଦେବତା ଜଗତର ନାଥ ଶ୍ରୀଜଗନ୍ନାଥ ମାନବ ସମାଜ ଠାରୁ ଦୂରେଇ ରହି ନାହାନ୍ତି। ସେ ଓଡ଼ିଆ ଜାତିର ହସ-କାନ୍ଦ, ଆନନ୍ଦ-ନିରାନନ୍ଦ ସବୁଥିରେ ସମ୍ପୃକ୍ତ। ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶା ଇତିହାସର ବିଶିଷ୍ଟ ଚରିତ୍ର। କାଞ୍ଚି ଗଣେଶ ଓ ମାଣିକ ପାଟଣା ଏହାର ମୂକସାକ୍ଷୀ। ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି କହିଲେ ଓଡ଼ିଆ ସଂସ୍କୃତିକୁ ହିଁ ବୁଝାଏ। ମଣିଷର ବଞ୍ଚିବା ଓ ବଢିବା ପାଇଁ ଚିରନ୍ତନ ସଂଗ୍ରାମର ରହସ୍ୟମୟ ପ୍ରତିଫଳନ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତିର ମୌଳିକ ତାତ୍ପର୍ଯ୍ୟ। ଏହି ସଂସ୍କୃତି ଆମକୁ ବଞ୍ଚି-ବଞ୍ଚାଇବା, ଭୋଗ ନୁହେଁ ତ୍ୟାଗ, ଯୁଦ୍ଧ ନୁହେଁ ଶାନ୍ତି ଓ ସର୍ବେ ଭବନ୍ତୁ ସୁଖିନଃ ଆଦି ଶିକ୍ଷା ଦେଇଥାଏ। ଏଥିପାଇଁ ସିନା ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ମାନଙ୍କର ପ୍ରଧାନ ଆରାଧ୍ୟ ଓ ପରମ ଆତ୍ମୀୟ। ସେଥିଲାଗି ଓଡ଼ିଶାର ପରିଚୟ ଶ୍ରୀଜଗନ୍ନାଥ ଧାମ।

ଶ୍ରୀ ଜଗନ୍ନାଥ ହିଁ ବ୍ରହ୍ମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅନନ୍ତ ବ୍ରହ୍ମ ସ୍ୱରୂପରେ ବୁଝିବାକୁ ହେବ। ଶ୍ରୀ ଜଗନ୍ନାଥ ତତ୍ତ୍ୱ ସର୍ବ ରୂପମୟ, ସର୍ବ ମନ୍ତ୍ରମୟ, ସର୍ବଜ୍ଞାନମୟ ଏବଂ ସର୍ବ ରସମୟ ଭାବେ ପ୍ରତିପାଦିତ। ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଯାହା ଅତୀତକୁ ସାକ୍ଷୀ ରଖି ଭବିଷ୍ୟତକୁ ଲକ୍ଷ୍ୟ କରି ବର୍ତ୍ତମାନର ସ୍ଥିତିକୁ ନିୟନ୍ତ୍ରଣ କରେ। ଶ୍ରୀ ଜଗନ୍ନାଥଙ୍କୁ ଧାରଣ କରି ଗଢ଼ି ଉଠିଥିବା ଭାବଧାରା ହିଁ ଜଗନ୍ନାଥ ସଂସ୍କୃତି। ଶ୍ରୀଜଗନ୍ନାଥ ହେଉଛନ୍ତି ଅମୃତ, ଅବ୍ୟକ୍ତ, ଅଣାକାର, ନିରାକାର, ନିର୍ଗୁଣ, ପୂର୍ଣ୍ଣବ୍ରହ୍ମ ଓ ପରଂବ୍ରହ୍ମ। ସେ ବୌଦ୍ଧ ଓ ଜୈନ ଧର୍ମର ପ୍ରତୀକ। ଜାତି, ଧର୍ମ, ବର୍ଣ୍ଣ, ଉଚ୍ଚନୀଚ, ନିର୍ବିଶେଷରେ ଶ୍ରୀଜଗନ୍ନାଥ ଚେତନା ଦାସ୍ୟ ଭକ୍ତି ସେବକ ତତ୍ତ୍ୱ ଉପରେ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ବିଶ୍ୱାସ ଓ ଭରସାର ସଂସ୍କୃତି। ଶ୍ରୀଜଗନ୍ନାଥ ହେଉଛନ୍ତି ମାନବ ଆତ୍ମାର ଅବିଚ୍ଛେଦ୍ୟ ଅଙ୍ଗ। ଯେତେ ଧର୍ମ ଓ ଯେତେ ମତବାଦ ରହିଛି, ସେ ସମସ୍ତ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ଉଦ୍ଭବ ଓ ସେଥିରେ ହିଁ ଲୀନ। ଶ୍ରୀ ଜଗନ୍ନାଥ ହେଉଛନ୍ତି ମଣିଷ ଜୀବନର ଆପଣାର ଦେବତା। ସେ ହେଉଛନ୍ତି ଭାବର ଠାକୁର ଭାବଗ୍ରାହୀ।

ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ ଓ ତାଙ୍କ ବିଜେସ୍ଥଳୀ ହେଉଛି ପୁରୁଷୋତ୍ତମ କ୍ଷେତ୍ର। ସେ ଓଡ଼ିଆ ଜାତିର ସାମାଜିକ ଓ ସାଂସ୍କୃତିକ ଦେବତା। ଯେଉଁ ଦିନ ସମଗ୍ର ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଶ୍ରୀଜଗନ୍ନାଥ ସଂସ୍କୃତିକୁ ନିଜ ଜୀବନର ସଂସ୍କୃତି ଭାବେ ଗ୍ରହଣ କରିବେ, ସେହିଦିନ ବିଶ୍ୱର ଯାବତୀୟ କଳୁଷ ଦୂର ହୋଇଯାଇ ଶାନ୍ତି, ମୈତ୍ରୀ ଓ ପ୍ରୀତି ଭାବ ପ୍ରତିଷ୍ଠା ହେବ। ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରାଭିମୁଖୀ ନୁହେଁ ବରଂ ଚେତନାଭିମୁଖୀ। ଅନାଦି କାଳର ସନାତନ ଯୁଗରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥ ସ୍ୱୟଂ ସଂପୂର୍ଣ୍ଣ ଓ ସ୍ୱୟଂ ସିଦ୍ଧ। ପ୍ରତ୍ୟେକ ଠାକୁର ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଭକ୍ତ, କବି, ଲେଖକ, ଗାୟକ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିର ମୌଳିକ ଭିତ୍ତିଭୂମି ଉପରେ ଓଡ଼ିଶାର ଦୁଇଟି ସାଂସ୍କୃତିକ ଅନୁଷ୍ଠାନ ନୀଳଶୈଳ ଓ ନୀଳଚକ୍ର ବ୍ୟତିତ ବହୁ ଛୋଟ-ବଡ ଅନୁଷ୍ଠାନ ବିଗତ କେତେ ବର୍ଷ ଧରି ଗଢ଼ି ଉଠିଛି।

ଓଡ଼ିଆ ଜାତିର ଗୌରବମୟ ଏତିହ୍ୟ, ପରମ୍ପରା ଓ ଅସୀମ ବୀରତ୍ୱର ପରାକାଷ୍ଠାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ରଙ୍କ ସହିତ ରତ୍ନବେଦୀରୁ ଓହ୍ଲାଇ କଳା ଘୋଡ଼ା ଓ ଧଳା ଘୋଡ଼ା ଚଢ଼ି ମାଣିକ ପାଟଣାରେ ରତ୍ନମୁଦି ବିନିମୟରେ ଦହି ଖାଇ କାଞ୍ଚି ଅଭିମୁଖେ ଯାଇ ବିଜୟର ଗୌରବ ବାନା ବହନ କରିଥିଲେ। ସମଗ୍ର ବିଶ୍ୱରେ ଏପରି ଦୃଷ୍ଟାନ୍ତର ପଟାନ୍ତର ନାହିଁ। ସେ ପତିତ ମାନଙ୍କୁ ଉଦ୍ଧାର କରି ପତିତପାବନ ବାନା ଉଡ଼ାଇଛନ୍ତି। ଶ୍ରୀମନ୍ଦିରର ଶିଖରରେ ନୀଳଚକ୍ର ଉପରେ ପତିତପାବନ ବାନା ଫର ଫର ହୋଇ ଉଡୁଛି। 'ରସିକାହାରାବଳୀ'ରେ ସାହିତ୍ୟ ଜଗତର ଅନନ୍ୟ ପ୍ରତିଭା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଯଥାର୍ଥରେ ଲେଖିଛନ୍ତି।

"ପତାକା ଅଞ୍ଚଳ ଚଞ୍ଚଳ ଡାକେ ପାପୀଙ୍କୁ ଅବା।
ଏ ନୀଳ-ନଗ ନଗରକୁ ଆସ ଭଲ କରିବା"।

ଆଜକୁ ପ୍ରାୟ ତିନିଶହ ବର୍ଷ ତଳେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶ୍ରୀଜଗନ୍ନାଥଙ୍କ ମହିମା ଗାନ କରି ବଜ୍ର ଗମ୍ଭୀର ସ୍ୱରରେ ଘୋଷଣା କରିଥିଲେ ଯେ, ଅନନ୍ତ କାଳରୁ ବଡ଼ ଦେଉଳର ଚୂଡା ଦେଶରେ ସତତ୍ ଉଡ୍ଡୀୟମାନ ହେଉଥିବା ପତାକା ସତେ ଯେ ଭଳି ପୃଥିବୀବାସୀଙ୍କୁ ସମସ୍ତ ପାପ-ତାପରୁ ମୁକ୍ତ କରିବା ଲାଗି ଆହ୍ୱାନ ଜଣାଉଛି। ତାଙ୍କ ମତରେ ଯେଉଁ ବ୍ୟକ୍ତି ଏହି ପୁଣ୍ୟ ଏବଂ ପବିତ୍ର ଧାମ ନୀଳପର୍ବତକୁ ଆସିବାର ସୌଭାଗ୍ୟ ପାଏ, ସେ ନିଷ୍ପାପ ଓ ମୋକ୍ଷ ଲାଭ କରେ। ପତିତପାବନ କହୁଛି : "ହେ ପତିତମାନେ! ମୁଁ ତୁମ ଉଦ୍ଧାର ପାଇଁ ଅହରହ ଆଶିଷ ବିତରଣ କରୁଛି।"

କଥିତ ଅଛି ଯେ, ଯୀଶୁଖ୍ରୀଷ୍ଟ ମଧ୍ୟ ଶ୍ରୀକ୍ଷେତ୍ର ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ଅମର କାବ୍ୟ ଗୀତଗୋବିନ୍ଦର ରଚୟିତା କବି ଶ୍ରୀ ଜୟଦେବ, ଓଡ଼ିଆ ଭାଗବତକାର ଅତିବଡ଼ି ଜଗନ୍ନାଥ ଦାସ, ଶ୍ରୀ ଚୈତନ୍ୟ, ଭକ୍ତ ସାଲବେଗ, ଦାସିଆ ବାଉରୀ, ରଘୁ ଅରକ୍ଷିତ, ବଳରାମ ଦାସ, କବୀର ଓ ନାନକ ଆଦି ବହୁ ଶ୍ରେଷ୍ଠ ଭକ୍ତ ଶ୍ରୀଜଗନ୍ନାଥଙ୍କ ଭକ୍ତି ରସାମୃତରେ ନିଜକୁ ହଜାଇ ଦେଇ ଅମର ହୋଇଯାଇଛନ୍ତି।

ବିଶ୍ୱବାସୀଙ୍କୁ ଅବାଧରେ ମୁକ୍ତ ଦର୍ଶନ ଦେବା ଲାଗି ଏବଂ ଭକ୍ତ ଜନର ପ୍ରତ୍ୟକ୍ଷ ମାଧୁର୍ଯ୍ୟ ଲାଭ କରି କୋଳାକୋଳି ହେବା ପାଇଁ ଆବେଗ ଭରା ଚିତ୍ତରେ ବିହ୍ୱଳିତ ହୋଇ ଆରତଜନର ଦୁଃଖ ଲାଘବ କରିବା ପାଇଁ ଦୁଇ ବାହୁ ମେଲାଇ ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ସହିତ ନନ୍ଦୀଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥରେ ବସି ବଡ଼ଦାଣ୍ଡରେ ବର୍ଷକୁ ଥରେ ବିଜେ କରନ୍ତି। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ବ୍ୟବଧାନ ଦୂର କରି ନିକଟ ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ପ୍ରକୃତ ମହତ୍ତ୍ୱ ରହିଛି। ରଥଯାତ୍ରା ହେଉଛି ମଣିଷ ସମାଜର ବିଜୟ ଯାତ୍ରା। ବାସ୍ତବରେ ଆମ ଶରୀର ଏକ ରଥ ସଦୃଶ - ଯହିଁରେ ପ୍ରଭୁ ଶ୍ରୀଜଗନ୍ନାଥ ବିଦ୍ୟମାନ। ଏହାକୁ ଯିଏ ଅନୁଭବ କରିବ ତା' ଜୀବନର ମହାଯାତ୍ରା ଜୟଯାତ୍ରାରେ ପରିଣତ ହେବ।

ଶ୍ରୀମନ୍ଦିରର ମାହାତ୍ମ୍ୟ ଅବର୍ଣ୍ଣନୀୟ। ପୁରାଣରେ କଥିତ ଅଛି ଯେ, ପ୍ରତ୍ୟହ ପ୍ରତ୍ୟୁଷରେ ସମସ୍ତ ଦେବତା ଶ୍ରୀମନ୍ଦିରକୁ ଆସି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଓ ମନ୍ଦିରର ଧୂଳି ମୁଣ୍ଡରେ ମାରି ନିଜକୁ ଧନ୍ୟ ମଣନ୍ତି। ଶ୍ରୀମନ୍ଦିରରେ ଓଡ଼ିଆ ଜାତିର ବାର ମାସରେ ତେର ପର୍ବ ପାଳନ ଯେତିକି ତାତ୍ପର୍ଯ୍ୟ ପୂର୍ଣ୍ଣ ସେତିକି ମହତ୍ତ୍ୱପୂର୍ଣ୍ଣ। ସେଥିପାଇଁ ଶ୍ରୀକ୍ଷେତ୍ରକୁ ମର୍ତ୍ତ୍ୟ ବୈକୁଣ୍ଠ କୁହାଯାଏ। ଏହାର ଦାଣ୍ଡ ବଡ଼ଦାଣ୍ଡ, ପ୍ରସାଦ ମହାପ୍ରସାଦ ଓ ଶ୍ମଶାନ ସ୍ୱର୍ଗଦ୍ୱାର ଅଟେ। ବ୍ରାହ୍ମଣ - ଚାଣ୍ଡାଳ ର ଭେଦ ଭାବ ଏଠାରେ ନାହିଁ। ନିର୍ବିକାର ଚିତ୍ତରେ ଧନୀ ଠାରୁ ଆରମ୍ଭ କରି ଗରିବ ପର୍ଯ୍ୟନ୍ତ ଏକାଠି ଠୁଳ ହୁଅନ୍ତି ଟିକିଏ ସାନିଧ୍ୟ ପାଇବା ପାଇଁ। ସାମ୍ୟ, ମୈତ୍ରୀ, ଭାତୃତ୍ୱ, କରୁଣା, ଉଦାରତା ଓ ସମନ୍ୱୟ ର ପୀଠସ୍ଥଳୀ ଶ୍ରୀକ୍ଷେତ୍ରକୁ କୋଟି କୋଟି ଭକ୍ତ ଆବେଗମୟ ଭକ୍ତିମତ୍ତା ଦେଇ ଅହରହ ଧାଇଁ ଆସନ୍ତି ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖ ଦର୍ଶନ କରିବା ପାଇଁ।

ଶ୍ରୀମଦ୍‌ଭଗବଦ୍ ଗୀତାର ପବିତ୍ର ବାଣୀ ଅନୁଯାୟୀ ଲୁଗା ପୁରୁଣା ହୋଇଗଲେ ଶରୀର ଯେପରି ନୂତନ ବସ୍ତ୍ର ଧାରଣ କରେ ଏବଂ ମଣିଷର ମୃତ୍ୟୁରେ ଆତ୍ମା ଅନ୍ୟ ଶରୀରରେ ପ୍ରବେଶ କରି ନୂତନ ଜୀବନ ଧାରଣ କରେ। ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ଏହି ପ୍ରକ୍ରିୟାରୁ ବାଦ୍ ଯାଇ ନାହାନ୍ତି। ସର୍ବମୟ କର୍ତ୍ତା ନିଜେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଯୋଡ଼ା ଆଷାଢ଼ ପଡୁଥିବା ବର୍ଷରେ ନବକଳେବର ହୁଏ। ବଳରାମ ଦାସଙ୍କ ବର୍ଣ୍ଣନା ଅନୁଯାୟୀ ଶ୍ରୀୟା ଚଣ୍ଡାଳୁଣୀ ଘରେ ମହାଲକ୍ଷ୍ମୀ ପୂଜାର୍ଚ୍ଚନା ଗ୍ରହଣ କରିବା ହେତୁ ଶ୍ରୀଜଗନ୍ନାଥ ରୋଷ କରିବାରୁ ତା'ର ପ୍ରତିଫଳ ତାଙ୍କୁ ହିଁ ଭୋଗ କରିବାକୁ ପଡ଼ିଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଭଗବାନ୍ ହେଲେ ହେଁ ନିଜ କୃତ କର୍ମର ପ୍ରାୟଶ୍ଚିତ ଭୋଗ କରିବାକୁ କୁଣ୍ଠିତ ହୋଇ ନାହାନ୍ତି।

ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ବାଳୀଙ୍କୁ ବଧ ପରେ ଅଙ୍ଗଦର ମନ ଦୁଃଖର କାରଣ ବୁଝି ଦ୍ୱାପର ଯୁଗରେ ଶିଆଳୀଲତା ତଳେ ଶ୍ରୀକୃଷ୍ଣ ଶୟନରତ ଥିବାବେଳେ ସେ ଜରା ଶବର ରୂପେ ଜନ୍ମ ନେଇ ତାଙ୍କୁ ବଧ କରି ପିତୃହତ୍ୟାର ପ୍ରତିଶୋଧ ନେବ ବୋଲି ଆଶୀର୍ବାଦ ପ୍ରଦାନ କରିଥିଲେ। ଭଗବାନ୍ ଶ୍ରୀକୃଷ୍ଣ ଶରୀର ଦାହ ପରେ ଅର୍ଦ୍ଧଦଗ୍ଧ ଶରୀର ଦାରୁ ରୂପରେ ସମୁଦ୍ରରେ ଭାସୁଥିଲେ। ସେହି ଦାରୁ ଶ୍ରୀଜଗନ୍ନାଥ ରୂପେ ବିଦ୍ୟମାନ। ଶ୍ରୀଜଗନ୍ନାଥ ପ୍ରଥମେ ଶବରମାନଙ୍କ ଦେବତା ଥିଲେ ନୀଳମାଧବ ରୂପରେ। ଯୁଗ ଯୁଗ ଧରି ଶ୍ରୀଜଗନ୍ନାଥ ଭକ୍ତର ଅଧୀନ ହୋଇଛନ୍ତି। ଯେ ତାଙ୍କୁ ହୃଦୟରେ ଡ଼ାକିଛି ସେ ତା'ର ଦୁଃଖ ଶୁଣି ଲୋତକ ଝରାନ୍ତି, ଆଖି ବୁଲାଇ ଦୁଃଖ ଦେଖନ୍ତି ଏବଂ ବାହୁ ମେଲାଇ ଅଭୟ ତଥା ଆଶିଷ ପ୍ରଦାନ କରନ୍ତି। ସତେ ଯେପରି ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ବୈକୁଣ୍ଠ ଛାଡ଼ି ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ସଦାସର୍ବଦା ବିରାଜମାନ କରିଛନ୍ତି ବୋଲି ପ୍ରତୀୟମାନ ହୁଏ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ମାନବବାଦକୁ ହୃଦୟରେ ଅବଲୋକନ, ମାନସରେ ଅନୁସରଣ ଓ କାର୍ଯ୍ୟରେ ଅନୁକରଣ କରିବା ପରିବର୍ତ୍ତେ ଗାଡ଼ି ପଛରେ, ଖାଇବା ପ୍ଲେଟ୍‌ରେ, ଜଳଖିଆ ଦୋକାନ, ହୋଟେଲ ଆଦି ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରେ ଶ୍ରୀଜଗନ୍ନାଥଙ୍କ ନାମ ଓ ଫଟୋଚିତ୍ର ବ୍ୟବହାର ଅତ୍ୟନ୍ତ ନିନ୍ଦନୀୟ ଓ ଅସ୍ପୃହଣୀୟ। ଏହା କରୁଥିବା ଓ ଦେଖୁଥିବା ଲୋକେ ଉଭୟ ଅପରାଧୀ। ଶ୍ରୀଜଗନ୍ନାଥ ହେଉଛନ୍ତି ଚଳନ୍ତି ଠାକୁର। ପ୍ରତ୍ୟେକ ସାମାଜିକ ଶୁଭ କାର୍ଯ୍ୟରେ ସର୍ବ ପ୍ରଥମେ "ସର୍ବ ମଙ୍ଗଳ ଶ୍ରୀଜଗନ୍ନାଥ" କହି ଶୁଭ କାମନା କରାଯାଏ। ସେ ମଣିଷ ଜାତିର ଗତି ଓ ମୁକ୍ତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କୁ ଭକ୍ତିପୂର୍ଣ୍ଣ ଭାବରେ ପ୍ରାର୍ଥନା କରିବା :

"ଜୟ ଜଗନ୍ନାଥ ସ୍ୱାମୀ
ନୟନ ପଥଗାମୀ ଭବତୁ ମେ"।

- ଜୟ ଶ୍ରୀ ଜଗନ୍ନାଥ -

# କପାଳରେ ତିଳକର ମହତ୍ତ୍ୱ



ଅବନୀ ଚନ୍ଦ୍ର ଦାସ
ସମ୍ପାଦକ, ଉତ୍କଳୀୟ ସାହିତ୍ୟ ସଂସ୍କୃତି ପରିଷଦ
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ: ୯୯୩୭୫୩୭୯୭୪

ପୂର୍ବ କାଳରେ ଲୋକମାନେ ନିଜ ନିଜର ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଶରୀର ପ୍ରସାଧନ କଲାବେଳେ କପାଳରେ ତିଳକ ଲଗାଉଥିଲେ। ଉଭୟ ପୁରୁଷ ଏବଂ ନାରୀଙ୍କର ପ୍ରତ୍ୟହ ସ୍ନାନ ଶୌଚ ପରି ବସ୍ତ୍ର ଆଭୂଷଣ ପରିଧାନ, କେଶ ପ୍ରସାଧନ ସମେତ କପାଳରେ ତିଳକ ଧାରଣ ନିତ୍ୟ ନୈମିତ୍ତିକ କର୍ମ ଥିଲା। ବିବାହିତା ନାରୀ ମଥାରେ ସିନ୍ଦୂର ଏବଂ ଅବିବାହିତା ଯୁବତୀ କପାଳରେ କୁଙ୍କୁମ ଟିପା ଲଗାଇବା ଏକ ପ୍ରକାର ଧାର୍ଯ୍ୟ ନିୟମ / ପ୍ରଥା ପ୍ରଚଳିତ ଥିଲା। ବିଧବା ନାରୀଙ୍କ ସମେତ ପୁରୁଷ ଓ ଅନ୍ୟ ମହିଳା କପାଳରେ ତିଳକ ଚିତା ଲଗାଇ ପାରୁଥିଲେ। କପାଳରେ ତିଳକ ଧାରଣ କରିବା ଆମ ସମାଜରେ ଏକ ପ୍ରଚଳିତ ପରମ୍ପରା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। କପାଳରେ ତିଳକ ଚିତାର ଏକ ବିଶେଷ ମହତ୍ତ୍ୱ ରହିଛି।

ଧାର୍ମିକ ବିଶ୍ୱାସ, ଆଧ୍ୟାତ୍ମିକ ଅନୁଚିନ୍ତାରେ ତିଳକ ଧାରଣ ଏକ ପବିତ୍ର ପରମ୍ପରା ବୋଲି ବିଶ୍ୱାସ କରାଯାଏ। ତାଛଡ଼ା ମଣିଷର ମାନସିକ ଓ ଶାରିରୀକ ଯତ୍ନ ପାଇଁ ମଧ୍ୟ ଏହାର ଗଭୀର ପ୍ରଭାବ ଅନୁଭୂତ ହୋଇଥାଏ। ହୃଦୟରେ ସଦା ସକାରାତ୍ମକ ଭାବନା ସଂଚାର କରିବାରେ, ମନକୁ ଏକାଗ୍ର ରଖିବାରେ ତଥା ଶରୀରରେ ଉର୍ଜା ଶକ୍ତି ଜଗାଇବାରେ ଏହି ତିଳକ ସହାୟକ ହୋଇଥାଏ। ବହୁ ପୁରାତନ କାଳରେ ମୁନିଋଷି ମାନେ କପାଳରେ ତିଳକ ଧାରଣ ପୂର୍ବକ ଏହାର ମାନସିକ ଓ ଶାରିରୀକ ଲାଭ ଉପଲବ୍ଧି କରି ଏହାକୁ ଆମ ହିନ୍ଦୁ ସନାତନ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ଅଭିହିତ କରି ଯାଇଛନ୍ତି। ଏଣୁ, କୌଣସି ଧାର୍ମିକ ଅନୁଷ୍ଠାନ, ପର୍ବ ପର୍ବାଣୀ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କପାଳରେ ତିଳକ ଚିତା ଲଗାଇବାର ବିଧି ରହିଛି। ବିଭିନ୍ନ ଶାସ୍ତ୍ର ମତେ ତିଳକ ବିନା ଏଭଳି ଧର୍ମକାର୍ଯ୍ୟ ଅସମ୍ପୂର୍ଣ୍ଣ ଆଉ ଅସଫଳ ବୋଲି ବିବେଚନା କରାଯାଏ।

କପାଳରେ ଏହି ତିଳକ ଚିତା ପ୍ରସାଧନ ଲାଗି ଚନ୍ଦନ, କସ୍ତୁରୀ, କର୍ପୁର, ହଳଦୀ, କେଶର, କୁଙ୍କୁମ, ଦଧି ଓ ଭସ୍ମାଦି ବିଭିନ୍ନ ସାମଗ୍ରୀ ବ୍ୟବହୃତ ହୁଏ। ତିଳକ ପାଇଁ ବ୍ୟବହୃତ ପ୍ରତ୍ୟେକ ସାମଗ୍ରୀ ସ୍ୱକୀୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଥାନ୍ତି।

ହିନ୍ଦୁଧର୍ମ ଅନୁସାରେ ତିଳକ କପାଳରେ ଶୋଭିତ ଏକ ସମ୍ମାନ ସୂଚକ ଚିହ୍ନ ଅଟେ। ଏହାର ପ୍ରଭାବରେ ମଣିଷ ଶରୀରରେ ଅଭୂତପୂର୍ବ ଉର୍ଜା ସଞ୍ଚାରିତ ହୁଏ ଏବଂ ଅଶୁଭ ଗ୍ରହଙ୍କ ପୀଡ଼ାକୁ ଏହା ଲାଘବ କରିଥାଏ। ଦେବକୃପା ଲାଭ ହୁଏ ଏବଂ ମଣିଷ ସଫଳତା ଆଡକୁ ଅଗ୍ରସର ହୁଏ।

ବିଶେଷ କରି ଶରୀର ତତ୍ତ୍ୱ ଅନୁସାରେ କପାଳରେ ତିଳକ ଆଜ୍ଞାଚକ୍ରକୁ ଜାଗ୍ରତ କରେ, ମନକୁ ଶାନ୍ତ ତଥା ଅବିଚଳିତ ରଖିବାରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଆଉ ମଧ୍ୟ ଚନ୍ଦନ ତିଳକ ଟିପା କପାଳରେ ଲଗାଇବା ଦ୍ୱାରା ପାପ କ୍ଷୟହୁଏ, ଶଙ୍କଟ ମୋଚନ ହୁଏ ଏବଂ ଗ୍ରହ ଶାନ୍ତି ହୁଏ ବୋଲି ଜ୍ୟୋତିଷ ଶାସ୍ତ୍ରରେ ବର୍ଣ୍ଣିତ ଅଛି। ପ୍ରତ୍ୟହ ନିଜ କପାଳରେ ତିଳକ ଲଗାଉଥିବା ବ୍ୟକ୍ତି ଙ୍କ ପାଇଁ କେବେ ଅନ୍ନ, ବସ୍ତ୍ର ଓ ବାସ ର ଅଭାବ ରହେନାହିଁ ବୋଲି ଯୁଗ ଯୁଗରୁ ବିଶ୍ୱାସ ରହିଛି। ସେହି କାରଣରୁ, ସୁଖ, ସୌଭାଗ୍ୟ ଓ ସମୃଦ୍ଧି ପାଇଁ କପାଳରେ ତିଳକ ଧାରଣ କରିବାର ପରମ୍ପରା ଆମ ସମାଜରେ ପ୍ରଚଳିତ ହୋଇ ଆସୁଛି।

କପାଳରେ କସ୍ତୁରୀ ତିଳକ, କୁଙ୍କୁମ ତିଳକ ଧାରଣ କଲେ ଆଳସ୍ୟ ଦୂର ହେବା ସହିତ ମନୁଷ୍ୟ ଅନ୍ୟକୁ ଆକର୍ଷିତ କରିପାରେ। ଅନ୍ୟପକ୍ଷରେ କେଶର ତିଳକ ଲଗାଉଥିବା ବ୍ୟକ୍ତି ସର୍ବକାର୍ଯ୍ୟରେ ସଫଳ ହେବା ଏବଂ ସୁଖ୍ୟାତି ଅର୍ଜନ କରିବା ଅଭିଜ୍ଞତାରୁ ସ୍ପଷ୍ଟ ବୋଲି ଅନେକ ମତ ଦିଅନ୍ତି। ସେହିପରି ଦଧି ତିଳକ ଧାରଣ



ମନୁଷ୍ୟର ମନ ଓ ମସ୍ତିଷ୍କକୁ ଶାନ୍ତ ରଖିବାରେ ଫଳପ୍ରଦ ବୋଲି କୁହାଯାଏ। ସେହିପରି ହଳଦୀ ତିଳକରେ ଜୀବାଣୁ ବିନାଶକାରୀ ଗୁଣ ଥିବାରୁ ମଣିଷ ଶରୀର ବିଶେଷ କରି ଚର୍ମ ପାଇଁ ଉପଯୋଗୀ ହୋଇଥାଏ। ହଳଦୀ ମଧ୍ୟ ଶୁଭ ପବିତ୍ରତାର ପ୍ରତୀକ ବୋଲି ବିବେଚନା କରାଯାଏ। ଏଣୁ ହଳଦୀ ତିଳକ କପାଳରେ ଲଗାଇ ଯେକୌଣସି ଯାତ୍ରା ଅବା କାର୍ଯ୍ୟାରମ୍ଭ କଲେ ତାହା ଶୁଭ ହୋଇଥାଏ। ରୋଗ, ଶୋକ ଆଦିରୁ ମୁକ୍ତି ପାଇଁ କପାଳରେ ତିଳକ ଧାରଣ ଅପରିହାର୍ଯ୍ୟ ବୋଲି କୁହାଯାଏ।

ଭିନ୍ନ ଭିନ୍ନ ସାମଗ୍ରୀରେ ପ୍ରସ୍ତୁତ ତିଳକ ଧାରଣ ମନୁଷ୍ୟକୁ ବହୁ ଭାବରେ ଦରକାରୀ ସାବ୍ୟସ୍ତ ହୋଇ ଥିବାର ପ୍ରମାଣ ଆମ ଧର୍ମ ଶାସ୍ତ୍ର, ବୈଦିକ ଗ୍ରନ୍ଥ ତଥା ବୈଜ୍ଞାନିକ ତଥ୍ୟରୁ ମିଳିଥାଏ।

ବାସ୍ତବିକ୍ କପାଳରେ ତିଳକ ଧାରଣର ବିଶେଷ ମହତ୍ତ୍ୱକୁ ଉପଲବ୍ଧି କରି ସମସ୍ତେ ଏହା ବିଧି ପୂର୍ବକ ଅନୁପାଳନ କରିବା ବିଧେୟ।

# ବିଶ୍ୱ ଜନସଂଖ୍ୟା ଚାପ ଓ ଭାରତ



ବିପିନ ବିହାରୀ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ
ଖୋର୍ଦ୍ଧା, ମୋ : ୯୯୩୮୩୪୧୩୮

ମଣିଷ ତା' ସାମର୍ଥ୍ୟ ଓ ବିଜ୍ଞାନ ବଳରେ ଜଳ, ସ୍ଥଳ ଓ ପୃଥିବୀର ଆକାଶକୁ ଜିତି ପାରିଛି। ଅବଶ୍ୟ ମହାଶୂନ୍ୟର ମହାକାଶକୁ ନୁହେଁ। ତା' ପାଇଁ ଆଜି ଦୂରତା ଓ ସମୟର ବିଳମ୍ବତା ବୋଲି କିଛି ନାହିଁ। ସେ ନିଜ ଘରେ ବସି ବିଶ୍ୱର ଯେ କୌଣସି ଘଟିଯାଉଥିବା ଘଟଣାକୁ ଦେଖି ପାରୁଛି, ଶୁଣିପାରୁଛି ଅଥବା ଜାଣିପାରୁଛି। ଆଜିର ବିଶ୍ୱ ପ୍ରତିଟି ମଣିଷ, ଖାଲି ନିଜ ଦେଶର ନୁହେଁ, ବିଶ୍ୱ ପରିବାରର ଏକ ସଦସ୍ୟ ପାଲିଟି ଯାଇଛି। ଅର୍ଥାତ୍ ଆମେ ଏବେ ଏକ ସଂକୁଚିତ ପୃଥିବୀରେ ବାସ କରୁଛୁ।

ବୃତ୍ତି ବା ପେଟ ପାଟଣା, ଶିକ୍ଷା, ଚିକିତ୍ସା, ରାଜନୀତି, ଅର୍ଥନୀତି ଏବଂ କୌଣସି ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା କାରଣରୁ ପୃଥିବୀର ପ୍ରତିଟି ଦେଶ ପରସ୍ପର ସହିତ ସମ୍ପର୍କିତ ଓ ସମ୍ବନ୍ଧିତ। ଏବେ ଯୁଦ୍ଧ କହିଲେ ବିଶ୍ୱଯୁଦ୍ଧ ଏବଂ ଶାନ୍ତି କହିଲେ ବିଶ୍ୱ ଶାନ୍ତିକୁ ବୁଝାଏ।

ଏସବୁ ସତ୍ତ୍ୱେ ଆମ୍ଭେମାନେ ଦୁର୍ବଳତାରୁ ବିରତ ନୋହୁଁ। ଆମ ଭିତରେ ଶୀତଳ ଯୁଦ୍ଧ ଲାଗି ରହିଛି। ଆମକୁ ସମସ୍ୟା ଛାଡୁନାହିଁ। ପୃଥିବୀ ଆଜି ବିଭିନ୍ନ ଚାପଦ୍ୱାରା ଭାରାକ୍ରାନ୍ତ। ବର୍ତ୍ତମାନ ବିଶ୍ୱର ବଡ଼ଚାପ ହେଲା ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯାହାକୁ ବିଶ୍ୱ ଦେଶ ସମୂହର ପ୍ରଗତିର ଅନ୍ତରାୟ ହୋଇ ଛିଡ଼ା ହୋଇଛି।

ଏହା କର୍ମ ସଂସ୍ଥାନ, ସାମାଜିକ, ଅର୍ଥନୈତିକ ତଥା ବାସସ୍ଥାନ ଯୋଗାଣ ଓ ପରିବେଶୀୟ ସନ୍ତୁଳନ ଓ ପରିମଳ କ୍ଷେତ୍ରରେ ପ୍ରତିବନ୍ଧକର ମାଇଲଖୁଣ୍ଟ ରୂପେ ଛିଡ଼ା ହୋଇଛି। ଏହି ଜନସଂଖ୍ୟା ବୃଦ୍ଧିକୁ କେନ୍ଦ୍ରକରି ବେଳକୁ ବେଳ ନୂଆ ସମସ୍ୟା ଦେଖାଯାଉଛି।

ଜାତି ସଂଘର ଆକଳନ ଅନୁସାରେ ୧୧ ଜୁଲାଇ ୧୯୮୭ ଦିନ ବିଶ୍ୱ ଜନସଂଖ୍ୟା ଥିଲା ପ୍ରାୟ ୫୦୦ କୋଟି। ଏହା ବିଶ୍ୱ ପାଇଁ ଏକ ମୁଣ୍ଡବ୍ୟଥାର କାରଣ ହେଲା। ଏନେଇ ଜାତିସଂଘର ପରିଷଦ ତରଫରୁ ସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ଯୋଜନା କାର୍ଯ୍ୟକାରୀ କରିବାକୁ ନିଶ୍ଚିତ କରାଗଲା। ଏହାର ନିଷ୍ପତ୍ତି ଅନୁସାରେ ପ୍ରତିବର୍ଷ ୧୧ ଜୁଲାଇକୁ 'ବିଶ୍ୱ ଜନସଂଖ୍ୟା ଦିବସ' ରୂପେ ପାଳନ କରିବାକୁ ଠିକ୍ ହେଲା ଏବଂ ୧୯୯୨ରୁ ଏହି ଦିବସଟିକୁ ପାଳିତ ହୋଇଆସୁଛି।

ଗତ ୧ଜାନୁୟାରୀ ୨୦୧୪ (୯.୨୪ ଇଉ.ଟି.ସି.) ଗଣନାନୁଯାୟୀ ବର୍ତ୍ତମାନ ବିଶ୍ୱ ଜନସଂଖ୍ୟା ହେଉଛି ୭,୧୩୭,୬୬୧.୦୩୦ ଅର୍ଥାତ୍ ୧୯୮୭ ଏବଂ ୨୦୧୪ ମଧ୍ୟରେ ବିଶ୍ୱ ଜନସଂଖ୍ୟା ବୃଦ୍ଧି ୨,୧୩.୬୬୧୦୩୦ ଘଟିଛି। ହିସାବରୁ ଜଣାଯାଏ ୨୦୫୦ ସୁଦ୍ଧା ଏହା ୯୨୦କୋଟିରେ ପହଞ୍ଚିବ। ତେବେ ଏହା ଆହୁରି ଅଧିକ ବୃଦ୍ଧି ହେବାକଥା। ମାତ୍ର ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଗର୍ଭଧାରଣ କ୍ଷମତା ହ୍ରାସ ପାଇବା ଦ୍ୱାରା ଜନସଂଖ୍ୟା ବୃଦ୍ଧି କମ୍ ରହିଛି ବୋଲି କୁହନ୍ତି ଜାତିସଂଘ ଜନସଂଖ୍ୟ ବିଭାଗର ନିର୍ଦ୍ଦେଶକ ହାନିଆ କ୍ଲୋଟନିକ୍। ସେ ମଧ୍ୟ ତାଙ୍କ ରିପୋର୍ଟରେ କୁହନ୍ତି ଯେ ଭାରତ ଓ ଚୀନର ଲୋକ ସଂଖ୍ୟା ବୃଦ୍ଧି ଘଟିବ ଏବଂ ଭାରତ ଚୀନ ଠାରୁ ବଳାଇ ଯାଇପାରେ। ଆଫଗାନିସ୍ଥାନ, କଙ୍ଗୋ, ଗିନି, ନାଇଜେରିଆ, ଲାଇଜେରିଆ, ପୂର୍ବତିମୋର ଓ ଉଗାଣ୍ଡା ଇତ୍ୟାଦି ଜନସଂଖ୍ୟା ବୃଦ୍ଧିହାର ୩ଗୁଣ ବୃଦ୍ଧି ପାଇବ। ଯଦି ଗରିବ ଦେଶର ଲୋକମାନେ ଧନୀଦେଶକୁ ନଯାଆନ୍ତି ତେବେ ବର୍ଷକୁ ୧.୩ ନିୟୁତ ଲୋକ ବୃଦ୍ଧିପାଇବେ। କେତେକ ଦୀପରେ ଜନସଂଖ୍ୟା ହ୍ରାସ ପାଇପାରେ। ତେବେ ଭାରତ, ନାଇଜେରିଆ, ପାକିସ୍ଥାନ, କଙ୍ଗୋ, ବାଂଲାଦେଶ, ଆମେରିକା, ଇଥିଓପିଆ ଓ ଚୀନ ଇତ୍ୟାଦି ଦେଶର ଜନସଂଖ୍ୟା ବୃଦ୍ଧିପାଉଛି। ୨୦୦୭ ମସିହା ଆକଳନ ଅନୁଯାୟୀ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ୬୦ରୁ ଅଧିକ ବୟସ୍କଙ୍କ ଜନସଂଖ୍ୟା ୮% ଥିଲା। ଏହା ୨୦୫୦ ସୁଦ୍ଧା ୨୦୦ କୋଟିରେ ପହଞ୍ଚିବା ସମ୍ଭାବନା। ୧୧ ଜୁଲାଇ ୨୦୧୫ ଅପରାହ୍ନ ୫ଟା ଶୁଦ୍ଧା ଭାରତର ଜନସଂଖ୍ୟା ୧୨୭କୋଟି ୪୨ଲକ୍ଷ ୩୯ହଜାର ୭୬୯ ଥିଲା। ଏହାର ବର୍ତ୍ତମାନ ବୃଦ୍ଧିହାର ୧.୬%। ଏହା ବିଶ୍ୱଜନ ସଂଖ୍ୟାର ୧୭.୨୫% ଗତ ୧୦ବର୍ଷ ଧରି ଭାରତର ଲୋକସଂଖ୍ୟା ୧କୋଟି ୫୫ହଜାର ହିସାବରେ ବର୍ଷକୁ ବୃଦ୍ଧି ପାଉଛି। ଏହି କ୍ରମରେ ୨୦୫୦ ମସିହା ବେଳକୁ ୨୫୦କୋଟି ଟପିଯିବ ଯଦି ଏହାକୁ ବର୍ତ୍ତମାନ ସ୍ଥିତିରେ ରୋକାନଯାଏ। ଓଡ଼ିଶାରେ ପ୍ରତି ୧୦ବର୍ଷରେ ଅର୍ଦ୍ଧକୋଟିରୁ ଅଧିକ ଜନସଂଖ୍ୟା ବଢ଼େ। ଏପରିସ୍ଥଳେ ଖାଲି ଭାରତ କି ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱ ଜନସଂଖ୍ୟା ଚାପରେ ଭାରାକ୍ରାନ୍ତ। ଆଉ ସୀମା କିପରି ନଟପିବ, ତାହା ସମଗ୍ର ବିଶ୍ୱ ଚିନ୍ତାକରିବା ଉଚିତ୍।

# ପ୍ଲାଷ୍ଟିକ ମୁକ୍ତ ଜୀବନ

ପ୍ରବିର କୁମାର ସାହୁ
କଣିପାଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୯୮୬୧୦୬୮୪୫୬

ସମୟ ସ୍ରୋତରେ ଆମେ ପ୍ଲାଷ୍ଟିକର ବ୍ୟବହାରକୁ ବହୁଗୁଣିତ କରି ସାରିଛୁ। ସର୍ବୋପରି ବୁଝା ଯାଇ ପାରେ, ଜୀବନ ଏବେ ପ୍ଲାଷ୍ଟିକମୟ। ଆଧୁନିକ ବିଜ୍ଞାନର ସର୍ବୋତ୍କୃଷ୍ଟ ଚମତ୍କାର ପ୍ଲାଷ୍ଟିକ, ଯାହା ବର୍ତ୍ତମାନ ହିମାଳୟ ପର୍ବତମାଳାରୁ ଆରମ୍ଭ କରି, ମହାସାଗର ଏପରିକି ମହାକାଶରେ ମଧ୍ୟ ପ୍ରଦୂଷଣ ସୃଷ୍ଟି କରି ଚାଲିଛି। ବିଶ୍ୱର ଧ୍ୱଂସ ଅନ୍ୟଏକ ଖଳନାୟକ ହେଉଛି ପ୍ଲାଷ୍ଟିକ। ସମୟ ଥିଲା ପ୍ଲାଷ୍ଟିକ ଆମ ପାଇଁ ବରଦାନ ନା ଅଭିଶାପ! ଏମିତି ନେଇ ଅନେକ ବିତର୍କ ହେଇଛି। ବର୍ତ୍ତମାନ ସମୟରେ କହିବାକୁ ବୋଧ ହୁଏ ଦ୍ୱିଧା ନ ଲାଗି ପାରେ, ପ୍ଲାଷ୍ଟିକ ଆମ ପାଇଁ ବରଦାନ ଠାରୁ ଅଧିକ ଅଭିଶାପ ପାଲଟି ଯାଇଛି। ପ୍ଲାଷ୍ଟିକ ପ୍ରଦୂଷଣର ପରିଣାମ ଅତି ଭୟଙ୍କର ଏବଂ ସବୁଠାରୁ ନିକୃଷ୍ଟ କଥା ହେଲା ଏହା ସୁଦୂର ପ୍ରସାରି। ଏକ ପ୍ଲାଷ୍ଟିକ ମୁକ୍ତ ପୃଥିବୀ ଗଠନରେ କେବଳ ସରକାରଙ୍କ ଭାଗିଦାରୀ ଅପେକ୍ଷା କରାଯିବା ନିହାତି ମୂର୍ଖାମି। ପ୍ଲାଷ୍ଟିକ ମୁକ୍ତ ଜୀବନର ପ୍ରଥମ ପାହାଚ 'ମୁଁ' ରୁ ଆରମ୍ଭ ହେବା ଜରୁରି। ଆମେ ପରିବର୍ତ୍ତନ ହେବା ଆରମ୍ଭ କଲେ, ସମୟକ୍ରମେ ସମାଜ ବି ପରିବର୍ତ୍ତନ ହେବ। ପ୍ଲାଷ୍ଟିକ ବିରୋଧୀ ଅସ୍ତ୍ର ଭାବେ ଦୁଇଟି ବିକଳ୍ପ ଆମ ପାଖରେ ଅଛି। ପ୍ରଥମଟି ହେଲା ପ୍ଲାଷ୍ଟିକ ବ୍ୟବହାରରେ ହ୍ରାସ ଏବଂ ପ୍ଲାଷ୍ଟିକର ଏକ ସ୍ଥାୟୀ ବିକଳ୍ପ।

ଖବରରୁ ଜଣା ପଡ଼େ ପ୍ରତିବର୍ଷ ପ୍ରାୟ ୪୦୦ ନିୟୁତ ଟନ୍ ପ୍ଲାଷ୍ଟିକ ବର୍ଯ୍ୟବସ୍ତୁ ଜମା ହୁଏ ଏବଂ ସେଥିରୁ ଅର୍ଦ୍ଧାଧିକ ଏକକ ବ୍ୟବହୃତ ପ୍ଲାଷ୍ଟିକ। ଆମେ ଜାଣୁ ପ୍ଲାଷ୍ଟିକ ମାଟିରେ ଅବକ୍ଷୟ ହେବା ପାଇଁ ଶହ ଶହ ବର୍ଷ ଲାଗେ। ଗବେଷଣା ଲବ୍ଧ ତଥ୍ୟ ବର୍ଣ୍ଣନା କରେ ଯେ ପ୍ଲାଷ୍ଟିକ ଅବକ୍ଷୟ ସମୟରେ ମାଇକ୍ରୋପ୍ଲାଷ୍ଟିକକୁ ଜନ୍ମଦିଏ। ସେହି ମାଇକ୍ରୋପ୍ଲାଷ୍ଟିକ ଜଳ, ସ୍ଥଳ, ଆକାଶ ଏପରି କି ଆମ ଶରୀର ଭିତରକୁ ଯାଇ ନାନାଦି ରୋଗ ସୃଷ୍ଟି କରେ। ଅନେକ ବର୍ଷ ତଳେ ଗାନ୍ଧୀ ଜୟନ୍ତୀ ଠାରୁ ଓଡ଼ିଶାରେ ପଲିଥିନକୁ ନିଷିଦ୍ଧ କରାଯାଇଥିଲା। କିନ୍ତୁ ପ୍ରକୃତରେ ସେ ନିୟମ ବର୍ତ୍ତମାନ ନିଷ୍କ୍ରିୟ। ବେଧଡକ ଭାବେ ପ୍ଲାଷ୍ଟିକ ମିଶୁଛି ପରିବେଶରେ। ପ୍ଲାଷ୍ଟିକ ମୁକ୍ତ ଜୀବନର ପ୍ରଥମ ପାହାଚ ପଲିଥିନ ମୁକ୍ତ ପରିବେଶରୁ ଆରମ୍ଭ ହେଉ। କୌଣସି ଆଇନର ବାଧ ବାଧକତାରୁ ନୁହେଁ, ନିଜ ପୃଥିବୀ ମା' ପାଇଁ ପରିବର୍ତ୍ତନ ନିଜ ଠାରୁ ଆରମ୍ଭ ହେବା ଜରୁରି। ପଲିଥିନକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ଏବଂ ପଲିଥିନର ବିକଳ୍ପ ଭାବେ ପୁନଃ ବ୍ୟବହାର ଯୋଗ୍ୟ ବସ୍ତୁ ବ୍ୟବହାର କରାଯାଇ ପାରିବ।

ବ୍ୟକ୍ତି ବିଶେଷ ଭାବରେ ଦୈନନ୍ଦିନ ବ୍ୟବହାରିକ ବସ୍ତୁରେ ପ୍ଲାଷ୍ଟିକର ଉପସ୍ଥିତିକୁ ଆମକୁ କମ୍ କରିବାକୁ ହେବ। ଯେଉଁ ଉପାୟ ମାଧ୍ୟମରେ ସର୍ବୋତ୍କୃଷ୍ଟ ଭାବରେ ପ୍ଲାଷ୍ଟିକ ବ୍ୟବହାରକୁ କମ୍ କରାଯାଇପାରିବ, ସେଥିପ୍ରତି ଚେଷ୍ଟିତ ହେବାକୁ ପଡିବ। ନିମ୍ନ କିଛି ସରଳ ଉଦାହରଣ ନିଆଯାଇ ପାରେ ପ୍ଲାଷ୍ଟିକ ବ୍ୟାଗ୍ ବଦଳରେ କପଡାର ବ୍ୟାଗ୍, ଆବଶ୍ୟକ କ୍ଷେତ୍ରରେ ପ୍ଲାଷ୍ଟିକର ପୁନଃ ବ୍ୟବହାରିକରଣ। ପ୍ଲାଷ୍ଟିକର ବିକଳ୍ପ ଭାବରେ ଧାତବ ବସ୍ତୁ ଏକ ସ୍ଥାୟୀ ମାଧ୍ୟମ। ଜଣେ ସଚେତନ ନାଗରିକ ଭାବରେ ବ୍ୟବସାୟିକ କ୍ଷେତ୍ରରେ ପ୍ଲାଷ୍ଟିକର ସର୍ବନିମ୍ନ ବ୍ୟବହାର, ପ୍ଲାଷ୍ଟିକ ମୁକ୍ତ ଜୀବନର ମୁଖ୍ୟ ସଫଳତା ହେଇପାରେ। ପ୍ଲାଷ୍ଟିକର ମାୟାଜାଲରୁ ମୁକୁଳିବା ଏକାଦିନେ ସମ୍ଭବପର ନୁହେଁ, ସମୟ ଲାଗିବ। କିନ୍ତୁ ପ୍ଲାଷ୍ଟିକ ମୁକ୍ତ ଜୀବନ ଅବଶ୍ୟମ୍ଭାବୀ ସୁନିଶ୍ଚିତ।

ମୋର ଦାୟିତ୍ୱ କେବଳ ପ୍ଲାଷ୍ଟିକ ମୁକ୍ତ ଜୀବନ ନୁହେଁ, ପ୍ଲାଷ୍ଟିକ ମୁକ୍ତ ଜୀବନ ପାଇଁ ସଚେତନତା ମଧ୍ୟ ସୃଷ୍ଟି କରାଇବାକୁ ପଡିବ। ପ୍ରଦୂଷଣର ଗମ୍ଭୀରତା, ଭବିଷ୍ୟତର ସମ୍ଭାବ୍ୟ ଅସୁବିଧାକୁ ପ୍ଲାଷ୍ଟିକ ବିରୋଧୀ ଲଢେଇରେ ମୁଖ୍ୟ ଆୟୁଧ କରିବାକୁ ପଡିବ। ମୋ ଜୀବନ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ ଏହି ବାର୍ତ୍ତା ସହ ନିଜେ ଏକ ଉଦାହରଣ ହେଇ ପାରିଲେ, ଅନ୍ୟମାନଙ୍କ ପାଇଁ ପ୍ଲାଷ୍ଟିକ ମୁକ୍ତ ଜୀବନର ପ୍ରେରଣାରେ ସହାୟକ ହେବ। କେବଳ ପ୍ଲାଷ୍ଟିକ ବ୍ୟବହାରକୁ କମ୍ କରିବା ମନ୍ତ୍ର ନୁହେଁ, ବ୍ୟବହୃତ ପ୍ଲାଷ୍ଟିକ ପୁନଃଚକ୍ରିକରଣ ଏବଂ ପୁନଃବ୍ୟବହାର ସମ୍ପର୍କିତ ସୂଚନା ଦେବାପାଇଁ ପଡିବ। ବର୍ତ୍ତମାନ ପିଢ଼ିର ଉତ୍ତର ଦାୟିତ୍ୱ ଭାବେ ଭବିଷ୍ୟତ ପିଢ଼ି ପାଇଁ ପ୍ଲାଷ୍ଟିକ ମୁକ୍ତ ଜୀବନର ଶିକ୍ଷା ଏବଂ ଅଭ୍ୟାସ ମଧ୍ୟ ନିଜ ଘରୁ ଆରମ୍ଭ କରିବା ପାଇଁ ପଡ଼ିବ। ପ୍ଲାଷ୍ଟିକ ବିରାମଗତ ଅଭ୍ୟାସ ସହ ସରକାରଙ୍କ ପ୍ଲାଷ୍ଟିକ ବିରୋଧୀ ଆଇନ୍ ଏବଂ ଘୋଷଣାର ବ୍ୟକ୍ତିଗତ ପରିଚାଳନା ମଧ୍ୟ ଆବଶ୍ୟକ।

ବର୍ତ୍ତମାନ ସମୟରେ ବ୍ୟବହୃତ ହୋଇ ସାରିଥିବା ପ୍ଲାଷ୍ଟିକର ସଦୁପଯୋଗ ନିତ୍ୟାନ୍ତ ଆବଶ୍ୟକ। ବ୍ୟକ୍ତିଗତ ସ୍ତରରେ ପ୍ରଚେଷ୍ଟା କରାଯାଇ ପୁନଃ ବ୍ୟବହାରକ୍ଷମ ପ୍ଲାଷ୍ଟିକ କୁ ଆବର୍ଜନା ହେବାରୁ ଅଟକାଯାଇ ପାରିବ। ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ ଉପରେ କାର୍ଯ୍ୟ ନ୍ୟସ୍ତ କଲେ କିଛି ପରିବର୍ତ୍ତନ ଘଟିବ ନାହିଁ। ନିଜ ପାଇଁ, ନିଜ ପୃଥିବୀ ମା'ର ସୁରକ୍ଷା ପାଇଁ, ଅନ୍ୟମାନଙ୍କୁ ପ୍ଲାଷ୍ଟିକ ମୁକ୍ତ ଜୀବନର ପ୍ରେରଣା ଦେବା ଜରୁରି। ଏମିତି କ୍ଷୁଦ୍ର କ୍ଷୁଦ୍ର 'ମୋ ଦାୟିତ୍ୱ'ରୁ ସୃଷ୍ଟି ନେବ 'ଆମ ଦାୟିତ୍ୱ'। ଆମେ ସଭିଏ ମିଳିମିଶି ଏକ ସୁନ୍ଦର ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିପାରିବା। ସରକାରଙ୍କ ପ୍ରୋତ୍ସାହନ, ସଚେତନତା କେବଳ ନିଆଁରେ ଘୃତ ସଦୃଶ। ପ୍ଲାଷ୍ଟିକ ବିରୋଧୀ ନିଆଁ ଆମ ଭିତରେ କୁହୁଳିବା ଜରୁରି। ପ୍ଲାଷ୍ଟିକ ମୁକ୍ତ ଭବିଷ୍ୟତର ପରିକଳ୍ପନା ମିଳିତ ଚେଷ୍ଟାରେ ସମ୍ଭବ। ଶେଷରେ ଗୋଟିଏ କଥା ପ୍ଲାଷ୍ଟିକ ମୁକ୍ତ ଜୀବନର ଆରମ୍ଭ ଆଜି ଠାରୁ ନୁହେଁ, ଏବେ ଠୁ ଆରମ୍ଭ ହେବା ଜରୁରି। ସମୟ ଆସିବ ଦିନେ, ହାରିବ ପ୍ଲାଷ୍ଟିକ... ଜିତିବ ମଣିଷ।



ଆସିକା(ଭାସ୍କର ନ୍ୟୁଜ): ଗୋଟିଏ ଯାତ୍ରୀବାହୀ ବସରୁ ୬୧.୮୦୦ କିଗ୍ରା ଗଂଜେଇ ଜବତ ସହ ୫ ମହିଳା ଓ ଜଣେ ପୁରୁଷ ଗିରଫ । ପ୍ରକାଶ ଥାଉ କି ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକାରୁ କୋଦଳା ଯାଉଥିବା ନିରଞ୍ଜନ ନାମକ ଏକ ଘରୋଇ ମିନି ବସକୁ କୋଟିନଦ୍ରା ପୋଲିସ ପକ୍ଷରୁ ଆସିକା କଲେଜ ଛକ ନିକଟରେ ପୋଲିସ ବସ ଟିର ତାଲାସି କରିଥିଲା । ସେହି ସମୟରେ କୋଟିନଦ୍ରା ପୋଲିସ ୫ ମହିଳା ଜଣେ ପୁରୁଷଙ୍କ ଠାରୁ ୬୧ କେଜି ୮୦୦ ଗ୍ରାମ ଗଂଜେଇ ଜବତ କରିଥିଲେ । କୋଟିନଦ୍ରା ପୋଲିସ ପକ୍ଷରୁ ଥାନା କେସ ନମ୍ବର ୨୧୩/୨୫ ରେ ଏକ ମାମଲା ରୁଜୁ କରି କନ୍ଧମାଳ ଜିଲ୍ଲା ଖଜୁରୀ ପଡା ବ୍ଲକ ମେଂଢ଼ୀ ଗ୍ରାମର ଟୁନା ମଲ୍ଲିକ, (୩୮), ଟୁନି ମଲ୍ଲିକ (୩୪), ଫରିଙ୍ଗିଆ ଅଂଚଳର ନୟନୀ ସାହାଣୀ, (୪୦) ଫରିଙ୍ଗିଆ କେଳାପଡା ଗ୍ରାମର ବାସନ୍ତୀ ଦିଗାଲ(୩୫), ଖଜୁରୀପଡା ସିରିଙ୍ଗି ଗ୍ରାମର ରେଖା ମହାନନ୍ଦ(୨୩) ଓ କନ୍ଧମାଳର ପଦ୍ମାବତୀ ଦିଗାଲ(୪୫)ଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଦାମୋଦର ବିହାରି ପ୍ରକାଶ କରିଛନ୍ତି । ଏହି ଚୋରା ଗଂଜେଇ ଚଢ଼ାଉରେ କୋଟିନଦ୍ରା ଏଏସ୍ଆଇ ସତ୍ୟବ୍ରତ ସାହୁ, ଦିଲ୍ଲୀପ ଶତପଥି, ସାବିତ୍ରୀ ବେହେରା ସମେତ ସହଯୋଗ କରିଥିଲେ ।



# ଜିଲ୍ଲାସ୍ତରୀୟ ୭୬ତମ ବନ ମହୋତ୍ସବ ପାଳିତ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ ଚଉରିପଦା ଗ୍ରାମ ପଞ୍ଚାୟତ ହଂସପଡ଼ା ନିକଟରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ୭୬ତମ ବନ ମହୋତ୍ସବ-୨୦୨୫ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୁରୀ ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧନୁଞ୍ଜୀ ରାଓସା, ସମ୍ମାନିତ ଅତିଥି ଭାବେ ଉପ-ବନଖଣ୍ଡ ଅଧିକାରୀ ସସ୍ମିତ ପଣ୍ଡା, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବାପି ମାଝି, ସ୍ଥାନୀୟ ସରପଞ୍ଚ ତପନ କୁମାର ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପୁରାର ରଥ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ କାଠ ପୁରୀ ଜିଲ୍ଲାରୁ ଯୋଗାଇ ଦିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିବା ସହ ପୁରୀ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ଶ୍ରୀଜଗନ୍ନାଥ ବନ ପ୍ରକଳ୍ପ କରାଯିବା ସହିତ ସୁଭଦ୍ରା ହିତାଧିକାରୀ ଜଣେ ମା' ଯଦି ଗୋଟିଏ ଲେଖାଏଁ ଗଛ ଲଗାଇ ତା'ର ଯତ୍ନ ନେବେ ତେବେ ଓଡ଼ିଶାରେ ୧ କୋଟି ଗଛ ସୃଷ୍ଟି ହେବ, ଅମ୍ଳଜାନର ଆଉ ଅଭାବ ହେବ ନାହିଁ ବୋଲି ମୁଖ୍ୟ ଅତିଥି ଶ୍ରୀମତି ପରିଡ଼ା ମତବ୍ୟକ୍ତ କରିଥିଲେ । ପରିବେଶ ସୁରକ୍ଷା ପାଇଁ ଗଛର ଆବଶ୍ୟକ ସମସ୍ତ ଗଛ ଲଗାଇବାକୁ ମୁଖ୍ୟବକ୍ତା ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ନିମ, ଫାସି, ବଉଳ, ବର, ଧଉରା, ତେନ୍ତୁଳି ଆଦି ଶତାଧିକ ଚାରା ରୋପଣ କରାଯିବା ସହିତ ୫ହଜାରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ଚାରା ବଂଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାଂସଦଙ୍କ ଏନ୍ଏସି ପ୍ରତିନିଧି ମାନଲତା ମହାନ୍ତି, ସରପଞ୍ଚ ବେଦାଶିଷ ଆଚାର୍ଯ୍ୟ, କାଉନସିଲର ନିରନ ନାୟକ, ପ୍ରଶାନ୍ତ କୁମାର ନାୟକ, ଦିଲ୍ଲୀପ କୁମାର ପରିଡ଼ା, ସନ୍ତୋଷ କୁମାର ପରିଡ଼ା, ଯଜ୍ଞେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ସଭା କାର୍ଯ୍ୟକୁ ଅଞ୍ଚଳ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ପରିଚାଳନା କରିଥିବା ବେଳେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ନିମାପଡ଼ା ବନାଞ୍ଚଳ ଅଧିକାରୀ ବଳଭଦ୍ର ନାୟକ, ଗୋପାଳ ବେହେରାଙ୍କ ସମେତ ପୁରୀ ଜିଲ୍ଲା ବନ ବିଭାଗର ସମସ୍ତ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ ।

# କେ.ଜେ.ପଟେଲ ଇଫକୋର ନୂତନ ପରିଚାଳନା ନିର୍ଦ୍ଦେଶକ



ପାରାଦୀପ(ଭାସ୍କର ନ୍ୟୁଜ): ବିଶ୍ୱର ସର୍ବବୃହତ ସମବାୟ ସାର ଉତ୍ପାଦନକାରୀ ସଂସ୍ଥା, ଭାରତୀୟ କୃଷକ ସାର ସମବାୟ ସମିତି (ଇଫକୋ)ର ପରିଚାଳନା ନିର୍ଦ୍ଦେଶକ ଡ଼ଃ.ୟୁ.ଏସ.ଅବସ୍ଥି ଦୀର୍ଘ ୪ ଦଶନ୍ଧି ଧରି ସଫଳତାର ସହ ପରିଚାଳନା ଦାୟିତ୍ୱ ତୁଲାଇବା ପରେ ଗତ ଜୁଲାଇ ୩୧,୨୦୨୫ ରେ ଅବସର ଗ୍ରହଣ କଲାପରେ କେ.ଜେ.ପଟେଲ ଏହାର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି । ଡ଼ଃ.ଅବସ୍ଥିଙ୍କ ଇଫକୋରେ ଏହି କାର୍ଯ୍ୟକାଳ ମଧ୍ୟରେ ଏହାର ଏମଡି ଏବଂ ସିଇଓ ଭାବେ ୩୨ ବର୍ଷର ଅସାଧାରଣ କାର୍ଯ୍ୟ ଅନ୍ତର୍ଭୁକ୍ତ । ତେବେ ନବନିଯୁକ୍ତ ଏମଡି ଶ୍ରୀ ପଟେଲ ପ୍ରାୟ ୪୦ ବର୍ଷ ଧରି ଇଫକୋ ସହିତ ଜଡିତ ରହିଛନ୍ତି । ୧୯୮୫ ମସିହାରେ ସ୍ନାତକ ଇଞ୍ଜିନିୟରିଙ୍ଗ ଶିକ୍ଷାନବିସ (ଜିଇଟି) ହାସଲ କରି ଇଫକୋ ସଂସ୍ଥାରେ ବିଭିନ୍ନ ୟୁନିଟରେ ଅନେକ ବରିଷ୍ଠ ପଦବୀରେ କାର୍ଯ୍ୟ କରିଛନ୍ତି । ଓଡିଶା ଲୋକଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖୁଥିବା ଶ୍ରୀ ପଟେଲ ଇଫକୋର ପ୍ରମୁଖ ସାର କାରଖାନା ଇଫକୋ ପାରାଦୀପ ୟୁନିଟରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରି କମ୍ପାନୀର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ଶକ୍ତି ପରିଚାଳନା ପଦ୍ଧତିକୁ ସୁଦୃଢ ଏବଂ ପ୍ଲାଣ୍ଟ ର ଆଧୁନିକୀକରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ ପାରାଦୀପ ୟୁନିଟ ସ୍ଥାୟିତ୍ୱ, ପରିବେଶ ଏବଂ ଶକ୍ତି ସଂରକ୍ଷଣ ଓ ଉତ୍ପାଦକତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ପାରାଦୀପ ଅଞ୍ଚଳବାସୀଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତା ତାଙ୍କୁ କର୍ମଚାରୀ ଓ ଅଂଶୀଦାର ମହଲରେ ବେଶ ପ୍ରଶଂସିତ ହୋଇଥିଲେ । ଶ୍ରୀ ପଟେଲ ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ଏବଂ ଇଫକୋର ସମବାୟ ନୀତି ସହିତ ସମନ୍ୱିତ ବିକାଶ ଆଭିମୁଖ୍ୟ ନୀତି ପାଇଁ ଜଣାଶୁଣା । ଏମିତି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ, ଶ୍ରୀ ପଟେଲ ଇଫକୋ ବୋର୍ଡ ଏବଂ ସମଗ୍ର ସମବାୟ ସଂସ୍ଥାଗୁଡ଼ିକର ବିଶ୍ୱାସ ଏବଂ ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ସେ ଡକ୍ଟର ୟୁ.ଏସ.ଅବସ୍ଥିଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ଇଫକୋ ସମବାୟ ଏବଂ ସାର ଉତ୍ପାଦନ କ୍ଷେତ୍ରରେ ବିଶ୍ୱ ମଡେଲ ଭାବେ ସ୍ଥାପନ କରିବାରେ ତାଙ୍କର ଯୁଗାନ୍ତକାରୀ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଛନ୍ତି । ଶ୍ରୀ ପଟେଲ ଙ୍କ ନେତୃତ୍ୱରେ ଇଫକୋ ପରିବାର କୃଷକ ସମ୍ପ୍ରଦାୟର ସେବା ଏବଂ ଭାରତର କୃଷି ମେରୁଦଣ୍ଡକୁ ସୁଦୃଢ କରିବା ପାଇଁ ସଂଗଠନର ଅଭିଯାନକୁ ଆହୁରି ଗତିଶୀଳ କରିବା ନେଇ ଆଶା କରାଯାଏ ।

## ରାମନଗରକୁ ଆସିଲେ ୧୪ ସନ୍ଦିଗ୍ଧ

ମହାକାଳପଡା(ଭାସ୍କର ନ୍ୟୁଜ): ମହାକାଳପଡ଼ା ବ୍ଲକର ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ବଜାରରେ ଗୁରୁବାର ରାତି ୧୧ଟାରେ ୧୪ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ବସରେ ପହଞ୍ଚିଛନ୍ତି । ଏହି ଅଞ୍ଚଳର ଜନୈକ ଲୋକ ଏମାନଙ୍କୁ ଆଣିଥିବା ଆଲୋଚନା ହେଉଛି । ଖବରପାଇ ଏମାନଙ୍କର ପରିଚୟପତ୍ର ଯାଞ୍ଚ କରିବାକୁ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ ଟିମ୍ ବଜାରରେ ପହଞ୍ଚି ୧୪ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଘଟଣା ଜିଲ୍ଲା କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି । ସେଠାରେ ସନ୍ଦିଗ୍ଧଙ୍କୁ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ସମ୍ପୂର୍ଣ୍ଣ ଘଟଣା ଲୋକ ଲୋଚନକୁ ଆସିବ ବୋଲି ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି । ଅନ୍ୟ ପଟେ ଅନୁପ୍ରବେଶ କାରି ମହାକାଳପଡାକୁ ବାରମ୍ବାର ଆସିବା ନେଇ ସଚେତନ ନଗରିକ ସୂର୍ଯ୍ୟ ପ୍ରକାଶ ପାଣି ପ୍ରତିକ୍ରିୟାରେ କହିଛନ୍ତି ଏମାନେ କାହିଁକି କେଉଁ ଉଦ୍ଦେଶ୍ୟରେ ଏହି ଉପ ଉପକୂଳ ଅଞ୍ଚଳକୁ ଆସିଛନ୍ତି ? ମହାକାଳପଡାର ରାମନଗରକୁ କାହିଁକି ଏତେ ସୁରକ୍ଷିତ ଭାବୁଛନ୍ତି ଏମାନେ ? କିଏ ଦେଇଛି ଏମାନଙ୍କୁ ସୁରକ୍ଷା ? ବିଜଦ ସରକରେ ଦେଖିବାକୁ ମିଳୁଥିଲା । ଭାଜପା ସରକାରରେ ବି ଜଙ୍ଗଲ ଜମିରେ ଏମାନଙ୍କର ନାହିତ ଆଖି ? ଜିଲ୍ଲା ପ୍ରଶାସନକୁ ଏହା ଉପରେ ଦୃଢ଼ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ।

# ଗୋରେଖନାଥ ପୀଠ ଗେଟ୍ ସମ୍ମୁଖରୁ ନିଷ୍କାସିତ ହେଉନି ବର୍ଷାଜଳ



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେଳେଶ୍ୱର ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ମୁଖ୍ୟ ଗେଟ ସମ୍ମୁଖରୁ ନିଷ୍କାସିତ ହୋଇପାରୁନି ବର୍ଷାଜଳ । ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାସହ ଉତ୍କଟ ଗନ୍ଧରେ ନାକ ଫାଟି ପଡୁଛି । ଫଳରେ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ଭକ୍ତିୟ ଭାବନାରେ ଆଘାତ ପହଞ୍ଚାଉଛି । ଶ୍ରାବଣ ଜଳଲାଗି ପାଇଁ ହଜାର ହଜାର କାଉଡ଼ିଆ ଆସନ୍ତା ରବିବାର ପୀଠରେ ପହଞ୍ଚିବା ଥିବାରୁ ପରିବେଶ ପରିଷ୍କାର ପରିଚ୍ଛନ୍ନତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାଯୋଗ୍ୟ ଯେ କି ଗତ ୨୦୨୩ ମସିହାରୁ ପୀଠ ପରିସରରେ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି । ଚତୁର୍ପାର୍ଶ୍ୱରେ ଟାଇଲ ବିଛା ଯାଇଛି । ସେଥିରେ ପାଠକୁ ଆସିବାକୁ ଥିବା ଦ୍ୱିତୀୟ ଗେଟ ସମ୍ମୁଖ ଭାଗର କିଛି ଅଂଶ ଟାଇଲ ପକାଯାଇନଥିବାରୁ ବର୍ଷା ପାଣି ଅନ୍ୟତ୍ର ନିଷ୍କାସିତ ହୋଇ ନପାରି ସେହି ସ୍ଥାନରେ ହିଁ ଜମି ରହୁଛି । ଲୋକମାନେ ବାଧ୍ୟ ହୋଇ ଉକ୍ତ ଚଟାଣରେ ପାଣି ଭିତର ଦେଇ ମନ୍ଦିର ଆଡ଼କୁ ଯାଉଛନ୍ତି । ଦୀର୍ଘଦିନ ଧରି ଜମିରହିଥିବା ପାଣିରେ ଯାତାୟାତ କରୁଥିବା ଲୋକଙ୍କ ଗୋଡ଼ହାତ କୁଣ୍ଡେଇ ହେଉଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷେ ପାଣିରେ ମଶାବଂଶ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି । ଶ୍ରାବଣ ମାସ ପୂର୍ବରୁ ଜଡି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇଥାନ୍ତା ତାହାଲେ ପ୍ରଭୁଙ୍କ ପୀଠ ପରିସର ପୁତଗନ୍ଧମୟ ପରିବେଶ ସୃଷ୍ଟି ହୋଇନଥାନ୍ତା ବୋଲି ସ୍ଥାନୀୟ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବା ପାଇଁ ବୁଦ୍ଧିଜୀବି ଓ ଶ୍ରଦ୍ଧାଳୁ ଭକ୍ତଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବୀ ହେଉଛି । ଦାୟିତ୍ୱରେ ଥିବା ଆରଆଣ୍ଡବି ଯନ୍ତ୍ରୀ ବେଦବ୍ୟାସ ସ୍ୱାଇଁଙ୍କ ପାଖରେ ଏ ସମ୍ପର୍କରେ ଖବର ନଥିବା ଏବଂ କଣ ହୋଇଛି ସେ ବୁଝିବେ ବୋଲି ପ୍ରକାଶ କରିଛନ୍ତି ।

# ଦୀର୍ଘଦିନ ଧରି କାଫେ ଓ ଲାଇବ୍ରେରୀ ବନ୍ଦ, ବିଧାୟକଙ୍କ ଦୃଷ୍ଟି ପଡୁ




ନିଆଳି(ଭାସ୍କର ନ୍ୟୁଜ): ନିଆଳିବାସୀଙ୍କ ନିମନ୍ତେ ପଂଚାୟତ ସମିତି କାର୍ଯ୍ୟାଳୟ ପାଖରେ ଏକ ଲାଇବ୍ରେରୀ ଗୃହ ଥିବାବେଳେ ଗୃହରେ ଲକ୍ଷାଧିକ ଟଙ୍କାର ବହି ରହିଛି । ଲାଇବ୍ରେରିଟି ବର୍ଷ ବର୍ଷ ଧରି ବନ୍ଦ ହୋଇ ପଡିରହିଥିବାରୁ ବହିରେ ଉଇ ଲାଗିବା ସହ ହୁଙ୍କା ଉଠିଲାଣି । ଏହାକୁ ସିମେଣ୍ଟ ଗୋଦାମ କରାଯାଇଛି । ରାଜନୀତିକ ଉଦ୍ଦେଶ୍ୟ ରଖି ଏହି ଲାଇବ୍ରେରୀକୁ ବର୍ଷ ବର୍ଷ କାଳ ବନ୍ଦ ରଖିଥିବା ଆଲୋଚନା ହେଉଛି । ସେହିଭଳି ପୂର୍ବ ସରକାରଙ୍କ ସମୟରେ ନିଆଳି ବଜାରରେ ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ଏକ କାଫେ ଖୋଲା ଯାଇଥିଲା । କାଫେ ଖୋଲିବାର ଉଦ୍ଦେଶ୍ୟ ଥିଲା ଦୈନନ୍ଦିନ ନିଆଳିରେ ଥିବା ତହସିଲ, ବ୍ଲକ, ଉପ ନିବନ୍ଧଙ୍କ କାର୍ଯ୍ୟାଳୟ, ଥାନା, ପୋଷ୍ଟ ଅଫିସ, ଟ୍ରେଜେରୀ, ବ୍ୟାଙ୍କ ଓ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୂରଦୁରାନ୍ତରୁ ଆସୁଥିବା ଲୋକମାନେ କମ ପଇସାରେ ସୁସ୍ୱାଦୁ ଖାଦ୍ୟ ଖାଇପାରିବେ । କିନ୍ତୁ ଏହି କାଫେକୁ ଏକ ବର୍ଷରୁ ଉର୍ଦ୍ଧ ହେବ ରାଜନୀତିକ ଉଦ୍ଦେଶ୍ୟ ରଖି ବନ୍ଦ କରିଦିଆଯାଇଛି । ଫଳରେ ସାଧାରଣ ଲୋକମାନେ ଦୈନାଦିନ ନିଆଳିକୁ ଆସି ଖାଦ୍ୟ ଖାଇବାରୁ ବଂଚିତ ହେଉଛନ୍ତି । ଏହି କାଫେରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ଏବେ ନଷ୍ଟ ହେବାକୁ ବସିଲାଣି । ଏଠାରେ ପ୍ରଶ୍ନ ଉଠୁଛି ରାଜନୀତିକ ଉଦ୍ଦେଶ୍ୟ ରଖି ସରକାରୀ ଅର୍ଥରେ ସାଧାରଣ ଲୋକଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥାକୁ ସେଗୁଡିକ ବନ୍ଦ କରାଯାଉଛି କାହିଁକି ? କାଫେ ଓ ଲାଇବ୍ରେରୀକୁ ଖୁବଶୀଘ୍ର ଖୋଲିବା ନିମନ୍ତେ ନିଆଳି ବିଧାୟକ ଛବି ମଲିକ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ୨ ସପ୍ତାହରେ ୧୫ ସମିତିରେ ୨୪୭୮ ଚାଷୀ ପଞ୍ଜିକୃତ

ତିହିଡ଼ି(ଭାସ୍କର ନ୍ୟୁଜ): ସରକାରଙ୍କ ନୂଆ ନିୟମ ପାଇଁ ଚାଷୀ ପଞ୍ଜିକରଣ ଧିମେଇ ଯାଇଛି । ଚାଷୀ ପଞ୍ଜିକରଣ ହେବାର ୨ସପ୍ତାହ ବିତିଥିଲେ ମଧ ଆଶାଜନକ ଚାଷୀ ପଞ୍ଜିକରଣ ହୋଇପାରିନଥିବା ଅଭିଯୋଗ ହୋଇଛି । ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନରେ ଥିବା ୧୫ଟି ସମିତିରେ ଏବେସୁଦ୍ଧା ୨୪୭୮ ଚାଷୀ ପଂଜୀକୃତ ହୋଇଥିବା ଜଣାପଡ଼ିଛି । ଏହି ଦୁଇ ସପ୍ତାହ ମଧ୍ୟରେ ଆହୁରି ଅଧିକ ଚାଷୀ ପଞ୍ଜୀକୃତ ହୋଇ ପାରିଥାନ୍ତେ । ମାତ୍ର ସରକାରଙ୍କ ଚାଷୀ ପଂଜୀକରଣ ପାଇଁ ବଂଶାନୁବଳୀ ନିୟମ ପାଇଁ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଚାଷୀ ବଂଶାବଳୀ ନିୟମ ପାଇଁ ମଧ ବଞ୍ଚିତ ହେବାର ସମ୍ଭାବନା ରହିଛି । ଖରିଫ୍ ଚାଷ ସମୟରେ ରୁଆପୋତା କରି ନପାରି ସମିତିକୁ ପଂଜୀକରଣ ପାଇଁ ବାରମ୍ବାର ଦୌଡୁଛନ୍ତି । ଏଥିସହ ବଂଶାବଳୀ ପ୍ରମାଣପତ୍ର ପାଇଁ ମଧ ଆର.ଆଇ. ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି । ଗତବର୍ଷ ଅପେକ୍ଷା ଚଳିତବର୍ଷ ବଂଶାବଳୀ ନିୟମ ପାଇଁ ପଂଜୀକୃତ ହେବାରେ ବିଳମ୍ବ ହେଉଛି । ଶୁକ୍ରବାର ସୁଦ୍ଧା ଭାଟପଡ଼ା ସମିତିରେ ୩୮୦ ଚାଷୀ, ପାଳିଆବିନ୍ଧା ୧୫୩, ନିଶ୍ଚନ୍ତପୁର ୨୪୪, ଆରସା ୯୮, ଗାନ୍ଧିନଗର ୬୦, ମଙ୍ଗଳପୁର ୧୮୭, ବାମନବିନ୍ଧା ୧୮୦, ବିଲଣା ୩୮, ଅଣ୍ଡରାଇ ୭୨, ଜାମଯୋଡ଼ି ୧୬୦, ଅମୃତପୁର ୨୫୪, ଚାରିତରଫର ୨୮୦, ବାରସରର ୭୩, ଶ୍ୟାମସୁନ୍ଦରପୁର ୧୬୮ ଏବଂ ନରେନ୍ଦ୍ରପୁର ସମିତିରେ ୧୩୧ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଏହି ସମିତି ମଧ୍ୟରୁ ଯେଉଁ ସମିତିରେ ଚାଷୀ ପଞ୍ଜୀକୃତ ସଂଖ୍ୟା ହ୍ରାସ ପାଇଛି ସେହିସବୁ ସମିତିରେ ବଂଶାବଳୀ ନିୟମ ପାଇଁ ପଞ୍ଜୀକରଣ ହ୍ରାସ ପାଇଥିବା କଥା ସମ୍ପାଦକ କହିଛନ୍ତି । ତେବେ ଗତ ବର୍ଷଠାରୁ ଚଳିତ ବର୍ଷ ପଞ୍ଜିକରଣ କମିବା ନେଇ ଆଶଂକା ଦେଖା ଦେଇଛି । ବଂଶାବଳୀ ନିୟମକୁ ତୁରନ୍ତ ପରିବର୍ତ୍ତନ କରାଗଲେ ଅଧିକ ଚାଷୀ ପଞ୍ଜୀକରଣ ହୋଇପାରିବ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି ।

# ମରଣାନ୍ତକ ଆକ୍ରମଣ କରି ସୁନାଚେନ୍ ଲୁଟ୍

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଥାନା ଅନ୍ତର୍ଗତ ଚିଡ୍ରେଶ୍ୱର ଗ୍ରାମର ବାଘ ଓରଫ୍ ନରେନ୍ଦ୍ର ବେଉରାଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରିବା ସହ ସୁନାଚେନ୍ ଲୁଟି ନେଇଥିବା ଜଣାପଡ଼ିଛି । ସୂଚନାଥାଉ କି, ସବୁଦିନ ପରି ଶ୍ରୀ ବେଉରା ନିଜର ବନ୍ଧୁ ବିଷ୍ଣୁଚରଣ ରାଉତଙ୍କ ସହ ପ୍ରାତଃଭ୍ରମଣ କରିବାକୁ ଚଷାପଡ଼ା ଗ୍ରାମକୁ ଯାଇଥିବା ବେଳେ ସେଠାରେ ଗୋଟିଏ କଳା ପଲସର ଗାଡ଼ିରେ ୩ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ନରାଜକୁ ରାସ୍ତା କେଉଁଆଡ଼େ ବୋଲି ପଚାରିଥିଲେ । ଏହି ସମୟରେ ଗାଡ଼ିରୁ ଦୁଇଜଣ ଓହ୍ଲାଇ ମାରଣାସ୍ତ୍ର ଦେଖାଇ ଶ୍ରୀ ବେଉରା ପିନ୍ଧିଥିବା ସୁନାଚେନ୍‌କୁ ଛିଡ଼ାଇବ ।ସମୟରେ ସେ ତାଙ୍କୁ ଧରିବାକୁ ଚେଷ୍ଟା କରିବାର ସେମାନେ ତାଙ୍କ ଦୁଇହାତକୁ ହାଣି ସୁନାଚେନ ନେଇ ଫେରାର ହୋଇଯାଇଥିଲେ । ଏ ନେଇ ଆହତଙ୍କ ପରିବାର ଲୋକେ ଟିପିଏମ୍ ଫାଣ୍ଡିରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣା ସ୍ଥଳରେ ପହଂଚି ଆହତ ନରେନ୍ଦ୍ରଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇବା ସହ ତଦନ୍ତ ଜାରି ରଖିଛି ।

# ଗୋପ ଥାନାରୁ ଫେରାର ଦୁଇ ଅଭିଯୁକ୍ତ ମଞ୍ଚେଶ୍ୱରରୁ ଗିରଫ



ଗୋପ(ଭାସ୍କର ନ୍ୟୁଜ): ଗୋପ ପୋଲିସ୍‌କୁ ଚକମା ଦେଖାଇ ଥାନା ଭିତରେ ଥିବା ଶୌଚାଳୟ ସ୍କାଇଲାଇଟ୍ ଭାଙ୍ଗି ଗତ ୨୮ ତାରିଖ ସନ୍ଧ୍ୟାରେ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ତିନିଦିନ ପରେ ଗୋପ ପୋଲିସ ବିଳମ୍ବିତ ରାତ୍ରୀରେ ମଞ୍ଚେଶ୍ୱରରୁ ଗିରଫ କରିଛି । ଅଭିଯୁକ୍ତ ଦୁଇଜଣ ଗତ ୨୫ ତାରିଖରେ ହୋଇଥିବା ଏକ ଚୋରି ଘଟଣାରେ ୨୮ତାରିଖରେ ଗିରଫ ହେଇଥିଲେ । ମାତ୍ର ସନ୍ଧ୍ୟା ସମୟରେ ଶୌଚ ହେବା ପାଇଁ ଯିବା ବାହାନା କରି ପୋଲିସ ଆଖିରେ ଧୂଳିଦେଇ ଶୌଚାଳୟ ସ୍କାଇଲାଇଟ୍ ଭାଙ୍ଗି ଫେରାର ହୋଇଯାଇଥିଲେ । ଏସପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶରେ ପୋଲିସ ତାଙ୍କୁ ଧରିବାପାଇଁ ଦୁଇଟି ଟିମ୍ କରି ଚାରିଆଡ଼େ ଛାନଭିନ୍ କରି ନୟାନ୍ତ ହୋଇଥିବା ବେଳେ ଗତକାଲି ରାତିରେ ୨ ଅଭିଯୁକ୍ତ ଭୁବନେଶ୍ୱର ମଞ୍ଚେଶ୍ୱରରେ ଥିବା ଖବର ପାଇ ଗୋପ ଥାନା ଏସଆଇ ବୁଦ୍ଧରାମ ମାଝୀଙ୍କ ନେତୃତ୍ୱରେ ଏସ୍ଆଇ ବିପ୍ଳବ ପ୍ରଧାନ, ଏଏସ୍ଆଇ ମହନ୍ତ ବିଭୂ ପ୍ରସାଦ ଦାସ୍, ଗୃହରକ୍ଷୀ ସୁବାସ କୁମାର ମହାନ୍ତି, ସତ୍ୟପ୍ରିୟ ପଣ୍ଡା ପ୍ରମୁଖ ଏକ ୬ ଜଣିଆ ଟିମ୍ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଗୋପ ଥାନାକୁ ଆଣିଥିଲେ । ଦୁଇ ଅଭିଯୁକ୍ତ ହେଲେ ମଞ୍ଚେଶ୍ୱରର କ୍ରିଷ୍ଣା ସାହୁ ଏବଂ ଚାରିଛକ ଥାନା ଅଳକୁଣ୍ଡ ସୁଦୁରକ ଗ୍ରାମର ସୂର୍ଯ୍ୟକାନ୍ତ ମହାନ୍ତି । ଚିକିତ୍ସା ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ବଳଙ୍ଗା ପୀଡ଼ିତା ଘଟଣା

# ପ୍ରତ୍ୟକ୍ଷଦର୍ଶୀ ଦୁଃଖିଶ୍ୟାମ ଗଲେ କୁଆଡେ !



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ବଳଙ୍ଗା ପୀଡ଼ିତା ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଥିବା ବେଳେ ବୟାନ୍ ରେକର୍ଡ଼ କରିବା ପାଇଁ ଯାଇଥିବା ଅଧିକାରୀ ନିମାପଡ଼ା ଫେରି ଆସିଛନ୍ତି । ବୟାନ୍ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କହୁଥିବା ବେଳେ ଏପଟେ ପ୍ରତ୍ୟେକ୍ଷଦର୍ଶୀ ଦୁଃଖିଶ୍ୟାମଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକଟ ହୋଇଛି । ପ୍ରତ୍ୟକ୍ଷଦର୍ଶୀ ଦୁଃଖିଶ୍ୟାମ କୁଆଡ଼େ ଫେରାର ହୋଇଯାଇଥିବା ବେଳେ ତାଙ୍କର ଦେଖା ମିଳୁ ନାହିଁ । ପ୍ରତ୍ୟେକ୍ଷଦର୍ଶୀ ଦୁଃଖିଶ୍ୟାମଙ୍କ ଘର ନିକଟକୁ ଆମ୍ଭ ନିମାପଡ଼ା ପ୍ରତିନିଧି ଯାଇଥିବା ବେଳେ ପରିବାର ଲୋକେ ପରିସ୍ରା ଫୋପାଡ଼ିବା, ତତଲା ପେଜ ଫୋପାଡ଼ିବା ପାଇଁ ଧମକ ଦେବା ସହ ଲୁହା କଟୁରୀ ଧରି ହାଣିବାକୁ ଗୋଡ଼ାଇ ଥିବା ଘଟଣାକୁ ନେଇ ସାଧାରଣରେ ପ୍ରତ୍ୟୋକ୍ଷଦର୍ଶୀ ଦୁଃଖିଶ୍ୟାମ କ'ଣ ପାଇଁ ଏପରି ବାହାପିଆ କଥା କହି ପୋଲିସ ତଦନ୍ତକୁ ବାଟବଣା କରିଛନ୍ତି । ଠିକ୍ ସମୟରେ ପ୍ରତ୍ୟକ୍ଷଦର୍ଶୀଙ୍କର ଦେଖା ନ ମିଳିବା ତାଙ୍କ ପ୍ରତି ସନ୍ଦେହ ପ୍ରକଟ ହେଉଛି । ପ୍ରତ୍ୟେକ୍ଷଦର୍ଶୀ ଦୁଃଖିଶ୍ୟାମଙ୍କର ଦେଖା ମିଳୁ ନଥିବା ବେଳେ ତାଙ୍କ ଘରର ମହିଳାମାନେ ସାମ୍ବାଦିକ ମାନଙ୍କୁ ଏପରି ବ୍ୟବହାର କରିବା ସାଧାରଣରେ ଗଣମାଧ୍ୟମର କଣ୍ଠରୋଧ ପରି ମନେ ହେଉଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା-ବଳଙ୍ଗା ପୀଡ଼ିତା ଘଟଣା ଦିନକୁ ଦିନ ଭିନ୍ନମୋଡ଼ ନେବାରେ ଲାଗିଛି । ପୀଡ଼ିତାଙ୍କ ଅତି ସଂପର୍କୀୟ ଏହି ଘଟଣାରେ ସଂପୃକ୍ତ ରହିଥିବା ଶୁଣିବାକୁ ମିଳୁଥିବା ବେଳେ ପୋଲିସ ଚତୁର୍ଥ ଥର ପୀଡ଼ିତାଙ୍କ ବୟାନ୍ ରେକର୍ଡ଼ କରିବା ଘଟଣାରେ ବାରି ହୋଇପଡୁଛି ପ୍ରତ୍ୟକ୍ଷଦର୍ଶୀ ଦୁଃଖିଶ୍ୟାମ ତଦନ୍ତକୁ ବାଟବଣା କରିବାରେ ଲାଗି ପଡ଼ିଥିଲେ । ତିନିଜଣ ପୀଡ଼ିତାଙ୍କୁ ଟେକି ନେଇ ମୁହଁରେ ପେଟ୍ରୋଲ ପକାଇ ଜାଳି ଦେଲେ, ପରବର୍ତ୍ତୀ ମୁହୂର୍ତ୍ତରେ କିରୋସିନି ଢ଼ାଳି ଜାଳି ଦେଲେ ବୋଲି କହିଛନ୍ତି । ତିନିଜଣ ଯୁବକ ବୁଲେଟ ବାଇକ୍‌ରେ ଆସି ପ୍ରତ୍ୟକ୍ଷଦର୍ଶୀଙ୍କୁ ହତ୍ୟା ଧମକ ଦେଇଥିବା ମଧ୍ୟ ପ୍ରତ୍ୟକ୍ଷଦର୍ଶୀ ଦୁଃଖିଶ୍ୟାମ ସେନାପତି ପୋଲିସ ଆଗରେ କହିଥିଲେ । ବର୍ତ୍ତମାନ ବୟାନ୍ ରେକର୍ଡ଼ କରି ପୋଲିସ ଓ କ୍ରାଇମ୍ ବ୍ରାଞ୍ଚ ଟିମ୍ ଫେରିଥିବା ବେଳେ ଏବେ ଆରମ୍ଭ ହେବ କାର୍ଯ୍ୟାନୁଷ୍ଠାନ । ପୋଲିସକୁ ଭୁଲ୍ ତଥ୍ୟ ଦେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପକ୍ଷରୁ ବିଚାର ବିମର୍ଷ ଚାଲିଥିବା କୁହାଯାଉଛି । ସରକାରୀ ତଦନ୍ତକୁ ଯେ କେହି ବି ବାଟବଣା କରିଥିବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି ।

# ଟାଟା ଷ୍ଟିଲ ମେରାମଣ୍ଡଳି ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ମେରାମଣ୍ଡଳୀର ସିକ୍ୟୁରିଟି, ଅଗ୍ନି ନିରାପତ୍ତା, ସିଏସଆର୍ ଓ ପ୍ରଶାସନ ବିଭାଗର ମିଳିତ ଉଦ୍ୟମରେ ଖଡଗପ୍ରସାଦ ହାଇସ୍କୁଲରେ ଏକ ଅଗ୍ନି ନିର୍ବାପନ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପିଲାମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ । ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଏ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଅଗ୍ନି ନିରାପତ୍ତା ସମ୍ପର୍କିତ କୌଶଳ ତଥା ଘରେ ବ୍ୟବହୃତ ହେଉଥିବା ବିପଦପୂର୍ଣ୍ଣ ଉପକରଣ ଯୋଗେ ଆଶଙ୍କା ଥିବା ଅଘଟଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସଚେତନ କରଯାଇଥିଲା । କିପରି ଏହିସବୁ ବିପର୍ଯ୍ୟୟ ଓ ଅଘଟଣର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ସମସ୍ତଙ୍କୁ କ୍ଲାସରୁମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା । ଏହାସହ ଅଗ୍ନିଜନିତ ସାଧାରଣ ଦୁର୍ଘଟଣା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମ୍ପର୍କରେ ଆଲୋଚନା କରାଯାଇ କିଭଳି ଏହାର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା । ଫାୟାର ଟେଣ୍ଡର ଓ ଅନ୍ୟ ଅଗ୍ନି ନିର୍ବାପକ ଯବର ବ୍ୟବହାର ସମ୍ପର୍କରେ ବ୍ୟବହାରିକ ପ୍ରଦର୍ଶନ କରଯାଇଥିଲା । ଏଥିସହ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଟାଟା ଷ୍ଟିଲ ତରଫରୁ ଏହି ସଚେତନତାମୂଳକ ପଦକ୍ଷେପ ପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଧନ୍ୟବାଦ ଜଣାଇଥିଲେ । ଟାଟା ଷ୍ଟିଲ ମେରାମଣ୍ଡଳୀ ତରଫରୁ ଏହିଭଳି କାର୍ଯ୍ୟକ୍ରମ କମ୍ପାନୀର ଆଖପାଖ ଗ୍ରାମାଞ୍ଚଳ ତଥା ବିଦ୍ୟାଳୟରେ ନିୟମିତ ଆୟୋଜନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି ।

# ସ୍କୁଲ ନିକଟରେ ମଦ କମ୍ପାନୀ, ଅତିଷ୍ଠ ଗ୍ରାମବାସୀ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଏମିତି ଏକ ସ୍କୁଲ ଅଛି ଯେଉଁ ସ୍କୁଲ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ବେଳେ ସ୍କୁଲ ପାଚେରୀକୁ ଲାଗି ୟୁନାଇଟେଡ୍ ସ୍ପିରିଟ ଲିଃ ନାମକ ଏକ ମଦ କମ୍ପାନୀ ରହିଛି । ଏଠାରେ ବିଦେଶୀ ମଦ ତିଆରି କରାଯାଉଥିବା ବେଳେ ସ୍ପିରିଟ୍ ଦୁର୍ଗନ୍ଧରେ ଛାତ୍ରଛାତ୍ରୀ ଅତିଷ୍ଠ ହୋଇପଡ଼ିଛନ୍ତି । ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ସ୍କୁଲ ନିକଟରେ କୌଣସି ଗୁଟ୍‌କା, ପାନ, ସିଗାରେଟ୍ ଦୋକାନ ରହିବ ନାହିଁ । ମାତ୍ର ଏହି ନିର୍ଦ୍ଦେଶ ପାଣିର ଗାର ସଦୃଶ ପାଳଟିଥିବା ବେଳେ ବହୁ ପୁରାତନ ସ୍କୁଲ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏପରିକି ସ୍କୁଲ ଗୃହ ନଥିବା ବେଳେ ୫-ଟି ଅଧିନକୁ ସ୍କୁଲକୁ ନିଆଯାଇ ନାହିଁ । ଶଗଡ଼ା ପଞ୍ଚାୟତର ଏକମାତ୍ର ସରକାରୀ ଉଚ୍ଚବିଦ୍ୟାଳୟ ଥିବା ବେଳେ ଅଣଦେଖା କରାଯାଇଛି । ଯାହାକୁ ନେଇ ଅଭିଭାବକ ପିଲାଙ୍କୁ ପାଠ ପଢ଼ାଇବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଶଗଡ଼ା ପଞ୍ଚାୟତ ଏକମକଣା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରହିଛି । ୧୯୮୨ ମସିହାର ସ୍କୁଲ ହୋଇଥିବା ବେଳେ ୪୩ ବର୍ଷ ବିତି ଯାଇଥିଲେ ମଧ୍ୟ ସ୍କୁଲର ସମସ୍ୟା ଦୂର ହୋଇନାହିଁ । ସ୍କୁଲ ପଡ଼ିଆକୁ ଲାଗି ୟୁନାଇଟେଡ୍ ସ୍ପିରିଟ୍ ଲିଃ ମଦ କମ୍ପାନୀ ଥିବା ବେଳେ ମଦ ଦୁର୍ଗନ୍ଧରେ ଛାତ୍ରଛାତ୍ରୀ କବାଟ ଆଉଜାଇ ପାଠ ପଢୁଛନ୍ତି । ସ୍କୁଲର ଉତ୍ତର ପଟେ ମଦ କମ୍ପାନୀ ଥିଲେ ମଧ୍ୟ ପାଚେରୀ କରାଯାଇ ପାରୁନାହିଁ । ଯାହାକୁ ନେଇ ପ୍ରଶାସନ ସଂପୂର୍ଣ୍ଣ ଭାବେ ଏହି ସ୍କୁଲକୁ ଅଣଦେଖା କରି ଆସୁଛନ୍ତି । ସ୍କୁଲ ନିକଟରେ ପାନ, ସିଗାରେଟ୍, ଗୁଟ୍‌କା ବିକ୍ରି ହେଉ ନଥିବା ବେଳେ ଏହି ମଦ କମ୍ପାନୀ କିପରି ସ୍କୁଲକୁ ଲଗାଇ ନିର୍ମାଣ କରାଯାଇଛି ତାହା ତଦନ୍ତ ସାକ୍ଷେପ । ସ୍କୁଲରେ କ୍ଲାସ୍ ରୁମ୍ ଓ ରୋଷଘର ନଥିବା ବେଳେ କ୍ଲାସ୍ ରୁମ୍ ଭିତରେ ରୋଷେଇ କରାଯାଉଛି । ଏ ଦିଗରେ ବାରମ୍ବାର ଜନସାଧାରଣ ସ୍କୁଲ ସମସ୍ୟା ଦୂର କରିବା ପାଇଁ ଦାବି କରିଥିଲେ ମଧ୍ୟ ପୂର୍ବ ସରକାର ଅମଳରେ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ନାହିଁ । ଶଗଡ଼ା ପଞ୍ଚାୟତର ଏକମାତ୍ର ସରକାରୀ ସ୍କୁଲର ଏପରି ଅବସ୍ଥା ହୋଇଥିବା ବେଳେ ଶିକ୍ଷା ବ୍ୟବସ୍ଥା ନିମାପଡ଼ାରେ କିପରି ଚାଲିଛି ତାହା ବାରି ହୋଇପଡୁଛି । ପଞ୍ଚାୟତବାସୀ ଖବର ମାଧ୍ୟମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଦାବି କରିଛନ୍ତି ।

# ସାର କଳାବଜାରୀ ନେଇ କଂଗ୍ରେସର ଦାବିପତ୍ର



ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ସାରର ଅଭାବି ଓ କଳାବଜାରି ନେଇ କୃଷି ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳ ଉଦ୍ଦେଶ୍ୟରେ କଂଗେସ ତରଫରୁ ଏକ ଦାବିପତ୍ର ପ୍ରଦାନ କରିଛି । ପ୍ରକାଶ ଥାଉ କି ରାଇଘର ଏକ ଆଦିବାସୀ ଅଧୁଷିତ ଅଞ୍ଚଳ । ଏଠାରେ ବସବାସ କରୁଥିବା ଜନସାଧାରଣ ଚାଷ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏଠାରେ ସାର ର ଅଭାବ ପରିଲକ୍ଷିତ ସାଂଗକୁ କଳା ବଜାରି ହେଉଥିବା ଦେଖିବାକୁ ମିଳୁଛି । ଏଠାକାର ବ୍ୟବସାୟୀ ସରକାରୀ ଦର ଠାରୁ ବହୁ ଛଡ଼ା ଦରରେ ରାସାୟନିକ ସାର ବିକ୍ରି କହୁଛନ୍ତି । ତାସହ ସରକାରଙ୍କ ନିୟମ ଅନୁସାରେ ଯେତିକି କମ୍ପାନୀ ର ବିହନ ବିକ୍ରି କରିବେ ସେ ସମସ୍ତ କମ୍ପାନୀର ଲାଇସେନ୍ସ ବାଧ୍ୟତାମୂଳକ ଅଟେ । କିନ୍ତୁ ବହୁ ବ୍ୟବସାୟୀ ଗୋଟାଏ ଦୁଇଟା କମ୍ପାନୀର ଲାଇସେନ୍ସ କରି ବହୁ କମ୍ପାନୀର ବିହନ ରଖି ବ୍ୟବସାୟ କରୁଛନ୍ତି । କିଛି ବ୍ୟବସାୟୀ ୟୁରିଆ ସାର ଷ୍ଟକ ରଖି ସରକାରୀ ଦର ଠାରୁ ବହୁ ଚଢ଼ା ଦରରେ ବିକ୍ରୀ କହୁଛନ୍ତି । ଆଉ କିଛି ବ୍ୟବସାୟୀ ଛତିଶ ଗଡ଼ ସାର ଆଣି ବି ଖୁଲମ ଖୋଲା ୧୦୦୦, ରୁ ୧୫୦୦ ଟଙ୍କା ଚଢ଼ା ଦରରେ ବିକ୍ରୀ କରୁଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ସନ୍ ରାଜ ଗଣ୍ଡ । ଏହି ବିଷୟ ନେଇ କୃଷି ଅଧିକାରୀ କହିଛନ୍ତି ସରକାରୀ ହିସାବରେ ଯେତିକି ଜମି ଅଛି ତାଠାରୁ ଅଧିକ ସାର ମହଜୁଦ ଅଛି । କିନ୍ତୁ ଚାଷୀ ସାର ନ ପାଇଁ ବ୍ୟବସାୟୀ ପାଖରୁ ଚଢ଼ା ଦରରେ କ୍ରୟ କରି ଚାଷ କରୁଥିବା ଅଭିଯୋଗ କରିଛି କଂଗ୍ରେସ । ଏହି ସାର ସଙ୍କଟ ଏବଂ ଚଢ଼ା ଦରରେ ବିକ୍ରି ହେଉଥିବା ପୁର୍ବରୁ ବି ବିଭିନ୍ନ ଖବର କାଗଜ ରେ ଖବର ପ୍ରକାଶ ପାଇଛି । ତଥାପି ଅଧିକାରୀଙ୍କ ତତଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଯାହାଫଳରେ ପ୍ରାୟତଃ ସମସ୍ତ ଗାଁ ରେ ରେ ଗୋଟାଏ ଦୁଇଟା କମ୍ପାନୀ ର ଲାଇସେନ୍ସ କରି ଦୋକାନ ଖୋଲି ବିଭିନ୍ନ ପ୍ରକାରର ରସାୟନକ ସାର ବିହନ କୀଟନାଶକ ଔଷଧ ବିକ୍ରି କରୁଛନ୍ତି । ଆଉ କିଛି ବ୍ୟବସାୟୀ ଘରେ ରଖି ବ୍ୟବସାୟ କରି ଚାଷୀଙ୍କୁ ଶୋଷଣ କହୁଛନ୍ତି । ତେଣୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ ରାଜ ଗଣ୍ଡଙ୍କ ନେତୃତ୍ୱରେ ସାରର ସଙ୍କଟ ଦୁର କରିବା ସହିତ କଳା ବଜାରିଙ୍କ ଉପରେ ରୋକ୍ ଲଗାଇବାକୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିବା ଦେଖିବାକୁ ମିଳିଛି । ଏହି ଦାବି ପତ୍ର ପ୍ରଦାନ ବେଳେ ସନ୍ ରାଜ ଗଣ୍ଡଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ ପାଇଁ ଚକ୍ରାନ୍ତ: ନବନିର୍ମାଣ କୃଷକ ସଙ୍ଗଠନ




ଜଗତସିଂହପୁର(ଭାସ୍କର ନ୍ୟୁଜ): ୨୦୨୫-୨୬ ବର୍ଷରେ ଖରିଫ ଧାନ ସଂଗ୍ରହ ପକ୍ରିୟା ଚାଷୀ ମାନଙ୍କ ପାଇଁ କାଳ ସାଜିଛି । ଧାନ ସଂଗ୍ରହ ବ୍ୟବସ୍ଥାରେ ସମ୍ପୃକ୍ତ ରାଜସ୍ୱ ବିଭାଗ, ଯୋଗାଣ ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ସାଙ୍ଗକୁ ସରକାରୀ ସ୍ତରରେ ଧାନ ମଣ୍ଡିରେ ପଞ୍ଜିକରଣ ନିୟମ ପରିବର୍ତ୍ତନ ଯୋଗୁଁ ଚାଷୀକୁଳ ହା ହତାଶ ମଧ୍ୟରେ ରହିଛନ୍ତି । ଚଳିତ ଖରିଫ ଋତୁରେ ଚାଷୀ ମାନଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରିବା ପାଇଁ ଚକ୍ରାନ୍ତ ଚାଲିଛି ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ପାଇଛି । ଏଠାରେ ପ୍ରକାଶ ଥାଉକି ୨୦୨୪-୨୫ ଖରିଫ ଋତୁରେ ଜଗତସିଂହପୁର ଜିଲ୍ଲାର ୧୫ରୁ ୧୬ ମଧ୍ୟରେ ଚାଷୀମାନେ ମଣ୍ଡିରେ ଧାନ ଦେବାପାଇଁ ପଞ୍ଜିକରଣ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଗତବର୍ଷ ୪୭ ହଜାର ୭୩୬ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ସମୟରେ ୪୫ ହଜାର ୬୪୨ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଇଥିବା ବେଳେ ୨ ହଜାର ୩୪ ଚାଷୀ ବଞ୍ଚିତ ହୋଇଥିଲେ । ମାତ୍ର ଚଳିତବର୍ଷ ଜୁଲାଇ ୨୦ରୁ ଅଗଷ୍ଟ ୨୦ ମଧ୍ୟରେ ପଞ୍ଜିକରଣ ପାଇଁ ବିଳମ୍ବରେ ସମୟ ଧାର୍ଯ୍ୟ କରାଯାଇଛି ଓ ପଞ୍ଜିକରଣ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଚାଷୀଙ୍କୁ ପଞ୍ଜିକରଣ ପାଇଁ ବଂଶାବଳୀର ପ୍ରମାଣପତ୍ର ବା ୱାରସ ସଂଶୋଧନ ବାଧ୍ୟତାମୂଳକ କରାଯାଇଛି । ପଞ୍ଜିକରଣ କରିବା ପାଇଁ ଜୀବିତ ବ୍ୟକ୍ତିର ନିଜ ନାମରେ ପ୍ରତ୍ୟକ୍ଷ ଚାଷ ଜମି ରେକର୍ଡ ଥିବା ବାଧ୍ୟତାମୂଳକ ହୋଇପଡିଛି । ଯେଉଁ ଉତ୍ତରାଧିକାରୀ ମାନେ ବାସ୍ତବରେ ଚାଷ କରୁଛନ୍ତି ମାତ୍ର ଚାଷ ଜମିର ରେକର୍ଡ ମାତ୍ର ଚାଷ ଜମିରେ ୱାରସ ସଂଶୋଧନ କରାଯାଇନାହିଁ ଓ ସେମାନେ ପଞ୍ଜିକୃତ ହୋଇପାରିନାହାନ୍ତି । ପିତୃ ଅର୍ଜିତ ଚାଷଜମି ମୃତ ବ୍ୟକ୍ତି ନାମରେ ରହିଥିଲେ ଉତ୍ତରାଧିକାରୀ ମାନେ ପଞ୍ଜିକରଣ ପାଇଁ ଯେଉଁ ନିୟମ ପ୍ରଣୟନ କରାଯାଇଛି ସେଥିରେ ରାଜସ୍ୱ ବିଭାଗ (ଆରଆଇ ସର୍କଲ) କାଳ କ୍ଷେପଣ ନୀତି ଅବଲମ୍ବନ କରାଯାଇଛି । ଉକ୍ତ ପ୍ରସଙ୍ଗକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୨୫୭୬/୨୫ ଜୁଲାଇ ୨୦୨୫ରେ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଉନାହିଁ । ଏଭଳି ପ୍ରସଙ୍ଗରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି ଯେ ଜୁଲାଇ ୨୦ରୁ ଅଗଷ୍ଟ ୧ ତାରିଖ ମଧ୍ୟରେ ମାତ୍ର ୧୨ ହଜାର ୨୪୨ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଅର୍ଥାତ ନିର୍ଧାରିତ ସମୟସୀମା ମଧ୍ୟରେ ପଞ୍ଜିକରଣ କରିବାରେ ୨୫ ହଜାରରୁ ଉର୍ଦ୍ଧ ଚାଷୀ ବଞ୍ଚିତ ହେବାର ସମ୍ଭାବନା ରହିଛି । ଏଭଳି ସ୍ଥିତିରେ ସରକାରୀ ନିୟମର ସରଳିକରଣ କରାଯାଇ ଚାଷୀ ମାନଙ୍କୁ ପଞ୍ଜିକୃତ ହେବାର ସୁଯୋଗ ଦେବାପାଇଁ ନବନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସଂଗଠକ ରଶ୍ମିରଞ୍ଜନ, ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ବରିଷ୍ଠ ସଂଗଠକ ଭୁବନାନନ୍ଦ ନାୟକ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ମତପ୍ରକାଶ କରିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଚାକିରି ଜୀବନରୁ ଅବସର ଗ୍ରହଣ କରିଥିବା କେନ୍ଦୁଝର ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏକ ଭାବପୂର୍ଣ୍ଣ ପରିବେଶରେ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶ୍ରୀ ଦେଓଙ୍କ ଉତ୍ସର୍ଗୀକୃତ ସେବାର ପ୍ରଶଂସା କରିଥିଲେ । ଶ୍ରୀ ଦେଓଙ୍କ କାର୍ଯ୍ୟକାଳକୁ ପ୍ରଶଂସା କରିଛନ୍ତି ଜିଲ୍ଲାପାଳ ଶ୍ରୀ ସିଂହ । ଶ୍ରୀ ଦେଓ ସର୍ବଦା ତାଙ୍କର ଶାନ୍ତ ଆଚରଣ, କେନ୍ଦ୍ରିତ ଆଭିମୁଖ୍ୟ ଏବଂ ଦଳଗତ ମନୋଭାବ ପାଇଁ ଜଣାଶୁଣା । ବିଭିନ୍ନ ଛାତ୍ରବୃତ୍ତି ଏବଂ ଛାତ୍ରାବାସ କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା, ସଶକ୍ତିକରଣ ଏବଂ ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ମିଳିଥିବା ଦାୟିତ୍ୱ ସୁଚାରୁରୂପେ ତୁଲାଇବାରେ ତାଙ୍କର ଅବଦାନ ପ୍ରଶଂସନୀୟ ବୋଲି ମଧ୍ୟ କହିଥିଲେ । ଏହି ଅବସରରେ ଶ୍ରୀ ପ୍ରବୀର କୁମାର ଦେଓ ଜିଲ୍ଲା ପ୍ରଶାସନ ଏବଂ ତାଙ୍କ ସହକର୍ମୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଶ୍ରୀ ଦେଓ ୧୯୯୦ ମସିହାରେ ମୟୂରଭଞ୍ଜ ଜିଲ୍ଲା ସାରକଳଣା ବ୍ଲକରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ନିଜ ଚାକିରି ଆରମ୍ଭ କରି ପରେ ଗଞ୍ଜାମ, ଝାରସୁଗୁଡ଼ା ଓ କେନ୍ଦୁଝରରେ ସୁଚାରୁରୂପେ ନିଜ ଦାୟିତ୍ୱ ସମ୍ପାଦନ କରି ଉପରିସ୍ଥ ଅଧିକାରୀଙ୍କ ପ୍ରଶଂସା ସାଉଁଟିଥିଲେ ।



## ମିଲେଟ୍ ଅନ୍ ହ୍ୱିଲସ୍‌ର ଶୁଭାରମ୍ଭ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଶ୍ରୀ ଅନ୍ନ ଅଭିଯାନ ଅନ୍ତର୍ଗତରେ ମିଲେଟ୍ ଅନ୍ ହ୍ୱିଲ୍ସର ଉଦ୍ଘାଟନୀ କାର୍ଯ୍ୟକ୍ରମ ଗୁରୁବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କେନ୍ଦୁଝର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ, ଯୋଜନା ଅଧିକାରୀ, ଶ୍ରୀ ଅନ୍ନ ଅଭିଯାନ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝର, ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ଅଧିକାରୀ କାର୍ଯ୍ୟାଳୟଙ୍କ କର୍ମଚାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିସନ ଶକ୍ତି କେନ୍ଦୁଝର ଅନ୍ୟାନ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥି ସହିତ ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟ, କେନ୍ଦୁଝରଠାରେ ମିଲେଟ୍ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି କାର୍ତ୍ତିକେଶ୍ୱର ପେଣ୍ଡାଲ


ଯୁବତୀଙ୍କୁ ଦୁର୍ବ୍ୟବହାର, ଥାନାରେ ମାମଲା

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୨ନଂ. ୱାର୍ଡ଼ରେ ଅବସ୍ଥିତ କାର୍ତ୍ତିକେଶ୍ୱର ପୂଜା ପେଣ୍ଡାଲ କିଛିଦିନ ଧରି ଅସାମାଜିକ ବ୍ୟକ୍ତି ଓ ମଦ୍ୟପ ମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସ୍ଥାନୀୟ କିଛି ଯୁବକ ସେଉଁମାନଙ୍କ ନାମରେ କି ଥାନାରେ ଆଗରୁ ଗଣ୍ଡଗୋଳ କରିବାର ଅନେକ ମାମଲା ରହିଛି ସେମାନେ ରାତି ହେଲେ ଏହି ପେଣ୍ଡାଲରେ ବସି ମଦ୍ୟପାନ କରିବା ସହିତ ଅନେକ ସମୟରେ ଭୋଜି ଭାତ କରି ପାଟିତୁଣ୍ଡ କରୁଛନ୍ତି । ସ୍ଥାନୀୟ ବାସିନ୍ଦାମାନେ ଏସବୁ ଦେଖି ମଧ୍ୟ ସେମାନଙ୍କ ଭୟରେ ଖୁଲମ ଖୁଲା ବିରୋଧ କରିପାରୁନାହାନ୍ତି । ଗତ ମଙ୍ଗଳବାର ରାତିରେ ଏହି ଯୁବକମାନେ ଏଠାରେ ମଦ୍ୟପାନ କରିବା ପରେ ପାଖରେ ରହୁଥିବା ବାବୁଲା କୁମାର ନାୟକ ଘର କାବଟ ବାଡ଼େଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ଶ୍ରୀ ନାୟକ କବାଟ ଖୋଲି ଦେଖିବାରୁ ସେମାନେ ତାଙ୍କୁ ମାରଧର କରି ଘରେ ଥିବା ତାଙ୍କର ୧୯ବର୍ଷୀୟା ଝିଅକୁ ଟାଣି ଆଣି ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ଦୁର୍ବ୍ୟବହାର କରିବା ସହିତ ଝିଅର ସମ୍ବେଦନଶୀଳ ଅଙ୍ଗକୁ ଛୋଇଦେଇ କରିଥିବାର ଅଭିଯୋଗ ଚୌଦ୍ୱାର ଥାନାରେ ହୋଇଥିବାର ଜଣାପଡ଼ିଛି । ଏ ସବୁ ଗଣ୍ଡଗୋଳ ଶୁଣି ବାହାରକୁ ଆସି ଅଟକେଇବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ଗାଳି କରି ଧମକ ଚମକ ଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ଶ୍ରୀ ନାୟକ ଲେଖିଛନ୍ତି । ଚୌଦ୍ୱାର ଥାନା ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ୧୨ନଂ. ୱାର୍ଡ଼ର ଅଶିଷ ମହନ୍ତି ପିତାଙ୍କ ମହାନ୍ତି, ସୁବ୍ରତ ସ୍ୱାଇଁ ଓରଫ୍ ଟିଷ୍ଟୁ ପିତା ଶ୍ୟାମ ସ୍ୱାଇଁ ଓ ଯଶୋବନ୍ତ ପାତ୍ର ଓରଫ୍ ଗୁଲୁଙ୍କ ନାମରେ ମାମଲା ରୁଜୁ କରି ଭାରତୀୟ ନ୍ୟାୟ ସଂହିତାରେ ୨୯୬,୧୧୫(୨), ୩୨୯(୪), ୭୪, ୩୫୧(୩), ୩(୫) ଦଫା ଲଗାଇ ମାମଲା ରୁଜୁ କରିଛନ୍ତି । ଗଣ୍ଡଗୋଳ ସମୟରେ ଉପସ୍ଥିତ ଅନ୍ୟ ୪ଜଣଙ୍କ ସମ୍ବନ୍ଧରେ ତଦନ୍ତ ଜାରି ରହିଛି । ପ୍ରକାଶ ଥାଉକି, ଉପରୋକ୍ତ ଯୁବକମାନେ ଅତୀତରେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ କରି ଥାନାରେ ସେମାନଙ୍କ ନାମରେ ମାମଲା ରହିଥିବାର ଜଣାପଡ଼ିଛି । ଜନବସତି ଅଞ୍ଚଳରେ ରହିଥିବା ଏହି କାର୍ତ୍ତିକେଶ୍ୱର ପେଣ୍ଡାଲରେ ପ୍ରତିଦିନ ରାତି ୯ଟା ହେଲେ ଆସର ଜମୁଥିବାରୁ ପୋଲିସ, ପିସିଆର ଭ୍ୟାନ୍ ଏହାକୁ ଗୁରୁତର ସହ ନେଇ ସେଠାରେ ପଇଁତରା ମାରିବା ପାଇଁ ଅଞ୍ଚଳବାସୀ ପୋଲିସ୍‌କୁ ଅନୁରୋଧ କରିଛନ୍ତି ।

## ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ସମଗ୍ର ଶିକ୍ଷା, କୋରାପୁଟ ଦ୍ୱାରା ଆୟୋଜିତ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ଲକ୍ଷ୍ମୀପୁର ଦ୍ୱାରା ପରିଚାଳିତ ବ୍ଲକ୍ ସ୍ତରୀୟ ଅକ୍ଷିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଚଷମା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରି ଶିବିରର ଶୁଭ ଉଦ୍ଘାଟନ କରିଥିଲେ । ସାଙ୍ଗାନ୍ନା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ସାଉନ୍ତା ଏହି ଶିବିର ଆୟୋଜନର ଉଦ୍ଦେଶ୍ୟ ଅବଗତ କରାଇବା ସହ ନିଜେ ଛାତ୍ରଛାତ୍ରୀଙ୍କୁ ଚଷମା ପିନ୍ଧାଇଥିଲେ । ଗତ ମାର୍ଚ୍ଚ ୨୫ ତାରିଖରେ ସ୍ଥାନୀୟ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ସୁନେତ୍ର କାର୍ଯ୍ୟକ୍ରମରେ ଚକ୍ଷୁ ପରୀକ୍ଷା କରି ୨୦ ଜଣ ଛାତ୍ର ଛାତ୍ରୀଙ୍କୁ ଚଷମା ପ୍ରଦାନ ପାଇଁ ସ୍ଥିର ହୋଇଥିଲା । ଉକ୍ତ ଶିବିରରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ଟାକ୍ରି, ଭାର ପ୍ରାପ୍ତ ବିଆରସି ଭାବେ କୃଷ୍ଣ କୁଲଦୀପ, ସଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ଖୋସଲା, ବିଧାୟକଙ୍କ ପ୍ରତିନିଧି ମଣ୍ଟୀ ଖରା ଯୋଗ ଦେଇଥିଲେ । ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଶିବିର ପରିଚାଳନା କରିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଭିନ୍ନକ୍ଷମ ବିଭାଗରେ କାର୍ଯ୍ୟରତ ଶିକ୍ଷକ ସରୋଜ କୁମାର ଜେନା, ହେମନ୍ତ ମହାନନ୍ଦିଆ, ମହାଦେବ କର୍କରା, କୁଳନିଧି ବିଡିକା, ମନୋଜ କୁମାର ମଣ୍ଡିଙ୍ଗା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ ।

## ବର୍ଷାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଲେ ବିଧାୟକ

ଖଇରପୁଟ, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ଦୁର୍ଗମ ପଞ୍ଚାୟତ କୁହାଯାଉଥିବା ବଡ଼ଡୁରାଲ ପଞ୍ଚାୟତ ଗସ୍ତ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ । ଗତ କିଛିଦିନର ଲଗାଣ ବର୍ଷାରେ ବିଭିନ୍ନ ସ୍ଥାନରେ ଘର ଭାଙ୍ଗି ଯାଇଥିବା ଖବର ପାଇ ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତ ପରିବାରର ଦୁଃଖ ବୁଝିବାକୁ ନିଜେ ପହଞ୍ଚିଥିଲେ ବିଧାୟକ ଶ୍ରୀ ଖିଲ । ବଡଡୁରାଲ ପଞ୍ଚାୟତର ସାନଡୁରାଲ ଏବଂ ମାଳୀଗୁଡା ଗ୍ରାମରେ ଲଗାଣ ବର୍ଷା ଫଳରେ କିଛି ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଜଣେ ବ୍ୟକ୍ତି ନିଜ ଛୁଆ ମାନଙ୍କୁ ନେଇ ରାତ୍ରି ସମୟରେ ଶୋଇବା ବେଳେ ହଠାତ ଘର ଭୁଷୁଡ଼ି ଯାଇ ତାଙ୍କ ଉପରେ ସମ୍ପୂର୍ଣ୍ଣ ଛାତ ପଡ଼ି ଯାଇଥିଲା । ଅଳ୍ପ କିଛି ସମୟ ମଧ୍ୟରେ ଗ୍ରାମବାସୀଙ୍କ ଦ୍ୱାରା ତାଙ୍କ ପରିବାର ବର୍ଗଙ୍କୁ ଉଦ୍ଧାର କରାଯାଇଥିଲା । ତେଣୁ ବିଧାୟକ ଉକ୍ତ ପଞ୍ଚାୟତ ଗସ୍ତରେ ଯାଇ କ୍ଷୟକ୍ଷତିର ଆକଳନ କରି ସ୍ଥାନୀୟ ପ୍ରଶାସନକୁ ଅବଗତ କରି କିପରି ସେମାନଙ୍କ ନିକଟରେ ସମସ୍ତ ସରକାରୀ ସହାୟତା ପହଞ୍ଚି ପାରିବ ସେନେଇ ପ୍ରଶାସନ ସହ ଆଲୋଚନା କରିଥିବା କହିଛନ୍ତି । ତେବେ ଗ୍ରାମବାସୀ ମଧ୍ୟ ଆଗରୁ କେବେ କୌଣସି ବିଧାୟକଙ୍କ ପାଦ ତାଙ୍କ ଗ୍ରାମରେ ନ ପଡ଼ିଥିବାରୁ ବର୍ତ୍ତମାନ ଏହି ନୂତନ ବିଧାୟକ ଶ୍ରୀ ଖିଲଙ୍କ ପାଦ ପଡ଼ିବା ଦେଖି ଗ୍ରାମବାସୀଙ୍କ ଅସୁବିଧା ସମୟରେ ସେ ସାଥି ହୋଇଥିବାରୁ ତାଙ୍କୁ ଅଞ୍ଚଳବାସୀ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଦୁର୍ଘଟଣାର କାରଣ ସାଜୁଛି ହମ୍ପ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ ଛକ ମଧ୍ୟରେ ଯାଉଥିବା ତିନିମୁହାଣି ନିକଟ କେନ୍ଦ୍ରାପଡ଼ା ସ୍ୱଂୟ ଶାସିତ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟିଆସୁଛି । ପ୍ରାୟ ୪ ମାସ ହେବ ରାତି ଅଧିଆ ପୂର୍ତ୍ତ ବିଭାଗ ପକ୍ଷରୁ ୬ ଟିକିଆ ହମ୍ପ୍ ଗୁଡିକ ପାଖା ପାଖି ୫୦ ମିଟର ଦୂରରେ ୨ଟି ନିର୍ମାଣ କରାଯାଇଛି । ହମ୍ପ ଗୁଡିକ ଉଚ୍ଚ ଓ ପାଖା ପାଖି ଥିବାରୁ ଦୁଇ ଚକିଆ ଯାନ ସହ ଚାରି ଚକିଆ ଯାନର ଗତି ହଠାତ୍ ସ୍ଥିର ହୋଇ ଦୈନ ଦିନ ଦୁର୍ଘଟଣା ଘଟାଉଛନ୍ତି । ପୂର୍ତ୍ତ ବିଭାଗର ମନମୁଖୀ କାର୍ଯ୍ୟ ପାଇଁ ସାଧାରଣ ଲୋକଙ୍କ ନିତିଦିନ ହଇରାଣ ହରକତ ହେଉଛନ୍ତି । ରାତି ଦିନ ଏହି କଟକ ଚାନ୍ଦ ବାଲି ମୁଖ୍ୟ ରାସ୍ତା ରେ ହଜାର ହଜାର ଗାଡ଼ି ଯାତାୟାତ ହେଉଥିବା ବେଳେ ଅଜଣା ହମ୍ପ ଗୁଡିକ ପାଇଁ ଦୁର୍ଘଟଣାର ଶିକାର ହେଉଛନ୍ତି । ପାଖା ପାଖି ୨ଟି ୬ଟିକିଆ ହମ୍ପ ଗୁଡିକ କରିବା ପାଇଁ କିଏ ଅନୁମତି ଦେଲେ ଓ କେଉଁ ନିୟମ ଅନୁଯାୟୀ ରାଜ୍ୟ ରାଜ ପଥ ମୁଖ୍ୟ ରାସ୍ତାରେ ହମ୍ପ ଗୁଡିକ ନିର୍ମାଣ ହେଲା ଏହା ଉପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧି ଯିବୁ ଦାବି ରଖିଛନ୍ତି ।

## ୬ ମାଓବାଦୀ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଓ ସଂଗଠନର ଶହୀଦ ସପ୍ତାହ ପାଳନ ସମୟରେ ମାଓ ଦମନ ଅଭିଯାନ ବେଳେ ସୁରକ୍ଷାକର୍ମୀ ଦ୍ୱାରା ଏକ ଲକ୍ଷ ଇନାମୀ ଦୁଇ ମାଓବାଦୀ ସମେତ ୬ସକ୍ରିୟ ମାଓବାଦୀଙ୍କୁ ଗିରଫ କରାଯାଇଛି । ଗିରଫ ସମସ୍ତ ମାଓବାଦୀ ମାଓ ସଂଗଠନର ଡିଏକେଏମ୍ଏସ୍, ଆରପିସି, ଜିଆରଡି, ଏବଂ ମିଲିସିଆ ସଦସ୍ୟ ଭାବେ ସକ୍ରିୟ ରହି ମାଓ ସଂଗଠନ ପାଇଁ ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକରୁଥିବା ବସାଗୁଡ଼ ପୋଲିସ ଠାରୁ ସୂଚନା ମିଳିଛି । ସୂଚନା ଅନୁଯାୟୀ, ମାଓ ସଂଗଠନର ଶହୀଦ ସପ୍ତାହ ଚାଲିଥିବା ଯୋଗୁଁ ସୁରକ୍ଷା ଦୃଷ୍ଟିରୁ ଛତିଶଗଡ଼ର ବିଜାପୁର ଜିଲ୍ଲାର ବସାଗୁଡ଼ା ଥାନା ଅନ୍ତର୍ଗତ ଧରମାପୁର ନିକଟବର୍ତ୍ତୀ ଜଙ୍ଗଲରେ ଡିଆରଜି, କୋବ୍ରା-୨୧୦ ବାହିନୀର ମିଳିତ ଦଳ ତଲାସୀ ଅଭିଯାନ କରୁଥିବା ସମୟରେ ଜଙ୍ଗଲ ମଧ୍ୟରୁ ବିସ୍ଫୋରକ ସାମଗ୍ରୀ ସହ ଦୁଇ ମହିଳା ସମେତ ୬ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘେରବନ୍ଦୀ କରି ଧରିବା ପରେ ବସାଗୁଡା ଥାନାକୁ ନେଇ ଅଧିକ ପଚାରାଉଚରା କରିବା ପରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲେ । ଗିରଫ ମାଓବାଦୀମାନେ ହେଲେ ଉଇକା ସେଇତୁ(୩୨)ବର୍ଷ, କୁଞ୍ଜାମ ସୋମଲୁ(୩୫)ବର୍ଷ, ପଦମ ସଂନୁ(୩୧)ବର୍ଷ, ଉଇକା ନାଗେଶ(୨୯)ବର୍ଷ, ଉଇକା ପାଇକେ(୩୩)ବର୍ଷ, ଉଇକା ଜମଲି(୨୫) ବର୍ଷ । ଗିରଫ ମାଓବାଦୀମାନଙ୍କ ଠାରୁ ଟିଫିନ ବମ, ଡିଟୋନେଟର, କର୍ଡେକ୍ସ ୱାୟାର, ସେଫଟିଂ ଫ୍ୟୁଜ ୱାୟାର, ଇଲେକ୍ଟ୍ରିକ ୱାୟାର, ଲୁହା ଶାବଳ ସୁରକ୍ଷାକର୍ମୀ ଦଳ ଜବତ କରିଛନ୍ତି । ଗିରଫ ମାଓବାଦୀଙ୍କୁ ବିଜାପୁର କୋର୍ଟଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### ମୁଖ୍ୟମନ୍ତ୍ରୀଙ୍କ ବଣ୍ଡାଘାଟୀ ଗସ୍ତ ଘୋଷଣା

## ଆବାସ ଯୋଜନା ନେଇ ଥିବା ଅସନ୍ତୋଷ ଜାହିର କରିବା ଅପେକ୍ଷାରେ ବଣ୍ଡା ମହିଳା

ଖଇରପୁଟ, (ଭାସ୍କର ନ୍ୟୁଜ୍) : କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବଣ୍ଡା ମହିଳାଙ୍କ କଥା ରଖି ବଣ୍ଡାଘାଟୀ ଗସ୍ତ କରିବେ ବୋଲି ଘୋଷଣା କରିଥିଲେ । ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ବଣ୍ଡାଘାଟୀ ଅଞ୍ଚଳର ଗସ୍ତ ମଧ୍ୟ କରିବାକୁ ଯାଉଛନ୍ତି । କିନ୍ତୁ ତାଙ୍କ ଗସ୍ତ ପୂର୍ବରୁ ବଣ୍ଡାଘାଟୀ ବାସିନ୍ଦାଙ୍କ ମଧ୍ୟରେ ଏକ ଗଭୀର ଅସନ୍ତୋଷ ଦେଖାଯାଉଛି । କାରଣ, କିଛି ମାସ ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ବଣ୍ଡାଘାଟୀ ଗସ୍ତ କରି ଏଠି ନିର୍ମାଣ ଚାଲୁଥିବା ଆବାସ ଯୋଜନା ପାଇଁ ଅଧିକ ୫୦,୦୦୦ ଟଙ୍କା ଅନୁଦାନ ଘୋଷଣା କରିଥିଲେ । ଏହି ଅଞ୍ଚଳର ଅନେକ ଜନଜାତି ପରିବାର ଆଶା କରିଥିଲେ ଯେ ଏହି ଅନୁଦାନ ଦ୍ୱାରା ସେମାନେ ନିଜର ଆବାସ ନିର୍ମାଣ କାମ ଶେଷ କରିପାରିବେ । କିନ୍ତୁ ଦୁଃଖର ବିଷୟ ହେଉଛି ଏପର୍ଯ୍ୟନ୍ତ ସେହି ଅନୁଦାନ କୌଣସି ଲୋକଙ୍କୁ ମିଳିନାହିଁ । ଦୁଇଟି ପଞ୍ଚାୟତ ମୁଦୁଲିପଡ଼ା ଓ ଅଣ୍ଡରାହାଲକୁ ନେଇ ବଣ୍ଡାଘାଟୀ । ଅଣ୍ଡରାହାଲ ପଞ୍ଚାୟତରେ ୫୭୦ ଘର ଆସିଥିବା ବେଳେ ମାତ୍ର ୧୫ ଘର ସଂପୂର୍ଣ୍ଣ ହୋଇଥିବା ବେଳେ ମୁଦୁଲିପଡ଼ା ପଞ୍ଚାୟତରେ ୫୯୧ ଘର ଆସିଥିବା ବେଳେ ସେଥିରୁ ମାତ୍ର ୧୪ ଘର ହିଁ ସମ୍ପୂର୍ଣ୍ଣ ହୋଇଛି । ବଣ୍ଡାଘାଟୀରେ ଅନେକ ଆବାସ ଗୃହ ଅଟକି ହୋଇ ପଡ଼ିଛି ଯାହା ଦ୍ୱାରା ବଣ୍ଡା ଜନଜାତିଙ୍କ ମାଟି କୁଡିଆରେ ହିଁ ରହୁଛନ୍ତି । ଏହି ଅବସ୍ଥା ଦେଖି ବଣ୍ଡାଘାଟୀ ବାସିନ୍ଦା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଗସ୍ତ ସମୟରେ ସେମାନେ ସାକ୍ଷାତ କରି ଏହି ଅସୁବିଧା ବିଷୟରେ ଅନୁରୋଧ କରିବେ ଓ ନିଜ ଦୁଃଖ କଥା କହିବେ । ପୂର୍ବ ସରକାର ବଣ୍ଡାଘାଟୀକୁ ଫୋକୋସରେ ରଖି ବଣ୍ଡାଘାଟୀକୁ ପକ୍କା ରାସ୍ତା ଘାଟିକୁ ଲକ୍ଷ୍ମୀ ବସ ଆଦି ସୁବିଧା ଯୋଗାଇଥିଲେ । କିନ୍ତୁ ଚଳିତ ସରକାର ଏପର୍ଯ୍ୟନ୍ତ ବଣ୍ଡାଘାଟୀରେ ଆଖିଦୃଶିଆ କୌଣସି ଉନ୍ନୟନ ମୂଳକ କାମ କରିନାହାଁନ୍ତି । ଯାହା ପାଇଁ ଜନଜାତିଙ୍କ ମନରେ ଏକ ପ୍ରକାର ଆଶଙ୍କା ସୃଷ୍ଟି ହୋଇଛି । ଏହି ଘଟଣା ବଣ୍ଡାଘାଟୀ ଅଞ୍ଚଳର ଗରିବ ଓ ଜନଜାତି ସମୁଦାୟଙ୍କ ଆବଶ୍ୟକତା ଓ ଅପେକ୍ଷାକୁ ପ୍ରକାଶ କରୁଛି । ସରକାର ଏହି ଦିଗରେ ଗଭୀର ଧ୍ୟାନ ଦେଉଥିଲେ ଅଞ୍ଚଳର ଜନସାଧାରଣ ଲାଭାନ୍ୱିତ ହେବେ ବୋଲି ବଣ୍ଡାଘାଟୀ ଲୋକଙ୍କର ଆଶା ।

## କିନ୍ନର ସଂଘ ପକ୍ଷରୁ ମା’ ଦଶାମାଙ୍କ ପୂଜା



ବାଲୁଗାଁ, (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ କ୍ରିଷ୍ଣା ନଗରରେ ଦଶାମା କିନ୍ନର ସଂଘ ପକ୍ଷରୁ ମା’ ଦଶାମାଙ୍କ ପୂଜା ବହୁ ଆଡ଼ମ୍ବରରେ ପାଳିତ ହୋଇଛି । ଦୀର୍ଘ ୧୮ବର୍ଷ ଧରି ଏହି ପୂଜା ବହୁ ଜାକଜମକରେ ପାଳନ କରାଯାଉଥିବା କିନ୍ନର ସଂଘ ସଭାନେତ୍ରୀ ଜ୍ୟୋତି କହିଛନ୍ତି । ପ୍ରତିବର୍ଷ ଏହା ଶ୍ରାବଣ ମାସ ଅମାବାସ୍ୟା ଦିନ ଆରମ୍ଭ ହୋଇ ୧୦ ଦିନ ବ୍ୟାପୀ ପୂଜାର୍ଚ୍ଚନା କରାଯାଇଥାଏ । ପୂଜାରେ ମା’ଙ୍କୁ ବିଭିନ୍ନ ପ୍ରକାର ପିଠାପଣା ସହ ଫଳ ଭୋଗ ଲାଗି କରାଯାଇଥାଏ । କିନ୍ନର ସଂଘ ସଭାନେତ୍ରୀ ଜ୍ୟୋତିଙ୍କ ପ୍ରଚେଷ୍ଟା ଏବଂ ସମସ୍ତ କିନ୍ନରମାନଙ୍କ ସହଯୋଗରେ ୧୦ ଦିନ ଧରି ଏହି ପୂଜା କରାଯାଇଥାଏ । ଇଷ୍ଟ ଦେବୀଙ୍କୁ ପୂଜାର୍ଚ୍ଚନା କଲେ ସମାଜର ମଙ୍ଗଳ ହୋଇ ଥାଏ ବୋଲି ବ୍ରତଧାରୀ କିନ୍ନର ମାନେ କହିଛନ୍ତି ।

## ମହାପୁରୁଷଙ୍କ ସ୍ମୃତିପୀଠ ସାଜିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ



ରେଢାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଓଡ଼ିଶାର ମୁଖଦ୍ୱାର କୁହାଯାଉଥିଲେ ମଧ୍ୟ ଏଠାକାର ଐତିହ୍ୟ ଅତି ପ୍ରାଚୀନ ତଥା ପାରମ୍ପାରିକ, ସାଂସ୍କୃତିକ ରିତିନିତିରେ ଆଜି ପର୍ଯ୍ୟନ୍ତ ନିଜର ପରିଚୟକୁ ବଖାଣୁଛି । ଏହି ସହରର ମୁଖ୍ୟ ଛକଠାରେ ବିଭିନ୍ନ ମହାପୁରୁଷଙ୍କ ସ୍ମୃତି ପ୍ରତିମା ଅଛି । ଏହାର ମୁଖ୍ୟ ଛକ ଉପରେ ସନ୍ଥକବି ଭୀମଭୋଇଙ୍କ ପ୍ରତିମା ଏହାର ସମ୍ମୁଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମା ଶୋଭାପାଉଛି । ହେଲେ ଦୁଃଖର ବିଷୟ ସନ୍ଥ କବି ଭୀମଭୋଇଙ୍କୁ ବିଭିନ୍ନ ସାଜସଜ୍ଜା ରୁପ ଦେଇ ଆଲୋକରେ ଆଲୋକିତ କରିଥିବା ବେଳେ ସମ୍ମୁଖରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମା ସମ୍ମୁଖ ଭାଗ ସାଜିଛି ଜରାଜୀର୍ଣ୍ଣ । ଯିଏ ନିଜ ଜୀବନକୁ ସମ୍ପୂର୍ଣ୍ଣ ରୂପେ ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରିଦେଇଥିଲେ । ତାଙ୍କ ପ୍ରତି ଏହାକଣ ଆମରସେବା । ଜାହା ଆଗରେ ବିଭିନ୍ନ ଦୋକାନ ବଜାରରେ ପରିପୂର୍ଣ୍ଣ । ନା ଲାଗିଛି ଆଲୋକ ନା ଏହାର ସାଜସଜ୍ଜା, ସକାଳ ହେଲେ ଉକ୍ତ ମହାପୁରୁଷଙ୍କ ସାମ୍ନାରେ ପଡୁଛି ଚାହାକପ ଏବଂ ଜଳଖିଆ ଦୋକାନର ଦନା ପୁଣି ଏହା ସାଜିଛି ସାଧାରଣ ଜନତାଙ୍କ ସାଇକିଲ୍ ଓ ବାଇକ୍ ଷ୍ଟାଣ୍ଡ । ମନ ଇଚ୍ଛା ଲୋକେ ଏହାକୁ ପାର୍କିଂ ସ୍ଥଳ ଭାବି ବିଭିନ୍ନ ଯାନବାହାନ ରଖୁଥିବା ଦୃଶ୍ୟମାନ ହୋଇଛି । ଯଦ୍ୱାରାକି ଏହି ମହାପୁରୁଷଙ୍କ ସ୍ମୃତି ପ୍ରତିମା ଟି ଲୁଚିରହି ସ୍ୱଷ୍ଟ ଭାବରେ ନା ଦିନରେ ନାରାତି ଜଣାପଡୁନାହିଁ । ଏଥିରୁ ସ୍ୱଷ୍ଟ ଜଣାପଡୁଛି ଯେ ମହାପୁରୁଷଙ୍କୁ ଏଠାକାର ସ୍ଥାନୀୟ ପ୍ରଶାସନ କେତେ ମହାନତା ଦେଖାଉଛି । ତେଣୁ ଏହାକୁ ଗୁରୁତର ସହକାରେ ନେଇ ଏଥିପ୍ରତି ପଦକ୍ଷେପ ନେଇ ଏହି ଉତ୍କଳ ମଣୀ ଗୋପବନ୍ଧୁ ଦାସଙ୍କ ସ୍ମୃତି ପ୍ରତିମା ସମ୍ମୁଖରେ ଖୋଲିଥିବା ବିଭିନ୍ନ ଦୋକାନ ଗୁଡିକ ହଟାଇ ଏହାର ସୌନ୍ଦର୍ଯ୍ୟକରଣ, ଆଲୋକିତ ଏବଂ ପାର୍କିଂ ହେଉଥିବା ଗାଡିମଟରକୁ ତାଗିଦ୍ କରିବାକୁ ସାଧାରଣରେ ଅଭିଯୋଗ ହେଉଛି ।

## କୋଟିଆରେ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କଲେ ଜିଲ୍ଲାପାଳ



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ପଟାଙ୍ଗି ବ୍ଲକର ବିବାଦୀୟ କୋଟିଆ ପଞ୍ଚାୟତକୁ ଅଚାନକ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ତଦାରଖ କରିଛନ୍ତି । ଏଥିସହ ଆନ୍ଧ୍ରର ଅନୁପ୍ରବେଶର ପ୍ରକୃତ ଉଦ୍ଦେଶ୍ୟ କଣ ସେ ନେଇ ଉପସ୍ଥିତ ଜିଲ୍ଲା ଏବଂ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳ ଶ୍ରୀ ମହାଜନ ପ୍ରଥମେ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ବୁଲି ଦେଖିଥିଲେ । ଏହାପରେ ଆନ୍ଧ୍ର ସୀମାକୁ ଲାଗି ରହିଥିବା ନେରିଡ଼ିବାଲସା ଗ୍ରାମରେ ପହଞ୍ଚି ଓଡିଶା ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରଖ କରିବା ସହ ଆନ୍ଧ୍ର ପକ୍ଷରୁ ହୋଇଥିବା କିଛି ଉନ୍ନୟନ କାର୍ଯ୍ୟ ଦେଖିଥିଲେ । ପରେ ତାଡିବାଲସା ଗ୍ରାମରେ ପଂହଚି ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ବିଦ୍ୟାଳୟର ରୋଷେଇ ଗୃହରେ ରହିଥିବା ସମସ୍ୟା ସମ୍ପର୍କରେ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଜିଲ୍ଲାପାଳ ମହାଜନ ମାଡକାର, ‘ଗୁଣସିନେରି, ଫାଟୁସିନେରି ଗ୍ରାମରେ ପହଞ୍ଚି ଓଡିଶା ପକ୍ଷରୁ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଥିଲେ । ପଞ୍ଚାୟତର ସରପଞ୍ଚ ଲିୟୁ ଗେମେଲ, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ସିଡିଓ ବେଣୁଧର ଶବର, ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ, ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଅଜୟ ରାମ ତରାଇ ଓ ପିଇଓ କୋଣ୍ଡା ଗୋଲୋରୀ ସହ ଆଲୋଚନା କରି ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିଥିଲେ ।

## ରୋଟାରୀ କ୍ଲବ ପକ୍ଷରୁ ଦନ୍ତ ପରୀକ୍ଷା ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଡିମ୍ବୋ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ରୋଟାରୀ କ୍ଲବ କେନ୍ଦୁଝର ତରଫରୁ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତରଙ୍କ ସହଯୋଗରେ ଦୁଇ ଦିନିଆ ଦନ୍ତ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ବିଦ୍ୟାଳୟର ୭୦୦ ଜଣ ଛାତ୍ରଛାତ୍ରୀଙ୍କ ଦାନ୍ତ ପରୀକ୍ଷା କରାଯାଇ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି । ରୋଟାରୀ କ୍ଲବ କେନ୍ଦୁଝରର ସେବା ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତର ସଞ୍ଜୀବ କୁମାର ଓତାଙ୍କ ମାର୍ଗଦର୍ଶନରେ ଏସ୍‌ସିବି ମେଡିକାଲର ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ଗୌରବ ଶର୍ମା, କୁମାର କୁଲଦୀପ, ଜୟଦେବ ବେହେରା, ଅନିଶା ଦତ୍ତ, କ୍ରିଷ୍ଣା ପ୍ରିୟା ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଦାନ୍ତ ପରୀକ୍ଷା କରିଥିଲେ । ରୋଟାରିଆନ ପ୍ରଶାନ୍ତ ସ୍ୱାଇଁ, ଡ. ମାନସ ରଞ୍ଜନ ପଣ୍ଡା ଏବଂ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସିଇଓ ମୃତ୍ୟୁଞ୍ଜୟ ନାୟକ, ଅଧକ୍ଷ ଦିବ୍ୟ କିଶୋର ପ୍ରଧାନ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ସ୍ୱପ୍ନେଶ୍ୱର ବୋଲବମ୍ ସଂଘର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,(ଭାସ୍କର ନ୍ୟୁଜ୍) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତର କୃଷ୍ଣପୁରଶାସନ ଠାରେ ସପନେଶ୍ୱର ବୋଲବମ୍ ସଂଘର ୩୦ ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୋବିନ୍ଦ ଚନ୍ଦ୍ର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବଡ଼ଚଣାର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ଦୀର୍ଘ ବର୍ଷ ହେବ ଏହିପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କୃଷ୍ଣପୁରଶାସନ ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ ମାନେ ପାଳନ କରୁଥିବାରୁ ସେମାନଙ୍କୁ ସାଧୁବାଦ ଦେବା ସହ ପ୍ରତିବର୍ଷ ଏହା ଅନୁଷ୍ଠିତ ହେବା ପାଇଁ ଲୋକମାନଙ୍କ ପାଖରେ ଆଶା ଓ ବିଶ୍ୱାସ ରଖିଥିଲେ ।

## ସରିଛି ପ୍ରସ୍ତାବିତ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ



ସାକ୍ଷୀଗୋପାଳ, (ଭାସ୍କର ନ୍ୟୁଜ୍) : ସାକ୍ଷୀଗୋପାଳ-ଅଲଗୁମ ରାସ୍ତାରେ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ସର୍ଭେ କାମ ମାପଚୁପ ତିନି ତିନି ଥର କରାଯିବା ପରେ ବି ବିରୋଧ ଯୋଗୁଁ ଦୁଇଟି ସ୍ଥାନରେ ଅଟକି ରହିଥିବା ସ୍ଥାନକୁ ସର୍ଭେ କରାଯାଇ ସର୍ଭେ ଦଳ ଚିହ୍ନଟ କରି ସନ୍ତକ ଦେଲେ । ତେଣୁ ଏଠାରେ ରେଳ ଓଭର ବ୍ରିଜ ନିର୍ମାଣ ହେବାର ପ୍ରାଥମିକ କାର୍ଯ୍ୟ ମଙ୍ଗଳବାର ସରିଛି । ଉକ୍ତ ରାସ୍ତାର ୪୦୫ ନଂ ପ୍ଲଟ ଓ ୪୦୬ନଂ ପ୍ଲଟକୁ ନେଇ କିଛି ବ୍ୟବସାୟୀ ମାନଙ୍କ ପକ୍ଷରୁ ମାଲିକାନାକୁ ନେଇ ବିରୋଧ କରାଯାଇଥିଲା । ଯାହା ଫଳରେ କି ମାପ ବନ୍ଦ ରହିଥିଲା । ସର୍ଭେ ଅଫିସରଙ୍କ ରିପୋର୍ଟ ଅନୁସାରେ ଲ୍ୟାଣ୍ଡଆକ୍ୟୁଜିସନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡା, ପୁରୀ ଡିଭିଜନ ଆର୍.ଆଣ୍ଡବି ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଆରଆଇ, ଅମିନ ପହଞ୍ଚି ମାପଚୁପ କାମ ଆରମ୍ଭ କରିଥିଲେ । ପ୍ରଥମେ ସରକାରୀ ରାସ୍ତା ଓ ନୟନଯୋରୀ ମାପକରି ବାହାର କରିସାରିବା ପରେ ଅନ୍ୟ ଜମି ମାପ କରାଯାଇଥିଲା । ଓଭର ବ୍ରିଜ ନିର୍ମାଣ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମି ଚିହ୍ନଟ କରି ସର୍ଭେ ଦଳ ସନ୍ତକ ଦେଇଥିଲେ । ଏହି ମାପଚୁପ ସମୟରେ ମନ୍ଦିର ଅଧିକାରୀ ଓ ବ୍ୟକ୍ତିଗତ ଜମି ମାଲିକ ଉପସ୍ଥିତ ରହିଥିଲେ । ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରୁ ୪୩ ଫୁଟ ଅଧିଗ୍ରହଣ ହେବାକୁ ବିଭାଗୀୟ ନିର୍ଦ୍ଦେଶ ରହିଛି । ସୁରୁଖୁରୁରେ ମାପଚୁପ କାର୍ଯ୍ୟ ସରିଗଲା ବୋଲି ଲ୍ୟାଣ୍ଡ ଆକ୍ୟୁଜିସନ ଅଧିକାରୀ ପ୍ରଶାନ୍ତ କୁମାର ଜେନା କହିଛନ୍ତି । ଅଇନ ଶୃଙ୍ଖଳାକୁ ନଜର କରି ସତ୍ୟବାଦୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

## ସାଇବର ଠକଙ୍କ ଟାର୍ଗେଟରେ ଜନସେବା କେନ୍ଦ୍ର

କୋରାପୁଟ, (ଭାସ୍କର ନ୍ୟୁଜ) : ସାଇବର ଲୁଟେରାଙ୍କ ନୂଆ ଟାର୍ଗେଟ ଜନସେବା କେନ୍ଦ୍ର । ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରି ନଗଦ ଟଙ୍କା ନେଉଛନ୍ତି । ପରବର୍ତ୍ତି ସମୟରେ ଜନସେବା କେନ୍ଦ୍ର ଗୁଡିକ ସାଇବର ଠକେଇରେ ସାମିଲ ହୋଇଥିବା ଦର୍ଶାଇ ଆକାଉଣ୍ଟକୁ ଫ୍ରିଜ୍ କରାଯାଉଛି । କୋରାପୁଟ ଜିଲ୍ଲାର ଜୟପୁର, ବୋରିଗୁମ୍ମା, ବୈପାରିଗୁଡା ଓ କୋଟପାଡ ବ୍ଲକର ୬ଜଣ ଜନସେବା କେନ୍ଦ୍ର ମାଲିକ ଏମିତି ଠକାମିର ଶିକାର ହେବା ପରେ ଲୁଟେରାଙ୍କ ନୂଆ ତାରିକା ସାମ୍ନାକୁ ଆସିଛି । କୋଟପାଡ ଥାନା ଶଶାହାଣ୍ଡିର ଏନ୍ ସନ୍ତୋଷ, ଡାମଣାହାଣ୍ଡିର ସନ୍ତୋଷ କୁମାର ଷଡଙ୍ଗୀ, ନୂଆଗାଁର ଅଞ୍ଜଳି ବିଶୋଇ, ବୋରିଗୁମ୍ମା ଥାନା ବାଙ୍କସାହିର ବିରେନ ଘରାମି, ଜୟପୁର ଖ୍ରୀଷ୍ଟିଆନ ପେଟାର ସଧ୍ୟାରାଣୀ ବେନ୍ୟା ଓ ବୈପାରିଗୁଡା ଟାଙ୍ଗିଣିଗୁଡାର ରାଜେଶ କୁମାର ମହାନ୍ତି ପ୍ରମୁଖ ଲୁଟେରାଙ୍କ ଶିକାର ହୋଇଥିବା ବେଳେ ସମସ୍ତେ କୋରାପୁଟ ଆସି ଏସପି ରୋହିତ ବର୍ମାଙ୍କୁ ଭେଟିଛନ୍ତି । ଗତ ୨୩ତାରିଖରେ ଜଣେ ଅଜଣା ବ୍ୟକ୍ତି ଶଶାହାଣ୍ଡିର ଏନ.ସନ୍ତୋଷଙ୍କ ନିକଟକୁ ଆସିଥିଲେ । ଡାକ୍ତରଖାନା କାମ ପାଇଁ ନଗଦ ଆବଶ୍ୟକ ଅଛି କହିବା ପରେ ସନ୍ତୋଷଙ୍କ ଆକାଉଣ୍ଟକୁ ୮୦ହଜାର ଟଙ୍କା ପଠାଇଥିଲେ । ବଦଳରେ ସେତିକି ପରିମାଣର ନଗଦ ମାଗିଥିଲେ । ଆକାଉଣ୍ଟକୁ ଯାଂଚ କରିବା ପରେ ସନ୍ତୋଷ ନଗଦ ଦେଇଥିଲେ । ପରବର୍ତି ସମୟରେ ବ୍ୟାଙ୍କ ଶାଖା ପରିଚାଳକ ସାଇବର ଠକେଇରେ ସାମିଲ ଥିବା ଦର୍ଶାଇ ତାଙ୍କ ଆକାଉଣ୍ଟକୁ ବ୍ଲକ କରିଦେଇଥିଲେ । ଏନେଇ ସେ କୋଟପାଡ ଥାନାରେ ଏତଲା ଦେଇଛନ୍ତି । ସେହିପରି ବିରେନ ଘରାମିଙ୍କ ଜନସେବା କେନ୍ଦ୍ରକୁ ଗତ ୨୦ତାରିଖରେ ଜଣେ ଅଜଣା ବ୍ୟକ୍ତି ଆସିଥିଲେ । ନଗଦ ଆବଶ୍ୟକ ଥିବା କହି ଦୁଇଟି ପର୍ଯ୍ୟାୟରେ ୭୦ହଜାର ଟଙ୍କା ତାଙ୍କ ଆକାଉଣ୍ଟକୁ ପଠାଇଥିଲେ । ସ୍କ୍ରିନସଟ୍ ଦେଖାଇବା ପରେ ବିରେନ ନଗଦ ଟଙ୍କା ଦେଇଥିଲେ । ସାଇବର ଠକେଇରେ ସାମିଲ ବୋଲି ଦର୍ଶାଇ ତାଙ୍କର ଆକାଉଣ୍ଟକୁ ମଧ୍ୟ ବ୍ଲକ କରାଯାଇଛି । ସଂଧ୍ୟାରାଣୀ ବେନ୍ୟା ଗତ ୨୧ତାରିଖରେ ଅନୁରୂପ ଘଟଣାରେ ଶିକାର ହୋଇଛନ୍ତି । ତାଙ୍କର ଦୁଇଟି ବ୍ୟାଙ୍କ ଆକାଉଣ୍ଟକୁ ବ୍ଲକ କରାଯାଇଛି । ସନ୍ତୋଷ କୁମାର ଷଡଙ୍ଗୀ ୨୫ତାରିଖ ଦିନ ଅଜଣା ବ୍ୟକ୍ତିଙ୍କୁ ୧୫ହଜାର ଟଙ୍କା ନଗଦ ଦେବାପରେ ୨୬ତାରିଖ ତାଙ୍କ ଆକାଉଣ୍ଟକୁ ଫ୍ରିଜ ହୋଇଛି । ଅଞ୍ଜଳି ବିଶୋଇ ବି ସମାନ ଅଭିଯୋଗ କରିଛନ୍ତି । ଟାଙ୍ଗିଣିଗୁଡାର ରାଜେଶ ରଂଜନ ମହାନ୍ତିଙ୍କ ନିକଟକୁ ଜୁନ ୧୫ତାରିଖରେ ବଳଭଦ୍ର ବାରିକ ନାମକ ଜଣେ ପରିଚିତ ବ୍ୟକ୍ତି ଆସି ୧ଲକ୍ଷ ଟଙ୍କା ନଗଦ ନେବା ପରେ ତାଙ୍କ ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ଆସିଥିଲା । କିଛି ଦିନ ପରେ ଆନ୍ଧ୍ର ସାଇବର ସେଲ ପକ୍ଷରୁ ସାଇବର ଅପରାଧରେ ସାମିଲ ଥିବା ଦର୍ଶାଇ ତାଙ୍କ ଆକାଉଣ୍ଟକୁ ବ୍ଲକ କରାଯାଇଛି । ସାଇବର ଠକାମିର ଶିକାର ହୋଇଥିବା ସମସ୍ତ ଜନସେବା କେନ୍ଦ୍ରର ମାଲିକ ନିଜ ଅଚଂଳର ଥାନାରେ ଏତଲା ଦେଇଥିବା ବେଳେ କୋରାପୁଟ ଆସି ଏସପି ରୋହିତ ବର୍ମାଙ୍କୁ ଭେଟିଛନ୍ତି । ଏସ୍‌ପି ଏଭଳି କାରବାରରୁ ଦୂରେଇ ରହିବାକୁ ପରାମର୍ଶ ଦେଇ ତଦନ୍ତ କରିବେ ବୋଲି କହିଥିଲେ ।



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତର ଜନବସତି ଓ ରାସ୍ତା ପାର୍ଶ୍ୱରେ ଖୋଲା ମେଲାରେ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଗଛଲତାରେ ପରିପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ରହିଛି। ଟ୍ରାନ୍ସଫର୍ମର ଚାରି ପାଖରେ ସୁରକ୍ଷା ବାଡ଼ ନଥିବା ବେଳେ ସେଥିରେ ଗଛଲତା ମାଡି ଯାଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଞ୍ଚାୟତ ନିକଟବର୍ତ୍ତୀ ଛକ ନିକଟରେ ୩ଟି ୱାର୍ଡର ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଅନ୍ୟ ଗାଁକୁ ସଂଯୋଗ ରାସ୍ତା ପାର୍ଶ୍ୱରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଏହି ଟ୍ରାନ୍ସଫର୍ମର ଅସୁରକ୍ଷିତ ଅବସ୍ଥାରେ ଥିବାବେଳେ ସେଥିରେ ଗଛଲତା ମାଡି ଯାଇଛି। ସର୍ଟସର୍କିଟ ହୋଇ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏହି ରାସ୍ତା ଦେଇ ଛୋଟ ଛୋଟ ପିଲା ସ୍କୁଲ ଯାଆନ୍ତି। ଏଠାରେ ଗୋରୁ, ଛେଳି ଆଦି ଚରାବୁଲା କରିଥାନ୍ତି। ଅସାବଧାନତା ବଶତଃ ଯଦି କେହି ବିଦ୍ୟୁତ ଟ୍ରାନ୍ସଫର୍ମ ସଂସ୍ପର୍ଶରେ ଆସିଲେ ଦୁର୍ଘଟଣା ସୁନିଶ୍ଚିତ। ସେହିପରି ମାଣ୍ଡୁକି ପଞ୍ଚାୟତ ନିକଟ ଆଗ ଛକରେ ଥିବା ଟ୍ରାନ୍ସଫର୍ମର ମୂଳକୁ ପଡ଼ିଛି ଏହା ସହ ବିଦ୍ୟୁତ ଖୁଣ୍ଟରେ ଗଛଲତା ମାଡି ଯାଇଛି। ଏହି ଟ୍ରାନ୍ସଫର୍ମରରୁ ଏକ ଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। କିନ୍ତୁ ଏହି ସ୍ଥାନୀୟ ଅଞ୍ଚଳରେ ପୂର୍ବରୁ ବିଦ୍ୟୁତ ସର୍ଟସର୍କିଟ ପାଇଁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାର ନଜିର ରହିଛି। କମ୍ପାନୀ ବିଲ୍ ଆଦାୟରେ ଯେତିକି ତତ୍ପରତା ପ୍ରକାଶ କରୁଛି ଗ୍ରାହକଙ୍କୁ ସେବା ଯୋଗାଇବାରେ ସେତିକି ହେଳା କରୁଥିବା ଅଭିଯୋଗ ହେଉଛି। ଏ ନେଇ ବିଦ୍ୟୁତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଘଟଣାକୁ ଗୁରୁତ୍ୱ ଦେଉନାହାନ୍ତି। ଆଗାମୀ ଦିନରେ ମୁକ୍ତା ଟ୍ରାନ୍ସଫର୍ମର ଚାରି ପାଖରେ ସୁରକ୍ଷା ବାଡ଼ ଦିଆ ନଗଲେ ଗ୍ରାମବାସୀ ବିଲ୍ ପୈଠ କରିବେନି ବୋଲି ଚେତାବନୀ ଦେଇଛନ୍ତି।



# ନିମ୍ନମାନର ଡ୍ରେନ ନିର୍ମାଣ ନେଇ ସାଧାରଣରେ ଅସନ୍ତୋଷ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ପୌରାଞ୍ଚଳ ୫ନଂ ୱାର୍ଡ କିଲାଚନ୍ଦ୍ରପୁର ତାରିଣୀଗଡାରେ ପୌରପାଳିକା ପକ୍ଷରୁ ପାଣି ନିଷ୍କାସନ ପାଇଁ ଏକ ନୂତନ ଡ୍ରେନ ନିର୍ମାଣ କରାଯାଉଛି। ତେବେ ଠିକାଦାର ବର୍ଷାଦିନେ ନିମ୍ନମାନର ଡ୍ରେନ ନିର୍ମାଣ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ଦୀର୍ଘଦିନରୁ ଏହି ଡ୍ରେନ କଡରେ ସ୍ଲାପ ପଡି ରହିଥିଲେ ମଧ୍ୟ ଦୁର୍ବଳ କାର୍ଯ୍ୟ ଯୋଗୁଁ ଏହି ଡ୍ରେନ ଉପରେ ସ୍ଲାପ ଗୁଡିକ ପଡି ପାରୁନଥିବା କୁହାଯାଉଛି। ଅନ୍ୟପକ୍ଷରେ ପୌରପାଳିକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ ଏହି କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ପୌର ଅଧିକାରୀ ଓ ସମ୍ପୃକ୍ତ ୱାର୍ଡର ପାରିଷଦଙ୍କ ଅବହେଳା ଏବଂ ଠିକାଦାର ମାନଙ୍କ ଲାଭଖୋର ମନବୃତ୍ତି ଯୋଗୁଁ କାର୍ଯ୍ୟ ଗୁଡିକ ନିମ୍ନମାନର ହେଉଥିବା କୁହାଯାଉଛି। ସେହିପରି କିଛି ୱାର୍ଡରେ କଲୋନୀ ଡ୍ରେନ ନଷ୍ଟ ହୋଇଯାଇଥିବା ଯୋଗୁଁ ବର୍ଷାଜଳ ନିଷ୍କାସନ ନହୋଇ ପାରି ଘର ଦୁଆରମୁହଁରେ ଜମି ରହୁଛି। ଏତଦବ୍ୟତୀତ ପୌରପାଳିକା ଦ୍ୱାରା ନିଷ୍ପତି ଅନୁଯାୟୀ ବିଭିନ୍ନ ସ୍ଥାନରେ ଡ୍ରେନ, ରେଷ୍ଟ ସେଡ, ଫୁଟପାଥ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଥିବାର ଦେଖିବାକୁ ମିଳୁଛି। ସମ୍ପ୍ରତି ବର୍ଷା ଦିନେ ବର୍ଷା ଜଳ, ବସ୍ତି ଓ କଲୋନୀ ଆବର୍ଜନା ଜଳ ନିଷ୍କାସ ର ମୁଖ୍ୟପଥ ବନ୍ଦର ପ୍ରଶାସନିକ ଭବନ ପଛପଟ କପିଳ କୋଠରେ ଦଳ ପରିପୂର୍ଣ୍ଣ ହୋଇ ଏହି ଜଳ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଯଦିଓ ମାଉସୀ ମା' ମନ୍ଦିର ଓ ଅଫିସର୍ସ କ୍ଲବ ନିକଟସ୍ଥ କୋଠରେ ପୌରପାଳିକା ପକ୍ଷରୁ ଦଳ ଗୁଡିକ ସଫା କରାଯାଇଛି କିନ୍ତୁ ବନ୍ଦର ପ୍ରଶାସନିକ ଭବନ ପଛପଟ କୋଠରୁ ଏଯାଏଁ ଦଳ ସଫା ହୋଇନାହିଁ। ଯାହାଫଳରେ ଯଦି ଲଗାତାର ବର୍ଷା ଲାଗିରହେ ଏବଂ ପ୍ରବଳ ବର୍ଷା ହୁଏ, ତେବେ ବନ୍ଦର ସହର ଜଳବନ୍ଦୀ ହେବାର ସମ୍ଭାବନା ସୃଷ୍ଟି ହୋଇପାରେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ଏସବୁ ସମସ୍ୟା ପ୍ରତି ପୌରପାଳିକା ଓ ପାରାଦୀପ ବନ୍ଦର ଦୈତ୍ୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କାର୍ଯ୍ୟରେ ଯୋଗଦେଲେ ନୂତନ ଜିଲ୍ଲାପାଳ



ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରିର ନୂତନ ଜିଲ୍ଲାପାଳ ଭାବେ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି ସୋମେଶ ଉପାଧ୍ୟାୟ। ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ନିଜ ପ୍ରତିକ୍ରିୟାରେ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ।

## ପୁଣି ଆର୍ଯ୍ୟପଲ୍ଲୀରେ କୂଳ ଲଙ୍ଘିଲା ସମୁଦ୍ର

# ସମୁଦ୍ର ଗର୍ଭରେ ଲୀନ ହେଲା ଆଶ୍ରୟସ୍ଥଳୀ ଓ ରାସ୍ତା



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀରେ ପୁଣି କୂଳ ଲଙ୍ଘିଲା ସମୁଦ୍ର। ସମୁଦ୍ର କୂଳ ଲଙ୍ଘିବା ଫଳରେ ଗାଁର ଶେଷ ମୁଣ୍ଡରେ ରହିଥିବା ଆଶ୍ରୟସ୍ଥଳୀ ସହ ରାସ୍ତା ମଧ୍ୟ ସମୁଦ୍ର ଗର୍ଭକୁ ଚାଲିଯାଇଛି। ମତ୍ସ୍ୟଜୀବୀ ମାନେ ମାଛ ମାରିବା ପରେ ଏହି ଆଶ୍ରୟସ୍ଥଳୀରେ ବିଶ୍ରାମ ନେବା ସହ ନିଜର ଜାଲକୁ ରଖୁଥିଲେ। କିନ୍ତୁ ଏହି ଆଶ୍ରୟସ୍ଥଳୀ ବର୍ତ୍ତମାନ ସମୁଦ୍ରର ବଡ଼ ବଡ଼ ଲହଡ଼ିରେ ଭାସିଯାଇଥିବା ବେଳେ ଆଶ୍ରୟସ୍ଥଳୀକୁ ଲାଗି ରହିଥିବା ରାସ୍ତା ମଧ୍ୟ ଧୋଇ ହୋଇ ଯାଇଛି, ଦିନ ଥିଲା ଆର୍ଯ୍ୟପଲ୍ଲୀ ଗ୍ରାମଟି ସମୁଦ୍ର ଠାରୁ ୫ କିଲୋମିଟର ଦୂରରେ ରହିଥିବାବେଳେ ବର୍ତ୍ତମାନ ତାହା ୫୦ ମିଟର ଦୂରରେ ରହିଛି। ଏହାସହ କେ ଆର୍ଯ୍ୟପଲ୍ଲୀ ଠାରୁ ମେରାଇନ ରାସ୍ତାର ଅର୍ଦ୍ଧେକ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଉଦ୍‌ବେଗ ଅବସ୍ଥାରେ ରହିଛନ୍ତି ଆର୍ଯ୍ୟପଲି ଗ୍ରାମବାସୀ। ସମୁଦ୍ର ଉପକୂଳ ଅଞ୍ଚଳରେ ଥିବା ଆର୍ଯ୍ୟପଲି ଗ୍ରାମଟି ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଆଶଙ୍କାରେ ଗ୍ରାମବାସୀ ଭୟଭୀତ। ପୂର୍ବରୁ ସମୁଦ୍ର କୂଳରେ ଥିବା କିଛିନୁ ମନ୍ଦିର ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବା ବେଳେ ଗତ କାଲି ରାତିରେ ଏକ ଆଶ୍ରୟସ୍ଥଳୀ ସହ ରାସ୍ତା ମଧ୍ୟ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଜିଲ୍ଲା ପ୍ରଶାସନକୁ ଦାବି କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଦାବି ନେଇ ପୂର୍ବରୁ ଜିଲ୍ଲାର ସମୁଦ୍ର କୂଳରେ ରହୁଥିବା ସୋନପୁର ଠାରୁ ପ୍ରୟାଗି ପର୍ଯ୍ୟନ୍ତ ସମସ୍ତ ଗ୍ରାମବାସୀ ଆନ୍ଦୋଳନ ମଧ୍ୟ କରିଥିଲେ। ହେଲେ କୌଣସି ସୁଫଳ ମିଳିପାରି ନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗତକାଲି ଆଶ୍ରୟସ୍ଥଳୀ ଓ ରାସ୍ତା ସମୁଦ୍ର ଗର୍ଭରେ ଲୀନ ହୋଇଯିବା ପରେ ଯୁଦ୍ଧକାଳୀନ ଭିତିରେ ପଥରବନ୍ଧ ନିର୍ମାଣ ଚାଲିଥିବା ବେଳେ ଏହା ପର୍ଯ୍ୟାପ୍ତ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଏଣୁ ଯଥାଶୀଘ୍ର ଏହାର ସମାଧାନ ନହେଲେ ଆଗାମୀ ଦିନରେ ଆର୍ଯ୍ୟପଲ୍ଲୀ ଗ୍ରାମଟି ଗଞ୍ଜାମ ମାନଚିତ୍ରରୁ ଉଭେଇଯିବ ବୋଲି ଗ୍ରାମବାସୀ କହିଛନ୍ତି।

# ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ କିରାଣି



ବ୍ୟାସନଗର/କୋରେଇ(ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା କୋରେଇ ବ୍ଲକ ବ୍ୟାସନଗର ତହସିଲରେ ଆଗେ ଲାଞ୍ଚ ଦିଅ ପରେ ଫାଇଲି ଖୋଲିବ ଏହା ନିତିଦିନିଆ ହୋଇଯାଇଛି। ଅନେକ ଜମିଜମା କେସ୍ ତହସିଲରେ ପଡ଼ିରହିଛି। ଜମିଜମା କାର୍ଯ୍ୟ ଟଙ୍କା ନଦେଲେ ଟେବୁଲ୍‌ରୁ ଅନ୍ୟ ଟେବୁଲ୍‌କୁ ଯାଉନାହିଁ। ଏହି କ୍ରମରେ ଆଜି ଦିନ ୨ଘଟିକା ସମୟରେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ୟାସନଗର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ କିରାଣି ହେମନ୍ତ କୁମାର ପେରେଇ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି। ସୂଚନା ମୁତାବକ କୋରେଇ ଥାନା ବରୁଣ୍ଡେଇ ଅଞ୍ଚଳର ଲକ୍ଷ୍ମୀଧର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଲାଞ୍ଚ ମାଗିଥିଲେ କିରାଣି ଶ୍ରୀ ପେରେଇ। ବ୍ୟକ୍ତିଗତ ଜମିର ସୀମା ନିର୍ଦ୍ଧାରଣ ପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି ନୟାନ୍ତ ହୋଇଥିଲେ। ତେବେ କାର୍ଯ୍ୟ କରାଇ ଦେବାକୁ କହି କିରାଣି ଶ୍ରୀ ପେରେଇ ଲକ୍ଷ୍ମୀଧରଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି ଯେତେ କାକୁତି ମିନତି କରିଥିଲେ ବି ସଂପୃକ୍ତ କିରାଣୀ କିଛି ଶୁଣିନଥିଲେ। ଶେଷରେ ସବୁ ପ୍ରକାର ନିରାଶ ହୋଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ଲକ୍ଷ୍ମୀଧର। ପୂର୍ବ ଯୋଜନା ମୁତାବକ ଆଜି କାର୍ଯ୍ୟାଳୟରେ ସେ ୫ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ଟିମ୍‌ର ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ମାଡ଼ିବସିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ କିରଣିଙ୍କ ପୈତୃକ ଘର ସହ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି। ଶ୍ରୀ ପରେଇଙ୍କୁ ଯାଜପୁର ଭିଜିଲାନ୍ସ ଡିଏସ୍‌ପି କାର୍ଯ୍ୟାଳୟକୁ ନିଆଯାଇଛି।

# ଦୁର୍ନୀତିଖୋର ଶିକ୍ଷାଧିକାରୀଙ୍କ ବଦଳି ଦାବି କଲା ଭଞ୍ଜସେନା

ବାରିପଦା (ଭାସ୍କର ନ୍ୟୁଜ୍) : ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ପ୍ରତ୍ୟକ୍ଷ ଇଙ୍ଗିତରେ ପାଖାପାଖି ୧୪୦ଜଣ ଶିକ୍ଷକଙ୍କୁ ନିଜ ପଦର ଦୁରୁପଯୋଗ କରିବା ସହିତ ଅଭିଯୋଗ ଅନୁଯାୟୀ ମୋଟା ଅଙ୍କର ଅର୍ଥ ନେଇ ଆବଶ୍ୟକ ଜାଗାରେ ନରଖି ଶିକ୍ଷକମାନଙ୍କୁ ଜିଲ୍ଲାର ସଦର ମହକୁମା ବାରିପଦା ସହର ପାଖାପାଖି ଥିବା ସ୍କୁଲ ଗୁଡିକରେ ଡେପୁଟେସନ ଆଣି ରଖିଛନ୍ତି। ମୟୂରଭଞ୍ଜ ଜିଲ୍ଲା ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାରେ ହେଉଥିବା ମଧ୍ୟାହ୍ନ ଭୋଜନ ହରିଲୁଟରେ ଯୋଗାଣକାରୀଙ୍କ ସହିତ ସମ୍ପୂର୍ଣ୍ଣ ଭାବେ ସାମିଲ ହୋଇ ଏଭଳି ବିଶାଳ ହରିଲୁଟ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ପେନସନ ପାଇବାର ହକଦାର ଥିବା ପୂର୍ବତନ ଶିକ୍ଷକ ମାନଙ୍କୁ ବିଭିନ୍ନ ଉପାୟରେ ହଇରାଣ ହରକତ କରିବା। ବିଭିନ୍ନ ଦୁର୍ନୀତିରେ ଛନ୍ଦିହୋଇ ପଡିଥିବା ଶୁଳିଆପଦା ବିଇଓଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବହୁବାର ସୁରକ୍ଷା ଦେବା ସହିତ ଏହିଭଳି ଆହୁରି ବହୁ ଅନୈତିକ କାର୍ଯ୍ୟ ଦ୍ୱାରା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ିପଡ଼ିଛି। ଏସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ବହୁବାର ସରକାରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ଉକ୍ତ ଶିକ୍ଷାଧିକାରୀଙ୍କ ଦ୍ୱାରା ହୋଇଥିବା ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆଦେଶ ଓ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବା ଦାବି ନେଇ ଆଜି ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଭଞ୍ଜସେନା ପକ୍ଷରୁ ଆଜି ଅଗଷ୍ଟ ୧ ତାରିଖ ଶୁକ୍ରବାର ଦିନ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ବାରିପଦା ସ୍ଥିତ ଜିଲ୍ଲା ଶିକ୍ଷାଧିକାରୀଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀ ମାନେ ମୟୂରଭଞ୍ଜର ଶିକ୍ଷାବ୍ୟବସ୍ଥାକୁ ନଷ୍ଟ କରିବାର ପ୍ରମୁଖ ଜିଲ୍ଲା ଶିକ୍ଷାଧିକାରୀଙ୍କର ତୁରନ୍ତ ବହିଷ୍କାର କରାଯାଉ, ଦୁର୍ନୀତିର ତଦନ୍ତ କରାଯାଉ ଏବଂ ନୂତନ ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ ଇତ୍ୟାଦି ସ୍ଲୋଗାନ ମାନ ପ୍ରଦାନ କରିଥିଲେ। ଯଦି ଯଥାଶୀଘ୍ର ରାଜ୍ୟ ସରକାର ଉପରୋକ୍ତ ଦାବି ଗୁଡିକ ସହିତ ଶିକ୍ଷାନୁଷ୍ଠାନ ଏବଂ ଅଫିସ ଗୁଡିକରେ ବ୍ୟବହୃତ ଆସବାବପତ୍ର ଗୁଡ଼ିକୁ ସମସ୍ତ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଅଧିକ ବ୍ୟୟ ଦେଖାଇ ବଜାରରୁ କିଣିଥିବା ବିଷୟ ବସ୍ତୁ ଗୁଡିକ ବାବଦରେ ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ ନକରନ୍ତି ଆଉ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କର ନିଯୁକ୍ତି ଘୋଷଣା ନକରନ୍ତି ତେବେ ଆଗାମୀ ଦିନରେ ଜିଲ୍ଲା ଶିକ୍ଷାଧିକାରୀଙ୍କର କାର୍ଯ୍ୟାଳୟରେ ତାଲା ପକାଇବା ସହିତ ସମଗ୍ର ଜିଲ୍ଲାରେ ହରତାଳ କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ଅଧକ୍ଷ ସଂଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରବିନ୍ ମହାନ୍ତି, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସ୍. କେ. ରାଜାଖାନ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, କ୍ରୀଡା ସଂଯୋଜିକା ସୁଭଦ୍ରା ହେମ୍ବ୍ରମ, ସହର ଯୁବ ସଭାପତି ସଞ୍ଜୟ ମହାର୍ଣ୍ଣ, ସଞ୍ଜୟ ମହାନ୍ତ, ସୁନୀଲ ମହାପାତ୍ର, ପ୍ରଦୀପ ପଣ୍ଡା, ଦୀପକ କୁମାର ବେହେରା, ଦେବଦତ୍ତ ଜେନା ପ୍ରମୁଖଙ୍କ ସହିତ ୫୦୦ ଶହରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ସଂଗଠକ ମାନେ ସାମିଲ ଥିଲେ ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢ଼ୀଙ୍କ ପାରାଦ୍ୱୀପ ଗଡ଼ ପଞ୍ଚାୟତ ପରିଦର୍ଶନ



କୁଜଙ୍ଗ (ଭାସ୍କର ନ୍ୟୁଜ୍) : ରାଜ୍ୟ ଓ ଜଗତସିଂହପୁର ଜିଲ୍ଲାର ଏକ ବୃହତ୍ ଗ୍ରାମ ପଞ୍ଚାୟତ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ସାମାଜିକ ନିରାପତ୍ତା, ପାନୀୟ ଜଳ, ମହିଳା ସଶକ୍ତିକରଣ, ଯୁବ ସେବା, କ୍ରୀଡ଼ା, ସାମାଜିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କ୍ଷେତ୍ରରେ ଅଗ୍ରଣୀ ପଞ୍ଚାୟତକୁ ଜଗତସିଂହପୁର ଜିଲ୍ଲା ନୋଡାଲ ଅଫିସର୍ ବରିଷ୍ଠ ଆଇଏଏସ୍ ଉଷା ପାଢ଼ୀ ପାରାଦ୍ୱୀପ ଗଡ଼ ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ନିରାପତ୍ତା, ରେସନ୍ କାର୍ଡ, ମହିଳା ସଶକ୍ତି କରଣ, ପାନୀୟ ଜଳ, ଜଳ ନିଷ୍କାସନ, ବ୍ୟାଙ୍କ୍ ଓ ଡାକ ସେବା, ଅନ୍ତୋଦୟ ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ଆଦି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧାନ କରିଥିଲେ। ଏହି ପଞ୍ଚାୟତରେ ଥିବା ବିଭିନ୍ନ ସୁବିଧା, ଅସୁବିଧା ସମ୍ପର୍କରେ ବିଭିନ୍ନ ବର୍ଗର ଲୋକମାନଙ୍କ ଠାରୁ ସିଧା ସଳଖ ପଚାରି ବୁଝିଥିଲେ। ଏହି ପଞ୍ଚାୟତଟି ପାରାଦ୍ୱୀପ ପୌରପରିଷଦ ସୀମା ସହିତ ସଂଲଗ୍ନ ଥିବାରୁ ଓ ପଞ୍ଚାୟତରେ ସହରୀ ସୁବିଧା ଉପଲବ୍ଧ ହେଉଥିବାରୁ ଭବିଷ୍ୟତରେ ଏହି ପଞ୍ଚାୟତଟି ପାରାଦ୍ୱୀପ ପୌରପରିଷଦ ସହିତ ସାମିଲ ହେବାର ସମ୍ଭାବନା ରହିଛି ବୋଲି କହିବା ସହିତ ଏହାର ସମାଧାନ ପାଇଁ ସରକାରଙ୍କୁ ସୁପାରିସ କରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ୧୫ଜଣ ରାସନ କାର୍ଡ ଓ ୪ଜଣଙ୍କୁ ଅନ୍ତୋଦୟ ଗୃହର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରଯାଇଥିଲା। ସରପଞ୍ଚ ସସ୍ମିତା ବେହେରାଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହିତ ଆଗକୁ ଗରିବ ଓ ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ ସଚିବ ଶ୍ରୀମତୀ ପାଢୀ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପଞ୍ଚାୟତ ପକ୍ଷରୁ ଶ୍ରୀମତୀ ପାଢ଼ୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିପକ ପ୍ରାସାଦ ସ୍ୱାଇଁ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, କୁଜଙ୍ଗ ଶିଶୁ ଓ ମହିଳା ବିକାଶ ଅଧିକାରୀଣୀ ରାଜଶ୍ରୀ ସାହୁ, ଯୋଗାଣ ଅଧକାରୀ ଦୀପକ ପାତ୍ର, ଗ୍ରାମ୍ୟ ପାନୀୟ ଜଳ ସହକାରୀ ଯନ୍ତ୍ରୀ ମାନସୀ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନୁ ସାହୁ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ସତ୍ୟ ନାରାୟଣ ମହାପାତ୍ର,ଦେବ ଦୁର୍ଲ୍ଲଭ କର, ଅଲେଖ ମହାରଥା, ରମେଶ ବେହେରା, ପ୍ରଭାତ ସାହୁ, ବିଚିତ୍ର ପ୍ରଧାନ, ଏମ୍.ବି.କେ. କଳ୍ପନା ମହାପାତ୍ର, ମିଲି ମଲ୍ଲିକ, ସତ୍ୟଭାମା ସ୍ୱାଇଁ, ମିନାକ୍ଷୀ ସ୍ୱାଇଁ, ଶୁଭସ୍ମିତା ମଙ୍ଗରାଜ, କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଜେନା, ଏ.ଡି.ଇ.ଓ. ସିପ୍ରାରାଣି ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ଓ ଶିକ୍ଷକ ମାରଣ ନୀତି ବିରୁଦ୍ଧରେ ଜନଅସନ୍ତୋଷ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : କ୍ରୋମନଗର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସ୍ଥାନାନ୍ତରକୁ ସ୍କୁଲସୁରକ୍ଷା କମିଟି, ଜନପ୍ରତିନିଧି, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ବିରୋଧ କରିଆସୁଥିବା ସମୟରେ କାରଖାନାର ୟୁନିଟହେଡ ଗତକାଲି କାରଖାନା ଗେଷ୍ଟହାଉସ୍‌ରେ ଏକ ମିଳିତ ଆଲୋଚନା ସଭା ହୋଇଥିଲା। ଏହି ସଭାରେ ବିଦ୍ୟାଳୟ ସୁରକ୍ଷା କମିଟିର ସଭାପତି ତଥା ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘର ପୂର୍ବତନ ରାଜ୍ୟ ସମ୍ପାଦକ ପୀତବାସ ମିଶ୍ର, ଉପସଭାପତି ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଇନ୍ଦ୍ରମଣି ଭୂୟାଁ, ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ନେତା ସଂଗ୍ରାମ କେଶରୀ ପହି, ବ୍ୟାସନଗର ସହରର ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବ୍ୟାସନଗର ପୌରପାଳିକାର ଏକ ନମ୍ବର ୱାର୍ଡର କାଉନସିଲର ବିଜୟ କୁମାର ଜେନା, ଦୁଇ ନମ୍ବର ୱାର୍ଡର କାଉନସିଲର କୁନି ହାଁସଦା, ତିନି ନମ୍ବର ୱାର୍ଡର କାଉନସିଲରଙ୍କ ପ୍ରତିନିଧି ଅନୁପ କୁମାର ନାୟକ ଓ ପୁରାତନ ଛାତ୍ର ପ୍ରତିନିଧି ତଥା ଫେରୋକ୍ରୋମ କାରଖାନାର ୟୁନିଟ୍ ହେଡ୍ ରଶ୍ମିରଂଜନ ପରିଡା, ଓଏମସି ଲିମିଟେଡ ଯାଜପୁରରୋଡର ଡିଜିଏମ ଦେବାଶିଷ ସାମଲ, ସ୍କୁଲ ସୁରକ୍ଷା କମିଟିର ସମସ୍ତ ସଦସ୍ୟ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସୁରକ୍ଷା କମିଟି ପାଞ୍ଚ ଦଫା ଦାବି ଉପସ୍ଥାପନ କରିଥିଲେ। ୟୁନିଟହେଡ଼ ତାଙ୍କ ଜିଦିରେ ଅଟଳ ରହି ଯେକୌଣସି ପରିସ୍ଥିତିରେ ସ୍କୁଲ ସ୍ଥାନାନ୍ତର ହେବା ସପକ୍ଷରେ ଯୁକ୍ତି ବାଢିଥିଲେ। ସ୍କୁଲ ସ୍ଥାନାନ୍ତର ହେଲେ ବିରାଟ ଜନଆନ୍ଦୋଳନ ହେବ ଓ ସ୍କୁଲକୁ ଇଞ୍ଚେ ଘୁଞ୍ଚାଇ ଦେବେ ନାହିଁ ବୋଲି ସୁରକ୍ଷା କମିଟି, ଅଭିଭାବକ, ଛାତ୍ର ପ୍ରତିନିଧି, କାଉନସିଲର ମାନଙ୍କ ସହିତ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କହିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେଉଥିବା ବେଳେ ୟୁନିଟହେଡଙ୍କର ଏ ଶିକ୍ଷା ଓ ଶିକ୍ଷକ ମାରଣ ନୀତି କାହିଁକି? ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା ଅଧିକାର ଆଇନକୁ ୟୁନିଟହେଡ କାହିଁକି ଉଲ୍ଲଙ୍ଘନ କରୁଛନ୍ତି? ଏଭଳି ନିନ୍ଦନୀୟ କାର୍ଯ୍ୟ କାରଖାନା କର୍ତ୍ତୃପକ୍ଷ ଯଦି କରନ୍ତି ଆଗାମୀ ଦିନରେ ଏକ ଦୁର୍ବାର ଜନ ଆନ୍ଦୋଳନ ହେବା ନିଶ୍ଚିତ।

# କଲେଜ ସାମ୍ନାରେ ଦେହରେ ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : କୌଣସି କାରଣ ବଶତଃ ଅସ୍ତରଙ୍ଗ ଅଞ୍ଚଳର ଏକ ବେସରକାରୀ କଲେଜ ସାମ୍ନାରେ ଯୁବକ ଜଣକ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ମଧ୍ୟାହ୍ନ ସମୟରେ କଲେଜ ସାମ୍ନାରେ ଏକ ଝିଅ ଓ ପୁଅ ମଧ୍ୟରେ ଦୀର୍ଘ ସମୟ ବଚସା ହୋଇଥିଲା। ପରେ ଝିଅ ଜଣକ ପୁଅର ସ୍କୁଟିକୁ ଗୋଇଠା ମାରିବା ଶହ ପରସ୍ପର ମଧ୍ୟରେ ଦୀର୍ଘ ସମୟ ବଚଷା ହୋଇଥିଲା। ପରେ ଉକ୍ତ କଲେଜ ଅଧ୍ୟାପକ ଯୁବକ ଜଣକୁ ଡାକି ଘଟଣା ସମ୍ପର୍କରେ ବୁଝିଥିଲେ। କିନ୍ତୁ ରାଗ ଜର୍ଜରିତ ଯୁବକ ପେଟ୍ରୋଲ ଆଣି ଆତ୍ମହତ୍ୟା କରିବାକୁ ଉଦ୍ୟମ୍ କରିଥିଲେ। ଯାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଯଦି ଏ ଘଟଣା ସମ୍ପୂର୍ଣ୍ଣ ସତ୍ୟ ତାହା ହେଲେ ନିଶ୍ଚିତ ଭାବେ ସାଙ୍ଘାତିକ। ଯାହାକି ଉକ୍ତ କଲେଜରେ ଲାଗିଥିବା ସିସିଟିଭି ଭିଡ଼ିଓରୁ ସତ୍ୟ ଉନ୍ମୋଚନ ହୋଇପାରିବ। ଯୁବକ ଜଣକ କିଏ ଓ କାହିଁକି ଏପରି ନିଷ୍ପତି ନେଇଥିଲେ ତାହା ସନ୍ଦେହ ଘେରରେ। ଏ ଘଟଣାକୁ ସ୍ଥାନୀୟ ପୋଲିସ ଗୁରୁତର ଶହ ନେଇ କଲେଜରେ ପହଞ୍ଚି ଯାଞ୍ଚ କରିବା ସହ ସିସିଟିଭି ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ନଚେତ ଭବିଷ୍ୟତରେ କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବେ ବୋଲି ପ୍ରଶ୍ନ ଉଙ୍କି ମାରିଛି।

# ଡେରାବିଶ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା ସଭା




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟର ସଭାଗୃହରେ ଶକ୍ତିଶ୍ରୀ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ମହାବିଦ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ପାଇଁ ଅନୁଷ୍ଠିତ ଏହି ସଚେତନତା ସଭାରେ ଶକ୍ତିଶ୍ରୀ ସଂଯୋଜିକା ସୁଶ୍ରୀ ପ୍ରିୟଦର୍ଶିନୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ଯୋଗଦେଇ ନାରୀମାନଙ୍କ ଅଦମ୍ୟ ଶକ୍ତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇସିସି କୋର୍ଡିନେଟର ପ୍ରଜ୍ଞା ପଟ୍ଟନାୟକ, ଆଇସିସିର ସଦସ୍ୟ ଡ. ରୁଦ୍ରାଙ୍ଗୀ ପଟ୍ଟନାୟକ, ଡ. କିଶୋର ଚନ୍ଦ୍ର ମଲିକ, ଆକାଂକ୍ଷା ଦାସ, ରଘୁନାଥ ସାହୁ, ଅଧ୍ୟାପକ ନଗେନ୍ଦ୍ରନାଥ ପାଣୀ, ଗୁରୁଚରଣ ସେଠୀ, ବିଶ୍ୱଜିତ ସାହୁ ଏବଂ ଶକ୍ତିଶ୍ରୀ ସାଥୀ କାଜଲ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ 'ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଖୋଲାଯାଇଥିଲା। ଶେଷରେ ଅଧ୍ୟାପିକା ସୁଭାଷିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଚତୁର୍ଥ ପ୍ରତିଷ୍ଠା ଦିବସ ଆଜି ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ କୃଷ୍ଣମୋହନ ପାଠୀ ସଫଳତାର ବ୍ୟାଖ୍ୟା କରିବା ସହ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କ ଉଦାହରଣ ମାଧ୍ୟମରେ ବୁଝାଇ ଦେଇଥିଲେ ଓ ସଫଳ ହେବା ନିମନ୍ତେ ସମୟ, ସ୍ଥାନ ଓ ସୁଯୋଗ ଉପରେ ଗୁରୁତ୍ୱାରୋପ କରି ସଫଳ ହେବା ନିମନ୍ତେ ଭଗବତ କୃପା ଅପରିହାର୍ଯ୍ୟ ବୋଲି କହିଥିଲେ। ଏହା ସହ ଏହି ଅନୁଷ୍ଠାନର ଗୌରବମୟ ଐତିହ୍ୟର ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଆଇଜର, ବ୍ରହ୍ମପୁରର ଡିନ୍ ପ୍ରଫେସର ଜୟଦେବ ମୁଖୋପାଧ୍ୟାୟ ଅନୁଷ୍ଠାନର ଅତୀତ ଇତିହାସର ଅଭିଭୂତ ହେବା ସହ ଶୃଙ୍ଖଳାର ସହ ଜ୍ଞାନ ଆହାରଣରେ ବ୍ରତୀ ହୋଇ ନିଜ ଜୀବନର ଲକ୍ଷ୍ୟ ହାସଲ ପଥରେ ଅଗ୍ରସର ହେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ପ୍ରାକ୍ତନ ସୂଚନା ଆୟୁକ୍ତ ତଥା ବିଶିଷ୍ଟ ସମାଜସେବୀ ଜଗଦାନନ୍ଦ ନିଜ ବକ୍ତବ୍ୟରେ ଏହି ଗୌରବମୟ ଅନୁଷ୍ଠାନର ଅଂଶୀଦାର ହେବା ଛାତ୍ରଛାତ୍ରୀଙ୍କ ସୌଭାଗ୍ୟ ବୋଲି କହିଥିଲେ। କୁଳପତି ପ୍ରଫେସର ଦାଶ ଜଗତର ନାଥ ଜଗନ୍ନାଥଙ୍କୁ ପୁଷ୍ପ ଅର୍ପଣ ପୂର୍ବକ ବିଧିବଦ୍ଧ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅନୁଷ୍ଠାନର ଗୌରବମୟ ଐତିହ ଓ ସାଂପ୍ରତିକ ସଫଳତା ଉପରେ ଆଲୋକପାତ କରିଥିଲେ। ପ୍ରଥମେ ବିଶ୍ୱବିଦ୍ୟାଳୟ ପରିସର ସ୍ଥିତ ରାଜା ହରିହର ମର୍ଦ୍ଦରାଜ ଏବଂ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ଅତିଥିମାନଙ୍କ ସମ୍ମୁଖରେ ବିଶ୍ୱ ବିଦ୍ୟାଳୟର କୁଳସଙ୍ଗୀତ ଓ ଛାତ୍ର ପ୍ରକାଶ ପ୍ରଧାନ ଓ ମନୀଷା ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବିଭାଗର କାର୍ଯ୍ୟାବଳୀର ଭିଡିଓ ପ୍ରଦର୍ଶିତ ହୋଇଥିଲା। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପିକା ଚିନ୍ମୟୀ ସାହୁ। କୁଳସଚିବ ପାର୍ବତୀ ମଞ୍ଜରୀ ମହାଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ବ୍ରହ୍ମବାଣୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ଗଞ୍ଜାମ ଜନ୍ମିତ ୯ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ରାଶିଫଳ

ଶନିବାର, ୦୨ ଅଗଷ୍ଟ ୨୦୨୫

**ମେଷ:** ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଘରେ ଟେନସନ ହେବ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ଏବଂ ଯୁକ୍ତି ହୋଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।

**ବୃଷ:** ବ୍ୟବସାୟ ଲାଭଦାୟକ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଚାକିରିରେ ବୃଦ୍ଧି ଘଟିବ। ସମସ୍ତ କାର୍ଯ୍ୟ ଠିକ୍ ସମୟରେ କରାଯିବ। ବିନିଯୋଗ ଭଲ ହେବ। ଆୟ ବୃଦ୍ଧି ପାଇବ। ଦିନଟି ଭଲ ଆକାରରେ କଟିବ। ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ।

**ମିଥୁନ:** ସ୍ଥାବର ସମ୍ପତ୍ତି ବୃଦ୍ଧି ପାଇବ। ଏକ ବଡ ଡିଲ୍ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ବୃଦ୍ଧି ପାଇବ। ଘର ଏବଂ ବାହାରେ ସବୁ ଦିଗରୁ ସହଯୋଗ ଗ୍ରହଣ କରାଯିବ। ସୁଖ ମିଳିବ।

**କର୍କଟ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ବ୍ୟବସାୟରେ ବ୍ୟସ୍ତ ରହିବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ପରିବାର ପାଇଁ ଚିନ୍ତା ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ। ପ୍ରଲୋଭିତ ହୁଅ ନାହିଁ।

**ସିଂହ:** ବ୍ୟବସାୟରେ ଅନୁକୂଳ ଲାଭ ହେବ। ଆୟ ଜାରି ରହିବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। କଠିନ ପରିଶ୍ରମ ଅଧିକ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଶତ୍ରୁମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ।

**କନ୍ୟା:** ବିନିଯୋଗ ଶୁଭ ହେବ। କଠିନ ପରିଶ୍ରମର ଫଳ ଗ୍ରହଣ କରାଯିବ। ଘର ବାହାରେ ପଚରାଉଚରା କରାଯିବ। ଲାଭ ସୁଯୋଗ ଆସିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଚାକିରିରେ ବୃଦ୍ଧି ଘଟିବ। ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବେ।

**ତୁଳା:** ସୁଖ ବୃଦ୍ଧି ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ତୁମର ମନ ପ୍ରସ୍ତୁତ କରିବ। ତତ୍ପରତା ନାହିଁ। ବ୍ୟବସାୟ ଲାଭଦାୟକ ହେବ। ନୂତନ ବନ୍ଧୁ ସୃଷ୍ଟି ହେବ। ଘର ବାହାରେ ପଚରାଉଚରା କରାଯିବ। ଆୟରେ ନିଶ୍ଚିତତା ରହିବ। ଆତ୍ମ ସମ୍ମାନ ରହିବ। ଭଲ ଖବର ପାଇବେ। ଅତିଥିମାନେ ଆସିବେ।

**ବିଛା:** ଉପହାର ଗ୍ରହଣ କରାଯିବ। ବେକାରୀ ଦୂର ହେବ। ବ୍ୟବସାୟ ବୃଦ୍ଧି ପାଇବ। ଆପଣ ଚାକିରିରେ ପଦୋନ୍ନତି ପାଇପାରିବେ। ବିନିଯୋଗ ଭଲ ହେବ। ଭାଗ୍ୟ ଅନୁକୂଳ ହେବ। ପ୍ରଲୋଭିତ ହୁଅ ନାହିଁ। ଆପଣ ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।

**ଧନୁ:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବ। ଚିନ୍ତା ଏବଂ ଚାପ ଦୂର ହେବ। ଟଙ୍କା କାରବାରରେ ଶୀଘ୍ର ଏବଂ ବେପରୁଆ ହୁଅନ୍ତୁ ନାହିଁ। ଟଙ୍କା ନଷ୍ଟ ହୋଇପାରେ। ବିବାଦରୁ ଦୂରେଇ ରୁହନ୍ତୁ। ଅସୁବିଧାରୁ ଦୂରରେ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ। ଅପଚୟ ଖର୍ଚ୍ଚ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।

**ମକର:** ରୋଜଗାର ବୃଦ୍ଧି ପାଇବ। ଆୟ ବୃଦ୍ଧି ପାଇବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଭ୍ରମଣ ଲାଭଦାୟକ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଭାଇମାନଙ୍କ ସହଯୋଗ ସୁଖ ବୃଦ୍ଧି କରିବ। ଘର ବାହାରେ ଜୀବନ ଖୁସି ହେବ।

**କୁମ୍ଭ:** ରୋଜଗାର ବୃଦ୍ଧି ପାଇବ। ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇପାରନ୍ତି। ଘର ବାହାରେ ପଚରାଉଚରା କରାଯିବ। ନୂତନ ଚାକିରି ମିଳିପାରିବ। ବାହାରକୁ ଯିବାକୁ ଇଚ୍ଛା କରିବେ। ସେଠାରେ ସୁଖ ଏବଂ ତୃପ୍ତି ରହିବ। ତତ୍ପରତା ନାହିଁ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ।

**ମୀନ:** ଆପଣ ସତସଙ୍ଗର ଲାଭ ପାଇବେ। ବ୍ୟବସାୟ ବୃଦ୍ଧି ପାଇବ। ରାଜନୈତିକ ସମର୍ଥନ ପାଇବେ। ଲାଭ ସୁଯୋଗ ଆସିବ। ସବୁ ଦିଗରୁ ସଫଳତା ଆସିବ। ସୁଖ ବୃଦ୍ଧି ପାଇବ। ବ୍ୟସ୍ତତା ହେତୁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ଥକ୍କା ଲାଗିବ। ତନ୍ତ୍ର-ମନ୍ତ୍ର ପ୍ରତି ଆଗ୍ରହ ଜାଗ୍ରତ ହେବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର

# ରାଜ୍ୟ ଖବର



ବୌଦ୍ଧ(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସଚିବ ତଥା ବୌଦ୍ଧ ଜିଲ୍ଲା ନୋଡାଲ ଅଫିସର ଡ. ବିଜୟ କେତନ ଉପାଧ୍ୟାୟ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ବିଭାଗୀୟ ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ସଭା ପରିଚାଳନା କରିଥିଲେ । ବୈଠକରେ ପାଖାପାଖି ପଚିଶ ସଂଖ୍ୟକ ବିଭାଗରେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ସଂପର୍କରେ ଆଲୋଚନା କରାଯାଇଥିଲା । ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଜନଆରୋଗ୍ୟ ଯୋଜନା,ଅନ୍ତୋଦୟ ଗୃହ ଯୋଜନା,ପାନୀୟଜଳ ଓ ପରିମଳ ବ୍ୟବସ୍ଥା,ସେତୁ ବନ୍ଧନ ଯୋଜନା,ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମଶ୍ରୀ ବିଦ୍ୟାଳୟ,ଶିକ୍ଷଣ ପ୍ରଣାଳୀ,ସୁଭଦ୍ରା ଓ ପୋଷଣ ଯୋଜନା,ସାଧାରଣ ବଣ୍ଟନ ବ୍ୟବସ୍ଥା, ମଧୁବାବୁ ପେନସନ ଓ ଗ୍ରାମ୍ୟ ବିଦ୍ୟୁତିକରଣ ଯୋଜନା ସଂପର୍କରେ ଆଲୋଚନା କରାଯାଇଥିଲା । ସରକାରୀ ଯୋଜନା ଗୁଡିକର ସଫଳ କାର୍ଯ୍ୟାନ୍ୱୟନ ସହିତ ଏହାର ସୁଫଳ ଯେପରି ଠିକ୍ ଭାବରେ ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେଥିପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ବିଭାଗରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବାକୁ ସଚିବ ଶ୍ରୀ ଉପାଧ୍ୟାୟ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ବନ୍ଧୁ ବାନ୍ଧି ଟଙ୍କା ଠକେଇ ଅଭିଯୋଗ, ଜଣେ ଅଟକ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ସମାଜରେ ଏମିତି ବି ବନ୍ଧୁ ଅଛନ୍ତି ବିଶ୍ୱାସ କରିହେବ ନାହିଁ । ନିଜ ଗାଁ ରେ ଛୋଟବେଳୁ ଯିଏ ଏକାଠି ବଢିଥିଲେ ସେ ସମସ୍ତଙ୍କ ସହ ଭଲ ସମ୍ପର୍କ ଗଢ଼ି ମନ୍ଦିରକୁ ନେଇ ସଙ୍ଗାତ ବନେଇ ବିଶ୍ୱାସ ଜନ୍ମାଇ ବନ୍ଧୁଙ୍କ ଠାରୁ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ର ରାଟିଣି ଗ୍ରାମରେ। ଏଥିପାଇଁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଆଦର୍ଶ ଥାନାରେ ଠକେଇ ଅଭିଯୋଗରେ ଜଣେ ଅଟକ ଅଛନ୍ତି । ଜିଲ୍ଲା ଓ ରାଜ୍ୟ ବାହାରର ବହୁ ବେକାର ଯୁବକ ଯୁବତୀଙ୍କ ଠାରୁ ଚାକିରୀ କରାଇଦେବା ବିଶ୍ୱାସ ଜନ୍ମାଇ ଆନୁମାନିକ ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗ ହୋଇଛି । ଏହି ଅଭିଯୋଗ ରାଟିଣୀ ଗ୍ରାମର ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ନାମରେ ହୋଇଛି । ଏନେଇ ଗତକାଲି ସନ୍ଧ୍ୟା ସମୟରେ ୧୫ ରୁ ଉର୍ଦ୍ଧ୍ୱ ଠକେଇର ଶିକାର ହୋଇଥିବା ଯୁବକମାନେ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଛନ୍ତି । ଲକ୍ଷ୍ମୀନାରାୟଣ ପାତ୍ର ବେକାର ଯୁବକ ଯୁବତୀଙ୍କୁ ଦେଶ ତଥା ଦେଶ ବାହାରେ ଚାକିରୀ କରାଇଦେବା ନାମରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ପ୍ରାୟ ୧ ବର୍ଷ ହେବ ସେ ଡାଲିମ୍ବପୁର ଗ୍ରାମରେ ବନ୍ଧୁତ୍ୱ ମାଧ୍ୟମରେ ବିଶ୍ୱାସ ଜନ୍ମାଇ ବହୁ ବେକାର ଯୁବକ ଯୁବତୀଙ୍କୁ ଠକିଥିବା ଅଭିଯୋଗ ହୋଇଛି । କିଛି ଯୁବକଙ୍କୁ ମନ୍ଦିରକୁ ନେଇ ସଙ୍ଗାତ ବନେଇ ଠକିନେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ସୂଚନା ଅନୁସାରେ ଚାକିରୀ ପାଇଁ, ପାସପୋର୍ଟ ଆଦି କରାଇଦେବି ବୋଲି କହି ନଗଦ, ବ୍ୟାଙ୍କ ମାଧ୍ୟମ, ୟୁପିଆଇ ଟ୍ରାନଜେକ୍ସନ ମାଧ୍ୟମରେ ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ଠକାମିର ଶିକାର ହୋଇଥିବା ଜାଣିପାରି ଯୁବକ ଯୁବତୀମାନେ ଟଙ୍କା ମାଗିବା ଆରମ୍ଭ କରିଥିଲେ । ସେମାନଙ୍କର ଆକ୍ରୋଶର ଶିକାର ହେବାରୁ ବଞ୍ଚିବା ପାଇଁ ଏକାଧିକ ନକଲି ଚେକ୍ ପ୍ରଦାନ କରିଥିବାର ସୂଚନା ମିଳିଛି । ଯୁବକମାନଙ୍କୁ ନକଲି ଏୟାରପୋର୍ଟ ଟିକଟ, ନକଲି ଭିସା, ନକଲି ସାର୍ଟିଫିକେଟ, ତଥା ଆବଶ୍ୟକ କାଗଜପତ୍ର ସମସ୍ତ ନକଲ ପ୍ରଦାନ କରିଥିଲେ। ଏଥିପାଇଁ ବହୁ ଦିନ ହେଲା ଲକ୍ଷ୍ମୀନାରାୟଣଙ୍କୁ ଠକେଇର ଶିକାର ହୋଇଥିବା ଯୁବକଯୁବତୀ ମାନେ ଖୋଜୁଥିଲେ । ହେଲେ ସେ ଆନ୍ଧ୍ରର ଚାପରା ଗ୍ରାମରେ ଥିବାର କୌଣସି ସୂତ୍ରରୁ ଖବରପାଇ ତାଙ୍କୁ ସେଠାରୁ ଧରି ଆଣି ପାରଳାଖେମୁଣ୍ଡି ପୋଲିସର ଜିମା ଦେଇଛନ୍ତି। ଗଣମାଧ୍ୟମ ଆଗରେ ନ୍ୟାୟ ଦାବି କରିଛନ୍ତି ଯୁବକ ଯୁବତୀମାନେ। ତେବେ ଦେଖିବାକୁ ବାକି ରହିଲା ପୋଲିସର ତଦନ୍ତ ନ୍ୟାୟ ଦେଉଛି କି ନାହିଁ।

# ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବିତରଣ



ବୌଦ୍ଧ(ଭାସ୍କର ନ୍ୟୁଜ):ଜିଲ୍ଲା ସମଗ୍ର ଶିକ୍ଷା ବୌଦ୍ଧ କାର୍ଯ୍ୟାଳୟ ଆନୁକୂଲ୍ୟରେ ହରଭଙ୍ଗା ବ୍ଲକରେ ସ୍ଥାନୀୟ ଚାରିଛକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବିତରଣ ଓ ଭିନ୍ନକ୍ଷମତା ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ହରଭଙ୍ଗା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିବାବେଳେ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅର୍ନ୍ତନିବେଶି ଶିକ୍ଷା ସଂଯୋଜକ ହରିଶଙ୍କର ଦଣ୍ଡସେନା ଓ ଅତିରିକ୍ତ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅଲିମକ ଭୁବନେଶ୍ୱର, ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ବିରାମହରାଜପୁର ତଥା ଡ଼ିଇଆଇସି ବୌଦ୍ଧରୁ ଅଭିଜ୍ଞ ବିଶେଷଜ୍ଞମାନେ ଆସି ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଉକ୍ତ ଶିବିରରେ ଚଳନ ବାଧିତ, ପାଦବଙ୍କା, ଦୃଷ୍ଟିବାଧିତ, ଶ୍ରବଣ ଓ ବାକ୍ଶକ୍ତି, ବାଧିତ ତଥା ମାନସିକ ନ୍ୟୁନତା ବର୍ଗର ୯୭ଜଣ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ଆବଶ୍ୟକତା ଅନୁସାରେ ଟ୍ରାଏ ସାଇକେଲ, ହୁଇଲ ଚେୟାର କମଡ ହୁଇଲ ଚେୟାର କ୍ରଚେସ ଆଶାବାଦୀ ଡ଼ିଏଲଏମ କିଟ୍ ଓ ବ୍ରେକଲି କିଟ ଆଦି ବିତରଣ କରାଯାଇଛି । ଠିକ ସେହିପରି ଅଭିଜ୍ଞା ବିଶେଷଜ୍ଞାମାନେ ଉପରୋକ୍ତ ବର୍ଗର ୧୦୦ଜଣ ଛାତ୍ର ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରକ୍ଷା କରି ଆବଶ୍ୟକୀୟ ଉପକରଣ ଯୋଗାଇ ଦେବା ପାଇଁ ସୁପାରିଶ କରିଛନ୍ତି। ଉକ୍ତ ଶିବିରକୁ ହରଭଙ୍ଗା ବ୍ଲକର ସମ୍ବଳ କର୍ମୀ ରଜତ କୁମାର ପ୍ରଧାନ ଓ ରତ୍ନାକର ଦାଶ ତଥା ଆନ୍ତନିବେଶି ଶିକ୍ଷା ସ୍ୱେଚ୍ଛାସେବୀ ରାମଚନ୍ଦ୍ର ପୁରୋହିତ ସୁଶ୍ରୀ ମିନତୀ ପ୍ରଧାନ ପରିଚାଳନା କରିଥିଲେ। ଏହି ଶିବିରଟି ଏବିଓ କାର୍ତିକ ନାୟକ ବିଶିକେଶନ ବେହେରାଙ୍କ ତତ୍ତ୍ୱାବଧାନ ରେ ପରିଚାଳନା କରାଯାଇଥିଲା।

# ସରକାରୀ ଓ ବେସରକାରୀ କ୍ଲିନିକ୍ ଉପରେ ଚଢାଉ

ରେଢ଼ାଖୋଲ (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମୟ ସହରରେ ଥିବା ସରକାରୀ ଓ ବେସରକାରୀ ଅଲଟ୍ରା ସାଉଣ୍ଡ କ୍ଲିନିକ ଉପରେ ଅଚାନକ ଚଢ଼ାଉ କରିଥିଲେ। ଏଥିରେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ, ବେହେରା କ୍ଲିନିକ, ମାହେଶ୍ୱରୀ ହସ୍ପିଟାଲକୁ ଯାଇ ସରକାରୀ ନିୟମ ପାଳନ ଉପରେ ତଦାରଖ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ କନ୍ୟା ଭୃଣ, ସ୍ୱଚ୍ଛତା, ଲାଇସେନ୍ସ ପଞ୍ଜିକରଣ ଉପରେ ଯାଞ୍ଚ କରାଯାଇଥିଲା। ଏହି ଚଢାଉବେଳେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ,



ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଫ.ଡବ୍ଲୁ ପ୍ରମୋଦ କୁମାର ବିଶ୍ୱାଳ, ଉପଖଣ୍ଡ ଚିକିତ୍ସାଳୟ ଏସ୍ଡିଏମଓ ସୁନୀତା ବ୍ରହ୍ମା ପ୍ରମୁଖ ସମେତ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ସାମିଲ ରହିଥିଲେ। ଏହି ଯାଞ୍ଚ ସମୟରେ କାଗଜପତ୍ରରେ କିଛି ତ୍ରୁଟି ଦେଖିବାକୁ ମିଳିଥିଲା। ପରିବେଶ ସ୍ୱଚ୍ଛତାକୁ ନେଇ କ୍ଲିନିକ ମାଲିକମାନଙ୍କୁ ତାଗିଦ କରାଯାଇଛି ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଫ୍.ଡବ୍ଲୁ ଅଧିକାରୀ ଶ୍ରୀ ବିଶ୍ୱାଳ ପ୍ରତିକ୍ରିୟା ଦେଇଥିଲେ।


# ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଜିଲ୍ଲା ସମ୍ମିଳନୀ



ବୌଦ୍ଧ(ଭାସ୍କର ନ୍ୟୁଜ୍): ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତି କୁଞ୍ଜ ହରିଦ୍ୱାର ତତ୍ତ୍ୱାବଧାନରେ ମାତା ଭଗବତୀ ଦେବୀ ଶର୍ମାଙ୍କର ଜନ୍ମ ଶତାବ୍ଦୀ ସମାରୋହ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପରିଜନ ନବୀନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଶାନ୍ତି କୁଞ୍ଜ ହରିଦ୍ୱାରରୁ ଆସିଥିବା ଓଡିଶା ପ୍ରଭାରୀ ଶେଷଦେବ ବଡେଇ, ମଙ୍ଗଳ ସିଂ ଯୋଗଦାନ କରି ବୌଦ୍ଧ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ସମୀକ୍ଷା କରି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ବ୍ୟସନ ମୁକ୍ତି, ନିଶା ନିବାରଣ, ବୃକ୍ଷରୋପଣ, ଗର୍ଭ ସଂସ୍କାର ଇତ୍ୟାଦି କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ । ଆଗାମୀ ୨୦୨୬ରେ ହେବାକୁ ଥିବା ଜନ୍ମ ଶତାବ୍ଦୀ ସମାରୋହର ବ୍ୟାପକ ପ୍ରସ୍ତୁତିର ରୂପରେଖ ଉପସ୍ଥାପନା ସହ ଏଥିରେ ତନ, ମନ, ଧନ ଦେଇ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ବୌଦ୍ଧ ସହରରେ ଆଗାମୀ ଡିସେମ୍ବର ଶେଷ ସପ୍ତାହରେ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଶାନ୍ତି କୁଞ୍ଜ ତରଫରୁ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅନୁଷ୍ଠାନର ସବ ଜୋନ୍‌ର ପ୍ରମୁଖ ବସନ୍ତ କର ଗତମାସରେ ହୋଇଥିବା ଶକ୍ତି କଳସ ଯାତ୍ରାର ସଫଳତା ବର୍ଣ୍ଣନା କରିଥିଲେ । ଓଡ଼ିଶା ରାଜ୍ୟର ବରିଷ୍ଠ କାର୍ଯ୍ୟକର୍ତ୍ତା ବଳରାମ ସାହୁ ଆଗାମୀ ଦିନରେ ରାଜ୍ୟ ଶାଖାର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଆରମ୍ଭରେ ବୌଦ୍ଧ ଗାୟତ୍ରୀ ପରିବାରର ସଂଯୋଜକ ଅଶ୍ୱିନୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିବା ସହ ଶାନ୍ତି କୁଞ୍ଜ ପ୍ରତିନିଧିମାନଙ୍କୁ ସମ୍ମାନିତ କରିଥିଲେ। ବରିଷ୍ଠ ସଦସ୍ୟ ହୃଦାନନ୍ଦ ମେହେର ବୌଦ୍ଧରେ ହେବାକୁ ଥିବା ୧୦୮ କୁଣ୍ଡିୟ ଯଜ୍ଞ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲାର ବରିଷ୍ଠ ପ୍ରଜ୍ଞା ପୁତ୍ର ପ୍ରମୋଦ କୁମାର ଚାନ୍ଦ। ଏହି ଅବସରରେ ଆସ ଗଢ଼ିବା ସଂସ୍କାରବାନ୍ ପିଢ଼ି କାର୍ଯ୍ୟକ୍ରମ ପାଇଁ ପ୍ୟାରୀମୋହନ ଶତପଥୀ ଓ ଗୀତା ମେହେରଙ୍କୁ ପ୍ରତିନିଧି ମାନେ ସମ୍ମାନିତ କରିଥିଲେ। ଏହା ସହ ରେଡ୍‌କ୍ରସ୍‌ର ସାମାଜିକ ସେବା କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରପତି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଗାୟତ୍ରୀ ଶକ୍ତି ପୀଠର ମୁଖ୍ୟ ଟ୍ରଷ୍ଟି ଡ଼ଃ ପ୍ରବୀର କୁମାର ଦାସଙ୍କୁ ସମ୍ମିଳନୀ ତରଫରୁ ସମ୍ମାନିତ କରାଯାଇଥିଲା । ଏଥିରେ ବୌଦ୍ଧ ଜିଲ୍ଲାର ତିନୋଟି ବ୍ଲକ ଏବଂ ସହରର ୧୦୦ରୁ ଉର୍ଦ୍ଧ୍ୱ ପରିଜନ ଅଂଶଗ୍ରହଣ କରିଥଲେ। ଶେଷରେ ପ୍ରବୀର ଦାସ ନିଜର ବକ୍ତବ୍ୟ ସହ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶୁଭେନ୍ଦୁ ମହାକୁଡ, ତାରେଣୀ ପ୍ରଧାନ, କୈବଲ୍ୟ ପ୍ରଧାନ, ନାରାୟଣ ପ୍ରଧାନ, ନିରଞ୍ଜନ ସାଥୁଆ ବହୁ ସହଯୋଗ କରିଥିଲେ ।

# ସାପ କାମୁଡାରେ ବୃଦ୍ଧ ଗୁରୁତର

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ଯାଗୁଗୁଡା ପଞ୍ଚାୟତ ଲେଡିଙ୍ଗି ଗାଁରେ ବୃଦ୍ଧଙ୍କୁ ସାପ କାମୁଡାରେ ଗୁରୁତର ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଛି। ଗୁରୁବାର ଅପରାହ୍ନ ସମୟରେ ବୃଦ୍ଧ ପାଇକ ହାରେକା ୭୦ ବର୍ଷ ଘରରୁ ଅଳ୍ପ ଦୂରରେ ଥିବା ଧାନ ବିଲରେ ଥିବା ଗାଈ ଗୋରୁଙ୍କୁ ଘଉଡାଇବାକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ବୃଦ୍ଧଙ୍କର ଡାହାଣ ଗୋଡ଼କୁ କାମୁଡି ଥିଲା। ପରିବାର ଲୋକଙ୍କ ପକ୍ଷରୁ ଘରୋଇ ଚିକିତ୍ସା କରୁଥିବାବେଳେ ବୃଦ୍ଧ ଜଣକ ଅଧିକ ଅସୁସ୍ଥତା ଅନୁଭବ କରିଥିଲେ। ପରେ ଏକ ଆମ୍ବୁଲାନ୍ସ ସେବା ମାଧ୍ୟମରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଚାଲିଛି। ରିପୋର୍ଟ ଲେଖାହେବା ଯାଏଁ ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥିବା ଦେଖିବାକୁ ମିଳିଛି।



# ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ



ଉମରକୋଟ(ଭାସ୍କର ନ୍ୟୁଜ୍): ଆସନ୍ତା ୧୦ ତାରିଖ ଦିନ ଉମରକୋଟ ନିକଟସ୍ଥ ବୁର୍ଜା ଠାରେ ଆମ ଓଡ଼ିଶା, ବୁର୍ଜା ଯୁବକ ସଂଘ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାହାରାର ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଆଜି ଶ୍ରୀ ଶ୍ରୀ ମା ପାଟ ଦେବତା ଖେଳ ପଡିଆ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା। ମୁଖ୍ୟ ଅତିଥି ଭାବେ ବୁର୍ଜା ସମିତି ସଭ୍ୟ ହିରାଲାଲ ମାଝି ଯୋଗଦେଇଥିବା ବେଳେ ସାହାରାର ସମ୍ପାଦକ ମନୋଜ କୁମାର ଧଳ, ହିମାଂଶୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ କେମିତି ୧୦୦ ୟୁନିଟରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ ହେଇ ପାରିବ ସେଥିନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ନିକଟସ୍ଥ ଗ୍ରାମରୁ ମଧ୍ୟ କିପରି ଭାବେ ରକ୍ତଦାତା ଆସିବେ ତା ଉପରେ ମଧ୍ୟ ଆଲୋଚନା ହେଇଥିଲା। ମହିଳା ଓ ଯୁବତୀ ମାନେ ମଧ୍ୟ କିପରି ଭାବେ ଏହି ଶିବିରକୁ ଆସି ରକ୍ତଦାନ କରିବେ ସେଥିନେଇ ଯୁବକ ମାନେ ଦାୟିତ୍ୱ ନେବେ ବୋଲି ଆଜିର ବୈଠକରେ ନିଷ୍ପତି ହେଇଥିଲା। ଆଜିର ଏହି ପ୍ରସ୍ତୁତି ବୈଠକରେ ସୁବରାଜ ଗଣ୍ଡ, ଆଲୱାନ କଟିମ, ନାରାୟଣ ଗଣ୍ଡ, ଘାସିରାମ ମାଝି, ଡମ୍ବରୁ ମାଝି, ଜୟ କଲାର, ୱାର୍ଡ ମେମ୍ବର ରମେଶ ଗଣ୍ଡ, ପ୍ରଶାନ୍ତ ବାଗ, ନବିନ ବାଗ, ବିଙ୍ଗୁ ଗଣ୍ଡ, ଜଗମୋହନ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମ



ମୁରିବାହାଲ (ଭାସ୍କର ନ୍ୟୁଜ ) ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସିରୋଳ ତପୋବନ ଏକାଡେମୀରେ' ମାଆ ପାଇଁ ଗଛଟିଏ' ' ଏକ ପେଡ ମା କେ ନାମ୍' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଗୋଟିଏ ଗଛ ଲଗାଇ ମାନବ ସମାଜର ମଙ୍ଗଳ ନିମନ୍ତେ ପ୍ରାର୍ଥନା କରିଥିଲେ। ତପୋବନ ଏକାଡେମୀର ଅଧ୍ୟକ୍ଷ ତପସ୍ୱିନୀ ଦାଶ, ଅତିରିକ୍ତ ଅଧ୍ୟକ୍ଷ ଭୁଲେଶ୍ୱର ଛତର, ସହକାରୀ ଶିକ୍ଷକ ପୀତାମ୍ବର ତାଣ୍ଡି, ସ୍ମିତା ପଣ୍ଡା, କୌଶଲ୍ୟା ରଣା, ବର୍ଷା ଛତର, ନରେଶ ରଣା, ଅର୍ଜୁନ ଗହିର ଓ ଛାତ୍ରୀଛାତ୍ରଗଣ ହୃଷିକେଶ ଛତର, ମଧୁସୂଦନ ରଣା, ଆରବ ପଶାୟତ , ଲୋକେଶ୍ୱର ଛତର, ଓମ ଛତର, ପ୍ରକାଶ ପୁଟେଲ ଓ ଜ୍ୟୋସ୍ନାରାଣୀ ବେହେରା ଆଦି ଗଭୀର ଉତ୍ସାହ ସହିତ ଉପସ୍ଥିତ ଥିଲେ। ବୃକ୍ଷ ହିଁ ଜୀବନ ବୋଲି ଆଲୋଚନା କରାଯାଇ ସେଗୁଡିକର ରକ୍ଷଣା ବେକ୍ଷଣ ରେ ମାନବ ସମାଜର ଭବିଷ୍ୟତ ସୁରକ୍ଷିତ ଅଛି ବୋଲି ବିଦ୍ୟାଳୟ ର ଅଧକ୍ଷ ତଥା ଶିକ୍ଷକ,ଶିକ୍ଷୟତ୍ରୀ ମତ ରଖିଥିଲେ।

# ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଡାକ୍ତରଙ୍କ ଅଜବ ଚିକିତ୍ସା

## ଜ୍ୱର ଓ କୁଣ୍ଡିଆ ହେଉଥିବା ୪ ବର୍ଷର ଶିଶୁକୁ କୁକୁର କାମୁଡା ଇଞ୍ଜେକସନ୍ ଦେଇଥିବା ଅଭିଯୋଗ

ଲହୁଣୀପଡ଼ା(ଭାସ୍କର ନ୍ୟୁଜ୍):ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଡାକ୍ତରଙ୍କ ଅଜବ ଚିକିତ୍ସା। କୁଣ୍ଡିଆ ବଦଳରେ ମିଳୁଛି କୁକୁର କାମୁଡା ଇଞ୍ଜେକ୍ସନ। ବଣାଇଁ ଉପଖଣ୍ଡ ଚିକିତ୍ସାଳୟରୁ ମାତ୍ର ଅଧ କିଲୋମିଟର ହେବ ଜଗନ୍ନାଥପୁର ବସ୍ତିର ଚିନ୍ମୟ ଜେନାଙ୍କ ଚାରି ବର୍ଷ ର ଶିଶୁ କନ୍ୟାକୁ ଜ୍ୱର ହେବା ସହ କୁଣ୍ଡେଇ ହେବା କାରଣରୁ ପରିବାର ଲୋକେ ଡାକ୍ତରଖାନାକୁ ଦେଖେଇବା ପାଇଁ ଆଣିଥିଲେ। ଡାକ୍ତରଖାନାରେ ଚାରିବର୍ଷର ଶିଶୁକୁ କୁଣ୍ଡିଆ ବଦଳରେ କୁକୁର କାମୁଡା ଇଞ୍ଜେକସନ୍ ଦେବା ଘଟଣା ଆଜି ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାରୁ ପ୍ରକାଶ ଯେ ବଣାଇଁ ସହର ଜଗନ୍ନାଥପୁର ବସ୍ତିର ଚିନ୍ମୟୀ ଜେନାଙ୍କ ଚାରି ବର୍ଷ ର ଶିଶୁକନ୍ୟାକୁ ଗତ ୨୯ ତାରିଖ ଦିନ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ଶିଶୁର ଦେହରେ ଏକ ପୋକ ଚାଲିଯିବା ପରେ କୁଣ୍ଡେଇ ହୋଇଥିଲା । ତେବେ ଚିକିତ୍ସାଳୟରେ ଥିବା ଡାକ୍ତର ଲିକି ଚାନ୍ଦ ମହାପାତ୍ର ଶିଶୁକୁ କୁକୁର କାମୁଡା ଇଞ୍ଜେକସନ୍ ପ୍ରେସ୍କ୍ରିପସନରେ ଲେଖି ଦେଇଥିଲେ। ତେବେ ଜଣେ ନର୍ସ କୁକୁର କାମୁଡା ଇଞ୍ଜେକସନ୍ ଦେବା ପରେ ଛୁଆର ମା'କୁ ଛୁଆକୁ କୁକୁର କାମୁଡି ଛିକି ବୋଲି ପଚାରି ଥିଲେ। ଏହା ଜାଣିବା ପରେ ମାଆ ବାପାଙ୍କ ହୋସ୍ ଉଡି ଯାଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ଡାକ୍ତରଖାନା ଡାକ୍ତରଙ୍କୁ କହିବା ପରେ ଚିନ୍ମୟୀଙ୍କୁ ଗତକାଲି ଡାକି ସମ୍ପୃକ୍ତ ଡାକ୍ତର କ୍ଷମା ମାଗି ଦେଇଥିଲେ ଏବଂ ପ୍ରେସକ୍ରିପସନକୁ ଚିରି ଦେଲେ । ଅନ୍ୟ ଏକ ଔଷଧ ଦେଇ ଦୋଷ ଛଡାଇବା କୁ ଚେଷ୍ଟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏବେ ଶିଶୁ ଅବସ୍ଥା ଠିକ୍ ନଥିବାରୁ ରାଉରକେଲା ନେଇ ଦେଖେଇବା ବ୍ୟତୀତ ଅନ୍ୟ ଉପାୟ ନ ଥିବା ଚିନ୍ମୟୀ କହିଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଲା ଯେ ସେହିଦିନ ଶିଶୁକୁ ଦେଖିବା ପୂର୍ବରୁ ସମ୍ପୃକ୍ତ ଡାକ୍ତର ଲିକିଚାନ୍ଦ ମହାପାତ୍ର ଜଣେ କୁକୁର କାମୁଡା ରୋଗୀଙ୍କୁ ଦେଖିଥିବା ଜଣାପଡିଛି ।ତେବେ ଉପଖଣ୍ଡ ଚିକିତ୍ସା ଅଧିକାରୀ ମନୋଜ କୁମାର ପତିଙ୍କ ସହିତ ଏବିଷୟରେ ଯୋଗାଯୋଗ କରିବା ପରେ ସେ କହିଛନ୍ତି ଯେ ଯଦି ଏଭଳି ଘଟଣା ହୋଇଛି ତାହା ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହା ଜାଣିବା ପରେ ଆଜି ସିଡିଏମଓ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିବା ପରେ ଘଟଣାଟିକୁ ଅତି ହାଲୁକା ଭାବେ ନେଇ କଥାକୁ ଆଡ଼େଇ ଦେବା ସହିତ ଡାକ୍ତରଙ୍କୁ ବଞ୍ଚେଇବା କୁ ଯାଇ ଦିଆଯାଇଥିବା ମେଡ଼ିସିନଟି କୁକୁର କାମୁଡା ଭେକ୍ସିନ ଅଟେ। ତାହା ଶିଶୁ ପ୍ରତି କୌଣସି ବିପଦ ନାହିଁ। ଏହା ବର୍ଷକୁ ଥରେ ଲେଖାଏଁ ନେବା କଥା ବୋଲି ଓଲଟା ଯୁକ୍ତି ବାଢିଥିଲେ। ତେବେ ଯଦି ଡାକ୍ତର ସଠିକ ଔଷଧ ଦେଇଥିଲେ କାହିଁକି ପ୍ରେସକ୍ରିପସନଟିକୁ ଚିରି ଦେଲେ ବୋଲି ପଚାରିବାରୁ ଯଦି ଡାକ୍ତର ସେମିତି ଭୁଲ କରିଛନ୍ତି, ତେବେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ନୂଆମୁରାରେ ଚାରାରୋପଣ କାର୍ଯ୍ୟକ୍ରମ

ବରଗଡ(ଭାସ୍କର ନ୍ୟୁଜ୍):ମାନେଶ୍ୱର ବ୍ଲକ ଅନ୍ତର୍ଗତ ନୂଆମୁରା ଗ୍ରାମ ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସମାଜସେବୀ ତ୍ରିଲୋଚନ କୁମାରଙ୍କ ପରିଚାଳନାରେ ଗ୍ରାମର ବିଶ୍ୱନାଥ ଡନସନା, ଅମରେଶ ବିଶ୍ୱାଳ, ମହେଶ୍ୱର ଧରୁଆ, ନରେନ୍ଦ୍ର ପଧାନ, ଶିବାଜୀ କାଲୋ ପ୍ରମୁଖ ଯୋଗଦେଇ ୧୫୦ଟି ଗଛ ଲଗାଇଥିଲେ । ଏହି ଗଛଗୁଡ଼ିକର ଯତ୍ନ ନେଇ ଆଗାମୀ ସମୟରେ ଏକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବାର ମତ ପ୍ରକାଶ ପାଇଥିଲା ।



# ହତ୍ୟା ମାମଲାରେ ୫ ଅଭିଯୁକ୍ତଙ୍କୁ ଆଜୀବନ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଦୌରା ଜଜ୍ ଡ.ପ୍ରସନ୍ନ କୁମାର ପଣ୍ଡା ଏକ ହତ୍ୟା ମାମଲାର ଶୁଣାଣି କରି ୫ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରା ଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନା ଅନୁଯାୟୀ ଜିଲ୍ଲାର ମୋଟୁ ଥାନା ଅନ୍ତର୍ଗତ ଗୁଣ୍ଠାବେଡା ଗ୍ରାମର ମୁକୁନ୍ଦ କନ୍ତେରିଙ୍କୁ ତାଙ୍କ ପତ୍ନୀ ମଙ୍ଗୁଳି ଙ୍କ ସମ୍ମୁଖରେ ଉକ୍ତ ଗ୍ରାମର ୫ ଜଣ ବ୍ୟକ୍ତି ଗୁଣିଗାରେଡି ସନ୍ଦେହରେ ଗତ ୨୦୨୦ ମସିହା ଫେବ୍ରୁଆରି ମାସରେ ହତ୍ୟା କରି ମରଶରୀରକୁ ପୋଡି ଦେଇଥିଲେ । ଏହାକୁ ନେଇ ମୃତକଙ୍କ ପରିବାର ମୋଟୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ମୋଟ ୫ ଜଣ ଯଥା:– ଲବକୁଶ କନ୍ତେରି, ସୋମନାଥ ଜାଲା, ସୁକୁ ଜାଲା, ଶଙ୍କର ମାଝୀ ଓ ମଙ୍ଗୁ ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାଟି ବିଚାରଧୀନ ଥିବାବେଳେ ଗତକାଲି ଜିଲ୍ଲା ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡା ୧୦ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ୫ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି । ଏହି ମାମଲାକୁ କ୍ୟାଡର ପିପି ଯୋଗେନ୍ଦ୍ର ରାଇକା ଦକ୍ଷତାର ସହ ପରିଚାଳନା କରିଥିଲେ ।


# ନୂତନ ଜିଲ୍ଲାପାଳଙ୍କ ସହ ଆଲୋଚନା କଲା ଓୟୁଜେ ସଂଘ




ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଓୟୁଜେ ସାମ୍ବାଦିକ ସଂଘ ପକ୍ଷରୁ ନୂତନ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି ।ନବରଙ୍ଗପୁର ସଂଘ ସଭାପତି ସୁଶାନ୍ତ ବେହେରା ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ସାମ୍ବାଦିକ ଏକତ୍ରିତ ହୋଇ ନବରଙ୍ଗପୁର ଜିଲ୍ଲାରେ ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଜିଲ୍ଲାପାଳଙ୍କୁ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ଜିଲ୍ଲାର ବିଭିନ୍ନ ଜାଗାରେ ମାଳ ମାଳ ନକଲି ସାମ୍ବାଦିକ ଘୁରି ବୁଲୁଥିବାବେଳେ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ଚିହ୍ନଟ ଲାଗି ସଂଘ ପକ୍ଷରୁ ଦାବି କରାଯାଇଥିଲା ।ଖୁବ ଶୀଘ୍ର ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକମାନଙ୍କୁ ଚିହ୍ନଟ କରାଯିବ ବୋଲି ଜିଲ୍ଲାପାଳ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।

# ରାସ୍ତା ଖରାପ ଯୋଗୁ ଅଧାବାଟରେ ଫସିଲା ଆମ୍ବୁଲାନ୍ସ

## ଖଟିଆରେ ବୁହାହେଲା ରୋଗୀ



ବୌଦ୍ଧ(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ର ୭୭ବର୍ଷ ପରେ ବି ଗାଁକୁ ପହଁଚି ପାରିଲା ନାହିଁ ବିକାଶ। ଏପର୍ଯ୍ୟନ୍ତ ଗାଁକୁ ନାହିଁ ଖଣ୍ଡିଏ ସ୍ଥାୟୀ ରାସ୍ତା ଖଣ୍ଡିଏ । ଫଳରେ ବିଭିନ୍ନ ସମୟରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ଆଜି ଆମ୍ବୁଲାନ୍ସ ଅଧା ବାଟରେ କାଦୁଅରେ ଫସିବାରୁ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣିଲେ ପରିବାର ଲୋକ। ଏଭଳି ଚିତ୍ର ସାମ୍ନାକୁ ଆସିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଂକୁଳେଇ ପଞ୍ଚାୟତ ହରିହରପୁର ଗ୍ରାମରେ। ଗ୍ରାମରେ ବିଷ୍ଣୁ ପ୍ରଧାନ ଦେହ ଅସୁସ୍ଥ ଥିବାରୁ ଆଜି ଗୁରୁତର ହୋଇଥିଲେ ଫଳରେ ପରିବାର ଲୋକ ଆମ୍ବୁଲାନ୍ସକୁ ଡାକିଥିଲେ ମଧ୍ୟ ରାସ୍ତା ଖରାପ ଥିବାରୁ ଗାଁ ଭିତରକୁ ଆମ୍ବୁଲାନ୍ସ ଯାଇ ନପାରି ଅଧା ବାଟରେ ଫସି ରହିଥିଲା । ଫଳରେ ଗୁରୁତର ବ୍ୟକ୍ତିଙ୍କୁ ଖଟିଆରେ ବୋହି ଅଧ ବାଟକୁ ଆଣି ପୁଣି ଷ୍ଟ୍ରେଚର ସାହାଯ୍ୟରେ ଆମ୍ବୁଲାନ୍ସକୁ ଆଣିବାକୁ ପଡିଥିଲା । ଉକ୍ତ ଗାଁ ରାସ୍ତା ସମସ୍ୟା ନେଇ ଗ୍ରାମବାସୀ ପକ୍ଷରୁ ସ୍ଥାୟୀ ରାସ୍ତା ଖଣ୍ଡିଏ ପାଇଁ ଅନେକଥର ଜନ ପ୍ରତିନିଧି ଠୁ ଆରମ୍ଭ କରି ପ୍ରଶାସନ ଅଧିକାରୀ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଆଉ ଏମିତି କେତେ ଦିନ ରାସ୍ତା ଦୁଃଖ ପାଇବୁ ବୋଲି ଲୋକେ ପ୍ରଶ୍ନ କରିଥିବା ବେଳେ ଏପରିକି ରାସ୍ତା ସମସ୍ୟା ଦୂର ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସୁଦୂର ଗଞ୍ଜାମ ଜିଲ୍ଲାରୁ ରାତି ୧୧ଟା ବେଳେ ଶୋଇଥିବା ସମୟରେ ଏକ ବିଷଧର ସର୍ପ ଦଂଶନରେ ଶିଶୁଟି ଜଣାପଡିବାରୁ ବାପା ମାଆ ତୁରନ୍ତ ଗଞ୍ଜାମ ସରକାରୀ ହସ୍ପିଟାଲକୁ ନେବା ପରେ ମେଡିକାଲ ଅଫିସର ଏହା ଅତ୍ୟନ୍ତ ଜଟିଳ ଏବଂ ଅସୁବିଧା ଦର୍ଶାଇ ତୁରନ୍ତ କଟକ କିମ୍ବା ଭୁବନେଶ୍ୱର ନେଇଯିବା ପାଇଁ ପରାମର୍ଶ ଦେଇଥିବାବେଳେ ବାପା ମାଆ ଅତିବଶ୍ୟ ହୋଇ ଭୁବନେଶ୍ୱର ଆସି ପହଞ୍ଚି ଘରୋଇ ହସ୍ପିଟାଲରେ ଦେଖାଇବାରୁ ସେମାନେ ପିଲାର ଅବସ୍ଥା। ସଂପର୍କରେ ଧ୍ୟାନ ଦେଇ ଏହା ଅତ୍ୟନ୍ତ ଦୁରୂହ ଜେପାର ଏବଂ ସମ୍ଭାବନା କମ ଭାବି ଫେରାଇ ଦେବାରୁ କୌଣସି ସୂତ୍ରରୁ ଖବର ପାଇ ପିତାମାତା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚି ସୁଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ଏକ ପୁନର୍ଜନ୍ମ ପାଇଛନ୍ତି । ଗଞ୍ଜାମ ଜିଲ୍ଲାର ପିତା ପବିତ୍ର ନାୟକ ଓ ମାତା ରଶ୍ମିତା ନାୟକ ୩ ବର୍ଷର ପିଲାର ପୁନର୍ଜନ୍ମ ପାଇଁ ବିଶିଷ୍ଟ ଚିକିତ୍ସାବିତ୍ ଡକ୍ଟର ଜାନକୀ ବଲ୍ଲଭ ପ୍ରଧାନଙ୍କୁ ଅଶେଷ ଧନ୍ୟବାଦ ଦେବା ସହ ହାଇଟେକ୍ ହସ୍ପିଟାଲକୁ ପ୍ରଣାମ ଜଣାଇଛନ୍ତି । ଏଠାରେ କହି ରଖୁଛୁ ଯେ, ସାପ କାମୁଡ଼ା ସମୟରେ ତୁରନ୍ତ ଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ପରାମର୍ଶ ଓ ଚିକିତ୍ସା କରାଇଲେ ତତ୍କ୍ଷଣାତ ମୃତ୍ୟୁ ମୁଖରୁ ବଞ୍ଚିପାରିବେବୋଲି ହାଇଟେକ୍ ଗ୍ରୁପ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଏବଂ ଚିକିତ୍ସାବିତ୍ମାନେ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ମେଡିକାଲ ସୁପରିଟେଣ୍ଡେଣ୍ଟ ଡକ୍ଟର ରବିନ୍ଦ୍ରନାଥ ବେହେରା କହିଛନ୍ତି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀ ଆଡିବନ୍ଧ...

ପ୍ରସ୍ତାବ ଗୃହୀତ ହୋଇଥିଲା । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ । ସେହିପରି ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି '୨୦୧୬ ରେ ନିମ୍ନଲିଖିତ ସଂଶୋଧନକୁ ଅନୁମୋଦନ କରିଛନ୍ତି। ...

### ସେପ୍ଟେମ୍ବର ୯ରେ...

ଉପରାଷ୍ଟ୍ରପତି ନିର୍ବାଚନ କେବେ ହେବ ଓ ଏହି ପଦବୀରେ କିଏ ବସିବ ତାକୁ ଜାଣିବାକୁ ଅପେକ୍ଷା କରିଛନ୍ତି। ...

### ସ୍ୱଦେଶ ହେଲେ...

ସ୍ୱଦେଶ କୁମାର ରାଉତରାୟ ସର୍ବସମ୍ମତିକ୍ରମେ ପୂର୍ବାଞ୍ଚଳ-କ୍ରେଡାଇ ଉପାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କ୍ରେଡାଇ ସଭାପତି ଶେଖର ଜୀ ପଟେଲ ସୂଚନା ଦେଇଛନ୍ତି। ...

### ଅଗଷ୍ଟରେ...

ସବୁଠି କମ୍ ବର୍ଷା ହେବ। ପଶ୍ଚିମ ଓଡ଼ିଶାର ବହୁ ସ୍ଥାନ ଶୁଖିଲା ପଡ଼ିବ। ...

### ସନ୍ତୁଳିତ...

ସେ ଭାରତର ଅର୍ଥନୀତିରେ ରିଅଲ ଇଷ୍ଟେଟ କ୍ଷେତ୍ର ଯୋଗଦାନକୁ ଉଲ୍ଲେଖ କରି କହିଥିଲେ, ...

### କମର୍ସିଆଲ ଗ୍ୟାସ୍...

କୋଲକାତାରେ କମର୍ସିଆଲ ସିଲିଣ୍ଡର ଗ୍ୟାସ୍‌ଦର ୧୭୩୪ଟଙ୍କା ରହିଥିବାବେଳେ ...

## ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ରାଜ୍ୟପାଳ ଡ଼. ହରିବାବୁ କମ୍ଭମପତି ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ନେତା ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ପୁଣ୍ୟତିଥିରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ...

### AFFIDAVIT

By virtue of an affidavit sworn before the Executuve Magistrate, Nabarangpur, dated. 23.07.2025, I GHASIRAM PUJARI, S/O- Late. BENU PUJARI, Village - Pilika, Po- Taragam, P/s- Nabarangpur, Dist- Nabarangpur, Odisha, declare that. I have changed my name from ARJUN PUJARI to GHASIRAM PUJARI. Henceforth I shall be known as GHASIRAM PUJARI for all purposes.
Sd/- GHASIRAM PUJARI

### AFFIDAVIT

By virtue of an affidavit sworn before the Executive Magistrate, Mahakalpara, dated: 21.07.2025, I Bhramar Malik, Address: village-Mangalpur, Po-Mahakalapara, Ps-Mahakalapara, Dist-Kendrapara, Odisha, PIN-754224, declare that I have changed son's name from Datu Malik to Sahil Malik. Henceforth, He shall be known as Sahil Malik for all purposes.
Sd/- Bhramar Malik

### AFFIDAVIT

By an affidavit CF No.09 sworn before Executive Magistrate, Bhubaneswar on Dt.25.07.2025 I, Ruksana Bibi, W/o- Shaikh Sidique Ali, Plot No.610, Palashpalli, Bhimpur, Bhubaneswar, Dist.- Khurda in my daughter's school document, my husband's name mentioned as Sk. Sidique Ali instead of Shaikh Sidique Ali . Shaikh Sidique Ali is correct name . Both Shaikh Sidique Ali & Sk. Sidique Ali is one and same person.

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 01.08.2025, I Jasmin Bisoyi, Address: At-C-42, Unit-8, Baramunda, Po-Baramunda, Ps-Khandagiri, Bhubaneswar, dist-Khordha, Odisha, PIN-751003, declare that I have changed my name from Dr. Jasmin Bisoyi to Jasmin Bisoyi. Henceforth, I shall be known as Jasmin Bisoyi for all purposes.
Sd/- Jasmin Bisoyi

### ଦ.ପୂ. ରେଳପଥ-ଟେଣ୍ଡର

... www.ireps.gov.in ... www.ireps.gov.in ...
(PR-468)

n-114

ସମଗ୍ର ଶିକ୍ଷା
Samagra Shiksha

**DISTRICT PROJECT OFFICE, SAMAGRA SHIKSHA, GAJAPATI**

No: 2021 Date: 31.07.2025

**Advertisement for filling up vacancies in KGBV Hostels of Gajapati district**

It is hereby brought to the notice of the general public that the detailed advertisement /application form for the vacant posts in Kasturba Gandhi Balika Vidyalaya (KGBV) Hostel, in Gajapati district is published at www.gajapati.odisha.gov.in. Therefore, all interested candidates/applicants should send their application form to the District Education Officer-Cum-DPC, Betaguda, Samagra Shiksha, Parlakhemundi, Gajapati-761201 by 20.08.2025 through Registered post/Speed Post. Incomplete application form or application received after due date will not be accepted.

Yours faithfully
Sd/-
DEO-cum-DPC
Samagra Shiksha, Gajapati

OIPR 27116/11/0005/2526

**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT**
**(GOVT. OF ODISHA)**
**TENDER CALL NOTICE**

CAD-1362

Bid Identification No: PA (ITDA) –KPT- 03/25-26 Letter No: 1765 / Dated: 30 / 07 /2025

| Sl. No. | Particulars | Date | Time |
|---|---|---|---|
| 01 | Date of Publication | 30.07.2025 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 20.08.2025 | 5.30 PM |
| 03 | Date of Opening of Bid & Finalization / Selection of Bidder | 21.08.2025 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders under I.T.D.A Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in from I.T.D.A Koraput.
3. The Bidder or Authorize representative must attend this Office on 21.08.2025 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

Sd/-Project Administrator,
I.T.D.A., Koraput

OIPR 19271/11/0003/2526

i- ☎ - 06727-232265
E-Mail :-ori-bkendrapara@nic.in

**OFFICE OF THE PANCHAYAT SAMITI, KENDRAPARA,**
**DIST-KENDRAPARA**

Letter No 2751 Dt 01.08.2025

"e" Procurement Notice

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

1. Tender Reference No. : 01/PSK/2025-26
2. Name of the Work : 1. Construction of Hostel building of Madrasatul Banat Rabea Basaria Girls Education Centre at Boulapada.
3. No. of works : 1No.
4. Estimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date &Time of Bidding : 06.08.2025at 11.00 AM
8. Last date & time for receipt of bids in the portal : 27.08.2025 at 5.00 PM
9. Bids received online shall be opened on : 30.08.2025 at 11.00 AM
10. Name and address of the Officer inviting Bid : O/o-Block Development Officer, Kendrapara

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.

OIPR 19446/11/0001/2526 Sd/-Block Development Officer, Kendrapara

AU SMALL FINANCE BANK
**Registered Office:**19-A Dhuleshwar Garden, Jaipur, Rajasthan, India, 302001.
www.aubank.in

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **07 AUGUST 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHUBANESWAR** - 24660001429184 24660002552674 | **CUTTACK** - 24660000423972 24660000126831 24660000356707 24660001357878 24660000333961 24660001357828 24660001163373 | **HINJILICUT** - 24660002342179 24660001380594 24660001649049 | **KUAKHIA** - 24660001528817

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
Manager
AU Small Finance Bank Limited

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
IDFC FIRST Bank
ଆପେଣ୍ଡିକ୍ସ ୪ (ରୁଲ ୮(୧)
ପଜେସନ ନୋଟିସ
(ସ୍ଥାବର ସମ୍ପତ୍ତି ପାଇଁ)

ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍
IDFC FIRST Bank
ଆପେଣ୍ଡିକ୍ସ ୪ (ରୁଲ ୮(୧)
ପଜେସନ ନୋଟିସ
(ସ୍ଥାବର ସମ୍ପତ୍ତି ପାଇଁ)



ନୂଆଦିଲ୍ଲୀ: ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଜେଡିଏସର ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭାନ୍ନା। ଆଜି ଲୋକ ପ୍ରତିନିଧିଙ୍କ ନିଁରେ ଥିବା ମାମଲାର ବିଚାର କରୁଥିବା ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଗୋଟିଏ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ମହୀଶୂରର କେଆର ନଗରରେ ଜଣେ ଘରୋଇ ସହାୟିକା ପୂର୍ବତନ ସାଂସଦ ପ୍ରଜ୍ୱଳ ରେଭାନ୍ନାଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ଦୁଷ୍କର୍ମ ମାମଲା ଶୁରୁ ହେବାର ମାତ୍ର ୧୪ ମାସ ମଧ୍ୟରେ ଏପରି ରାୟ ଆସିଛି। ଶୁଣାଣି ଦ୍ରୁତଗତିରେ କରି କୋର୍ଟ ଆଜି ରାୟ ଦେଇଛନ୍ତି। ଆଜି କୋର୍ଟ ପ୍ରଜ୍ୱଳ ରେଭାନ୍ନାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ବେଳେ ଆସନ୍ତାକାଲି ତାଙ୍କ ବିରୋଧରେ ଦଣ୍ଡବିଧାନ କରାଯିବ। ରାୟ ବେଳେ କୋର୍ଟ ରୁମରେ ପ୍ରଜ୍ୱଳ ରେଭାନ୍ନା ଉପସ୍ଥିତ ଥିଲେ। ରାୟ ଶୁଣି ଭାଙ୍ଗି ପଡ଼ିଥିବା ରେଭାନ୍ନା କାନ୍ଦି କାନ୍ଦି ବାହାରକୁ ଆସିଥିଲେ।

# କୃଷକଙ୍କୁ ସହାୟତା ରାଶି ବାରାଣସୀରେ ପ୍ରଦାନ କରିବେ ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୨ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଉତ୍ତର ପ୍ରଦେଶର ବାରାଣସୀରେ ପ୍ରାୟ ୨୨୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଉଦଘାଟନ କରିବେ। ଏହି ଅବସରରେ ସେ ସମାବେଶକୁ ମଧ୍ୟ ସମ୍ବୋଧନ କରିବେ। ଏହି ପ୍ରକଳ୍ପଗୁଡ଼ିକର ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ, ସହରାଞ୍ଚଳ ବିକାଶ ଏବଂ ସାଂସ୍କୃତିକ ଐତିହ୍ୟ ସମେତ ବହୁବିଧ କ୍ଷେତ୍ର ସହିତ ସମ୍ପର୍କିତ, ଯାହାର ଲକ୍ଷ୍ୟ ହେଉଛି ବାରାଣସୀରେ ସାମଗ୍ରିକ ସହରାଞ୍ଚଳ ରୂପାନ୍ତରଣ, ସାଂସ୍କୃତିକ ପୁନରୁଦ୍ଧାର, ଉନ୍ନତ ସଂଯୋଗୀକରଣ ଏବଂ ଜୀବନର ଗୁଣବତ୍ତା ବୃଦ୍ଧି କରିବା। ବାରାଣସୀରେ ସଡ଼କ ଯୋଗାଯୋଗକୁ ଉନ୍ନତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ, ପ୍ରଧାନମନ୍ତ୍ରୀ ସ୍ମାର୍ଟ ବଣ୍ଟନ ପ୍ରକଳ୍ପ ଅଧୀନରେ ୮୮୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଦ୍ୟୁତ୍ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ। ପର୍ଯ୍ୟଟନକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ୮ଟି ନଦୀକୂଳ କୁଞ୍ଜ ଘାଟର ପୁନଃବିକାଶ, କାଳିକା ଧାମରେ ବିକାଶମୂଳକ କାର୍ଯ୍ୟ, ରଙ୍ଗିଲଦାସ କୁଟିଆ, ଶିବପୁରରେ ପୁଷ୍କରିଣୀ ଏବଂ ଘାଟର ସୌନ୍ଦର୍ଯ୍ୟକରଣ ଏବଂ ଦୁର୍ଗାକୁଣ୍ଡର ପୁନରୁଦ୍ଧାର ଏବଂ ଜଳ ବିଶୋଧନ ପ୍ରକଳ୍ପର ଉଦଘାଟନ କରିବେ। ଏହା ବ୍ୟତୀତ, ସାଂସ୍କୃତିକ ରୂପରେ ମହତ୍ତ୍ୱପୂର୍ଣ୍ଣ, ରାମକୁଣ୍ଡ, ମନ୍ଦାକିନୀ, ଶଙ୍କୁଲଧାରା ଏବଂ ଅନ୍ୟାନ୍ୟ କୁଣ୍ଡ ସମେତ ବିଭିନ୍ନ କୁଣ୍ଡରେ ଜଳ ବିଶୋଧନ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିବେ, ଏହା ସହିତ ଚାରୋଟି ଭାସମାନ ପୂଜା ମଞ୍ଚ ସ୍ଥାପନ କରିବେ। ଗ୍ରାମାଞ୍ଚଳରେ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ, ପ୍ରଧାନମନ୍ତ୍ରୀ ଜଳ ଜୀବନ ମିଶନ ଅଧୀନରେ ୪୭ଟି ଗ୍ରାମୀଣ ପାନୀୟ ଜଳ ଯୋଜନାର ମଧ୍ୟ ଉଦଘାଟନ କରିବେ। ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ ନେଇ ପ୍ରଧାନମନ୍ତ୍ରୀ ପୌର ସୀମା ମଧ୍ୟରେ ଥିବା ୫୩ଟି ସ୍କୁଲ କୋଠାର ଉନ୍ନତିକରଣ କାର୍ଯ୍ୟର ଉଦଘାଟନ କରିବେ। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ମହାମନା ପଣ୍ଡିତ ମଦନ ମୋହନ ମାଲବ୍ୟ କର୍କଟ କେନ୍ଦ୍ର ଏବଂ ହୋମି ଭାବା କର୍କଟ ହସ୍ପିଟାଲରେ ରୋବୋଟିକ୍ ସର୍ଜରୀ ଏବଂ ସିଟି ସ୍କାନ ସୁବିଧା ସମେତ ଉନ୍ନତ ଚିକିତ୍ସା ଉପକରଣ ସ୍ଥାପନ କାର୍ଯ୍ୟର ଉଦଘାଟନ କରିବେ। ବାରାଣସୀରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପାଇଁ ତାଙ୍କର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ ପ୍ରଧାନମନ୍ତ୍ରୀ ଡକ୍ଟର ଭୀମରାଓ ଆମ୍ବେଦକର ସ୍ପୋର୍ଟ୍ସ ଷ୍ଟାଡିୟମରେ ଏକ ସିନ୍ଥେଟିକ୍ ହକି ପଡ଼ିଆ ଉଦଘାଟନ କରିବେ। କୃଷକ କଲ୍ୟାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଧାନମନ୍ତ୍ରୀ ପିଏମ୍-କିଷାନର ୨୦ତମ କିସ୍ତି ଜାରି କରିବେ। ସାରା ଦେଶରେ ୯.୭ କୋଟିରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦୫୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ସିଧାସଳଖ ସ୍ଥାନାନ୍ତରିତ କରାଯିବ। ଏହା ପ୍ରଦାନ କରାଯିବା ସହିତ, ଯୋଜନା ଆରମ୍ଭ ହେବା ପରଠାରୁ ଏହି ଯୋଜନାରେ ମୋଟ ବଣ୍ଟନ ୩.୯୦ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିବ। ପ୍ରଧାନମନ୍ତ୍ରୀ କାଶୀ ସଂସଦ ପ୍ରତିଯୋଗିତା ଅଧୀନରେ ସ୍କେଚ୍ ପ୍ରତିଯୋଗିତା, ଚିତ୍ରକଳା ପ୍ରତିଯୋଗିତା, ଫଟୋଗ୍ରାଫି ପ୍ରତିଯୋଗିତା, ଖେଳ - କୁଦ ପ୍ରତିଯୋଗିତା, ଜ୍ଞାନ ପ୍ରତିଯୋଗିତା ଏବଂ ରୋଜଗାର ମେଳା ସମେତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ପାଇଁ ପଞ୍ଜିକରଣ ପୋର୍ଟାଲର ମଧ୍ୟ ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ବିଭିନ୍ନ ଦିବ୍ୟାଙ୍ଗଜନ ଏବଂ ବୟସ୍କ ହିତାଧିକାରୀଙ୍କୁ ୭,୪୦୦ ରୁ ଅଧିକ ସହାୟକ ଉପକରଣ ମଧ୍ୟ ବଣ୍ଟନ କରିବେ।

# ୭୩ଟି ପ୍ରମୁଖ ରେଳ ଷ୍ଟେସନରେ ନିଯୁକ୍ତ ହେବେ ଷ୍ଟେସନ ନିର୍ଦ୍ଦେଶକ



ନୂଆଦିଲ୍ଲୀ: ରେଳ ଷ୍ଟେସନ ଗୁଡ଼ିକରେ ହେଉଥିବା ପ୍ରବଳ ଯାତ୍ରୀ ଭିଡ଼ ପରିଚାଳନା ଲାଗି ଭାରତୀୟ ରେଳବାଇ ନେଇଛି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଛି । ଏଥିପାଇଁ ଆବଶ୍ୟକ ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରାଜ୍ୟସଭାରେ ସୂଚନା ଦେଇଛନ୍ତି। ରେଳ ମନ୍ତ୍ରୀଙ୍କ ସୂଚନା ମୁତାବକ ଅଧିକ ଭିଡ଼ ଥିବା ୭୩ଟି ଷ୍ଟେସନକୁ ଚିହ୍ନଟ କରାଯାଇଛି। ଏସବୁ ସ୍ଥାନରେ ଭିଡ଼ ପରିଚାଳନା ଲାଗି ସ୍ଥାୟୀ ପ୍ରତୀକ୍ଷା ସ୍ଥାନ ବା ହୋଲ୍ଡିଂ ଏରିଆ ନିର୍ମାଣ କରାଯିବ। ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ସମସ୍ତ ପ୍ରମୁଖ ଷ୍ଟେସନରେ ଷ୍ଟେସନ ନିର୍ଦ୍ଦେଶକ ଭାବରେ ଜଣେ ବରିଷ୍ଠ ଅଧିକାରୀ ନିୟୋଜିତ ରହିବେ। ଅନ୍ୟ ସବୁ ବିଭାଗ ଷ୍ଟେସନ ନିର୍ଦ୍ଦେଶକଙ୍କୁ ରିପୋର୍ଟ କରିବେ। ଷ୍ଟେସନ ନିର୍ଦ୍ଦେଶକଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯିବ ଯାହାଦ୍ୱାରା ସେ ଷ୍ଟେସନର ଉନ୍ନତି ପାଇଁ ଦ୍ରୁତ ନିଷ୍ପତ୍ତି ନେଇପାରିବେ। ୭୩ଟି ଚିହ୍ନଟ ଷ୍ଟେସନରେ ସମ୍ପୂର୍ଣ୍ଣ ପ୍ରବେଶ ନିୟନ୍ତ୍ରଣ ଆରମ୍ଭ କରାଯିବ। ନିଶ୍ଚିତ ସଂରକ୍ଷିତ ବା କନଫର୍ମ ରିଜର୍ଭେସନ ଟିକେଟ ଥିବା ଯାତ୍ରୀମାନଙ୍କୁ ପ୍ଲାଟଫର୍ମକୁ ସିଧାସଳଖ ପ୍ରବେଶ ଦିଆଯିବ। ଟିକେଟ ନଥିବା କିମ୍ବା ଅପେକ୍ଷା ତାଲିକା ଟିକେଟ ଥିବା ଯାତ୍ରୀମାନେ ବାହାର ଅପେକ୍ଷା କ୍ଷେତ୍ର ବା ହୋଲ୍ଡିଂ ଏରିଆରେ ଅପେକ୍ଷା କରିବେ। ସମସ୍ତ ଅନଧିକୃତ ପ୍ରବେଶ ସ୍ଥାନଗୁଡ଼ିକୁ ସିଲ୍ କରାଯିବ। ଅଧିକ ଭିଡ଼ ଥିବା ଷ୍ଟେସନଗୁଡ଼ିକରେ ୱାକି-ଟକି, ଘୋଷଣା ପ୍ରଣାଳୀ, କଲିଂ ପ୍ରଣାଳୀ ଭଳି ଅତ୍ୟାଧୁନିକ ଡିଜାଇନର ଡିଜିଟାଲ ଯୋଗାଯୋଗ ଉପକରଣ ସଂଯୋଗ କରାଯିବ। ବଡ଼ ଷ୍ଟେସନଗୁଡ଼ିକରେ ଜରୁରୀକାଳୀନ କୋଠରୀ ବିକଶିତ କରାଯିବ। ଭିଡ଼ ପରିସ୍ଥିତି ସମୟରେ ସମସ୍ତ ବିଭାଗର ଅଧିକାରୀମାନେ ଏହି କୋଠରୀରେ କାର୍ଯ୍ୟ କରିବେ। ସମସ୍ତ ଷ୍ଟେସନରେ ଏହି ନୂତନ ମାନର ଚଉଡ଼ା ପାଦଚଲା ଓଭର ବ୍ରିଜ ନିୟୋଜିତ ହେବ। ଏହା ବ୍ୟତୀତ, ଭିଡ଼ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ରେଳ ପୁଲିସ/ରାଜ୍ୟ ପୁଲିସ ଏବଂ ରେଳ ବିଭାଗ ସହିତ ସମନ୍ୱୟ ରକ୍ଷିବାର ବ୍ୟବସ୍ଥା କରାଯାଇଛି। ପ୍ରବଳ ଭିଡ଼ ସମୟରେ ସୁଗମ ଭାବରେ ଭିଡ଼ ନିୟନ୍ତ୍ରଣ କରିବା ଏବଂ ଯାତ୍ରୀମାନଙ୍କୁ ବାସ୍ତବ ସମୟରେ ସହାୟତା ପ୍ରଦାନ କରିବା ପାଇଁ ସରକାରୀ ରେଳ ପୁଲିସ ଏବଂ ରେଳ ସୁରକ୍ଷା ବଳ କର୍ମଚାରୀମାନଙ୍କୁ ସମ୍ବେଦନଶୀଳ ସ୍ଥାନରେ ନିୟୋଜିତ କରାଯାଇଛି।

# ୭୯ତମ ସ୍ୱାଧୀନତା ଦିବସ ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନ



ରାୟପୁର: ଆସନ୍ତା ୧୫ତାରିଖରେ ସାରା ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି ଅବସରରେ ଛତିଶଗଡ ସରକାରଙ୍କ ପକ୍ଷରୁ ୨ ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ଅଭିଯାନ ଆରମ୍ଭ କରାଯିବ। ଏ ନେଇ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ଏବଂ ରାଜ୍ୟ ବାସୀଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତା ଭାବ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି। ସେ କହିଛନ୍ତି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହର ଘର ତ୍ରିରଙ୍ଗ, ହର ଘର ସ୍ୱଚ୍ଛତା ଯାହାକି ଲୋକଙ୍କ ମନରେ ସୁସ୍ଥ ଏବଂ ଜଳ ସଂରକ୍ଷଣ, ଜାତୀୟତା ଗର୍ବ ଇତ୍ୟାଦି ମନୋଭାବ ସୃଷ୍ଟି କରିବ। ଅଭିଯାନ ସମୟରେ ତ୍ରିରଙ୍ଗା ରାଜ୍ୟର ବିଭିନ୍ନ ସରକାରୀ କୋଠା, ପ୍ରତିଷ୍ଠାନ, ଘରୋଇ ବିଲ୍ଡିଂ ଇତ୍ୟାଦିରେ ଲଗାଯିବ। ଏହାର ପ୍ରଚାର, ପ୍ରସାର ପାଇଁ ଲିଫ୍‌ଲେଟ୍, ବ୍ୟାନର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସ୍ଥାନୀୟ ଭାଷାରେ ଶୋଭ ପାଇବ। ଏହା ରାଜ୍ୟର ନାଗରିକମାନଙ୍କୁ ଏକତ୍ରିତ କରିବା ସହ ଏକ ଦେଶ ଭାବ ସୃଷ୍ଟି କରିବ ବୋଲି ଶ୍ରୀ ସାଏ କହିଛନ୍ତି। ଏଥିପାଇଁ ଛତିଶଗଡ ସଂସ୍କୃତି ବିଭାଗ ପକ୍ଷରୁ ସଂପୂର୍ଣ୍ଣ ବିବରଣୀ ସହ ଜିଲ୍ଲାପାଳମାନଙ୍କୁ ଚିଠି ପଠାଯିବା ସହ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ କାର୍ଯ୍ୟକ୍ରମରେ ଭାଗ ନ ନେଇପାରିବେ ସେମାନେ ସୋସିଆଲ ମିଡିଆ ମାଧ୍ୟମରେ ଏହି ସବୁ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇବେ। ଗ୍ରାମ ପଞ୍ଚାୟତଗୁଡ଼ିକର ସରପଞ୍ଚ, ପୌର ଅଧିକାରୀ, ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କୁ ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସଚେତନତା ସୃଷ୍ଟି କରିବେ। ସେହିପରି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀମାନେ ପତାକା ବଣ୍ଟନ କରିବା ସହ ଏହି କାର୍ଯ୍ୟକ୍ରମକୁ ସଚେତନ କରିବେ ବୋଲି ଶ୍ରୀ ସାଏ କହିଥିଲେ।

# ଆଇଆଇଟି ଧାନବାଦର ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତିଙ୍କ ସହ ଧର୍ମେନ୍ଦ୍ର



ଧାନବାଦ: ଆଇଆଇଟି ଛାତ୍ରଛାତ୍ରୀମାନେ ସେମାନଙ୍କର ଜ୍ଞାନକୁ କେବଳ ଶକ୍ତିଶାଳୀ ମେସିନ୍ ତିଆରି କରିବା ଦିଗରେ ନଲଗାଇ ଲୋକଙ୍କ ଉନ୍ନତି ସାଧନ କରିବା ଦିଗରେ ଲଗାନ୍ତୁ । ନାଗରିକଙ୍କ ଉତ୍ଥାନ ଦିଗରେ ସହଯୋଗୀ ହୋଇ କାମ କରିବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଝାଡ଼ଖଣ୍ଡର ଧାନବାଦରେ ଆଇଆଇଟି (ଭାରତୀୟ ଖଣି ସ୍କୁଲ) ଧାନବାଦର ୪୫ତମ ସମାବର୍ତ୍ତନ ସମାରୋହରେ ଯୋଗ ଦେଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ପାଇଁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ ଆଇଆଇଟି ଧାନବାଦର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ସ୍ନାତକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମିଲ ହେବା ଅତ୍ୟନ୍ତ ଗୌରବର ବିଷୟ। ଏହି ସମାବର୍ତ୍ତନ ଉତ୍ସବ ନୂତନ ଯାତ୍ରାର ଅୟମାରମ୍ଭ। ଆଇଆଇଟି (ଆଇଏସଏମ), ଧାନବାଦ ଆତ୍ମନିର୍ଭର ଭାରତର ଏକ ସ୍ତମ୍ଭ ଭାବରେ ଠିଆ ହୋଇଛି। ଶିକ୍ଷାଗତ, ଗବେଷଣା ଏବଂ ନବସୃଜନ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ ଭାରତ ସହ ବିଶ୍ୱ ପାଇଁ ଭବିଷ୍ୟତ ପିଢ଼ିର ଟେକ୍ନୋଲୋଜି ନିର୍ମାଣ କରିବା ଦିଗରେ ଏହା କାର୍ଯ୍ୟ କରୁଛି। ୨୦୨୬ରେ ଏହି ଅନୁଷ୍ଠାନ ଏହାର ଶତବାର୍ଷିକୀ ପାଳନ କରିବ । ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଆଇଆଇଟି ଧାନବାଦର ପୂର୍ବ ଜୀବନ୍ତ ପରମ୍ପରାକୁ ଆଗକୁ ବଢ଼ାଇବା ସହ ବିଶ୍ୱ ଶିକ୍ଷାଗତ ଲିଡରସିପରେ ନୂଆ ଶତାବ୍ଦୀ ନିର୍ମାଣ କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ବିଶ୍ୱ ଭାରତର ଯୁବପିଢ଼ିଙ୍କ ଠାରୁ ବହୁତ ଆଶା ରଖିଛି । ଆଇଆଇଟି ଧାନବାଦର ଛାତ୍ରଛାତ୍ରୀମାନେ କେବଳ ନିଯୁକ୍ତି ହାସଲ କରିବା ଉଚିତ ନୁହେଁ ବରଂ ଉତ୍କର୍ଷତା ମଧ୍ୟ ହାସଲ କରିବା ଉଚିତ । ସେମାନେ ଭବିଷ୍ୟତ ପାଇଁ ଅପେକ୍ଷା କରିବା ଉଚିତ୍ ନୁହେଁ ବରଂ ମୂଲ୍ୟବୋଧ ଦ୍ୱାରା ଏହାକୁ ନିର୍ମାଣ କରିବା ଉଚିତ । ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଆଗାମୀ ଦିନର ଟେକ୍ନୋଲୋଜିକୁ ଆକାର ଦେବା ସହ ଜାତୀୟ ପ୍ରାଥମିକତା ହାସଲ କରିବେ ଏବଂ ସ୍ଥାୟୀ ବିକାଶକୁ ଶକ୍ତି ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିବେ ବୋଲି ସେ କହିଥିଲେ। ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଟି ଧାନବାଦର ଭିଆର୍ ଆଧାରିତ ଖଣି ସିମୁଲେଟର ଲାବ୍ରୋଟୋରୀରେ ଗଭୀରରେ ହେଉଥିବା ଖଣି ଉତ୍ତୋଳନର କାର୍ଯ୍ୟ ଦେଖିଥିଲେ । ସେ କହିଥିଲେ ଏହି ଅତ୍ୟାଧୁନିକ ପ୍ରୟୋଗଶାଳା ସମଗ୍ର ଡ୍ରିଲିଂ ପ୍ରକ୍ରିୟାର ଏକ ବ୍ୟାପକ ସିମୁଲେସନ୍ ପ୍ରଦାନ କରୁଛି, ଯାହା ଛାତ୍ରଛାତ୍ରୀ ଏବଂ ଖଣି ଶ୍ରମିକମାନଙ୍କୁ ଖଣି କାର୍ଯ୍ୟକୁ ବୁଝିବା ଦିଗରେ ସହଯୋଗୀ ହେଉଛି ।ଡାଟା ବିଶ୍ଳେଷଣ ସହିତ ସମନ୍ୱିତ ପ୍ରଯୁକ୍ତିବିଦ୍ୟା ବିଶ୍ୱ ଖଣି ଚ୍ୟାଲେଞ୍ଜର ସମାଧାନ, ଖଣି କାର୍ଯ୍ୟରେ ସୁରକ୍ଷା ଏବଂ ଉତ୍ପାଦକତାକୁ ଉନ୍ନତ କରିବା ସହିତ ଖଣି କ୍ଷେତ୍ରରେ ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ ଟେକ୍ନୋକ୍ରାଟମାନଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛି।

## ବାଣିଜ୍ୟ



ବିଶାଖାପାଟନମ: ଗୁଗୁଲ୍ ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍‌ରେ ଏସିଆର ସର୍ବବୃହତ ଡାଟା ସେଣ୍ଟର ନିର୍ମାଣ କରିବାକୁ ଯାଉଛି। ଏହି ଡାଟା ସେଣ୍ଟରର କ୍ଷମତା ୧ ଗିଗାୱାଟ୍ ହେବ। ଏଥିପାଇଁ ଆମେରିକାର ଏହି ଟେକ୍ ଜାଏଣ୍ଟ ୫୦ ହଜାର କୋଟି ଟଙ୍କା ନିବେଶ କରିବ ବୋଲି ଘୋଷଣା କରିଛନ୍ତି। ତେବେ ବର୍ତ୍ତମାନ, ସାରା ଦେଶରେ ମୋଟ ୧.୪ ଗିଗାୱାଟ୍‌ର କ୍ଷମତା ବିଶିଷ୍ଟ ଡାଟା ସେଣ୍ଟରଗୁଡ଼ିକ କାର୍ଯ୍ୟକ୍ଷମ ରହିଥିବା ବେଳେ ଗୁଗଲର ଏହି ଘୋଷଣା ଭାରତରେ ଡାଟା ସୁରକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ ହେବ। ରଏଟର୍ସ ରିପୋର୍ଟ ଅନୁଯାୟୀ, ଗୁଗୁଲ୍ ଏଥିପାଇଁ ଯେଉଁ ୫୦,୦୦୦ କୋଟି ଟଙ୍କା ନିବେଶ କରିବ, ସେଥିରୁ ୧୬,୦୦୦ କୋଟି ଟଙ୍କା ରିନ୍ୟୁଏବଲ ଏନର୍ଜୀ ସୁବିଧା ନିର୍ମାଣ ପାଇଁ ଖର୍ଚ୍ଚ ହେବ। ଏହା ଡାଟା ସେଣ୍ଟରକୁ ବିଦ୍ୟୁତ୍ ଯୋଗାଇବ। ଡାଟା ସେଣ୍ଟର ନିର୍ମାଣ ନେଇ ଚଳିତ ବର୍ଷ ଏପ୍ରିଲ ମାସରେ ଗୁଗୁଲ୍‌ର ମୂଳ କମ୍ପାନୀ ଆଲଫାବେଟ୍ କହିଥିଲା ଯେ କମ୍ପାନୀ ବିଶ୍ୱବ୍ୟାପୀ ଡାଟା ସେଣ୍ଟରଗୁଡ଼ିକର କ୍ଷମତା ବୃଦ୍ଧି ପାଇଁ ଚଳିତ ବର୍ଷ ୬.୨୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବ। ଆନ୍ଧ୍ର ପ୍ରଦେଶର ଆଇଟି ମନ୍ତ୍ରୀ ନାରା ଲୋକେଶ କହିଛନ୍ତି ଯେ ବିଶାଖାପାଟନମରେ ତିନୋଟି କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ମଧ୍ୟ ନିର୍ମାଣ କରାଯିବ। ଏହା ହାଇ-ସ୍ପିଡ୍ ଡାଟା ଟ୍ରାନ୍ସଫରକୁ ସକ୍ଷମ କରିବ।

# ଏଇଏସ୍‌ଏଲ୍ ଶୁଭାରମ୍ଭ କଲା ଆନ୍ଥେ-୨୦୨୫




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀଙ୍କର ଆକାଂକ୍ଷାକୁ ସଫଳତାରେ ରୂପାନ୍ତରଣ କରିବାରେ ସଫଳତାର ୧୬ବର୍ଷ ଅବସରରେ ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ରାଷ୍ଟ୍ରୀୟସ୍ତରରେ ଅଗ୍ରଣୀ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ) ତାହାର ପ୍ରମୁଖ ପ୍ରୟାସ- ଆନ୍ଥେ ୨୦୨୫ (ଆକାଶ ନ୍ୟାସନାଲ ଟାଲେଣ୍ଟ ହଣ୍ଟ ଏକଜାମ) ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଭାରତୀୟ ଶିକ୍ଷା କ୍ୟାଲେଣ୍ଡରରେ ଅନ୍ୟତମ ସର୍ବାଧିକ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଆନ୍ଥେ ୨୦୨୫ ପଞ୍ଚମରୁ ଦ୍ୱାଦଶ ଏବଂ ଦ୍ୱାଦଶରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆହ୍ୱାନର ଊର୍ଦ୍ଧ୍ୱକୁ ଉଠିବା ସ୍ତବ ସମସ୍ୟା ସମାଧାନକାରୀ ଭାବରେ ଉଭ ।ହେବା ନିମନ୍ତେ ସଶକ୍ତ କରିବା ଲକ୍ଷ୍ୟ ରଖିଛି। ଗୁଣାତ୍ମକ ଶିକ୍ଷାର ସାର୍ବଜନୀନ ସୁଯୋଗ ପ୍ରଦାନ ଲକ୍ଷ୍ୟକୁ ଆଗେଇ ନେଇ ଆନ୍ଥେ ୨୦୨୫ କ୍ଲାସରୁମ, ଆକାଶ ଡିଜିଟାଲଏବଂ ଇନଭିକ୍ଟସ ପାଠ୍ୟକ୍ରମଗୁଡିକ ନିମନ୍ତେ ମୋଟ ୨୫୦ କୋଟି ଟଙ୍କା ମୂଲ୍ୟର ୧୦୦% ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରୁଛି ଏବଂ ତାହା ସହିତ ଉଲ୍ଲେଖନୀୟ ୨.୫ କୋଟି ଟଙ୍କା ପରିମାଣର ନଗଦ ଅର୍ଥ ପୁରସ୍କାର ଛାତ୍ରଛାତ୍ରୀଙ୍କୁ ମେଡିସିନ ଅଥବା ଇଞ୍ଜିନିୟରିଂରେ ଏକ ସଫଳ କ୍ୟାରିୟର କରିବାର ସ୍ୱପ୍ନ ସାକାର କରିବାରେ ସହାୟକ ହେଉଛି। ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ନିମନ୍ତେ ଏନଇଇଟି, ଜେଇଇ, ରାଜ୍ୟ ସିଇଟି, ଏନଟିଏସ୍‌ଇ ଏବଂ ଅଲିମ୍ପିଆଡ ଆଦି ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡିକରେ ଆକାଶର ଅଭିଜ୍ଞ ଅଧ୍ୟାପକମଣ୍ଡଳୀ ଦ୍ୱାରା ଦିଆଯାଉଥିବା ସର୍ବୋତ୍ତମ କୋଚିଂର ସୁବିଧା ନେବା ନିମନ୍ତେ ଦ୍ୱାର ଉନ୍ମୁକ୍ତ କରୁଛି। ଏହି ପ୍ରତିବଦ୍ଧତା ସହିତ ଆକାଶ ମଧ୍ୟ ୮ମରୁ ୧୨ଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଆକାଶ ଇନଭିକ୍ଟସ ଜେଇଇ ଆଡଭାନ୍ସଡ ପ୍ରସ୍ତୁତି ନିମନ୍ତେ ନାମଲେଖା ପାଇଁ ଏକ ବୃତ୍ତି ପରୀକ୍ଷାଇ ନଭିକ୍ଟସ ଏସ×ଟେଷ୍ଟ ପ୍ରଚଳନ କରୁଛି। ଏହିଜାତୀୟ-ସ୍ତରରଯୋଗ୍ୟତା-ତଥା-ବୃତ୍ତି ପରୀକ୍ଷା ୨୦୨୫ ଅଗଷ୍ଟ ୨୪, ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୭ ତାରିଖରେ ଅନୁଷ୍ଠିତ ହେବ। ଶ୍ରୀ ଦୀପକ ମେହରୋତ୍ରା, ସିଇଓ ଏବଂ ଏମଡି, ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ) ଉଲ୍ଲେଖକରି କହିଥିଲେ, 'ଆନ୍ଥେ ସମଗ୍ର ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ଭାବନାର ଏକ ପ୍ରତୀକ ପାଲଟିଛି। ଆନ୍ଥେ ୨୦୨୫ ନିମନ୍ତେ ପଞ୍ଜିକରଣ ସମ୍ପ୍ରତି ଉନ୍ମୁକ୍ତ ରହିଛି। ଛାତ୍ରଛାତ୍ରୀ ଅନ୍‌ଲାଇନରେ https://anthe.aakash.ac.in/homeରେ ପଞ୍ଜିକରଣ କରିପାରିବେ ଅଥବା ସେମାନେ ନିକଟସ୍ଥ ଆକାଶ ସେଣ୍ଟରକୁ ଯାଇ ତାହା ସେଠାରେ କରିପାରିବେ। ଆନ୍ଥେ ୨୦୨୫ର ଫଳାଫଳ ପର୍ଯ୍ୟାୟକ୍ରମେ ଘୋଷଣା କରାଯିବ। ଦଶମ ଛାତ୍ରଛାତ୍ରୀଙ୍କ ନିମନ୍ତେ ପରୀକ୍ଷା ଫଳ ୨୦୨୫ ଅକ୍ଟୋବର ୨୪ ତାରିଖରେ ଘୋଷଣା କରାଯିବାକୁ ଥିବାବେଳେ ୭ମରୁ ୯ମ ଛାତ୍ରଛାତ୍ରୀଙ୍କ ନିମନ୍ତେ ପରୀକ୍ଷା ଫଳ ୨୦୨୫ ଅକ୍ଟୋବର ୨୯ ତାରିଖରେ ଘୋଷଣା କରାଯିବ। ୫ମ ଓ ୬ଷ୍ଠ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ୨୦୨୫ ନଭେମ୍ବର ୧ ତାରିଖରେ ଘୋଷଣା ହେବ। ଏକାଦଶ ଏବଂ ଦ୍ୱାଦଶ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ୨୦୨୫ ନଭେମ୍ବର ୪ ତାରିଖରେ ଘାଷଣା କରାଯିବ। ସମସ୍ତ ଫଳାଫଳ ଆନ୍ଥେର ଆନୁଷ୍ଠାନିକ ୱେବସାଇଟରେ ଉପଲବ୍ଧ ହେବ।

## ଭାରତରେ ୪ର୍ଥ ସ୍ଥାନରେ ଶପ୍ସି

ନୂଆଦିଲ୍ଲୀ: ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ହାଇପର ଭ୍ୟାଲୁ ପ୍ଲାଟଫର୍ମ ମଧ୍ୟରୁ ଗୋଟିଏ ଫ୍ଲିପ୍‌କାର୍ଟ ଦ୍ୱାରା ଶପ୍ସି, ମୂଲ୍ୟ-ସଚେତନ କ୍ରେତାମାନଙ୍କୁ ଅପରାଜେୟ ମୂଲ୍ୟ ପ୍ରଦାନ କରି ଭାରତ ଲାଇଭ୍ କିଙ୍ଗ/କୁଇନ-ସାଇଜ୍ ସକ୍ଷମ କରିବାକୁ ଏହାର ଲକ୍ଷ୍ୟକୁ ଗଭୀର କରି ଏହାର ଚତୁର୍ଥ ବାର୍ଷିକୀ ପାଳନ କରେ। ଏହି ପ୍ଲାଟଫର୍ମ ୪୫୦ ମିଲିୟନ ଆପତ ଡାଉନଲୋଡ ଅତିକ୍ରମ କାରଛି ଏବଂ ବର୍ତ୍ତମାନ ୧୯,୦୦୦ ରୁ ଅଧିକ ପିନକୋଡ୍ ବିତରଣ କରୁଛି,ଯାହା ଦେଶର ସମସ୍ତ ଚାରୋଟି ଅଂଚଳରେ ମେଟ୍ରୋ ସହରରୁ ଟାୟାର ୪ ସହର ପର୍ଯ୍ୟନ୍ତ ପହଂଚୁଛି। ଫ୍ଲିପ୍‌କାର୍ଟ,ଶପ୍ସି ଏବଂ ଫ୍ଲିପ୍‌କାର୍ଟ ମାର୍କେଟପ୍ଲେସର ବ୍ୟବସାୟ ମୁଖ୍ୟ କପିଲ ଥିରାନୀ କହିଛନ୍ତି,'ମାତ୍ର ଚାରି ବର୍ଷ ମଧ୍ୟରେ,ସମଗ୍ର ଭାରତରେ ମୂଲ୍ୟ-ସଚେତନ କ୍ରେତାମାନଙ୍କ ପାଇଁ ଶପ୍ସି ଗନ୍ତବ୍ୟ ସ୍ଥଳ ଭାବରେ ଉଭା ହୋଇଛି। ଗୁଣାତ୍ମକ ଉତ୍ପାଦଗୁଡିକର ଏକ ବ୍ୟାପକ ଚୟନ ପ୍ରଦାନ କରିବା, ଆବିଷ୍କାରକୁ ସରଳ କରିବା ଏବଂ ଆମ ଦେଶକୁ ଅନ୍ତର୍ଭୁକ୍ତ କରୁଥିବା ଅନେକ 'ମିନି ଭାରତ' ରେ ଗ୍ରାହକମାନଙ୍କୁ ଏକ ନିରବଚ୍ଛିନ୍ନ ,ସ୍ଥାନୀୟ ଅଭିଜ୍ଞତା ପ୍ରଦାନ କରିବା ଉପରେ ଆମର ଧ୍ୟାନ ରହଛି। ଶପ୍ସିଙ୍କ ଚୟନ ଏହି ଅଂଚଳର ବିବିଧ ସ୍ୱାଦ ଦ୍ୱାରା ଗଠିତ । ଆମେ ଏପରି ଏକ ପ୍ଲାଟଫର୍ମ ତିଆରି କରିଛୁ ଯାହା କେବଳ ସ୍କେଲ ନୁହେଁ ବରଂ ବାସ୍ତବରେ ବିଭିନ୍ନ ଅଂଚଳର କ୍ରେତାମାନଙ୍କ ଦୈନନ୍ଦିନ ପସନ୍ଦ ଏବଂ ଆଶା ସହିତ ପ୍ରତିଧ୍ୱନିତ ହୋଇଥାଏ ।ଆମେ ଏହି ମାଇଲଖୁଂଟକୁ ପାଳନ କରୁଥିବା ବେଳେ, ଆମେ ପ୍ରତ୍ୟେକ ଭାରତୀୟ ପରିବାର ପାଇଁ ହାଇପରଭ୍ୟାଲୁ ଇ-କମର୍ସକୁ ସମାବେଶୀ,ସୁଜ୍ଞାତ ଏବଂ ବିଶ୍ୱସନୀୟ କରିବାକୁ ପ୍ରତିଶ୍ରୁତିବଦ୍ଧ।

# ଟାଟା ପାୱାର ପକ୍ଷରୁ ମୌସୁମୀ ପ୍ରସ୍ତୁତି



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ପ୍ରବଳ ବର୍ଷା ଜାରି ରହିବା ଆକଳନ କରାଯାଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଭଳି ଜିଲ୍ଲା ପାଇଁ ୟେଲୋ ୱାର୍ନିଙ୍ଗ ଦିଆଯାଇଛି। ଏହ ପରିପ୍ରେକ୍ଷୀରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଚାରି ଡିସ୍‌କମ୍ ଟିପିସିଓଡିଏଲ, ଟିପିଏନ୍‌ଓଡିଏଲ୍, ଟିପିଡବ୍ଲୁଓଡିଏଲ୍ ଏବଂ ଟିପିଏସ୍‌ଓଡିଏଲ୍ ପକ୍ଷରୁ ମୌସୁମୀ ଋତୁ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଡିସ୍‌କମ୍‌ଗୁଡ଼ିକ ଜରୁରୀକାଳୀନ ପ୍ରୋଟୋକଲ୍‌କୁ କାର୍ଯ୍ୟକ୍ଷମ କରି ଏବଂ ରାଜ୍ୟବ୍ୟାପୀ ବ୍ୟବସ୍ଥାକୁ ସୁଦୃଢ଼ କରି ପ୍ରାୟ ୯୭ ଲକ୍ଷ ଗ୍ରାହକଙ୍କୁ ନିରବଚ୍ଛିନ୍ନ ଓ ସୁରକ୍ଷିତ ବିଦ୍ୟୁତ ଯୋଗାଣ ଉପରେ ପ୍ରାଥମିକତା ଦେଉଛନ୍ତି। ଟିପିଏନ୍‌ଓଡିଏଲ୍ ଅଧିନସ୍ଥ ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା ପାଇଁ ଗ୍ରାଉଣ୍ଡ ଟିମ୍ ଚବିଶ ଘଂଟା କାର୍ଯ୍ୟ କରି ତ୍ରୁଟିର ତ୍ୱରିତ ସମାଧାନ ଏବଂ ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରୁଛନ୍ତି। ସେହିପରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ରାଉରକେଲାରେ ଟିପିଡବ୍ଲୁଓଡିଏଲ୍‌ର ଟିମ୍ ବିଦ୍ୟୁତ୍ ବିଭ୍ରାଟକୁ କମ୍ କରିଥିବା ବେଳେ ପ୍ରଭାବିତ ସମୁଦାୟକୁ ସହାୟତା ପ୍ରଦାନ କରୁଛନ୍ତି। ବାତ୍ୟା ଦାନା ଓ କାଳବୈଶାଖୀ ଭଳି ଅତୀତରେ ଘଟିଥିବା ଚରମ ପାଣିପାଗ ଜନିତ ଘଟଣାରୁ ମିଳିଥିବା ଶିକ୍ଷାକୁ ଉପଯୋଗ କରି ଡିସ୍‌କମ୍‌ଗୁଡ଼ିକ ନିଜର ଭିତ୍ତିଭୂମିରେ ଉନ୍ନତି ଆଣିଛନ୍ତି ଏବଂ ପ୍ରତିକ୍ରିୟା ରଣନୀତି ପ୍ରସ୍ତୁତ କରିଛଁ। ଇଞ୍ଜିନିୟର, ଲାଇନମ୍ୟାନ୍ ଓ ସହାୟକ କର୍ମଚାରୀଙ୍କୁ ମିଶାଇ ୧୫,୦୦୦ ଶ୍ରମଶକ୍ତିର ଏକ ଦଳ ବାସ୍ତବ ସମୟ ପ୍ରତିକ୍ରିୟା ପାଇଁ ଗ୍ରାମାଚଂଳ ଓ ସହରାଚଂଳରେ ମୂତୟନ କରାଯାଇଛି। ଏହା ସହିତ ଭୁବନେଶ୍ୱରର ବିଦ୍ୟୁତ୍ ବଂଟନ ପ୍ରଯୁକ୍ତି କେନ୍ଦ୍ର ଉନ୍ନତ ଗ୍ରିଡ୍ ନିରୀକ୍ଷଣ ଓ ସମନ୍ୱୟ ସୁବିଧା ପ୍ରଦାନ କରୁଛି।

# ଫୋନପେ ପକ୍ଷରୁ 'ଅଫ୍‌ଲାଇନ୍ ପାର୍ଟନର ପ୍ରୋଗ୍ରାମ'ର ଶୁଭାରମ୍ଭ

ନୂଆଦିଲ୍ଲୀ: ଫୋନପେ ଏହାର 'ଅଫଲାଇନ ପାର୍ଟନର ପ୍ରୋଗ୍ରାମ' ଚାଲୁ କରିବା ସମ୍ପର୍କରେ ଘୋଷଣା କରିଛି ଯାହା ସେବା ପ୍ରଦାନକାରୀଙ୍କ ମାଧ୍ୟମରେ ଭାରତର ମର୍ଚାଂଟ ଇକୋସିଷ୍ଟମକୁ ଶକ୍ତିଶାଳୀ କରିବା ପାଇଁ ଉଦ୍ଦିଷ୍ଟ ଏକ କୌଶଳଗତ ପଦକ୍ଷେପ ଅଟେ। ଏହି ପ୍ରୋଗ୍ରାମଟି ପଏଂଟ ଅଫ ସେଲ (ପିଓଏସ) ବିଲିଂ ସଫ୍ଟୱେର, ଏଂଟରପ୍ରାଇଜ ରିସୋର୍ସ ପ୍ଲାନିଂ (ଇଆରପି) ସଫ୍ଟୱେର, ଭେଣ୍ଡିଂ ମେସିନ ଏବଂ ସେଲ୍ଫ-ସର୍ଭିଂ କିଓସ୍କ ସମେତ ବିଭିନ୍ନ ସେବା ପ୍ରଦାନ କରୁଥିବା ସେବା ପ୍ରଦାନକାରୀମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କୁ ଫୋନପେ'ର ସମନ୍ୱିତ ସଲ୍ୟୁସନଗୁଡ଼ିକ ରେଫର କରିବା ଏବଂ କଷ୍ଟମାଇଜ କରାହୋଇଥିବା କମିଶନ ରୋଜଗାର କରିବାର ସୁଯୋଗ ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମରେ ଯୋଗଦାନ କରୁଥିବା ସେବା ପ୍ରଦାନକାରୀ (ପାର୍ଟନର) ସେମାନଙ୍କର ମର୍ଚାଂଟ (କ୍ଲାଏଂଟ)ଙ୍କୁ ସମ୍ପୂର୍ଣ୍ଣ ବିଲିଂ ଏବଂ ଇଂଟିଗ୍ରେଟେଡ ପେମେଂଟ ସଲ୍ୟୁସନ ପ୍ରଦାନ କରିପାରିବେ। ଏହି ସୁବିଧା ମର୍ଚାଂଟଙ୍କ ପାଇଁ ପେମେଂଟ ମ୍ୟାନେଜମେଂଟକୁ ସରଳ କରିବାରେ ସାହାଯ୍ୟ କରିବ, ଯାହା ସେମାନଙ୍କ ଷ୍ଟୋରର କାର୍ଯ୍ୟ ସଂଚାଳନକୁ ସୁଗମ କରିବ। ମର୍ଚାଂଟମାନେ ନିଜ ବିଲିଂ ସଫ୍ଟୱେର ସହିତ, କିଛି ଘଂଟା ମଧ୍ୟରେ ଫୋନପେ'ର ଇଂଟିଗ୍ରେଟେଡ ସଲ୍ୟୁସନ ସହ ଲାଇଭ ହୋଇପାରିବେ, ଯାହା ଗ୍ରାହକଙ୍କୁ ଏକ ସରଳ ପେମେଂଟ ଅନୁଭବ ଦେବ। ଏହା ମଧ୍ୟରେ ରହିଛି ଇଂଟିଗ୍ରେଟେଡ ପିଓଏସ ଡିଭାଇସ, ପ୍ରତ୍ୟେକ ଟ୍ରାନସନ ପାଇଁ ସ୍ୱତନ୍ତ୍ର କୋଡ ସୃଷ୍ଟି କରୁଥିବା ଡାଇନାମିକ କ୍ୟୁଆର, ଏସଏମଏସ-ଆଧାରିତ ଅର୍ଥସଂଗ୍ରହ ପାଇଁ ପେମେଂଟ ଲିଙ୍କ ଇତ୍ୟାଦି। ଏହି ସଲ୍ୟୁସନରେ ବିଲିଂ ସଫ୍ଟୱେର ସହ ଇଂଟିଗ୍ରେଟ କଲେ, ମର୍ଚାଂଟମାନେ ବିନା ଭୁଲ ଓ ଫ୍ରଡରେ ଟ୍ରାନସନ ଏବଂ ସହଜରେ ପେମେଂଟ କଲେକ୍ସନ, ଭ୍ୟାଲିଡେସନ ଓ ରିକନସିଲିଏସନ କରିପାରିବେ।

# ବଜାରରେ ପ୍ରବେଶ କଲା ଅଲ୍-ନିୟୁ ସିବି୧୨୫ ହର୍ନେଟ୍ ଏବଂ ଶାଇନ ୧୦୦ ଡିଏକ୍ସ



ଗୁରୁଗ୍ରାମ: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମଏସଆଇ) ଅଲ-ନିୟୁ ସିବି୧୨୫ ହର୍ନେଟ୍ ଏବଂ ଶାଇନ ୧୦୦ ଡିଏକ୍ସର ବଜାର ପ୍ରବେଶ କରାଇବା ସହିତ ଉତ୍କଣ୍ଠାର ଚକକୁ ଅଧିକ ଗତିଶୀଳ କରାଇଛି। ପରବର୍ତ୍ତୀ ପିଢିର ଚାଳକମାନଙ୍କୁ ଲକ୍ଷ୍ୟରେ ରଖି ପ୍ରସ୍ତୁତ ସିବି୧୨୫ ହର୍ନେଟ୍‌ରେ ତାହାର ସ୍ପୋର୍ଟି ଷ୍ଟାଇଲିଂ ଏବଂ ରୋମାଞ୍ଚକାରୀ ପ୍ରଦର୍ଶନ ସହିତ 'ରାଇଡ ୟୋର ରିଜ' ଉତ୍ସାହ ଭରପୂର ରହିଥିବାବେଳେ ଶାଇନ ୧୦୦ ଡିଏକ୍ସ ପରିବର୍ଦ୍ଧିତ ବୈଶିଷ୍ଟ୍ୟାବଳୀ ଏବଂ ଗ୍ରାହକମାନେ ଆଶା କରୁଥିବା 'ସଲିଡ ହୈ' ପ୍ରତି ବାସ୍ତବ ରହିବାକୁ ଯାଇ ପ୍ରିମିୟମ ଷ୍ଟାଇଲିଂ ସହିତ ନିଜର ପରମ୍ପରାକୁ ଆଗକୁ ଆଗେଇ ନେଉଛି। ଅଲ-ନିୟୁ ହୋଣ୍ଡା ସିବି୧୨୫ ହର୍ନେଟ୍‌କୁ ସୀମିତ ସମୟ ନିମନ୍ତେ ପ୍ରବେଶ ମୂଲ୍ୟ ୧,୧୨,୦୦୦ ଟଙ୍କାରେ ବଜାର ପ୍ରବେଶ କରାଯାଇଥିବାବେଳେ ଶାଇନ ୧୦୦ ଡିଏକ୍ସର ମୂଲ୍ୟ ୭୪,୯୫୯ ଟଙ୍କା ରଖାଯାଇଛି। ଏଚଏମଏସଆଇର ଦମ×ଦାର ଲାଇନ-ଅପଗୁଡିକରେ ଏହି ଅଧୁନାତମ ମୋଟରସାଇକଲଗୁଡିକ ଭାରତୀୟ ଗ୍ରାହକଙ୍କ ନିମନ୍ତେ ଚାଳନା ଅନୁଭୂତିକୁ ପୁନଃପରିଭାଷିତ କରିବାକୁ ଯାଉଛି। ହୋଣ୍ଡା ସିବି୧୨୫ ହର୍ନେଟ୍‌କୁ ଯୁବବର୍ଗ, ସହରାଞ୍ଚଳ ଚାଳକଙ୍କ ଆକାଂକ୍ଷାକୁ ମନ ଭିତରେ ରଖି ଡିଜାଇନ କରାଯାଇଛି। ଏକ ଦମଦାର ଷ୍ଟ୍ରିଟ-ଷ୍ଟାଇଲ ଡିଜାଇନ ପ୍ରଦର୍ଶନ କରୁଥିବା ଏହି ମୋଟରସାଇକଲରେ ଶାର୍ପ ସ୍ରାଉଡ ସହିତ ମସ୍କୁଲାର ଇନ୍ଧନ ଟାଙ୍କି, ଷ୍ଟାଇଲିଶ ମଫଲର ଏବଂ ଚାରିଟି ଆକର୍ଷଣୀୟ ରଙ୍ଗ ବିକଳ୍ପ ରହିଛି ଯାହା ଏହାର ସଡ଼କ ଉପସ୍ଥିତିକୁ ପରିବର୍ଦ୍ଧିତ କରୁଛି। ସେଗୁଡିକ ହେଉଛି- ଲେମନ ଆଇସ ୟେଲୋ ସହିତ ପର୍ଲ ସାଇରେନ ବ୍ଲୁ, ପର୍ଲ ଇଗନିୟସ ବ୍ଲାକ, ଆଥଲେଟିକ ବ୍ଲୁ ମେଟାଲିକ ସହିତ ପର୍ଲ ସାଇରେନ ବ୍ଲୁ ଏବଂ ସ୍ପୋର୍ଟସ ରେଡ ସହିତ ପର୍ଲ ସାଇରେନ ବ୍ଲୁ। ଏହି ମୋଟର ସାଇକଲଗୁଡିକ ନିମନ୍ତେ ବୁକିଂ ସମ୍ପ୍ରତି ଆନୁଷ୍ଠାନିକ ଭାବରେ ଉନ୍ମୁକ୍ତ ରହିଛି। ଗ୍ରାହକମାନେ ଏହି ବ୍ରାଣ୍ଡ-ନିୟୁ ମୋଟରସାଇକଲ ଗୁଡିକୁ କମ୍ପାନୀର ୱେବସାଇଟରେ (https://www.honda2wheelersindia.com) ଲଗଇନ କରି ଅନଲାଇନରେ ବୁକ କରିପାରିବେ ଅଥବା ସେମାନେ ନିକଟବର୍ତ୍ତୀ ହୋଣ୍ଡାର ସ୍ୱୀକୃତିପ୍ରାପ୍ତ ଡିଲରସିପଗୁଡିକୁ ଯାଇ ଅଫଲାଇନରେ ତାହା ବୁକ କରିପାରିବେ। ଏହି ଉଭୟ ନୂଆ ମୋଟର ସାଇକଲଗୁଡିକର ଯୋଗାଣ ୨୦୨୫ ଅଗଷ୍ଟ ମଧ୍ୟଭାଗରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ, ଯାହା ସମଗ୍ର ଦେଶରେ ହୋଣ୍ଡା ଚାଳକମାନଙ୍କ ପାଇଁ ଏକ ନୂଆ ଆକର୍ଷଣୀୟ ଯାତ୍ରାର ଶୁଭାରମ୍ଭ କରିବ।



ନୂଆଦିଲ୍ଲୀ: ଜିମ୍ବାୱେ କ୍ରିକେଟର ବିବାଦୀୟ ଖେଳାଳି ବ୍ରେଣ୍ଡନ ଟେଲର ପୂନର୍ବାର ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବରୁ ୩୯ ବର୍ଷୀୟ ଟେଲରଙ୍କୁ ଆଇସିସି ନିଲମ୍ବିତ କରିଥିଲା। ନିଲମ୍ବନ ଦଣ୍ଡାଦେଶ ପୂର୍ଣ୍ଣ ହେବା ପରେ ଟେଲର ପୂନର୍ବାର ଜିମ୍ବାୱେ ଟିମରେ ସ୍ଥାନ ପାଇଛନ୍ତି। ଜାନୁୟାରୀ ୨୦୨୨ରେ ଭାରତୀୟ ବ୍ୟବସାୟୀଙ୍କ ସହ ସ୍ପଟ ଫିକ୍ସିଂ କରିବା ଅଭିଯୋଗରେ ତାଙ୍କୁ ଦଣ୍ଡିତ କରାଯାଇଥିଲା। ଏବେ ସେ ଅଗଷ୍ଟ ୧୧ରେ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଜିମ୍ବାୱେ ପକ୍ଷରୁ ଖେଳିବେ। ପୂର୍ବରୁ ଟେଲର ଡୋପ ଟେଷ୍ଟରେ ମଧ ଧରାପଡିଥିଲେ। ସେ କୋକେନ ସେବନ କରିଥିଲେ। ୨୦୧୯ରେ ୧୫୦୦୦ ଆମେରିକୀୟ ଡଲାର ଜରିମାନ ବାବଦକୁ ଦେବା ସହ ୧ ମାସ ନିଲମ୍ବିତ ହୋଇଥିଲେ। ନିଲମ୍ବିତ ହେବା ପୂର୍ବରୁ ସେ ୯୨, ୮୧ ଓ ୪୯ ରନ କରି ଭଲ ଫର୍ମରେ ଥିଲେ। ଟେଲରଙ୍କ ପ୍ରତ୍ୟାବର୍ତନକୁ ନେଇ କ୍ରିକେଟ ଦୁନିଆରେ ମିଶ୍ରିତ ପ୍ରତିକ୍ରିୟା ମିଳିଛି । କେହି କେହି ଏହାକୁ ସ୍ୱାଗତ କରୁଥିବା ବେଳେ ଅନ୍ୟମାନେ ବିରୋଧ କରୁଛନ୍ତି । ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଜିମ୍ବାୱେ ଖରାପ ସ୍ଥିତିରେ ରହିଛି । ପ୍ରଥମ ଇନିଂସରେ ଦଳ ୧୪୯ ରନରେ ଅଲଆଉଟ ହୋଇଯାଇଛି ।

## ଭାରତ-ଇଂଲଣ୍ଡ ୫ମ ଟେଷ୍ଟ

# ଇଂଲଣ୍ଡ ୨୪୭ରେ ଅଲ୍ଆଉଟ୍

### ଭାରତର ଦ୍ୱିତୀୟ ପାଳିର ବ୍ୟାଟିଂ ଜାରି



ଲଣ୍ଡନ : ୫ମ ଟେଷ୍ଟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଛି। ଭାରତ ପ୍ରଥମ ପାଳିରେ ୨୨୪ରେ ଅଲଆଉଟ ହୋଇଯାଇଥିବା ବେଳେ ଇଂଲଣ୍ଡ ୨୪୭ରେ ଅଲ୍‌ଆଉଟି ହୋଇଯାଇଛି। ୨୨୪ ରନରେ ଅଲ ଆଉଟ ହେବା ପରେ ଲାଗୁଥିଲା ଯେ ମ୍ୟାଚ ହାତଛଡ଼ା ହୋଇଯିବ ବୋଲି । କିନ୍ତୁ ଭାରତୀୟ ବୋଲରଙ୍କ ଚମକ୍ରାର ବୋଲିଂ ଫଳରେ ଇଂଲଣ୍ଡ ୨୪୭ ରନରେ ଅଲଆଉଟ ହୋଇଯାଇଛି । ଏହା ସହିତ ଇଂଲଣ୍ଡ ଭାରତଠାରୁ ୨୩ ରନରେ ଆଗୁଆ ରହିଛି। ଇଂଲଣ୍ଡ ପକ୍ଷରୁ ଜାକ୍ କ୍ରାଉଲି ଓ ବେନ ଡକେଟ୍ ଭଲ ଆରମ୍ଭ କରିଥିଲେ ବି ପରବର୍ତ୍ତି ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଥିଲେ। କ୍ରାଉଲି ୬୪ ରନ ଓ ଡକେଟ୍ ୪୩ ରନ କରିଥିଲେ। ସେହପରି ହ୍ୟାରୀ ବ୍ରୁକ୍ ୫୩ ରନ କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ପ୍ରତ୍ୟେକ ୪ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।। ସେହିପରି ଆକାଶଦୀପ ଗୋଟିଏ ୱିକେଟ ନେଇଥିଲେ। ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ଆରମ୍ଭରୁ ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିଲା । ଯଶସ୍ୱୀ ଜୟସ୍ୱାଲ ମାତ୍ର ୨ ରନ କରି ଆଉଟ ହୋଇଥିବାବେଳେ କେଏଲ ରାହୁଲ ୧୪ ରନ କରି ଆଉଟ ହୋଇଥିଲେ। ସେହିପରି ସାଇ ସୁଦର୍ଶନ ୩୮ ରନ କରିଥିବାବେଳେ ଅଧିନାୟକ ଶୁବମନ ଗିଲ୍ ୨୧ ରନ କରିଥିଲେ । ଗତ ମ୍ୟାଚରେ ଶତକ ହାସଲ କରିଥିବା ରବୀନ୍ଦ୍ର ଜାଦେଜା ମାତ୍ର ୯ ରନ କରିଥିଲେ । ତେବେ କରୁନ ନାୟାର ଇଂଲଣ୍ଡ ବୋଲରଙ୍କ ଉଚିତ ମୁକାବିଲା କରି ଏକ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୫୭ ରନ କରିଥିବାବେଳେ ଧ୍ରୁବ ଜୁରେଲ ୧୯ ଓ ୱାସିଂଟନ ସୁନ୍ଦର ୨୬ ରନ କରିଥିଲେ । ଇଂଲଣ୍ଡ ପକ୍ଷରୁ ଗସ୍ ଅଟକିନସନ ୫ଟି ଓ ଜୋସ୍ ଟଙ୍ଗ ୩ଟି ୱିକେଟ ନେଇଥିଲେ। ଭାରତ ତା'ର ଦ୍ୱିତୀୟ ପାଳିରେ ଦୁଇ ୱିକେଟ ହରାଇ ୭୫ର ସଂଗ୍ରହ କରିନେଇଛି। ଦଳ ଭଲ ଆରମ୍ଭ କରିଥିଲେ ମଧ ପୁଣି କେଏଲ୍ ରାହୁଲ ନିରାଶ କରିଛନ୍ତି। ସେ ମାତ୍ର ୭ରନ୍ କରି ଆଉଟ ହୋଇଥିବା ବେଳେ ସାଇ ସୁଦର୍ଶନ ୧୧ରନ୍ କରିଛନ୍ତି। ଜୟସ୍ୱାଲ ୫୧ ଓ ଆକାଶ ଦୀପ ୪ରନ୍ କରି କ୍ରିଜ୍‌ରେ ଅଛନ୍ତି। ଯାହା ଫଳରେ ଭାରତର ୫୨ରନ୍‌ର ଅଗ୍ରଣୀ ହାସଲ କରିଛି। ଇଂଲଣ୍ଡ ପକ୍ଷରୁ ଜୋସ୍ ଟଙ୍ଗ ଓ ଗୁସ୍ ଆଟିଙ୍କସନ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଛନ୍ତି।

# ନଭେମ୍ବର ୨୭ରୁ ଏଲ୍‌ପିଏଲ୍



ନୂଆଦିଲ୍ଲୀ: ଲଙ୍କା ପ୍ରିମିୟର ଲିଗର ଷଷ୍ଠ ସଂସ୍କରଣ ଚଳିତ ବର୍ଷ ନଭେମ୍ବର ୨୭ରୁ ଆରମ୍ଭ ହେବା ନେଇ ଶ୍ରୀଲଙ୍କା କ୍ରିକେଟ ଘୋଷଣା କରିଛି। ଶ୍ରୀଲଙ୍କାର ପ୍ରମୁଖ ଟି୨୦ ଟୁର୍ନାମେଣ୍ଟ ଭାବରେ କାର୍ଯ୍ୟ କରୁଥିବା ଏଲ୍‌ପିଏଲ୍, ୨୦୨୫ ରେ ତିନୋଟି ସ୍ଥାନରେ ଖେଳାଯିବ। ଆର ପ୍ରେମଦାସା ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ (କଲମ୍ବୋ), ପାଲେକେଲେ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ (ପାଲେକେଲେ) ଏବଂ ଆର ଡାମ୍ବୁଲା ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ (ଡାମ୍ବୁଲା)। ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସାମନ୍ଥା ଡୋଡାନୱେଲାଙ୍କ ଅନୁଯାୟୀ, ଏଲ୍‌ପିଏଲ୍ ଆଗାମୀ ସଂସ୍କରଣ, ଯାହା ସ୍ଥାନୀୟ ଶ୍ରୀଲଙ୍କା କ୍ରିକେଟରମାନଙ୍କୁ କିଛି ଅନ୍ତର୍ଜାତୀୟ ତାରକାଙ୍କ ସହ କାନ୍ଧ ଘଷିବାର ସୁଯୋଗ ଦିଏ, ଭାରତ ଏବଂ ଶ୍ରୀଲଙ୍କାରେ ଆସନ୍ତା ବର୍ଷ ପ୍ରାରମ୍ଭରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ଏକ ଆଦର୍ଶ ସୁଯୋଗ ଭାବରେ କାର୍ଯ୍ୟ କରିବ।

# ସ୍ୱଦେଶ ଫେରିଲେ ବୁମ୍‌ରା



ନୂଆଦିଲ୍ଲୀ: ଭାରତର ଷ୍ଟାର ପେସ ବୋଲର ଯଶପ୍ରୀତ ବୁମରାହ ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟ। ଚୂଡାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିଲେ। ଏବେ ସେ ସ୍ୱଦେଶ ପ୍ରତ୍ୟାବର୍ତନ କରିଥିବା ନେଇ ବିସିସିଆଇ ପକ୍ଷରୁ କୁହାଯାଇଛି। ଇଂଲଣ୍ଡ ଗସ୍ତ ପୂର୍ବରୁ ବୁମରାହ ସିରିଜରେ ୩ଟି ମ୍ୟାଚ ଖେଳିବେ ବୋଲି ସ୍ଥିର ହୋଇଥିଲା । ବିସିସିଆଇ ଏବେ ଆଗକୁ ସମ୍ପୂର୍ଣ୍ଣ ସିରିଜ ପାଇଁ ଫିଟ ନ ଥିବା ଖେଳାଳିଙ୍କୁ ସୁଯୋଗ ନ ଦେବା ପାଇଁ ବିଚାର କରୁଛି। ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳର ମୁଖ୍ୟ ଖେଳାଳି ନ ଖେଳିଲେ ଏହା ଟିମ କମ୍ବିନେଶନ ମଧ ବିଗାଡି ଦେଉଛି । ଯେଉଁ ଖେଳାଳିଙ୍କ ଫିଟନେସ ଠିକ ରହିବ ତାଙ୍କୁ ଦଳରେ ସାମିଲ କରାଯିବ। କୋଚ ଗୌତମ ଗମ୍ଭୀର ଓ ଅଧିନାୟକ ଶୁଭମନ ଗିଲ ମଧ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୁମରାହ ୫ଟି ଇନିଂସରେ ୨୬ ଆଭରେଜରେ ୧୪ ୱିକେଟ ଅକ୍ତିଆର କରିଛନ୍ତି । ଲର୍ଡସର ପ୍ରଥମ ଇନିଂସରେ ସେ ୧୪ ରନରେ ୫ଟି ୱିକେଟ ନେଇଥିଲେ। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଥିଲା । ଅନ୍ତିମ ଟେଷ୍ଟରେ ଭାରତ ବିଜୟ ହାସଲ କଲେ ସିରିଜ ବରାବର ହେବ। ତେବେ ବୁମରାହ ଏବଂ ଅନ୍ୟ ଖେଳାଳିଙ୍କ ଆଘାତ ସମସ୍ୟା ଦଳକୁ ବ୍ୟାକଫୁଟକୁ ଠେଲିଦେଇଛି। ଦି ଓଭାଲରେ ଭାରତ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୨୨୪ ରନ କରି ଅଲଆଉଟ ହୋଇଯାଇଛି।

## ୧୦ରୁ ୱାଲର୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର ପ୍ରତିଯୋଗିତା

# ଆୟୋଜନ ଆମ ପାଇଁ ଗର୍ବର ବିଷୟ: କ୍ରୀଡ଼ାମନ୍ତ୍ରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ ୱାଲର୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ଦିନ ଅନୁଷ୍ଠିତ ହେବ। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଆୟୋଜନ ନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି। ଆଜିର ଏହି ପ୍ରସ୍ତୁତି ସମୀକ୍ଷାରେ ଆଥଲେଟିକ୍ସ ଫେଡ଼େରେସନ ଅଫ୍ ଇଣ୍ଡିଆ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପ୍ରଶାସନର ସହଯୋଗରେ ଯେପରି ଏହି ପ୍ରତିଯୋଗିତାକୁ ସଫଳ ରୂପେ ଆୟୋଜନ କରାଯାଇପାରିବ ସେ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାରେ ଭାଗନେଉଥିବା ଖେଳାଳିମାନଙ୍କର ସୁରକ୍ଷିତ ରହଣି, ଆତିଥ୍ୟ ଠାରୁ ନେଇ ଲଜିଷ୍ଟିକ୍ସ ପର୍ଯ୍ୟନ୍ତ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଷ୍ଟାଡ଼ିୟମ୍‌ରେ ପ୍ରତିଯୋଗିତା ଆୟୋଜନ ହେଉଥିବାବେଳେ ସମସ୍ତ ଖେଳାଳି, ଦର୍ଶକ ଏବଂ ଅଂଶୀଦାରମାନଙ୍କର ସୁରକ୍ଷା ବ୍ୟବସ୍ଥା, ପୁଲିସ ଫୋର୍ସ ମୁତୟନ ଏବଂ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଆବଶ୍ୟକ ରହିଥିବା ସମସ୍ତ ପ୍ରଶାସନିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ। ଓଡ଼ିଶାରେ ପ୍ରଥମ ଥର ପାଇଁ 'ୱାଲର୍ଡ଼ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର'ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ମଧ ନିକଟ ଅତୀତରେ ଆୟୋଜିତ ହୋଇଥିବା ବିଭିନ୍ନ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ୱାଲର୍ଡ଼ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ମଧ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଭଲ ପ୍ରଦର୍ଶନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶାବ୍ୟକ୍ତ କରିଛନ୍ତି।


## कार्यपालक अभियन्ता का कार्यालय
### ग्रामीण कार्य विभाग, कार्य प्रमण्डल, लातेहार

**अल्पकालीन ई- पुनर्निविदा आमंत्रण सूचना**

ई–निविदा संख्या :– 01/R2/2024-25/EE/RWD/LATEHAR    दिनांक : 01.08.2025

| क्र0 | आईडेंटीफिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/LATEHAR4/2024-25 | महुआडांड | ओरसापाठ से कुकुदपाठ तक पथ निर्माण। | 412.373 | चार करोड़ बारह लाख सैंतीस हजार तीन सौ रूपये मात्र। | 18 माह | तृतीय |

1. वेबसाईट में निविदा प्रकाशन की तिथि : 05.08.2025
2. ई–निविदा प्राप्ति की अंतिम तिथि एवं समय : 12.08.2025 अपराह्न 5:00 बजे तक।
3. निविदा खोलने की तिथि एवं समय : 14.08.2025 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता, ग्रामीण कार्य विभाग
कार्य प्रमण्डल, लातेहार

PR 358781 REO (25-26)_D


# ଏସୀୟ ଜୁନିଅର ଉସୁ ଚାମ୍ପିଅନ୍‌ସିପ୍: ଶ୍ୱେତାଙ୍କୁ ବ୍ରୋଞ୍ଜ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଚୀନରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିଅର ଉସୁ ଚାମ୍ପିଅନସିପରେ ଚମକ୍ରାର ପ୍ରଦର୍ଶନ କରିବା ସହ ୪୮ କେଜି ବର୍ଗରେ ବ୍ରୋଞ୍ଜ ପଦକ ଜିତି ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଶ୍ୱେତାରାଣୀ ମହାନ୍ତ ଦେଶ ପାଇଁ ଗୌରବ ଆଣିବା ସହ ଅନ୍ତର୍ଜାତୀୟ କ୍ରୀଡା ମାନଚିତ୍ରରେ କେନ୍ଦୁଝରକୁ ସ୍ଥାନିତ କରି ଜିଲ୍ଲାର ଟେକ ରଖିଛନ୍ତି। ଏହି ପଦକ ଜିତିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଜ୍ୟ କ୍ରୀଡ଼ା ବିଭାଗ, କେନ୍ଦୁଝର ଜିଲ୍ଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶା ଶ୍ୱେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ଫାଉଣ୍ଡେସନ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେସନର ପ୍ରୋତ୍ସାହନରେ ଏହି ସ୍ପୋର୍ଟସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ହଷ୍ଟେଲରେ ଶ୍ୱେତାରାଣୀଙ୍କ ସମେତ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ମଧ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୋପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ



ବାରିପଦା (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ମହାରାଜପୁର, ତକତପୁରର ମହାରାଣୀ ସୁସାର ଯୁଥ କ୍ଲବ ଆନୁକୂଲ୍ୟରେ ୧୩ ତମ ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ ମୟୁରଭଞ୍ଜ କଲେଜ ଅଫ ଏକାଉଣ୍ଟଟେନ୍ସୀ ଏବଂ ମେନେଜମେଣ୍ଟ ନିକଟରେ ଥିବା ଫୁଟବଲ ପଡିଆରେ ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଉକ୍ତ ଉଦଘାଟନି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଏମ. ସି. ଏ. ଏମ କଲେଜର ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗଦାନ କରି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କ୍ଲବର ସଭାପତି ଦସା ମାରାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟକୁ ଅନ୍ୟ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁକୁମାର ରଞ୍ଜନ ପ୍ରଧାନ, କ୍ଲବର ସମ୍ପାଦକ ଦକ୍ଷିଣ ମୁର୍ମୁ, କ୍ଲବର କୋଷାଧକ୍ଷ କାନ୍ଦନ ମାର୍ଣ୍ଡି ଓ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇଥିଲେ। ଏହି ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟରେ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳର ମୋଟ ୮ ଟି ଟିମ ଅଂଶ ଗ୍ରହଣ କରିଥିବା ବେଳେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଟୁର୍ନାମେଣ୍ଟରେ ପ୍ରଥମ ଟିମ ବିଜେତାକୁ ପୁରସ୍କାର ସହାୟତା ରାଶି ୫୦,୦୦୦/- ଟଙ୍କା, ଦ୍ୱିତୀୟ ବିଜେତା ଟିମକୁ ରାଶି ୩୦,୦୦୦/- ଟଙ୍କା, ତୃତୀୟ ବିଜେତା ଟିମକୁ ରାଶି ୧୦୦୦୦/- ଟଙ୍କା ଓ ଚତୁର୍ଥ ବିଜେତା ଟିମକୁ ରାଶି ୧୦୦୦୦/- ଟଙ୍କା ପୁରସ୍କାର ସ୍ୱରୂପ ଦିଆଯିବ। ଉକ୍ତ ଫୁଟବଲ ଟୁର୍ନାମେଣ୍ଟ ଯୋଗୁଁ ମହାରାଜପୁର ଅଂଚଳ ଏକରକମର ଜନସମାବେଶ ମେଳାର ଭ୍ରମ ସୃଷ୍ଟି କରିଛି। ମୟୁରଭଞ୍ଜ ଜିଲ୍ଲା ବିଶ୍ୱ ଦରବାରରେ ଫୁଟବଲ ଖେଳ ପାଇଁ ବେଶ ଚର୍ଚିତ ଥିବାବେଳେ ଯଦି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଗୁରୁତର ସହିତ ଆଦିବାସୀ ଅଂଚଳ ଖେଳାଳି ମାନଙ୍କୁ ଓ ଏହିପରି ଟୁର୍ନାମେଣ୍ଟ କରୁଥିବା କ୍ଲବ ମାନଙ୍କୁ କିଛି ଆର୍ଥିକ ଓ ପ୍ରଶାସନିକ ସହାୟତା ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି।


## महानिदेशक एवं पुलिस महानिरीक्षक का कार्यालय, झारखण्ड, राँची।

**सूचना पट्ट निविदा आमंत्रण सूचना सं0– 10/2025–26**

**High Quality 12 Volt Battery – 14 Nos.** की आपूर्ति हेतु GST निबंधित फर्मो से दिनांक – 11.08.2025 को समय - 16:00 बजे तक मुहरबन्द निविदांए आमंत्रित की जाती है :–

**नियम एवं शर्ते :–**

1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण की आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. **परिशिष्ट –01** के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3- High Quality 12 Volt Battery का **Specifications परिशिष्ट –02** के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरूप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5- High Quality 12 Volt Battery की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक -12.08.2025 को समय- 12:00 बजे **Procurement Committee** के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज ( परिशिष्ट– 01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन)
झारखण्ड, राँची।

PR 358728 (Police) 25-26 (D)


## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ଦି ଓଭାଲ: ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ଟିମ ଇଣ୍ଡିଆର ଅଧିନାୟକ ଶୁଭମନ ଗିଲ ଅନେକଗୁଡିଏ ରେକର୍ଡ ଭାଙ୍ଗିଛନ୍ତି। ସେ ଗ୍ୟାରୀ ସୋବର୍ସ ଓ ସୁନୀଲ ଗାଭାସ୍କରଙ୍କ ରେକର୍ଡ ମଧ ଭାଙ୍ଗିଛନ୍ତି। ସେ ୧୧ ରନ କରିଥିବା ବେଳେ ଅଧିନାୟକ ଭାବେ ଭାରତ ପକ୍ଷରୁ ଗୋଟିଏ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ସୁନୀଲ ଗାଭାସ୍କର ତାଙ୍କ ପୂର୍ବରୁ ୧୯୭୮ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୭୩୨ ରନ କରିଥିଲେ। ସେ ସେନା ଦେଶରେ ମଧ ଗୋଟିଏ ସିରିଜରେ ସର୍ବାଧିକ ରନ ସଂଗ୍ରହ କରିଥିବା ଅଧିନାୟକ ହୋଇଛନ୍ତି। ଏବେ ଗିଲଙ୍କ ନଜର ସାର ଡନ ବ୍ରାଡମ୍ୟାନଙ୍କ ରେକର୍ଡ ଉପରେ ରହିଛି। ବ୍ରାଡମ୍ୟାନ ଇଂଲଣ୍ଡରେ ଗୋଟିଏ ସିରିଜରେ ସର୍ବାଧିକ ୮୧୧ ରନ ସଂଗ୍ରହ କରିଛନ୍ତି। ଏହି ରେକର୍ଡ ଭାଙ୍ଗିବା ପାଇଁ ମଧ ଗିଲଙ୍କ ନିକଟରେ ସୁଯୋଗ ରହିଛି । ୯୦ ବର୍ଷ ହେବ ଏହି ରେକର୍ଡ କେହି ଭାଙ୍ଗି ପାରି ନାହାନ୍ତି । ଗିଲ ଏହି ସିରିଜରେ ଗୋଟିଏ ଦ୍ୱିଶତକ ଓ ୩ଟି ଶତକ ମାରି ସାରିଛନ୍ତି । ୫ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି । ଭାରତ ଅନ୍ତିମ ଟେଷ୍ଟରେ ବିଜୟ ହାସଲ କଲେ ସିରିଜ ଡ୍ର ରଖିପାରିବ।


## GIC HOUSING FINANCE LTD.

गृहे सौख्यमू विराजते

Bhubaneswar Branch Office: Plot No.: 501, 2nd floor, Narula Market, Near Sriya Talkies Square, Kharavel Nagar, Janapath, Bhubaneswar- 751001, Tel:0674-2380650 Email: bhubaneshwar@gichfindia.com
CORPORATE/ HEAD OFFICE : GICHFL, National Insurance Building, 6th Floor, J.T. Road, Next to Astoria Hotel, Churchgate, Mumbai - 400020, Tel.: (022) 22851765/66/67, Email: corporate@gichf.com, Website: www.gichfindia.com

**ଡ଼ିମାଣ୍ଡ ନୋଟିସ୍**

(ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩ (୨) ଅନୁଯାୟୀ ଡିମାଣ୍ଡ ନୋଟିସ)

**ଜି.ଆଇ.ସି ହାଉସିଂ ଫାଇନାନ୍ସ ଲିଃ (GICHFL)** ନିମ୍ନଲିଖିତ ରଣଗ୍ରହୀତାମାନଙ୍କୁ ଆବାସିକ ଗୃହ କ୍ରୟ କରିବା ନିମନ୍ତେ ଜିଆଇସି ଏଚଏଫଏଲ ସପକ୍ଷରେ ଆଇନଗତ ବନ୍ଧକ ରଖି ଗୃହ ଋଣ ଅନୁମୋଦନ କରିଥିଲେ। ଋଣ ପରିଶୋଧର ଅନିୟମିତତା ଯୋଗୁ ନ୍ୟାସନାଲ ହାଉସିଂ ବ୍ୟାଙ୍କର ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଆକାଉଣ୍ଟ (ଗୁଡ଼ିକ) ଶେଷରେ ଅଣ କାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। **ଜିଆଇସିଏଚ୍‌ଏଫ୍‌ଏଲ** ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଏହାର ଅଧିକାର ଜାହିର କରି ଋଣଗ୍ରହୀତାମାନଙ୍କୁ କଥିତ ଡିମାଣ୍ଡ ନୋଟିସ ତାରିଖଠାରୁ **୬୦ ଦିନ** ମଧ୍ୟରେ ମୋଟ ବକେୟା ରାଶି ପ୍ରଦାନ କରିବା ନିମନ୍ତେ କହିଛନ୍ତି।
ଋଣଗ୍ରହୀତାମାନଙ୍କୁ ଏତଦ୍‌ଦ୍ୱାରା ସର୍ବସାଧାରଣରେ ଅବଗତ କରାଇ ଦିଆଯାଉଛି କି ସେମାନେ ଏହି ନୋଟିସ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ମୋଟ ବକେୟା ରାଶି ସହିତ ଦେୟ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅର୍ଜିତ ସୁଧ ପ୍ରଦାନ କରନ୍ତୁ। ଅନ୍ୟଥା **ଜିଆଇସିଏଚଏଫଏଲ** କଥିତ ସମ୍ପତ୍ତି(ଗୁଡ଼ି)କୁ ଦଖଲ ନେବାପାଇଁ ଯେକୌଣସି କିମ୍ବା ସମସ୍ତ ଆଇନଗତ ଅଧିକାର ସାବ୍ୟସ୍ତ କରିପାରିବେ ଏବଂ ବକେୟା ପରିମାଣ ଭରଣା କରିବା ପାଇଁ ଉକ୍ତ ସମ୍ପତ୍ତିକୁ ବିକ୍ରୟ କରିପାରିବେ। ଋଣଗ୍ରହୀତା ଉକ୍ତ ସମ୍ପତ୍ତି(ଗୁଡ଼ି)କୁ କୌଣସି ତୃତୀୟ ପକ୍ଷକୁ ସଂପୃକ୍ତ କରିବା କିମ୍ବା ଏହାକୁ ବିକ୍ରୟ କରିବାରୁ କ୍ଷାନ୍ତ ରହିବେ।

| କ୍ର. ନଂ. | ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ /ଫାଇଲ୍ ନଂ. | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ସମୁଦାୟ ବକେୟା ରାଶି | ଡ଼ିମାଣ୍ଡ ନୋଟିସ ତାରିଖ |
|---|---|---|---|---|
| ୧. | ଶ୍ରୀ ପ୍ରଦୀପ ନାଏକ<br>ଶ୍ରୀମତୀ ମଧୁସ୍ମିତା ନାୟକ<br>ଫାଇଲ୍ ନଂ.: ଓଆର୦୩୦୦୬୧୦୦୦୧୬୨୧ | ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୫୫୮/୧୩୬୩, କ୍ଷେତ୍ର: ଏକର ୦.୧୦୦ ଡିସିମିଲି (ଘରବାରୀ) **ସମୁଦାୟ ଜମିର କ୍ଷେତ୍ର: ଏକର ୦.୧୦୦ ଡିସିମିଲି** ଖାତା ନଂ.: ୧୯୮/୩୬୯, ଏବଂ ସେଥିରେ ଥିବା ତଳମହଲା ଓ ୧ମ ମହଲା ସହିତ ସୁପରଷ୍ଟ୍ରକଚର, ମୌଜା: କୃଷ୍ଣଚନ୍ଦ୍ରପୁର ପାଟଣା, ଥାନା: ଦଶପଲ୍ଲା ନଂ.: ୩୯୬, ତହସିଲ: ଦଶପଲ୍ଲା, ଜିଲ୍ଲା: ନୟାଗଡ, ଓଡ଼ିଶା, ପିନ୍-୭୫୨୦୯୧, ଦଶପଲ୍ଲା ଫାୟାର ଷ୍ଟେସନ୍ ନିକଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅକ୍ଷୟ କୁମାର ମହାନ୍ତି, ଦକ୍ଷିଣ: ନିଜେ, ପୂର୍ବ: ନିଜେ, ପଶ୍ଚିମ: ନିଜେ | (ବକେୟା: ୩୦.୦୬.୨୦୨୫ ସୁଦ୍ଧା) ଟ.୩୦,୪୬,୨୯୦/- | ୧୦.୦୭.୨୦୨୫ |
| ୨. | ସେଖ୍ ଇଦୁଲ୍ ଅମିନ୍<br>ଗଜଲ ପରୱିନ୍<br>ଫାଇଲ୍ ନଂ.: ଓଆର୦୩୦୦୧୧୦୦୦୧୪୭୩ | ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୧୩୫/୧୪୮୪, କ୍ଷେତ୍ର: ଏକର ୦.୦୩୦ ଡିସିମିଲି (ଘରବାରୀ) **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୩୦ ଡିସିମିଲି** ଖାତା ନଂ.: ୩୯୬/୨୨୧, ଏବଂ ସେଥିରେ ଥିବା ତଳମହଲା ଓ ୧ମ ମହଲା ସହିତ ସୁପରଷ୍ଟ୍ରକଚର, ମୌଜା: ଧନହରା, ଥାନା: ବାଲିପାଟଣା ନଂ.: ୨୫, ତହସିଲ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୧୦୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୪୧, ଦକ୍ଷିଣ: ଶେଖ୍ ଫିରୋଜ ଅଲି, ପୂର୍ବ: ଶେଖ୍ ଫରାତୁଲ୍ଲାହ, ପଶ୍ଚିମ: କେନାଲ ରାସ୍ତା | (ବକେୟା: ୩୦.୦୬.୨୦୨୫ ସୁଦ୍ଧା) ଟ.୯,୬୪,୦୩୯/- | ୧୦.୦୭.୨୦୨୫ |
| ୩. | ଶ୍ରୀ ସୌମ୍ୟ ରଞ୍ଜନ ମହାନ୍ତି<br>ଶ୍ରୀ ଅକ୍ଷୟ କୁମାର ମହାନ୍ତି<br>ଫାଇଲ୍ ନଂ.: ଓଆର୦୩୦୦୬୧୦୦୦୧୫୩୬ | ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୭୯, କ୍ଷେତ୍ର: ଏକର ୦.୦୬୦ ଡିସିମିଲି (ଘରବାରୀ) **ସମୁଦାୟ ଜମିର କ୍ଷେତ୍ର: ଏକର ୦.୦୬୦ ଡିସିମିଲି,** ଖାତା ନଂ.: ୨୪୪/୪ ଏବଂ ସେଥିରେ ଥିବା ତଳମହଲା ସହିତ ସୁପରଷ୍ଟ୍ରକଚର, ମୌଜା: ସୋରଡା, ଥାନା: ଗୋପ ନଂ.: ୧୨, ତହସିଲ: ଗୋପ, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୧୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅକ୍ଷୟ କୁମାର ମହାନ୍ତି, ଦକ୍ଷିଣ: ଅଶୋକ ମହାନ୍ତି / ପ୍ଲଟ୍ ନଂ.: ୭୯, ପୂର୍ବ: ରାସ୍ତା, ପଶ୍ଚିମ: ଚତୁର୍ଭୁଜ ମହାନ୍ତି | (ବକେୟା: ୩୦.୦୬.୨୦୨୫ ସୁଦ୍ଧା) ଟ.୧୧,୮୦,୭୪୯/- | ୧୦.୦୭.୨୦୨୫ |

ଦ୍ରଷ୍ଟବ୍ୟ ଏହିକି ଯେ, ଆପଣଙ୍କ ଋଣ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA)ରେ ଶ୍ରେଣୀଭୁକ୍ତ କରିବା ସମୟରେ ଆମ୍ଭେ ରେଗୁଲେଟୋରି ମୋରାଟୋରିୟମ ସ୍କିମ / ଭାରତୀୟ ରିଜର୍ଭ ବ୍ୟାଙ୍କର ପ୍ୟାକେଜ କୁ ବିଚାରକୁ ନେଇଛୁ। ଆପଣଙ୍କ କ୍ଷେତ୍ରରେ ମୋରାଟୋରିୟମ ପିରିୟଡ (୨୦୨୦ ମାର୍ଚ୍ଚ ୧ ତାରିଖରୁ ୨୦୨୦ ଅଗଷ୍ଟ ୩୧) NPA ଘୋଷଣା ଅବଧିର ଗଣନା ଉଦ୍ଦେଶ୍ୟରେ ଆମ୍ଭଦ୍ୱାରା ହିସାବ କରାଯାଇନାହିଁ।
**ଏହି ନୋଟିସଟି ଋଣଗ୍ରହୀତାଙ୍କ ଶେଷ ଜ୍ଞାତ ଠିକଣାରେ ବର୍ହିପାର୍ଶ୍ୱିକ କାନୁନରେ ସଂଲଗ୍ନ ହେବା ସହିତ ବନ୍ଧକପ୍ରାପ୍ତ ସମ୍ପତ୍ତିରେ ମଧ ସଂଲଗ୍ନ କରାଯିବ।**

ତାରିଖ : ୦୧.୦୮.୨୦୨୫, ସ୍ଥାନ : ଭୁବନେଶ୍ୱର    ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଜିଆଇସି ହାଉସିଂ ଫାଇନାନ୍ସ ଲିଃ



## महानिदेशक एवं पुलिस महानिरीक्षक का कार्यालय, झारखण्ड, राँची

**सूचना पट्ट निविदा आमंत्रण सूचना सं0– 12/2025–26**

**Prodder Metallic / Non-Metallic – 25 Nos.** की आपूर्ति हेतु GST निबंधित फर्मो से दिनांक-11.08.2025 को समय-16:00 बजे तक मुहरबन्द निविदांए आमंत्रित की जाती है :–

**नियम एवं शर्ते :–**

1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण की आपूर्ति संबंधी प्रमाण–पत्र की छाया प्रति संलग्न करना अनिवार्य होगा।
2. **परिशिष्ट–01** के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे। वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3- **Prodder Metallic / Non-Metallic** का **Specifications परिशिष्ट–02** के रूप में संलग्न है। उक्त Specifications के अनुरूप सामग्रियों की आपूर्ति करना अनिवार्य होगा। Specifications के अनुरूप सामग्रियों की आपूर्ति नहीं करने पर आपूर्ति स्वीकार नहीं किया जायेगा। Prodder Metallic / Non-Metallic का Warranty कम से कम एक वर्ष का देना अनिवार्य होगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की माँग कर सकती है।
5- **Prodder Metallic / Non-Metallic** की आपूर्ति केन्द्रीय भण्डार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक - 12.08.2025 को समय- 12:00 बजे **Procurement Committee** के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं। जिस निविदादाता का तकनीकी भाग सही पाया जायेगा, केवल उन्हीं का वित्तीय भाग Procurement Committee के समक्ष खोली जायेगी।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट –01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी सम्पूर्ण निविदा दस्तावेज प्राप्त कर सकते हैं।

पुलिस महानिरीक्षक (प्रोविजन),
झारखण्ड, राँची

PR 358735 Police(25-26)#D

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ଅନେକ ଲୋକ ବିଶ୍ୱାସ କରନ୍ତି ସନ୍ଧ୍ୟାରେ କିମ୍ବା ଥଣ୍ଡା କାଶ ହେଲେ କମଳା ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ। ମାତ୍ର ଏଥିରେ କେତେ ସତ୍ୟତା ଗୁରୁଗାଓଁର ସିକେ ବିର୍ଲା ହସ୍ପିଟାଲର ଇଣ୍ଟରନାଲ ମେଡିସିନର ମୁଖ୍ୟ ପରାମର୍ଶଦାତା ଡାକ୍ତର ତୁଷାର ତ୍ରୟୀଙ୍କ କହନ୍ତି, ଥଣ୍ଡା ଏବଂ କାଶ ସମୟରେ କମଳା ଖାଇବା ସ୍ୱାସ୍ଥ୍ୟ ପାଇଁ ପ୍ରକୃତରେ କ୍ଷତିକାରକ କି ନାହିଁ ଆସନ୍ତୁ ଜାଣିବା...। ଡାକ୍ତର କହିଛନ୍ତି, କମଳା ଖାଇବା ଦ୍ୱାରା ଥଣ୍ଡା ହୁଏ ନାହିଁ। ଏହା ଏକ ସାଧାରଣ ପୌରାଣିକ କଥା, କିନ୍ତୁ ଏହାକୁ ସତ୍ୟ ବୋଲି ପ୍ରମାଣିତ କରିବା ପାଇଁ କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। କମଳାରେ ଭିଟାମିନ ସି ଭରପୂର ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ ଏବଂ ଥଣ୍ଡାର ତୀବ୍ରତା (ଥଣ୍ଡା ସୁସ୍ଥତା ପାଇଁ ସର୍ବୋତ୍ତମ ଖାଦ୍ୟ) ଏବଂ ଏହାର ଅବଧିକୁ ମଧ୍ୟ ହ୍ରାସ କରିପାରେ। ଡାକ୍ତର କହିଛନ୍ତି ଯେ, ଥଣ୍ଡା ଏବଂ କାଶ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା ଦ୍ୱାରା ନୁହେଁ ବରଂ ଭାଇରସ ଯୋଗୁଁହୁଏ। ଏହି ଭାଇରସଗୁଡ଼ିକ ଦୂଷିତ ବାୟୁ, ଶ୍ୱାସକ୍ରିୟା ସୂତ୍ର କିମ୍ବା ରୋଗୀଙ୍କ ନିକଟ ସମ୍ପର୍କ ମାଧ୍ୟମରେ ବ୍ୟାପିଥାଏ। ପ୍ରକୃତରେ ଆପଣଙ୍କ ଖାଦ୍ୟରେ କମଳା ସାମିଲ କରିବା ଲାଭଦାୟକ ହୋଇପାରେ। କାରଣ ଏହା ଆବଶ୍ୟକୀୟ ପୋଷକ ତତ୍ତ୍ୱ, ଆଣ୍ଟିଅକ୍ସିଡାଣ୍ଟ ଏବଂ ହାଇଡ୍ରେସନ ପ୍ରଦାନ କରେ ଯାହା ସାମଗ୍ରିକ ସ୍ୱାସ୍ଥ୍ୟକୁ ସୁସ୍ଥ ରଖେ। ଏହା କୁହାଯାଇପାରେ ଯେ, କମଳା ଥଣ୍ଡା ସୃଷ୍ଟି କରିବା ପରିବର୍ତ୍ତେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ରୋଗକୁ ରୋକିବାରେ ସାହାଯ୍ୟ କରିପାରେ।



## ତମ୍ବା ପାତ୍ରରେ ପାଣି ପିଇଲେ ମିଳେ ଫାଇଦା

*ପ୍ରତିଦିନ ଯଦି ସକାଳେ ତମ୍ବା ପାତ୍ରରେ ପାଣି ପିଇବା ପରେ ଯାଇଁ କୌଣସି କାର୍ଯ୍ୟ ଆରମ୍ଭ କରିବା ତେବେ ତାହାର କିଛି ଖାସ୍ ମହତ୍ତ୍ୱ ରହିଛି । ଆଜ୍ଞା ହଁ, ଭାରତୀୟ ପରମ୍ପରା ଅନୁସାରେ ତମ୍ବା ପାତ୍ରରେ ପାଣି ପିଆଯାଇଥାଏ । ଯାହାର ବହୁତ କିଛି ଫାଇଦା ରହିଥାଏ । ବର୍ତ୍ତମାନ ଜାଣନ୍ତୁ ଏହି ବିଷୟରେ....*

ତମ୍ବା ପାତ୍ରରେ ରାତିରେ ପାଣି ରଖି ଯଦି ସେହି ପାଣିକୁ ସକାଳେ ପିଇବା ତେବେ ପାଣି ଆମ ଶରୀର ପାଇଁ ବହୁ ଲାଭଦାୟକ ହୋଇଥାଏ । ଏହାସହ ଆୟୁର୍ବେଦ ମଧ୍ୟ କହେ କି ତମ୍ବା ପାତ୍ରରେ ରଖାଯାଇଥିବା ପାଣି ପିଇବା ଦ୍ୱାରା ବହୁ ପ୍ରକାରର ରୋଗର ଭୟରୁ ମୁକ୍ତି ମିଳିଥାଏ । ଯେପରି...

**ଥାଇରଏଡ୍ ହୋଇନଥାଏ :** ତମ୍ବାରେ ମହଜୁଦ ଥିବା କପର ଥାଇରୋକ୍ସିନ୍ ହରମୋନକୁ କଣ୍ଟ୍ରୋଲ୍ କରିଥାଏ । ଯାହାଦ୍ୱାରା ଥାଇରଏଡ୍ ହବାର ଭୟ ନଥାଏ ।

**ଗଣ୍ଠି ଦରଜରୁ ମିଳିଥାଏ ଲାଭ :** ତମ୍ବାରେ ମହଜୁଦ ଥିବା ପାଣିରେ ୟୁରିକ୍ ଏସିଡ୍ ମିଳିଥାଏ । ଯାହା ଗଣ୍ଠି ଦରଜ ପାଇଁ ରାମବାଣ ପରି କାର୍ଯ୍ୟ କରିଥାଏ ।

**ଗ୍ୟାସ୍ ସମସ୍ୟାରୁ ମୁକ୍ତି :** ତମ୍ବା ପାତ୍ରରେ ରଖାଯାଇଥିବା ପାଣିକୁ ପିଇବା ଦ୍ୱାରା ଏସିଡିଟି କିମ୍ବା ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିବାସହ ହଜମ ପ୍ରକ୍ରିୟାରେ ସୁଧାର ଆସିଥାଏ ।

**କୋଲେଷ୍ଟ୍ରୋଲ ପରିମାଣ କମ୍ ହୋଇଥାଏ :** ତମ୍ବା ପାତ୍ରରେ ରଖାଯାଇଥିବା ପାଣିକୁ ପିଇବା ଦ୍ୱାରା ଶରୀରରେ କୋଲେଷ୍ଟ୍ରୋଲ ପରିମାଣ କମ୍ ହେବାସହ ହାର୍ଟ ମଜବୁତ୍ ହୋଇଥାଏ ।

**ରକ୍ତହୀନତାରୁ ମିଳିଥାଏ ମୁକ୍ତି:** ତମ୍ବା ପାତ୍ରରେ ଅତି କମରେ ୮ ଘଣ୍ଟା ପର୍ଯ୍ୟନ୍ତ ପାଣି ରଖି ସେହି ପାଣିକୁ ପିଇବା ଦ୍ୱାରା ଏନିମିଆ ତଥା ରକ୍ତ ହିନତା ରୋଗକୁ ମୁକ୍ତି ମିଳିଥାଏ । ଏହି ପାଣିରେ ଭରପୁର ଥିବା କପର ଆପଣଙ୍କ ଶରୀରରେ ଥିବା ରକ୍ତ ହିନତାକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

**କ୍ୟାନ୍ସରରୁ ବର୍ତ୍ତିବା ପାଇଁ ସହାୟକ ହୋଇଥାଏ**
ତମ୍ବା ପାତ୍ରରେ ରଖାଯାଇଥିବା ପାଣିରେ ପର୍ଯ୍ୟାପ୍ତ ପରିମାଣରେ ଆଣ୍ଟି ଅକ୍ସିଡେଣ୍ଟ ରହିଥାଏ, ଯାହା ବୟସ ଛାପକୁ ଲୁଚାଇବା ସହ କ୍ୟାନସର ଭଳି ଗମ୍ଭୀର ରୋଗରୁ ଲଢ଼ିବା ପାଇଁ ସହାୟକ ହୋଇଥାଏ ।

**କେଶ ଝଡିବା କମ୍ ହୋଇଥାଏ**
ତମ୍ବା ପାତ୍ରରେ ରଖାଯାଇଥିବା ପାଣି ପିଇବା ଦ୍ୱାରା କେଶ ଝଡିବା କମ୍ ହୋଇଥାଏ ।

**ଓଜନ କମିବାରେ ସହାୟ ହୋଇଥାଏ**
ପ୍ରତିଦିନ ତମ୍ବା ପାତ୍ରରେ ରଖାଯାଇଥିବା ପାଣି ପିଇବା ଫଳରେ ଓଜନ କମ୍ ହୋଇଥାଏ। ଏହାସହ ଶରୀରକୁ ବହୁ ପ୍ରକାରର ପ୍ରତିକାର ମିଳିଥାଏ ।



## ଫ୍ଲପ୍ ହୋଇଥିଲା କିଆରାଙ୍କ ପ୍ରଥମ ଫିଲ୍ମ



ବଲିଉଡ୍ ହଟେଷ୍ଟ ନାୟିକା କିଆରା ଆଡଭାନୀ । ସେ ତାଙ୍କର ୩୪ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ବିଶେଷ ଅବସରରେ ବଲିଉଡ ଷ୍ଟାରମାନଙ୍କ ସମେତ ଅନେକ ପ୍ରଶଂସକ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। କିଆରା ୨୦୧୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ ଫଗଲି ସହିତ ତାଙ୍କ କ୍ୟାରିଅର୍ ଆରମ୍ଭ କରିଥିଲେ। ଏହି ଫିଲ୍ମରେ ଜିମି ଶେରଗିଲ୍, ମୋହିତ ମାରଓ୍ୱାହ ଏବଂ ବକ୍ସର ବିଜେନ୍ଦ୍ର ସିଂହଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ଅକ୍ଷୟ କୁମାର ମଧ୍ୟ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲେ। କିନ୍ତୁ ଏହି ଫିଲ୍ମ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। କିଆରାଙ୍କ ଡେବ୍ୟୁ ଖରାପ ହେବା ପରେ ମଧ୍ୟ ସେ ହାର ମାନି ନଥିଲେ ଏବଂ ପରବର୍ତ୍ତୀ ଫିଲ୍ମ ଏମଏସ ଧୋନି: ଦି ଅନଟୋଲ୍ଡ ଷ୍ଟୋରୀରେ କାମ କରିଥିଲେ। ଏହି ଫିଲ୍ମରେ କିଆରା ସାକ୍ଷୀ ଧୋନି ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମ ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା ଏବଂ କିଆରା ରାତାରାତି ଷ୍ଟାର ପାଲଟି ଯାଇଥିଲେ। ଲଷ୍ଟ ଷ୍ଟୋରିଜ୍ ଏବଂ କଳଙ୍କ ଭଳି ଫିଲ୍ମରେ କାମ କରି ବହୁତ ପ୍ରଶଂସା ପାଇଥିଲେ। ୨୦୧୯ରେ ମୁକ୍ତିଲାଭ କରିଥିବା କବୀର ସିଂହ ଫିଲ୍ମ କିଆରାଙ୍କୁ ଏକ ନୂତନ ସ୍ତରର ପ୍ରସିଦ୍ଧି ଦେଇଥିଲା। ଏହି ଫିଲ୍ମରେ କିଆରାଙ୍କୁ ବହୁତ ପସନ୍ଦ କରାଯାଇଥିଲା । ଏହା ବର୍ଷର ସବୁଠାରୁ ବଡ଼ ସୁପରହିଟ୍ ଫିଲ୍ମ ମଧ୍ୟ ପ୍ରମାଣିତ ହୋଇଥିଲା। ଏହି ଫିଲ୍ମରେ ଶାହିଦ କପୁରଙ୍କ ସହ କିଆରାଙ୍କ କେମେଷ୍ଟ୍ରି ବହୁତ ପସନ୍ଦ କରାଯାଇଥିଲା। ଏହା ପରଠାରୁ ତାଙ୍କ ହାତରେ ଅନେକ ଭଲ ବଡ଼ ବଡ଼ ଫିଲ୍ମର ଅଫର ଆସିଥିଲା। କହିବାକୁ ଗଲେ କିଆରା ବଲିଉଡ ସୁପରଷ୍ଟାର ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ବିବାହ କରିଛନ୍ତି। ଉଭୟଙ୍କ ସାକ୍ଷାତ ଫିଲ୍ମ ଶେରଶାହ ସେଟରେ ହୋଇଥିଲା। ଦୁହିଁ ବନ୍ଧୁ ହେଲେ ଓ ପରେ ଧୀରେ ଧୀରେ ପ୍ରେମରେ ପଡ଼ିଥିଲେ। କିଛି ବର୍ଷ ଡେଟ୍ କରିବା ପରେ ୨୦୨୩ ମସିହାରେ ବିବାହ କରିଥିଲେ। ସେମାନଙ୍କ ଫିଲ୍ମ 'ଶେରଶାହ' ମଧ୍ୟ ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା। ଆଜି ମଧ୍ୟ ଲୋକମାନେ ଏହି ଫିଲ୍ମକୁ ବହୁତ ପସନ୍ଦ କରନ୍ତି। ନିକଟରେ କିଆରା ମା ହୋଇଛନ୍ତି । ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି।



## ଛତୁ ପରଟା

ଆବଶ୍ୟକ ସାମଗ୍ରୀ: ଅଟା, ଛତୁ, ଲୁଣ, ମଇଦା, କୁଆଁଣି, ଘିଅ, ଗୋଲମରିଚ ଗୁଣ୍ଡ,କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା,ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର, କଟା ଧନିଆ ପତ୍ର, ତେଲ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, କୁଆଁଣି ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ। ଏହା ପରେ ଅଳ୍ପ ଅଳ୍ପ ପାଣି ଡାଳି ଅଟାକୁ ଦଳନ୍ତୁ। ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡ଼ାରେ ଗୁଡ଼ାଇ କିଛି ସମୟ ରଖି ଦିଅନ୍ତୁ।

ଏବେ ତାଓ୍ୱା ଗରମ କରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ। ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ୍ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢ଼ି ଥଣ୍ଡା କରନ୍ତୁ।

ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ। ଏହା ପରେ ଏଗୁଡ଼ିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାଓ୍ୱାରେ ପକାଇ ଭଲ ଭାବେ ସେକନ୍ତୁ। ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ। ପ୍ରସ୍ତୁତ ହୋଇଗଲା ସୁଆଦିଆ 'ଛତୁ ପରଟା' । ଏହାକୁ ଚଟଣି, ସସ୍ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ।



## ଲିପ୍‌ଷ୍ଟିକ ଦାମ ୧୧୫ କୋଟି

ବିଶ୍ୱର ସବୁଠାରୁ ମହଙ୍ଗା ଲିପ୍‌ଷ୍ଟିକର ନାମ ହେଉଛି H. Couture Beauty Diamond। ଏହାର ମୂଲ୍ୟ ଅତ୍ୟନ୍ତ ମହଙ୍ଗା। ଏହାର ମୂଲ୍ୟରେ ୨-୩ଟି ଲଗଜରୀ ଫ୍ଲାଟ କିଣିପାରିବି।
ଏହି ମହଙ୍ଗା ଲିପ୍‌ଷ୍ଟିକର ମୂଲ୍ୟ ପ୍ରାୟ ୧୧୫ କୋଟି ଟଙ୍କା ଅର୍ଥାତ୍‌ପ୍ରାୟ ୧୪ ନିୟୁତ ଡଲାର। ଏହା ମହଙ୍ଗା ହେବାର କାରଣ ହେଉଛି ଲିପ୍‌ଷ୍ଟିକ କେସ। ଏହି କେସରେ ୧୨୦୦ରୁ ଅଧିକ ପ୍ରକୃତ ହୀରା ଖଞ୍ଜା ଯାଇଛି। ଏହା ବ୍ୟତୀତ, ଯଦି କେହି ଏହି ଲିପ୍‌ଷ୍ଟିକ କିଣନ୍ତି, ତେବେ ଜୀବନବ୍ୟାପୀ ରିଫିଲ ଏବଂ ସୌନ୍ଦର୍ଯ୍ୟ ସେବା ମଧ୍ୟ ଉପଲବ୍ଧ। ଅର୍ଥାତ୍ ଯଦି ଆପଣ ଥରେ ଲିପଷ୍ଟିକ କିଣିବେ, ତେବେ ଏହା ସରିଗଲେ ଆପଣଙ୍କୁ ପୁଣି ଥରେ କିଣିବାକୁ ପଡ଼ିବ ନାହିଁ, ବରଂ ଆପଣ ସାରା ଜୀବନ ପାଇଁ ରିଫିଲ ପାଇବା ଜାରି ରଖିବେ। ଦ୍ୱିତୀୟ ସବୁଠାରୁ ମହଙ୍ଗା ଲିପଷ୍ଟିକ ହେଉଛି ଗେରଲେନ ବ୍ରାଣ୍ଡ ଲିପଷ୍ଟିକ, ଯାହାର ମୂଲ୍ୟ ପ୍ରାୟ ୫୧ ଲକ୍ଷ ଟଙ୍କା। ଏହାର କେସ ୧୮ କ୍ୟାରେଟ ସଲିଡ ସୁନା ବ୍ୟବହାର କରି ତିଆରି କରାଯାଇଛି। ଏହାର କେସରେ ୧୯୯ଟି ହୀରା ଖଚିତ ହୋଇଛି, ଯେଉଁଥିରେ କ୍ରେତା ନିଜ ନାମ ଏବଂ ଡିଜାଇନ ନିଜେ କଷ୍ଟମାଇଜ କରିପାରିବେ। ଏହି ଜିନିଷଗୁଡ଼ିକ କେବଳ ମେକଅପ ଜିନିଷ ନୁହେଁ, ବରଂ ସଂଗ୍ରହ ପାଇଁ ମଧ୍ୟ। ତୃତୀୟ ସବୁଠାରୁ ମହଙ୍ଗା ଲିପଷ୍ଟିକ ହେଉଛି ସ୍ୱରୋସ୍କି କ୍ରିଷ୍ଟାଲ ସହିତ ଏକ ରିଫିଲ ହୋଇପାରିବେ। ଏହି ଲିପଷ୍ଟିକକ ମୂଲ୍ୟ ୪ ୦ ୦ ଡଲାର।



## ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଆଗରେ ରାଣୀ-ବିକ୍ରାନ୍ତ

ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ୭୧ତମ ସଂସ୍କରଣକୁ ନେଇ ସାରା ଦେଶରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି । ଚଳିତ ବର୍ଷ କେଉଁ କଳାକାର ଓ ଚଳଚ୍ଚିତ୍ର ଏହି ସମ୍ମାନଜନକ ପୁରସ୍କାର ପାଇବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହି ଦୌଡରେ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଏବଂ ଅଭିନେତା ବିକ୍ରାନ୍ତ ମେସିଙ୍କ ନାମ ସବୁଠାରୁ ଆଗରେ ରହିଥିବା ଶୁଣିବାକୁ ମିଳୁଛି। କହିବାକୁ ଗଲେ ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରଗୁଡ଼ିକ ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ । ଚଳିତ ବର୍ଷ ଶ୍ରେଷ୍ଠ ଅଭିନେତ୍ରୀ ବର୍ଗରେ ରାଣୀ ମୁଖାର୍ଜୀ ଏବଂ ଶ୍ରେଷ୍ଠ ଅଭିନେତା ବର୍ଗରେ ବିକ୍ରାନ୍ତ ମେସିଙ୍କୁ ଜାତୀୟ ପୁରସ୍କାର ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି । ରାଣୀ ମୁଖାର୍ଜୀଙ୍କୁ ତାଙ୍କ ଚଳଚ୍ଚିତ୍ର 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାରର ପ୍ରବଳ ଦାବିଦାର ଭାବେ ବିବେଚନା କରାଯାଉଛି । ଏହି ଚଳଚ୍ଚିତ୍ରଟି ଏକ ସତ୍ୟ ଘଟଣା ଉପରେ ଆଧାରିତ। ଫିଲ୍ମରେ ରାଣୀଙ୍କ ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ଶକ୍ତିଶାଳୀ ଥିଲା। ସେହିପରି, 'ଟ୍ୱେଲ୍‌ଥ ଫେଲ୍' ଚଳଚ୍ଚିତ୍ରରେ ଆଇପିଏସ୍ ଅଧିକାରୀ ମନୋଜ କୁମାର ଶର୍ମାଙ୍କ ଭୂମିକାରେ ଅଭିନୟ କରି ବିକ୍ରାନ୍ତ ମେସି ସମସ୍ତଙ୍କ ହୃଦୟ ଜିତିଛନ୍ତି । ଏହି ଫିଲ୍ମଟି ଜଣେ ସାଧାରଣ ଯୁବକର ଅସାଧାରଣ ସଂଘର୍ଷ ଏବଂ ସଫଳତାର କାହାଣୀ । ବିଧୁ ବିନୋଦ ଚୋପ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି କେବଳ ବକ୍ସ ଅଫିସରେ ହିଟ୍ ହୋଇଥିଲା। ମନୋରଞ୍ଜନଧର୍ମୀ ଫିଲ୍ମ ଭାବେ ଆଲିୟା ଭଟ୍ଟ ଓ ରଣବୀର ସିଂହଙ୍କ 'ରକି ଔର ରାନୀ କୀ ପ୍ରେମ୍ କାହାନୀ' ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ହାସଲ କରିପାରେ ବୋଲି ଚର୍ଚ୍ଚା ହେଉଛି । ଜାତୀୟ ସମ୍ମାନ ଭାରତୀୟ ସିନେମା ଉଦ୍ୟୋଗରେ ସବୁଠୁ ସମ୍ମାନାସ୍ପଦ ପୁରସ୍କାର, ଯାହା ସିନେମାର ବିଭିନ୍ନ ବିଭାଗରେ ସର୍ବୋତ୍କୃଷ୍ଟ କଳାତ୍ମକ ଯୋଗଦାନକୁ ମାନ୍ୟତା ଦିଏ । ଚଳିତ ବର୍ଷ ଜାତୀୟ ସମ୍ମାନର ଚୂଡ଼ାନ୍ତ ତାଲିକାକୁ ଲୋକେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଣାସ(ଭାସ୍କର ନ୍ୟୁଜ): କଣାସ ଥାନାର ପୂର୍ବତନ ଅଧିକାରୀ ପ୍ରଦୀପ କୁମାର ଯୁଝାରସିଂହ ଗତ ୩୦ତାରିଖ ଦିନ କାର୍ଯ୍ୟରୁ ଅବସର ନେବାପରେ ଦୀର୍ଘ ୧ମାସ ଧରି କଣାସ ଥାନା ମୁରବି ଶୂନ୍ୟ ହୋଇପଡିଥିବାରୁ ଅଂଚଳବାସୀ ଅଧିକାରୀ ନିଯୁକ୍ତି ପାଇଁ ବାରମ୍ବାର ଦାବିକରିବାରୁ ଜିଲ୍ଲା ଆରକ୍ଷି ଅଧିକ୍ଷକ ଆଜି ପ୍ରଶନ୍ନ ନାୟକଙ୍କୁ କଣାସ ଥାନା ଆଇ.ଆଇ.ସି ଭାବେ ନିଯୁକ୍ତି ଦେବାରୁ ଶ୍ରୀନାୟକି ପ୍ରଥମେ ଆସି କଣାସ ଅଂଚଳର ଆରାଧ୍ୟ ଠାକୁରାଣୀ ମା କୁଶ୍ୱେରୀଙ୍କୁ ପୂଜା ଅର୍ଚ୍ଚନା କରିସାରିବା ପରେ ମନ୍ଦିର ନିକଟରେ କଣାସ ଗ୍ରାମ୍ୟ କମିଟି ଓ କୁଶ୍ୱେରୀ ବଜାର କମିଟିର ସଭାପତି, ସଂପାଦକ, କର୍ମକର୍ତ୍ତା ମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅଂଚଳର ଶାନ୍ତିପ୍ରିୟ ଜନସାଧାରଣ ଯେପରି ଉଚିତ୍ ନ୍ୟାୟ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ କର୍ମକର୍ତ୍ତାମାନେ ଶ୍ରୀନାୟକଙ୍କୁ ଅନୁରୋଧ କରିଥିଲେ। କଣାସ ଗ୍ରାମ୍ୟ କମିଟି ସଭାପତି ରୋହିତ ପ୍ରଧାନ, ବଜାର କମିଟି ସଭାପତି ଶ୍ରୀକାନ୍ତ ପଟ୍ଟଯୋଷୀ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସ ଅଂଚଳର ବିଶିଷ୍ଟ ସମାଜସେବୀ ହାଡିବନ୍ଧୁ ପାଢୀ, ପ୍ରଭାକର ବଳିୟାରସିଂହ, ନାଥ ପାଇକରାୟ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ବୈଠକରେ ଯୋଗଦେଲେ ଜିଲ୍ଲାପାଳ




ଆଳି(ଭାସ୍କର ନ୍ୟୁଜ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ସମନ୍ୱୟ ବୈଠକକୁ ଜିଲ୍ଲାପାଳ ରଘୁରାମ ଆର. ଆୟାର, ଅଧକ୍ଷତା ପୁରୁଣା ମୁଖ୍ୟ ଚିକିତ୍ସାଳୟ ଡିଟିୟୁ ହଲଠାରେ ଗତକାଲି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ କୃମି ନାଶକ ଦିବସ ଅଗଷ୍ଟ ମାସ ୧୨ ତାରିଖରେ ଅନୁଷ୍ଠିତ ହେବ ଏବଂ ଏହାର ମପ ଅପ ଦିବସ ଅଗଷ୍ଟ ୧୯ ତାରିଖରେ ଅନୁଷ୍ଠିତ ହେବ । ଏଥିରେ ଜିଲ୍ଲାର ସମସ୍ତ ୧ରୁ ୧୯ ବର୍ଷୀୟ ଶିଶୁ ଏବଂ କିଶୋର କିଶୋରି ମାନେ କୃମିନାଶକ ସିରପ ଏବଂ ବଟିକା ସେବନ କରିବେ । ୧ ରୁ ୨ ବର୍ଷ ପିଲାମାନେ ୫ ମିଲି ସିରପ, ୨ ରୁ ୫ ବର୍ଷ ପିଲାମାନେ ୧୦ ମିଲି ସିରପ ଓ ୨୦ ରୁ ୨୪ ବର୍ଷୀୟା ଝିଅମାନେ ମଧ ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମି ନାଶକ ବଟିକା ଅଙ୍ଗନୱାଡ଼ି କେନ୍ଦ୍ରରେ ସେବନ କରିବେ । ସେହିପରି ବିଦ୍ୟାଳୟ ସ୍ତରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ, ଷଷ୍ଠ ରୁ ଦ୍ୱାଦଶ ଶ୍ରେଣୀ ପିଲାମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମି ନାଶକ ବଟିକା ସେବନ କରିବେ । ଏହି କାର୍ଯ୍ୟକ୍ରମରେ ୧୦୦ ପ୍ରତିଶତ ପିଲାମାନେ ଯେପରି କୃମି ନାଶକ ସିରପ ଓ ବଟିକା ସେବନ କରିବେ ଏଥିପାଇଁ ଜିଲ୍ଲାପାଳ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲାର ୩,୩୦,୬୦୫ ସଂଖ୍ୟକ ପିଲା ୧ରୁ ୧୯ ବର୍ଷ ଏବଂ ୨୦ ରୁ ୨୪ ବର୍ଷ ବୟସ୍କା (ଗର୍ଭବତୀ ନହୋଇଥିବା ଓ ପ୍ରସୂତୀ ନାହୋଇଥିବା ବୟସ୍କା) ମଧ୍ୟରେ ୪୦,୬୯୩ ଜଣ ଏହି କାର୍ଯ୍ୟକ୍ରମର କୃମି ନାଶକ ବଟିକା ଓ ସିରପ ଖାଇବେ । ଏହି ବୈଠକରେରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ରଖିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଗୌରାଙ୍ଗ ଚରଣ ଗିରି, ଡ. ଶ୍ୟାମସୁନ୍ଦର ଟୁଡୁ, ଏଡିଏମ ଓ ମେଡିକାଲ ଡ. ପ୍ରମୋଦ କୁମାର ପ୍ରହରାଜ, ପ୍ରଶାସନିକ ଅଧିକାରୀ ଦିଲିପ କୁମାର ନାୟକ, ଫାଇନାନ୍ସିଆଲ୍ ଅଫିସର ଆଶୁତୋଷ ତ୍ରିପାଠୀ, ଡିପିଏମ ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ା, ଡିପିଏଚସିଓ ଶୁଭ ନାରାୟଣ ନାୟକ, ଜିଲ୍ଲା ଆକାଉଣ୍ଟସ୍ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ପି ଓ ଆଇସିଡିଏସ ସୁକାନ୍ତି ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶୁଭସ୍ମିତା ତ୍ରିପାଠୀ, ସମସ୍ତ ମେଡିକାଲ ଅଫିସର ଇନ୍ ଚାର୍ଜ, ବିପିଏମ୍, ପିଏଚସିଓ ଏବଂ ଡିପିଏମୟୁର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ଡ. ସଚ୍ଚିଦାନନ୍ଦ ମିଶ୍ର ଜିଲ୍ଲାପାଳଙ୍କ ସମେତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ କ୍ଷ ପରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ବୈଷୟିକ କମିଟି ବୈଠକ ଓ ଡେଙ୍ଗୁ ପ୍ରତିରୋଧ ମାସ ପାଳିତ ହୋଇଯାଇଛି । ଏଥିରେ ଡେଙ୍ଗୁର ପ୍ରତିରୋଧ ଓ ନିୟନ୍ତ୍ରଣ ସହ ସନ୍ଦେହ ଫାଇଲେରିଆ ରୋଗୀଙ୍କ ରକ୍ତ ନମୂନା ସଂଗ୍ରହ, ମ୍ୟାଲେରିଆ ରୋଗୀଙ୍କ ତତ୍ତ୍ୱାବଧାନ, ହାଇଡ୍ରସିଲ ଅପରେସନ ସହ ଜିଲ୍ଲାର ସବୁ ଅଞ୍ଚଳରେ ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ମାଧ୍ୟମରେ ସଫେଇ ଅଭିଯାନ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଶିକ୍ଷକଙ୍କ ଡେପୁଟେସେନ୍‌କୁ ବିରୋଧ କରି ଛାତ୍ରଛାତ୍ରୀଙ୍କ ଧାରଣା




ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ସିଦ୍ଧନଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷକଙ୍କ ଡେପୁଟେସେନକୁ ବିରୋଧ କରି ସ୍କୁଲ ଆଗରେ ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ଧାରଣାରେ ବସିଥିଲେ । ପ୍ରକାଶ ଥାଉକି ପୂର୍ବରୁ ପଞ୍ଚାୟତ ବ୍ଲକଗ୍ରାଣ୍ଟ ସ୍କୁଲ ରୂପେ ଏହି ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀରେ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରୁଥିଲେ। ଚଳିତ ଶିକ୍ଷାନୀତି ଅନୁସାରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟକୁ ସ୍ଥାନସ୍ଥରୀତ ହୋଇଥିଲା । ବର୍ତ୍ତମାନ ଏହି ବିଦ୍ୟାଳୟ ରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୬୫ ଜଣ ବିଦ୍ୟର୍ଥୀ ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ମୋଟ ୫ ଜଣ ଶିକ୍ଷକ ଓ ଜଣେ କ୍ରୀଡା ଶିକ୍ଷକ ନିୟୋଜିତ ଥିଲାବେଳେ ସେଥି ମଧ୍ୟରୁ ଜଣେ ବିଜ୍ଞାନ ଶିକ୍ଷକ ନିଜ ଶରୀର ଅସୁସ୍ଥ ଥିବା ଯୋଗୁଁ ଦୀର୍ଘ ୨ବର୍ଷ ହେବ ବିଦ୍ୟାଳୟକୁ ଆସୁନଥିବା ସ୍ଥଳେ ଦୁଇ କଳା ଶିକ୍ଷକ ମଧ୍ୟରୁ ଜଣେ କଳା ଶିକ୍ଷକ ସୁଧାଂଶୁ ଶେଖର ଦାସଙ୍କୁ ତିନି ଦିନ ପାଇଁ ନିକଟସ୍ଥ ବଡ଼ଖୋଲି ଉଚ୍ଚ ବିଦ୍ୟାଳୟକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଡେପୁଟେସେନ କରାଯାଇଥିବା ଜାଣି ଡେପୁଟିସନକୁ ବିରୋଧ କରି ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପାଖକୁ ଯାଇଥିଲେ ଅଭିଭାବକ ଓ ସ୍କୁଲ କମିଟି । କିନ୍ତୁ କିଛି ସୁଫଳ ମିଳିନଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆଦେଶ କୁ ବାତିଲ କରିବା ପାଇଁ ପିଲାମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ଖବର ପାଇ ଆସିକା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିଭୁ ନନ୍ଦନ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ ମଧ ଏଯାଏଁ କୌଣସି ନିଷ୍କର୍ଷ ବାହାରି ନାହିଁ ।

## ସର୍ପ ଦଂଶନରେ ବ୍ୟକ୍ତିଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ):ମଞ୍ଜୁରୀରୋଡ ଲେଭଲକ୍ରସିଂ ନିକଟ ଲକ୍ଷ୍ମୀବଜାରରେ ଥିବା ଗାଣ୍ଡୁଆ ସାଇକେଲ ଦୋକାନ ମିସ୍ତ୍ରୀ ସୁନନ୍ଦ ବାରିକ(୪୮) ଶୁକ୍ରବାର ବିଷଧର ସର୍ପ ଦଂଶନରେ ପ୍ରାଣ ହରାଇଥିବା ଜଣାଯାଇଛି। ମୃତକ ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ କରୁଥିବା ବେଳେ ବିଷଧର ସର୍ପ ଦଂଶନ କରିଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସାପକାମୁଡା ଇଞ୍ଜେକ୍ସନ ଦିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମେଡିକାଲକୁ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁବରଣ କରିଥିଲେ।

# ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କଲେ ବିଧାୟକ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ବ୍ଲକ ୧୧ ପଞ୍ଚାୟତରେ ବିଭିନ୍ନ ଜଣ କଲ୍ୟାଣ କାରୀ ଯୋଜନାରେ ସାମିଲ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି ବିଧାୟକ। ଏହି ଅବସରରେ କସର୍ଦା ପଂଚାୟତ କସର୍ଦା ଗ୍ରାମରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ନିଆଳି ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିଆଳି ବିଧାୟକ ଛବି ମଲିକ ଯୋଗ ଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ରାସନ କାର୍ଡ ଆବାସ ଗୃହ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମଧୁବାବୁ ପେନସନ ଯୋଜନାରେ ୩୧ ଜଣକୁ ଭତ୍ତା ବଣ୍ଟନ କରାଯାଇଛି। ସେହିଭଳି ୧୪୫ ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଛି। ଅନ୍ତୋଦୟ ଆବାସ ଯୋଜନାରେ ୭୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ନିଆଳି ବ୍ଲକ ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଂଜନ ମହାନ୍ତି, ନିଆଳି ବିଡ଼ିଓ ଧର୍ମ ରଂଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ରମା ରତନ ଭୁଇଁଆ ବ୍ଲକ ପ୍ରକଳ୍ପ ସଂଯୋଜକ ସଦାନନ୍ଦ ରାଉତ, ନିଆଳି ବ୍ଲକ ଯୋଗାଣ ବିଭାଗ ଅଧିକାରୀ ସସ୍ମିତା ସାହୁ, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରିଣୀ ସରିତା ବେଉରା ଓ ବିଭିନ୍ନ ପଂଚାୟତର ସରପଞ୍ଚ ସମିତି ସଭ୍ୟ, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଉପସ୍ଥିତ ରହିଥିଲେ।

# ମାହାଙ୍ଗା ମିଶନ ଶକ୍ତି ବିଭାଗରେ ହରିଲୁଟ୍ ଅଭିଯୋଗ

ମାହାଙ୍ଗା(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ମହିଳା ମାନଙ୍କ ବିକାଶ କ୍ଷେତ୍ରରେ ମିଶନ ଶକ୍ତି ମାଧ୍ୟମରେ ବ୍ୟାପକ ଅର୍ଥ ବ୍ୟୟବରାଦ କରୁଥିବା ବେଳେ ତାହା ଅନେକ ସ୍ଥାନରେ ନାମକୁ ମାତ୍ର କାମଜ କଲମରେ କରାଯାଉଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଉଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ମିଶନ ଶକ୍ତି ବିଭାଗରେ । ଅର୍ଥ ହରିଲୁଟ ସମ୍ପର୍କରେ ଅଭିଯୋଗ ହେବା ପରେ ଚିଇଙ୍କି ଉଠିଛନ୍ତି ଖୋଦ ବ୍ଲକ ମିଶନ ଶକ୍ତି ବିଭାଗର ବିପିଏମ୍ । ଶତ ଲୁଚାଇବାକୁ ତୁରନ୍ତ ଭିସି ମାଧ୍ୟମରେ ଚକ୍ରାନ୍ତ କରି ଦେଇଛନ୍ତି ଗୁରୁମନ୍ତ୍ର । ଏପରିକି ସରକାରଙ୍କ ଆସୁଥିବା ଅନୁଦାନ ଖର୍ଚ୍ଚ ସମ୍ବନ୍ଧରେ କୌଣସି ତଥ୍ୟ ସାମ୍ବାଦିକ, ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଖୋଦ୍ ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ସିଆରପି ଓ ଇସ ମେମ୍ୱେର ମାନଙ୍କୁ ତଥ୍ୟ ନଦେବା ପାଇଁ ଖୋଲାଖୋଲି ଭିସି ମାଧ୍ୟମରେ ଚେତାବନି ଦେଇଛନ୍ତି । ଏପରିକି ସାମ୍ବାଦିକ ମାନଙ୍କୁ ସନ୍ତ୍ରାସବାଦୀ ସହ ତୁଳନା କରିବା ନେଇ ଅନେକ କଟୁ ସମାଲୋଚନା କରିଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି । ପ୍ରକାଶ ଯେ, ମାହାଙ୍ଗା ବ୍ଲକ ଅଧିନ ବାସୁଦେବପୁର ପଂଚାୟତରେ ଥିବା ମିଶନ ଶକ୍ତି ବିଭାଗର ଜୈନିକ ଏମ୍‌ବିକେଙ୍କ ମନମୁଖୀ କାର୍ଯ୍ୟ ନେଇ ଏହି ପଂଚାୟତର କିଛି ସିଆରପି ଓ ଇସି ମେମ୍ୱେର ତାଙ୍କ ବିରୁଦ୍ଧରେ ମାହାଙ୍ଗା ଏବିଡିଓଙ୍କ ନିକଟରେ ଗତ ମଙ୍ଗଳବାର ଦିନ ଅଭିଯୋଗ କରିଥିଲେ । ଯେଉଁଥିରେ ଏମ୍ବିକେ ମନମୁଖୀ ଭାବେ ୫ ହଜାର ଟଙ୍କା ଉଠାଇବା, ମଡ୍ୟୁଲ ଟ୍ରେନିଙ୍ଗ ବାବଦରେ କେତେ ଟଙ୍କା ଆସିବା ଓ କେତେ ଟଙ୍କା ଖର୍ଚ୍ଚ ହେବା, ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲପଟପ୍ ଓ ଜେରକ୍ସ ମେଶିନକୁ ସିଆରପି ଓ ଇସିମାନଙ୍କୁ ବ୍ୟବହାର ନ କରାଇଦେବା, ଏହାସହ ସମ୍ପୃକ୍ତ ସିଆରପି ଓ ଇସି ମେମ୍ୱେର ମାନଙ୍କୁ ଖରାପ ବ୍ୟବହାର ଆଦି ନେଇ ଅଭିଯୋଗ କରିଥିଲେ । ଏହାପରେ ମାହାଙ୍ଗା ବ୍ଲକରେ ଥିବା ବିପିଏମ୍ ଗଣେଶ୍ୱର ସ୍ୱାଇଁ ମିଶନ ଶକ୍ତିରେ ହୋଇଥିବା ହରିଲୁଟର ଗୁମର ଖୋଲିଯିବା ଭୟରେ ତୁରନ୍ତ ଭିସି ମାଧ୍ୟମରେ ସରକାରୀ ଅର୍ଥ ଖର୍ଚ୍ଚ ସମ୍ପର୍କରେ କୌଣସି ତଥ୍ୟ ନଦେବା ପାଇଁ ତାଗିଦ୍ କରିଥିଲେ । ଏପରିକି ଗଣ ମ୍ଧ୍ୟମ ପ୍ରତିନିଧି ମାନଙ୍କୁ କଟୁ ସମାଲୋଚନା କରିବାର ଭିଡିଓ ଭାଇରାଲ ହୋଇଥିଲା । ଯାହାକୁ ନେଇ ଆଜି ମାହାଙ୍ଗା ବ୍ଲକ ସମ୍ବାଦିକ ମାନଙ୍କ ପକ୍ଷରୁ ତିବ୍ର ପ୍ରତିକ୍ରୀୟା ପ୍ରକାଶ ପାଇବା ସହ ମାହାଙ୍ଗା ବିପିଏମ୍ ଶ୍ରୀ ସ୍ୱାଇଁଙ୍କ ବିରୁଦ୍ଧରେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଯଦି ସମ୍ପୃକ୍ତ ବିପିଏମ୍‌ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନନିଆଯାଏ ତେବେ ଆଗାମି ଦିନରେ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସାମ୍ବାଦିକମାନେ ଚେତାବନି ଦେଇଛନ୍ତି । ଏଣୁ ମାହାଙ୍ଗା ବ୍ଲକ ମିଶନଶକ୍ତି ବିଭାଗରେ ସରକାରୀ ଅର୍ଥ ଖର୍ଚ୍ଚ ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ବିପିଏମ୍‌ଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି ।

# ଖବର ପ୍ରକାଶ ପରେ ବିଦ୍ୟୁତ୍ ସବ୍‌ଷ୍ଟେସନ୍ କାର୍ଯ୍ୟ ଆରମ୍ଭ



କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକର ବିଦ୍ୟୁତ୍ ଗ୍ରାହକମାନଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ କଣାସ ବ୍ଲକ ଯାମଳଗୋଦା ଗ୍ରାମପଞ୍ଚାୟତର ଯାମଳଗୋଦା ଠାରେ ୧୦ବର୍ଷ ତଳେ ନିର୍ମାଣ କରାଯାଇଥିବା ବିଦ୍ୟୁତ୍ ସବଷ୍ଟେସନ୍ କାର୍ଯ୍ୟ ଅଦ୍ୟାବଧି ସଂପୂର୍ଣ୍ଣ ହୋଇପାରିନଥିବାରୁ କଣାସ ଅଂଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି । ଏହି ସଂପର୍କରେ ଖବରକାଗଜରେ ତିନିଦିନ ତଳେ ଖବର ପ୍ରକାଶ ପାଇବାରୁ ଦୁଇଦିନ ହେଲା ସବ୍‌ଷ୍ଟେସନ୍ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଥିବାରୁ ସେଗୁଡିକୁ ସଫା କରାଯାଇ ବିଦ୍ୟୁତ୍ ସବଷ୍ଟେସନ୍ କାର୍ଯ୍ୟ ଆରମ୍ଭ ହେଉଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉକି ଖୋର୍ଦ୍ଧା ଗ୍ରିଡ଼ିରୁ ତିରିମଲ୍ଲ, ଡେଲାଙ୍ଗ, କଲ୍ୟାଣପୁର ଦେଇ କଣାସକୁ ଦୀର୍ଘ ୪୫କିମି ଅତିକ୍ରମ କରି ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହା ଦ୍ୱାରା କି ଟିକିଏ ବର୍ଷା, ପବନ ହେଲେ ବାରମ୍ବାର ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଉଥିଲା ।

## ଆଶିଷ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସାଂସଦ ପ୍ରତିନିଧି



ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ସାଂସଦ ଡ ବିଭୁ ପ୍ରସାଦ ତରାଇଙ୍କ ଅନୁମୋଦନ କ୍ରମେ ଆଶିଷ କୁମାର ସାମଲ ରଘୁନାଥପୁର ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି।ସେ ଜଣେ ଦକ୍ଷ ସଙ୍ଗଠକ ଭାବେ ଭାଜପା ଦଳର ବିଭିନ୍ନ ସାଂଗଠାନିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଥିଲେ। ସାମଲଙ୍କ ଘର ଏହି ବ୍ଲକ ଅନ୍ତର୍ଗତ ଗୁଆଳିପୁର ପଞ୍ଚାୟତ ରାଧାନଗର ଗ୍ରାମରେ। ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ତାଙ୍କର ଲକ୍ଷ ରହିବ ବୋଲି ସାମଲ ପ୍ରକାଶ କରିଛନ୍ତି। ସାମଲଙ୍କୁ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଭାବେ ମନୋନୀତ କରାଯାଇଥିବାରୁ ଦଳର କର୍ମକର୍ତ୍ତା ଆଇନଜୀବି ଗଗନ ଦାଶ, ପୂର୍ବତନ ଜିଲ୍ଲାପରିଷଦ ଅଶୋକ କୁମାର ମହାରଣା, ପ୍ରଭଞ୍ଜନ ମଲ୍ଲିକ, ନିର୍ମଳ ମହାପାତ୍ର, ପ୍ରଭାତ ପଣ୍ଡା, ଗଣେଶ୍ୱର ସାହୁ, ସରିତ ମହାପାତ୍ର, ଜ୍ଞାନେନ୍ଦ୍ର ସ୍ୱାଇଁ ପ୍ରମୁଖ ସାମଲଙ୍କୁ ଶୁଭେଚ୍ଛା ଜଣାଇବା ସହ ସାଂସଦ ଶ୍ରୀ ତରାଇଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ



କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଯଶିପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ୍ ପେଡ୍ ମା କେ ନାମ୍, ମା ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଯଶିପୁର ବିଧାୟକ ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ମନ୍ତ୍ରୀ ବିଦ୍ୟାଳୟ ରେ ପ୍ରବେଶ କରିବାମାତ୍ରେ ଛାତ୍ରୀ ମାନେ ତାଙ୍କୁ ସ୍ୱାଗତ କରି ନେଇଥିଲେ । ବିଦ୍ୟାଳୟ ପରିସରରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଛାତ୍ରୀମାନଙ୍କ ଗହଣରେ ବୃକ୍ଷ ଚାରାରୋପଣ କରିଥିଲେ । ତତ୍ପରେ ମନ୍ତ୍ରୀ ବିଦ୍ୟାଳୟ ର ଶ୍ରେଣୀ ଗୃହ ବୁଲି ଛାତ୍ରୀ ଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ । ବାଳିକା ଉଚ୍ଚ ବିଦ୍ୟାଳୟର ଭଙ୍ଗା ଛାତ ଘର, ଅଫିସ୍ କର୍ମଚାରୀ ପ୍ରକୋଷ୍ଠ ବିପଦ ସଂକୁଳ ଅବସ୍ଥା ର ନିର୍ମାଣ କରିବା, ନୂତନ ଛାତ୍ରୀ ନିବାସ, ସାଇକେଲ ଷ୍ଟାଣ୍ଡ ଓ ପ୍ରାର୍ଥନା ମଣ୍ଡପ ଆଦି ପ୍ରମୁଖ ଦାବି ପତ୍ର ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରକାନ୍ତୀ ନାୟକ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ କରଞ୍ଜିଆ ବନଖଣ୍ଡ ର ଡି ଏଫ୍ ଓ ବୈଦ୍ୟନାଥ ମାଝୀ, ଯଶିପୁର ବ୍ଲକ ବିଇଓ ସୁଶାନ୍ତ କୁମାର ସିଂ, ଗୁରୁଗୁଡିଆର ଫରେଷ୍ଟର ତପନ ମହାନ୍ତ, ଭଣ୍ଡା ସେକସନ୍ ଫରେଷ୍ଟର ଭବାନୀ ବେହେରା, ଦୁଧିଆଣି ରେଞ୍ଜର ମହାବୀର ସିଂ ମୁର୍ମୁ , ଫରେଷ୍ଟର ଯତୀନ୍ଦ୍ର ବେହେରା, ମୟୂରଭଞ୍ଜ ଜିଲ୍ଲା ପରିଷଦ ର ପୂର୍ବତନ ଉପାଧ୍ୟକ୍ଷ ନରେନ୍ଦ୍ରନାଥ ସାହୁଙ୍କ ସମେତ ବନ ବିଭାଗ କର୍ମଚାରୀ, ଯଶିପୁର ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଜେପି କାର୍ଯ୍ୟକର୍ତ୍ତା ଗଣ ଉପସ୍ଥିତ ଥିଲେ ।

# ରଙ୍ଗଲତାଙ୍କ ସ୍ମୃତିରେ ମା' ପାଇଁ ଗଛଟିଏ




କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ସମାଜସେବୀ ବିଚିତ୍ରାନନ୍ଦ ଦାଶ ଙ୍କ ମାତୃଦେବୀ ସ୍ୱର୍ଗତ ରଙ୍ଗଲତା ଦାଶଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ସ୍ଥାନୀୟ କୋତାଙ୍ଗ ଗ୍ରାମରେ ପାଳିତ ହୋଇଯାଇଛି । ଉତ୍ସବରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ସ୍ଥାନୀୟ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୋଖରୀ ଚାରିପଟେ ଶ୍ରୀ ଦାଶଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କିସମ ଝାଉଁ, ପଟାସ, ଗମ୍ଭାରୀ, ଶିଶୁ, ଶାଗୁଆନ, ପଣସ, ବରକୋଳି, ପେସ୍ତା ବାଦାମ ପ୍ରଭୃତି ଗଛ ଲଗା ଯାଇଥିଲା କ୍ଷ ଏହି ଉତ୍ସବ ରେ ଅତିଥି ଭାବେ କାକଟପୁର ବ୍ଲକ କଂଗ୍ରେସ ସଭାପତି ଜଶୋବନ୍ତ ନାରାୟଣ ମହାନ୍ତି, ଅବଦାନ ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜେନା, ଗୋପ ବ୍ଲକର ବରିଷ୍ଠ କଂଗ୍ରେସ ନେତା ବ୍ରଜ କିଶୋର ରାଉତରାୟ, କାକଟପୁର ଗ୍ରାମ ପଞ୍ଚାୟତ ସଭାପତି ନଳିନୀ କାନ୍ତ ଦୀକ୍ଷିତ, ଅବଧୁତ ସ୍ୱାଇଁ, ସେକ ଲିଆକତ, ଆଇନଜୀବି ପ୍ରଫୁଲ ନାୟକ, ଅମରେଶ୍ୱର ନାୟକ, ବିଷ୍ଣୁ ରାଉତ, ଧରଣୀଧର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ପଣ୍ଡା, ବିଜୟ କୁମାର ସାହୁ, ନବଘନ ଦାଶ, ସର୍ବେଶ୍ୱର ଦାଶ, ପପୁ, ପଦ୍ମିନୀ ସମେତ ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇଥିଲେ । ମା ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଆଗକୁ ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ କରାଯିବ ବୋଲି ଶ୍ରୀ ଦାଶ ପ୍ରକାଶ କରିଥିଲେ ।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

କେନ୍ଦୁଝର(ଭାସ୍କର ନ୍ୟୁଜ): ଶୁକ୍ରବାର ପୂର୍ବାହ୍ନରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ମିଶ୍ର ଅଧ୍ୟକ୍ଷତା କରି ସ୍ତନ୍ୟପାନର ଉପକାରିତା ଓ ସଠିକ ସ୍ତନ୍ୟପାନ କରାଇବା ଉପରେ ପରାମର୍ଶ ଦେଇଥିଲେ । ଡାକ୍ତର ଲକ୍ଷ୍ମୀକାନ୍ତ ମହନ୍ତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣୀ) ସ୍ତନ୍ୟପାନ ସପ୍ତାହ ପାଳନ କରିବାର ତାତ୍ପର୍ଯ୍ୟ ଓ ପ୍ରଚାର, ପ୍ରସାର ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବରିଷ୍ଠ ଶିଶୁ ରୋଗ ବିଶେଜ୍ଞ ଡାକ୍ତର ପି. କେ. ମହାକୁଡ଼ ଯୋଗ ଦେଇ ସ୍ତନ୍ୟପାନର କେତେକ ଦିଗ ଉପରେ ବିଷୋଦ ଭାବରେ ବର୍ଣ୍ଣନା କରିଥିଲେ । ଯଥା ଜନ୍ମରୁ ୧ ଘଣ୍ଟା ମଧ୍ୟରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଆରମ୍ଭ କରନ୍ତୁ, ଶିଶୁକୁ ୬ ମାସ କେବଳ ମା' କ୍ଷୀର ଖାଇବାକୁ ଦିଅନ୍ତୁ । ଏହି ସମୟ ମଧ୍ୟରେ କୌଣସି ବାହାର ଖାଦ୍ୟ ଯଥା ଗାଈ କ୍ଷୀର, ପାଣି, ମହୁ, ବା ଚିନି ପାଣି ଦିଅନ୍ତୁ ନାହିଁ । ମା' ର ପ୍ରଥମ ନ୍ତକଷ କ୍ଷୀରନ୍ତ ଶିଶୁର ରୋଗ ପ୍ରତିରୋଧକ ବଢ଼ାଇଥାଏ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୋଷୋତ୍ତମ ମହନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ନ୍ତବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତ୍ତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ ନିରନ୍ତର ସହାୟତା ପ୍ରଦାନର ବ୍ୟବସ୍ଥା କରନ୍ତୁ ନ୍ତଉପରେ ଆଲୋକପାତ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ, ବିଶ୍ୱ ସ୍ତନ୍ୟପାନ ପାଳନ କରିବାର ଉଦେଶ୍ୟ ଓ ସଠିକ ସ୍ତନ୍ୟପାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବୈଠକରେ ପ୍ରସୂତି ମହିଳା, ନର୍ସିଙ୍ଗ ଅଫିସର, ନର୍ସିଙ୍ଗ ଛାତ୍ରୀ, ପାରାମେଡିକାଲ ଷ୍ଟାଫ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଭରତ କୁମାର ସାହୁ ଓ ବୃନ୍ଦାବନ ସାହୁ, ପରିସଂଖ୍ୟା ସଂଚାଳନ କରିଥିଲେ ।

# ମନ୍ଦିରରୁ ଚୋରି



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋରିଗାଁ ପଞ୍ଚାୟତ ସଠଗାଁ ହନୁମାନ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିର ପୂଜକ ବିଭୁପ୍ରସାଦ ମିଶ୍ର ଏଥିନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୂଜକ ଗୁରୁବାର ସନ୍ଧ୍ୟା ଆରତୀ ସାରି ମନ୍ଦିରରେ ତାଲା ପକାଇ ଘରକୁ ଯାଇଥିଲେ। ଶୁକ୍ରବାର ସକାଳ ୬ଟାରେ ମନ୍ଦିରକୁ ଯାଇ ଦ୍ୱାରରେ ପଡିଥିବା ୨ଟି ତାଲା ମଧ୍ୟରୁ ଗୋଟିଏ ଭଙ୍ଗା ହୋଇପଡିଥିଲା। ଅନ୍ୟ ତାଲାଟି ନଥିଲା। ମନ୍ଦିର ହୁଣ୍ଡିବାକ୍ସ ଓ ଭଣ୍ଡାରଘର ତାଲା ମଧ ନଥିଲା। ମନ୍ଦିର ପରିଚାଳକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତନଖିରୁ ବହୁ ସାମଗ୍ରୀ ଓ ଅର୍ଥ ଚୋରି ହୋଇଥିବା ଜଣାପଡିଥିଲା। ଭଣ୍ଡାର ଘରୁ ୩ଟି ରୂପା ମୁକୁଟ, ୨ଟି ରୂପା ଆଖି, ପିତ୍ତଳ ନିର୍ମିତ ବଡ ହାଣ୍ଡି ଗୋଟିଏ, ପିତ୍ତଳ ନିର୍ମିତ ଭୋଗଥାଳି ୩ଟି, ପିତ୍ତଳ ବାଲ୍‌ତି, ଘଣ୍ଟ ଆଦି ସମତେ ହୁଣ୍ଡିରୁ ପ୍ରାୟ ୩୦ ହଜାର ଟଙ୍କା ଆଦି ଚୋରି ହୋଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଚୋରି ସମ୍ପତ୍ତିର ମୋଟ ମୂଲ୍ୟ ଦେଢଲକ୍ଷ ଟଙ୍କା ହେବ। ପୁଲିସ ସଂପୃକ୍ତ ମନ୍ଦିରରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଏ ସମ୍ପର୍କରେ ଥାନାରେ ୩୪୬/୨୫ନଂ ମାମଲା ରୁଜୁ ହୋଇଛି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ ଆଞ୍ଚଳିକା କ୍ରୀଡା ଓ ସାଂସ୍କୃତକ ପରିଷଦ ଅନୁକୂଳ୍ୟରେ ମେରା ଭାରତ ପୁରୀ ସହାୟତାରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆଜି ଦୋକନ୍ଦା ଗ୍ରାମର ଆରାଧ୍ୟ ଠାକୁର ବାବା ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଂଜୟ କୁମାର ଛୁଆଳସିଂହ, ସଂପାଦକ ମନୋରଂଜନ ସୁନ୍ଦରାୟ, ସହ ସଂପାଦକ ପ୍ରେମାନନ୍ଦ ଜାଲି, କଣାସ ବ୍ଲକର କନିଷ୍ଠ ଯନ୍ତ୍ରୀ, ଅନୁଷ୍ଠାନର ୫୦ଜଣ ବାଳକ ବାଳିକା ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରି ସହିତ ମନ୍ଦିର ପରିସର ମଧ୍ୟରେ ଗୋଟିଏ ଗୋଟିଏ ଗଛ ଲଗାଇଥିଲେ ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରୋ ସ୍ଥିତ ଦହପାଣିଆ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନତ କୁମାର ବେହେରାଙ୍କୁ ଶୁକ୍ରବାର ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ସ୍କୁଲ ପରିସର ମଧ୍ୟରେ ବିଜ୍ଞାନ ଶିକ୍ଷକ ଡ. କାଳିପଦ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ ଯୋଗ ଦେଇ ଅବସର ପରେ ଶିକ୍ଷକମାନେ ସମାଜର ଉନ୍ନତି ଦିଗରେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ, ଆରଡ଼ି ସେବାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏ. ଭାନୁମତି, କାନପୁର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁ, ଡିଆଁ ନର୍ସିଂପୁର ସେବାଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଦାସ, ସମାଜସେବୀ ରାମଚନ୍ଦ୍ର ନାୟକ, ରଘୁନାଥ ମଳିକ, ରମାକାନ୍ତ ମଳିକ, ସ୍କୁଲ ପରିଚାଳନା କମିଟି ସଭାପତି ସୋମନାଥ ମଳିକ ପ୍ରମୁଖ ଯୋଗ ଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ସ୍କୁଲ ପାଇଁ ଜଣେ ଦକ୍ଷ ପ୍ରଧାନ ଶିକ୍ଷକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପଦ୍ମଲୋଚନ ମଳିକ, ଜିତେନ୍ଦ୍ର ମଳିକ, ହରିନାରାୟଣ ମଳିକ, ସଂଜୟ କୁମାର ମଳିକ, ସୀତାରାଣୀ ମିଳିକ, ମଲ୍ଲୀରାଣୀ ମଳିକ, ଅକ୍ଷୟ ମଳିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଶଶିକାନ୍ତ ପଣ୍ଡା, କ୍ଷୀରୋଦ ମାଝୀ, ମନେରଂଜନ ମହାରଣା, ଶାନ୍ତିଲତା ସାମଲ, ତୃପ୍ତିମୟୀ ବେହେରା, ସସ୍ମିତା ସାହୁ, ବସନ୍ତ କୁମାର ଗାଗରାଇ, ଜ୍ଞାନରଂଜନ ଦାସ, ପଙ୍କଜ ବେହେରା, କର୍ମଚାରୀ ବୈଲୋଚନ ମହାଳିକ, କିଶୋର ମଳିକ, ସର୍ବେଶ୍ୱର ମଳିକ, ଦଶରଥ ମଳିକ, ଜାନକୀ ଦାସ, ଦେବକୀ ମଳିକ, ସୁମିତ୍ରା ମଳିକ, ପଂକଜିନୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଠାରେ ସୂଚନା ଯୋଗ୍ୟଯେ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲାବେଳେ ସ୍କୁଲର ସର୍ବାଙ୍ଗୀନ ଉନ୍ନତି ଦିଗରେ ମଧ ନିଜକୁ ନିୟୋଜିତ କରିଥିଲେ। ତାଙ୍କର କର୍ତ୍ତବ୍ୟ ପରାୟଣତା ପାଇଁ ସପ୍ତମ ଓଡ଼ିଶା ବାଟାଲିୟନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଅବସର କାଳୀନ ସଭାରେ ଶ୍ରୀ ବେହେରାଙ୍କୁ ଅବସର ପେନସପତ୍ର ସହିତ ମାନପତ୍ର, ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି।

# ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟ ଉଦ୍‌ଘାଟିତ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ନୀତି ଆୟୋଗର ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ଉଲ୍ଲେଖନୀୟ ସଫଳତାକୁ ସମ୍ମାନିତ କରିବା ପାଇଁ କେନ୍ଦୁଝର ସ୍ଥିତ ପ୍ରେକ୍ଷାଳୟଠାରେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ବିଶାଲ ସିଂହ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ରୀନା ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ଓ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅଭିଯାନରେ ନୀତି ଆୟୋଗ ଦ୍ୱାରା ନିର୍ଦ୍ଧାର୍ଯ୍ୟ ପ୍ରମୁଖ ବିକାଶମୂଳକ ସୂଚକାଙ୍କରେ ୧୦୦% ସଂତୃପ୍ତି ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆଗଧାଡ଼ିର କର୍ମୀ, ପଞ୍ଚାୟତ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଏବଂ ପ୍ରଶାସକଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାରେ, ଏହି ଅଭିଯାନ ଦୁଇଟି ଆକାଂକ୍ଷୀ ବ୍ଲକ ଯଥା ହରିଚନ୍ଦନପୁର ଏବଂ ବାଂଶପାଳ ବ୍ଲକରେ ଗତ ୨୦୨୪ରୁ କାର୍ଯ୍ୟକାରୀ କରାଯାଇଛି। ଉଭୟ ବ୍ଲକର ଦୁର୍ଗମ ପାହାଡ଼ଘେରା ଭୌଗଳିକ ଅବସ୍ଥିତି, ଆଦିବାସୀ ବହୁଳ ଜନସଂଖ୍ୟା ଭଳି ପ୍ରତିବନ୍ଧକ ସତ୍ତ୍ୱେ, ସାମଗ୍ରିକ ପ୍ରୟାସ ଏବଂ ସାମୁହିକ ଅଂଶଗ୍ରହଣ ମାଧ୍ୟମରେ ଅଭିଯାନରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏହି ଅବସରରେ ସମସ୍ତ ଅତିଥିବୃନ୍ଦ ଅଡିଟୋରିୟମ ପରିସରରେ ଆକାଂକ୍ଷା ହାଟ -୨୦୨୫ର ଉଦ୍‌ଘାଟନ କରିଥିଲେ। ଅନ୍ୟୁନ ୧୫ ଗୋଟି ଷ୍ଟଲରେ ବାଂଶପାଳ ଓ ହରିଚନ୍ଦନପୁର ବ୍ଲକର ବିଭିନ୍ନ ବିଭିନ୍ନ ଲଘୁ ଉଦ୍ୟୋଗୀ ତଥା ସ୍ୱୟଂସହାୟକ ଗୋଷ୍ଠୀ ନିଜ ନିଜ ଦେଶଜ ପାରମ୍ପରିକ ଖାଦ୍ୟ, କଳାକୃତୀ, ହସ୍ତଶିଳ୍ପ ଆଦି ପ୍ରଦର୍ଶିତ ତଥା ବିକ୍ରୟ କରୁଛନ୍ତି। ଆସନ୍ତା ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ହାଟକୁ ଆସି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉଦ୍ୟୋଗୀଙ୍କ ସାମଗ୍ରୀ କିଣି ଭୋକାଲ ଫର ଲୋକାଲ ଅଭିଯାନକୁ ବଳ ଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟକ ହେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ ପରିଚାଳନାରେ ଜିଲ୍ଲା ପରିଷଦର ଅତୋରିକ୍ତ ଉନ୍ନୟନ ଅଧିକାରୀ ଡି.ଏସ୍. ଶୁଭଦର୍ଶୀ ଯୋଷୀ, ଓରମାସର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ କ୍ଷୀତିସ୍ ଚନ୍ଦ୍ର ବଳ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



# ଆମ କଳାହାଣ୍ଡି



ପୃଷ୍ଠା-୧୦

Page-10

ଶନିବାର, ୦୨ ଅଗଷ୍ଟ ୨୦୨୫

ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ଗତ ୩୧ ତାରିଖ ଗୁରୁବାର ଦିନ ବିଦ୍ୟାଳୟ ପରିସର ରଙ୍ଗମଞ୍ଚରେ ଏକ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାଞ୍ଚାଳ ସଚିନ୍ ପ୍ରକାଶ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି ଯୋଗ ଦେଇଥିଲେ। କେସିଙ୍ଗା ବ୍ଲକର ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ସବିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର କଂଗ୍ରେସ ଓ ଏନସିଇଆରଟିର ତିନି ଥର ସଦସ୍ୟ ହୋଇଥିଲେ। ତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳଙ୍କ ସହ ବିଭିନ୍ନ ବର୍ଗର ଜନସାଧାରଣ ଓ ବହୁ ପୁରାତନ ଛାତ୍ରଛାତ୍ରୀ ତାଙ୍କୁ ଭାବବିହ୍ୱଳ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସହ ବିତାଇଥିବା ଦିନର ସ୍ମୃତିଚାରଣ ଥିଲେ। ସଭାକାର୍ଯ୍ୟ ପରେ ପରେ ବିଭିନ୍ନ ଅନୁଷ୍ଠାନ, ବିଭିନ୍ନ ବ୍ଲକର ଶିକ୍ଷକ ସଂଘ ଓ ବ୍ୟକ୍ତିଗତ ବନ୍ଧୁମାନେ ଶ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ରାଜ୍ୟ ପୁରସ୍କାର ପ୍ରାପ୍ତ ବର୍ଷୀୟାନ୍ ଶିକ୍ଷକ ପ୍ରଭାତ ଚନ୍ଦ୍ର ମିଶ୍ର, ପୋଲିସ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଜୟରାମ ସାହୁ, ଶାଶ୍ୱତୀ ମହିଳା ବିଦ୍ୟାଳୟର ଡେପୁଟେସନ ନମିତା ସାହୁ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର



ମୋହନ ସାହୁ ଓ ହେମସାଗର ମହାନନ୍ଦ ଏବଂ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ଆତାରୀ ଶରତ ଉପସ୍ଥିତ ଥିଲେ। ୧୯୯୦ ମସିହାରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ବିଦାୟୀ ଶିକ୍ଷକ ରବିନ୍ଦ୍ର କୁମାର ପ୍ରତିଷ୍ଠା ଦିନଠାରୁ ବିଜ୍ଞାନ ଶିକ୍ଷକ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହ ସମୟ କ୍ରମେ ପ୍ରଧାନଶିକ୍ଷକ ରହି ଗୁରୁବାର ଦିନ ଅବସର ଗ୍ରହଣ କରିଥିଲେ। ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ନୂତନ ପରିବେଶ ସୃଷ୍ଟି କରିବାରେ ରୁଚି ରଖିଥିବା ଶିକ୍ଷକ ରବିନ୍ଦ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଦୁଇ ଥର ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଣେ ସଫଳ ବିଜ୍ଞାନ ଶିକ୍ଷକ ଭାବେ ଛାତ୍ରଛାତ୍ରୀମାନଙ୍କୁ ନୂତନ ବୈଜ୍ଞାନିକ ଚିନ୍ତାଧାରା ଦେଇ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଦ୍ୱାରା ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରର ପ୍ରତିଯୋଗିତାରେ ପୁରସ୍କୃତ କରାଇ ପାରିଥିଲେ। କୃତୀ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ଶିଶୁ ବିଜ୍ଞାନ ଶପଥୀ, ସାଧାରଣ ସ୍ୱାଧୀନ ପାତ୍ର, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ପ୍ରମୁଖ ସମ୍ବର୍ଦ୍ଧନା ଜଣାଇବାର ଅଭୁତପୂର୍ବ ଦୃଶ୍ୟ ଉପସ୍ଥିତ ଜନସାଧାରଣଙ୍କୁ ଅଭିଭୂତ କରିଥିଲା। ମଞ୍ଚରେ ବିଦାୟୀ ଶିକ୍ଷକ ଶ୍ରୀ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ ମଞ୍ଜୁଲା ପଟ୍ଟନାୟକ ଉପସ୍ଥିତ ରହି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରୁଥିବାର ଦୃଶ୍ୟ ସମସ୍ତଙ୍କୁ ଭାବ ବିହ୍ୱଳ କରିଥିଲା। ଶିକ୍ଷାବିତ୍ ହେମନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଗଙ୍ଗାଧର ନନ୍ଦ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ଅମରେଶ ନେଗୀ ଏବଂ ପୋଲିସ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରକୃତିପ୍ରେମୀ ରବିନ୍ଦ୍ର ପଟ୍ଟନାୟକ ଭବାନୀପାଟଣା ସମୀପବର୍ତ୍ତୀ ବହୁଚର୍ଚ୍ଚିତ ଆକର୍ଷଣୀୟ ପାର୍କ 'ସାଇ ଭାଗିରଥି ପାର୍କ' ନିର୍ମାଣ ନିର୍ଦ୍ଦେଶକ ଅଟନ୍ତି।

## ଡ୍ରେନ୍ ପାଣିରେ ବିଦ୍ୟାଳୟ ପରିସର ପୂର୍ଣ୍ଣ : ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ପାଠପଢ଼ା




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଙ୍ଗା ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳୁଛି ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି ପାଠ ପଢ଼ା ଓ ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୧୦୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି ଓ ସ୍କୁଲ ପରିସର ମଧ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି ଓ ଗ୍ରାମରେ ସାମାନ୍ୟ ବର୍ଷା ହେଲେ ଡ୍ରେନର ଅଳିଆ ଆବର୍ଜନା ଅପରିଷ୍କାର ପାଣି ସ୍କୁଲ ପରିସରକୁ ପଶି ଆଣ୍ଠୁଏ ପାଣି ଜମି ରହୁଛି। ଏଠାରେ ମାସ ମାସ ଧରି ଦୂଷିତ ପାଣି ଜମି ରହିବା ଯୋଗୁଁ ଦୁର୍ଗନ୍ଧ ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି ଓ ଛାତ୍ରଛାତ୍ରୀଙ୍କ ପାଇଁ ପାଇଖାନାର ବ୍ୟବସ୍ଥା ଅଛି ସତ କିନ୍ତୁ ଜଳମଗ୍ନ ଯୋଗୁଁ ବ୍ୟବହାର ଅନୁପଯୋଗୀ। ଫଳରେ ସ୍କୁଲର କୋମଳମତି ଛାତ୍ରଛାତ୍ରୀ ଓ ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ଶିଶୁ ମାନେ ମଧ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଅବିଭାବକ ମହଲରେ ଦାବି ହେଉଛି।

## ଅଞ୍ଚଳର ଉନ୍ନତି ପ୍ରସ୍ତାବ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟିକା



ନର୍ଲା, (ଭାସ୍କର ନ୍ୟୁଜ୍) : ନର୍ଲାର ଉନ୍ନତି ନିମନ୍ତେ ଆଗେଇ ଆସିଥିବା ନର୍ଲା ବିଧାୟିକା ମନୋରମା ମହାନ୍ତି ସମେତ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ନର୍ଲା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ଅବଗତ କରିଛନ୍ତି। ଏହା ପୂର୍ବରୁ ଶ୍ରୀମତୀ ମହାନ୍ତି ଅସୁରଗଡ ସାଗରରେ ଏକ ପ୍ରକାର ଗୁଳ୍ମ ଜାତୀୟ ଉଦ୍ଭିଦ ବୃଦ୍ଧି ପାଇ ଗାଧୋଇବା ପାଣି ଅପରିଷ୍କାର ହୋଇଥିବା ଅଭିଯୋଗ ପାଇଁ ଏହି ସାଗରକୁ ପରିଦର୍ଶନ କରିଥିଲେ। ବିଶେଷ କରି ଅସୁର ଗଡ ସାଗର, ସୁନାମୁହିଁ ସାଗର ଓ ହରିହର ସାଗରର ଉନ୍ନତି କରଣ ଆଲୋଚନା କରିଥିଲେ। ଲୋକ ସେବା ଭବନ ଠାରେ ମୁଖ୍ୟ ମନ୍ତ୍ରୀ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦଇଥିବା ଜଣାପଡିଛି। ନର୍ଲା ବିଧାୟିକା ଲିଖିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ସାଗର ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ନିବେଦନ କରିବାକୁ ନେଇ ଜନସାଧାରଣରେ ପ୍ରଶଂସା କରାଯାଉଛି।

## ବଢୁଛି ସାର ଓ କୀଟ ନାଶକ ଔଷଧର କଳାବଜାରୀ

### ୯ ଦୋକାନକୁ କାରଣ ଦର୍ଶାଅ ନୋଟିସ




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) :ଦିନକୁ ଦିନ ସାର ଓ କୀଟନାଶକ ଔଷଧର କଳାବଜାରୀ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ କୃଷି ବିଭାଗ ପକ୍ଷରୁ ଅଚାନକ ୧୮ଟି ସାର ଓ କୀଟନାଶକ ଔଷଧର କଳାବଜାରୀ ରୋକିବା ପାଇଁ ଚଢ଼ାଉ କରିଛନ୍ତି। ଏଥିରେ ଜିଲ୍ଲା କୃଷି ଅଧିକାରୀ ଶୁଭେନ୍ଦୁ କର, କର୍ଲାମୁଣ୍ଡା ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଏଏଓ କୁମାର ଚିରଞ୍ଜିବୀ ପ୍ରମୁଖ ବ୍ଲକର ଖଲିଆପାଲି, ଭଟାପଲା, ସାପଲହରା, ଜୋରାଡ଼ବରା, କୁଶୁର୍ଲା, ଡୁକେରମାଲ, କର୍ଲାମୁଣ୍ଡା ସ୍ଥାନମାନଙ୍କରେ ଥିବା ସାର ଓ କୀଟନାଶକ ଦୋକାନ ଗୁଡ଼ିକରେ ପହଞ୍ଚି ସମସ୍ତ ପ୍ରକାର କାଗଜ ପତ୍ର ଯାଞ୍ଚ କରିଥିବା ବେଳେ ୯ ଜଣ ସାର ଓ କୀଟନାଶକ ବ୍ୟବସାୟୀଙ୍କ ଚଢ଼ାଉ ସମୟରେ ଅସାଧୁ ଉପାୟ ଅବଲମ୍ବନ କରିଥିବା ଜଣାପଡ଼ିଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ଏଏଓ କୁମାର ଚିରଞ୍ଜିବୀ ସୂଚନା ଦେଇଛନ୍ତି।

## ୟୁଏସ୍ ଉପସ୍ଥାନକୁ ବିରୋଧ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

କୋକସରା, (ଭାସ୍କର ନ୍ୟୁଜ୍) : ବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମୀ ଯୋଗାଇ ୟୁଏସ୍ ପ୍ରଚଳନ କରିବା ପାଇଁ ଗୁରୁବାର କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ମାନଙ୍କ ଅଭିଯୋଗ ଅନୁସାରେ, ୟୁଏସ୍ ପ୍ରଚଳନ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମୀ, ଶିକ୍ଷକ ନିଯୁକ୍ତି, ମୋବାଇଲ ଫୋନ୍ ପ୍ରଦାନ, ନେଟ ପ୍ୟାକ୍, କମ୍ପ୍ୟୁଟର ଶିକ୍ଷକ ନ ଯୋଗାଇବା ପର୍ଯ୍ୟନ୍ତ ୟୁଏସ୍ ପ୍ରଚଳନକୁ ସ୍ଥଗିତ ରହିବା ପାଇଁ ଦାବି କରିଛନ୍ତି। ଏନେଇ ଆଜି କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଧାନ ମଣ୍ଡି ନିର୍ମାଣକୁ ନେଇ ତହସିଲଦାରଙ୍କୁ ଦାବିପତ୍ର

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ବରାଡଙ୍ଗାଠାରେ ନିର୍ମାଣ ହେବାକୁ ଥିବା ନୂତନ ଧାନ ମଣ୍ଡିକୁ ସିଉନୀ ଗ୍ରାମବାସୀ ଅନିଚ୍ଛା ପ୍ରକାଶ କରି ଗୁରୁବାର କୋକସରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ଆମପାଣି ଧାନ ମଣ୍ଡିରେ ରହିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଚାଷୀ ମାନଙ୍କ ଅଭିଯୋଗ ଅନୁସାରେ, ସିଉନୀଠାରୁ ବରାଡଙ୍ଗାକୁ ଯିବାପାଇଁ ଭଲ ରାସ୍ତା ନଥିବା ବେଳେ ୩. କିମି ଯିବାକୁ ପଡିବ। ତେଣୁ ଡେଢ କିଲୋମିଟର ଦୂର ଆମପାଣି ଧାନ ମଣ୍ଡିରେ ସେମାନଙ୍କୁ ସୁବିଧା ହେବ। ନୂତନ ଧାନ ମଣ୍ଡିରେ ସିଉନୀ ଗ୍ରାମର ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ତେଣୁ ଆମପାଣି



ଆମପାଣି ମଣ୍ଡିରେ ଧାନ ବିକ୍ରୀ କରିବା ପାଇଁ ସୁଯୋଗ ଦେବାପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ମଣ୍ଟୁ ଧ.ମାଝୀ, ସୁବାଷ ବେହେରା, ଗୋବିନ୍ଦ ମାଝୀ, ହିମାଞ୍ଚଳ ପୁଝାରୀ, କାର୍ତ୍ତିକ ରାଉତ,

ମଣ୍ଡିରେ ହିଁ ରହିବା ପାଇଁ ଚାଷୀମାନେ ଦାବି ଆଜି କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ସିଉନୀ ଗ୍ରାମବାସୀଙ୍କୁ ଦେବାନନ୍ଦ ରାଉତ, ମୋହନ ରାଉତ, ଜଗନ୍ନାଥ ପୁଝାରୀ, ନରେନ୍ଦ୍ର ଧ. ମାଝୀ, ସମନ୍ତ ପଣ୍ଡା, ପରମେଶ୍ୱର ଧ.ମାଝୀ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ।

## ନୂତନ ଆଇଆଇସିଙ୍କ ଯୋଗଦାନ

ନର୍ଲା, (ଭାସ୍କର ନ୍ୟୁଜ୍) : ସାମ୍ବାଦିକ ସହଯୋଗ କଲେ ଆମେ ସଫଳ ହେବୁ ବୋଲି ନୂତନ ଭାବେ ଯୋଗଦେଇଥିବା ନର୍ଲା ଆଇଆଇସି ବିଜୟ ରାଜ ମାଝୀ ପ୍ରକାଶ କରିଛନ୍ତି। ନୂତନ ଆଇଆଇସି ଶ୍ରୀ ମାଝୀ ପୂର୍ବରୁ ଜୁନାଗଡ, ସଦର ଭବାନୀପାଟଣା, ବିଶ୍ୱନାଥପୁର, ଠାରେ ଆଇଆଇସି ରୁପେ କାର୍ଯ୍ୟ ତୁଲାଉ ଥିଲେ। ଶ୍ରୀ ମାଝୀଙ୍କ କହିବା ଅନୁଯାୟୀ ନର୍ଲାରେ ଚାଲିଥିବା ସଟ୍ଟା, ଚୋରା ମଦ କାରବାର, ଚୋରା ଗଞ୍ଜେଇ ଚାଲାଣକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ। ବିଶେଷ କରି ମଦୁଆ ମାନଙ୍କର ଦୋରାମ୍ଭା ବଢୁଥିବାରୁ ସେମାନଙ୍କୁ ମୋ ପୋଲିସ୍ ବାହିନୀ ସଦା ବେଳେ ସଜାଗ



ଅଛନ୍ତି ବୋଲି ଆଇଆଇସି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି।

## ଭତ୍ତା ଅପେକ୍ଷାରେ ଦୁର୍ମିଲା ମାଝୀ



ଜୁନାଗଡ଼ (ଭାସ୍କର ନ୍ୟୁଜ୍) : ସରକାର ଗରିବ ନିଷ୍ପେସିତ ଅବହେଳିତ ଦରିଦ୍ର ସୀମା ରେଖା ତଳେ ଜୀବନ ନିର୍ବାହ କରୁଥିବା ଲୋକଙ୍କ ପାଇଁ ମାଳ ମାଳ ଯୋଜନା ମାନ ପ୍ରଣୟନ କରୁଛନ୍ତି। କିନ୍ତୁ ଦୁର୍ମିଲା ମାଝୀ ନାମକ ଜଣେ ବିଧବା ମହିଳାଙ୍କ ଦୁର୍ଦ୍ଦଶା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ରାଜପୁର ଗ୍ରାମପଞ୍ଚାୟତ ଅଧିନସ୍ଥ କାର୍ଲି ଗ୍ରାମରେ। ଦୁର୍ମିଲା ଓ ତାଙ୍କ ପାଞ୍ଚ ବର୍ଷର ଛୋଟ ଝିଅ ଆରତୀ ମାଝୀ ବହୁ କଷ୍ଟରେ ଜୀବନ ନିର୍ବାହ କରୁଛନ୍ତି। ଦୁର୍ମିଲା ମାଝୀଙ୍କ ସ୍ୱାମୀ ଟଙ୍କଧର ମାଝୀ ଦେଢ଼ ବର୍ଷ ପୂର୍ବେ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ିଥିଲେ। ଦୁର୍ମିଲା ମାଝୀ ବିଭିନ୍ନ ହସ୍ପିଟାଲକୁ ନେଇ ଚିକତ୍ସା କରାଇ ବହୁତ ଟଙ୍କା ଖର୍ଚ୍ଚ କରିଥିଲେ ମଧ ତାଙ୍କୁ ବଞ୍ଚାଇ ପାରିନଥିଲେ। ଅର୍ଥାଭାବ ଯୋଗୁଁ ସେ ବଡ଼ ଡାକ୍ତରଖାନାକୁ ନେଇ ପାରିନଥିଲେ ଯାହା ଫଳରେ ତାଙ୍କ ସ୍ୱାମୀର ଜୀବନ ଚାଲିଯାଇଥିଲା। ବର୍ତ୍ତମାନ ସେ ଝାଟି ମାଟି କୁଡ଼ିଆରେ ଝିଅ ସହିତ ରହୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁକୁ ଦେଢ଼ ବର୍ଷ ବିତିଯାଇଥିଲେ ବି ଦୁର୍ମିଳାଙ୍କୁ ଏ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ବିଧବା ଭତ୍ତା ମିଳିପାରିନାହିଁ। କେବଳ ସେତିକି ନୁହେଁ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥାରେ ସାମିଲ ଥିବା ଯୋଜନାରୁ ମଧ ସେ ବଞ୍ଚିତ ଅଛନ୍ତି। କୌଣସି ସରକାର ଓ ପ୍ରଶାଶନର ସହଯୋଗ ରାଶି ପାଉନାହାଁନ୍ତି ସେ। ଏଥିପ୍ରତି ଦୃଷ୍ଟି ଦେବାକୁ ସରକାର ତଥା ପ୍ରସାଶନକୁ ଗୁହାରୀ ଜଣାଇଛନ୍ତି।

### ମହିଳାଙ୍କୁ ସଂଘ ବଦ୍ଧ ଆକ୍ରମଣ ଘଟଣା

## ଆନ୍ଦୋଳନ ପାଇଁ ସଜବାଜ ଦଳିତ ମହିଳା

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ଥାନା ବେହେରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଳସର୍ଗି ଗ୍ରାମରେ ଚାଷ ଜମିକୁ କେନ୍ଦ୍ର କରି ଦଳଗତ ଭାବେ ମହିଳାଙ୍କୁ ଆକ୍ରମଣ କରିଥିବା ଘଟଣା ଏବେ ଆନ୍ଦୋଳନର ଦାନା ବାନ୍ଧୁଛି। ଦଳିତ ମହିଳା ମାନଙ୍କ ଉପରେ ମରଣମକ୍। ଆକ୍ରମଣ ହୋଇଥିବା ବେଳେ ପରିବାର ଲୋକେ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ଏକ ସପ୍ତାହ ବିତି ଯାଇଥିଲେ ହିଁ ପୋଲିସର କାର୍ଯ୍ୟାନୁଷ୍ଠାନ ଶୁନ ଥିବା ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। କୋକସରା ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ବଦଳରେ କୋଉ ସ୍ଥିତି ଓ ଚାପରେ ପଡ଼ି ନିରବ ସାଜିଛି ତାହା ଏବେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ ଅଲ ଓଡିଶା ସିଡୁଲ୍ଡ କାଷ୍ଟ ଫେଡେରେସନ ସଂଘର କାର୍ଯ୍ୟକର୍ତ୍ତା ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଆରିକ୍ଷୀ ଅଧିକାରୀ ଓ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ଦ୍ୱାରସ୍ତ ହୋଇଥିବା ଓ ଅଧିକାରୀ ମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭରପୁର ପ୍ରତିଶ୍ରୁତି ଦେଇଥିଲେ ହିଁ ପାଣି ଫୋଟକା ପାଲଟିଛି। ଯାହାକୁ ନେଇ ସଂଘ ଏବେ ଆନ୍ଦୋଳନକୁ ଓହ୍ଲାଇବାକୁ ଯୋଜନା କରୁଥିବା ଆଲୋଚନା ହେଉଛି। ସୂଚନା ଯେ ଧର୍ମଗଡ ବ୍ଲକ ଦଳସର୍ଗି ଗ୍ରାମର ଧନମତି ଭରତିଆଙ୍କ ପରିବାର ଦଳସର୍ଗୀ ନଦୀ କୂଳରେ ଥିବା ସରକାରୀ ଜମିରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହି ଆସୁଛନ୍ତି। ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସେହି ସରକାରୀ ଜମିରେ ଧାନ ସମେତ ଡାଲି ଜାତୀୟ ଶସ୍ୟ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏ ବର୍ଷ ମଧ ସେହି ଜାଗାରେ ଧାନ ଓ ଡାଲି ଜାତୀୟ ଚାଷ କରିଥିଲେ। ପରିବାରର ଧନମତି ଭର୍ତିଆ, ପ୍ରତିମା ଭର୍ତିଆ,ଜୟନ୍ତୀ ଭର୍ତିଆ, ସୋନିଆ ଭର୍ତିଆ, ଧ୍ରୁବ ଚରଣ ଭର୍ତିଆ, ଚାଷ କରିଥିବା ଜମିରେ ଉକ୍ତ ଗ୍ରାମର କିଛି ଲୋକ ଗାଈଗୋରୁ ଛାଡି ଦେଇ ଥିଲେ। ଗାଈ ବଳଦକୁ ତଡିବା ମହିଳା ମାନେ ଯିବା ସମୟରେ ଗ୍ରାମର କିଛି ବ୍ୟକ୍ତି ସେମାନଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହ ଠେଙ୍ଗା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରବର୍ତ୍ତୀ ସମୟରେ ସମସ୍ତେ ଗୁରୁତର ଅବସ୍ଥାରେ କୋକସରା ଥାନାର ଦ୍ୱାରସ୍ତ ହୋଇ ଅଭିଯୋଗ କରିଥିଲେ। ସେତେବେଳେ ଘଟଣାର ତଦନ୍ତ ପାଇଁ ଧର୍ମଗଡ ଏସଡିପିଓ ଡୋଳାମଣି ଭୋଇ, ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ଗାଁ କୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ ହିଁ କୌଣସି ସମାଧାନ ହୋଇ ପାରି ନ ଥିଲା। ବର୍ତ୍ତମାନ ଭୟଭୀତ ଅବସ୍ଥାରେ ପରିବାର ଲୋକେ ସେଠାରେ ରହୁଥିବା ବେଳେ ନ୍ୟାୟ ପାଇଁ ରାଜ ରାସ୍ତାରେ ଆନ୍ଦୋଳନ କରିବୁ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ବିରୁପାକ୍ଷ ଶିବ ମନ୍ଦିରର ନୂତନ ପରିଚାଳନା କମିଟି ଗଠିତ


ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ପାଣିମୁଣ୍ଡାସ୍ଥିତ ଶ୍ରୀ ଶ୍ରୀ ବିରୁପାକ୍ଷ ଶିବ ମନ୍ଦିରର ନୂତନ ମନ୍ଦିର ନିର୍ମାଣ ସହିତ ମନ୍ଦିରର ନୀତିକାନ୍ତିର ସୁପରିଚାଳନା ପାଇଁ ଏକ ନୂତନ କମିଟି ଗଠିତ



ହୋଇଯାଇଛି। ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ପାଣିମୁଣ୍ଡା ସହିତ ଗୋବର୍ଦ୍ଧନପୁର, ବାଙ୍କେଲ, ଲକଟାଖମନ, ଭାଲୁଚଅଁରା ଆଦି ଅଞ୍ଚଳରୁ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଅବସରରେ କମିଟିର ସଭାପତି ଭାବେ ତପନ କୁମାର ମାଝୀ, ଉପସଭାପତି ଭାବେ କୁମାର ଗୌରବ ପରିଡ଼ା ଓ ଧର୍ମରାଜ ବାଗ, ସାଧାରଣ ସମ୍ପାଦକ ଭାବେ ଦିଲୀପ କୁମାର ପଧାନ, ସମ୍ପାଦକ ଭାବେ ଅମିତ କୁମାର ଭୋଇ, ଭୁଜନ ହାତୀ, କୋଷାଧ୍ୟକ୍ଷ ଭାବେ ନେତ୍ରାନନ୍ଦ ମହାରଣା ଓ ସହ କୋଷାଧ୍ୟକ୍ଷ ଭାବେ ବେଣୁଧର ଶବରଙ୍କୁ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଲିଙ୍ଗରାଜ ପଧାନ, ସୁନନ୍ଦନ ପରିଡ଼ା, ପିତାମ୍ବର କରୁଆଁ, ରାଜକୁମାର ରଣା, ହୃଷିକେଶ ମାଝୀ, କେଶବ ଛତର, ଅମିଶ ରଞ୍ଜନ ପରିଡ଼ା, ଦିଲେଶ ବାଗ, ଭାଗିରଥୀ ମିର୍ଦ୍ଧା, ସୁନନ୍ଦ ଭୋଇ, ନରେନ୍ଦ୍ର ବାଗ, ଟଙ୍କଧର ରଣା, ଜ୍ଞାନ ରଞ୍ଜନ ପରିଡ଼ା, ଦୈତାରି ଶବର, ତ୍ରିଲୋଚନ ଗୌଡ, ବିଘ୍ନରାଜ ଭୋଇ, କୈଳାସ ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା।ଉପଦେଷ୍ଟା କମିଟିରେ ମଧୁସୂଦନ ଗଉଡ, ନିତ୍ୟାନନ୍ଦ ଛତର, ଜଗମୋହନ ଛତର, ବିଦ୍ୟାଧର ରଣା, ପ୍ରସନ୍ନ କୁମାର ପରିଡ଼ା, ତପନ କୁମାର ଭୋଇ, ମୂରଲୀ ଭୋଇ, ଅଶୋକ ବିଶ୍ୱାଳ, ସାନୂର୍ଯ୍ୟ ଭୋଇ, ଚେରୁ ସା, କିଶୋର ଭୋଇ, ଚୂଡ଼ାମଣି ନାଏକ, ରୋହିତ ଭୋଇ, ଫଟୁ ମହାନନ୍ଦଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଦୈନନ୍ଦିନ ପୂଜା ପରିଚଳନା ପାଇଁ ସତ୍ୟାନନ୍ଦ ଶବର, ଭୂଜନ୍ଧର ରଣା, ହେମାଦ୍ରି ବାଗ, ସିଦ୍ଧେ ପୋଡ଼, ଧନୁର୍ଯ୍ୟ ଛତର, ଗଙ୍ଗା ମାଝୀ, କାଳିଆ ଗଡତିଆ, ନୀଳକଣ୍ଠ ମାଝୀ, କୌତୁକ ବାଗ, ଶୁକ ମାଝୀ, ଉଆଁସୁ ହେର୍ଣ୍ଣା, ତୁଳାରାମ ନାଗ, ଦନାର ନାଗ, ମଧୁ ମାଝୀ, ସାନୂର୍ଯ୍ୟ ମାଝୀ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ରାଶିଫଳ

ଶନିବାର, ୦୨ ଅଗଷ୍ଟ ୨୦୨୫



**ମେଷ:** ବ୍ୟବସାୟ ଭଲ କରିବ। ଆୟରେ ନିଶ୍ଚିତତା ରହିବ। ଘରେ ଟେନସନ ହେବ। ଅଂଶୀଦାରମାନଙ୍କ ସହିତ ପାର୍ଥକ୍ୟ ଏବଂ ଯୁକ୍ତି ହୋଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସହିତ ଯୁକ୍ତିତର୍କ ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ।




**ବୃଷ:** ବ୍ୟବସାୟ ଲାଭଦାୟକ ହେବ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଚାକିରିରେ ବୃଦ୍ଧି ଘଟିବ। ସମସ୍ତ କାର୍ଯ୍ୟ ଠିକ୍ ସମୟରେ କରାଯିବ। ବିନିଯୋଗ ଭଲ ହେବ। ଆୟ ବୃଦ୍ଧି ପାଇବ। ଦିନଟି ଭଲ ଆକାରରେ କଟିବ। ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ।



**ମିଥୁନ:** ସ୍ଥାବର ସମ୍ପତ୍ତି ବୃଦ୍ଧି ପାଇବ। ଏକ ବଡ ଡିଲ୍ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ବୃଦ୍ଧି ପାଇବ। ଘର ଏବଂ ବାହାରେ ସବୁ ଦିଗରୁ ସହଯୋଗ ଗ୍ରହଣ କରାଯିବ। ସୁଖ ମିଳିବ।



**କର୍କଟ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ବ୍ୟବସାୟରେ ବ୍ୟସ୍ତ ରହିବେ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ପରିବାର ପାଇଁ ଚିନ୍ତା ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ପରିଚିତ ହେବେ। ପ୍ରଲୋଭିତ ହୁଅ ନାହିଁ।




**ସିଂହ:** ବ୍ୟବସାୟରେ ଅନୁକୂଳ ଲାଭ ହେବ। ଆୟ ଜାରି ରହିବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। କଠିନ ପରିଶ୍ରମ ଅଧିକ ହେବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଶତ୍ରୁମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ।




**କନ୍ୟା:** ବିନିଯୋଗ ଶୁଭ ହେବ। କଠିନ ପରିଶ୍ରମର ଫଳ ଗ୍ରହଣ କରାଯିବ। ଘର ବାହାରେ ପଚରାଉଚରା କରାଯିବ। ଲାଭ ସୁଯୋଗ ଆସିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଚାକିରିରେ ବୃଦ୍ଧି ଘଟିବ। ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବେ।



**ତୁଳା:** ସୁଖ ବୃଦ୍ଧି ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ତୁମର ମନ ପ୍ରସ୍ତୁତ କରିବ। ତତ୍ପରତା ନାହିଁ। ବ୍ୟବସାୟ ଲାଭଦାୟକ ହେବ। ନୂତନ ବନ୍ଧୁ ସୃଷ୍ଟି ହେବ। ଘର ବାହାରେ ପଚରାଉଚରା କରାଯିବ। ଆୟରେ ନିଶ୍ଚିତତା ରହିବ। ଆତ୍ମ ସମ୍ମାନ ରହିବ। ଭଲ ଖବର ପାଇବେ। ଅତିଥିମାନେ ଆସିବେ।



**ବିଚ୍ଛା:** ଉପହାର ଗ୍ରହଣ କରାଯିବ। ବେକାରୀ ଦୂର ହେବ। ବ୍ୟବସାୟ ବୃଦ୍ଧି ପାଇବ। ଆପଣ ଚାକିରିରେ ପଦୋନ୍ନତି ପାଇପାରିବେ। ବିନିଯୋଗ ଭଲ ହେବ। ଭାଗ୍ୟ ଅନୁକୂଳ ହେବ। ପ୍ରଲୋଭିତ ହୁଅ ନାହିଁ। ଆପଣ ଉତ୍ସାହ ଏବଂ ଖୁସିରେ କାମ କରିବାକୁ ସମର୍ଥ ହେବେ।




**ଧନୁ:** ତୁମ ଜୀବନ ସାଥୀଠାରୁ ସମର୍ଥନ ପାଇବ। ଚିନ୍ତା ଏବଂ ଚାପ ଦୂର ହେବ। ଟଙ୍କା କାରବାରରେ ଶୀଘ୍ର ଏବଂ ବେପରୁଆ ହୁଅନ୍ତୁ ନାହିଁ। ଟଙ୍କା ନଷ୍ଟ ହୋଇପାରେ। ବିବାଦରୁ ଦୂରେଇ ରୁହନ୍ତୁ। ଅସୁବିଧାରୁ ଦୂରରେ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ। ଅପଚୟ ଖର୍ଚ୍ଚ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।



**ମକର:** ରୋଜଗାର ବୃଦ୍ଧି ପାଇବ। ଆୟ ବୃଦ୍ଧି ପାଇବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଭ୍ରମଣ ଲାଭଦାୟକ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଭାଇମାନଙ୍କ ସହଯୋଗ ସୁଖ ବୃଦ୍ଧି କରିବ। ଘର ବାହାରେ ଜୀବନ ଖୁସି ହେବ।



**କୁମ୍ଭ:** ରୋଜଗାର ବୃଦ୍ଧି ପାଇବ। ଆପଣ ସାମାଜିକ କାର୍ଯ୍ୟ କରିବାକୁ ଏକ ସୁଯୋଗ ପାଇପାରନ୍ତି। ଘର ବାହାରେ ପଚରାଉଚରା କରାଯିବ। ନୂତନ ଚାକିରି ମିଳିପାରିବ। ବାହାରକୁ ଯିବାକୁ ଇଚ୍ଛା କରିବେ। ସେଠାରେ ସୁଖ ଏବଂ ତୃପ୍ତି ରହିବ। ତତ୍ପରତା ନାହିଁ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। କର୍ମକ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ।



**ମୀନ:** ଆପଣ ସତସଙ୍ଗର ଲାଭ ପାଇବେ। ବ୍ୟବସାୟ ବୃଦ୍ଧି ପାଇବ। ରାଜନୈତିକ ସମର୍ଥନ ପାଇବେ। ଲାଭ ସୁଯୋଗ ଆସିବ। ସବୁ ଦିଗରୁ ସଫଳତା ଆସିବ। ସୁଖ ବୃଦ୍ଧି ପାଇବ। ବ୍ୟସ୍ତତା ହେତୁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ଥକ୍କା ଲାଗିବ। ତନ୍ତ-ମନ୍ତ୍ର ପ୍ରତି ଆଗ୍ରହ ଜାଗ୍ରତ ହେବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯